

◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-46 ◆SUNDAY ◆9 AUGUST 2026 ◆PAGE-12+4 ◆₹ 7.00 | SAMBALPUR | ◆ବର୍ଷ-୪୪ ◆ସଂଖ୍ୟା-୪୬ ◆ରବିବାର ◆୯ ଅଗଷ୍ଟ ୨୦୨୬ ◆ପୃଷ୍ଠା-୧୨+୪ (ସିନ୍ଦୂରା) ◆ଟ.୭.୦୦


## ଲମ୍ବା କେଶ ପାଇଁ ଗିନିଜ୍ ବୁକ୍‌ରେ ସ୍ଥାନ ପାଇଲେ ରେଣୁ ଧରିୟାଲ



■ହଲଦ୍ୱାନୀ, ୮ ।୮ (ଏଜେନ୍ସି): ଉତ୍ତରାଖଣ୍ଡର ଜଣେ ମହିଳା ନିଜର ଅସାଧାରଣ ଧୈର୍ଯ୍ୟ ଏବଂ ପ୍ରଚେଷ୍ଟା ବଳରେ ଏକ ନୂତନ ବିଶ୍ୱ କୀର୍ତ୍ତିମାନ ସ୍ଥାପନ କରିଛନ୍ତି । ହଲଦ୍ୱାନୀର ବାସିନ୍ଦା ରେଣୁ ଧରିୟାଲ ଜୀବିତ ମହିଳାମାନଙ୍କ ମଧ୍ୟରେ ବିଶ୍ୱର ସବୁଠାରୁ ଲମ୍ବା କେଶର ଅଧିକାରିଣୀ ଭାବେ ଗିନିଜ୍ ୱାର୍ଲ୍ଡ ରେକର୍ଡସରେ ନିଜ ନାମ ପଞ୍ଜିକୃତ କରିଛନ୍ତି । ଗିନିଜ୍ ୱାର୍ଲ୍ଡ ରେକର୍ଡସର ରିପୋର୍ଟ ଅନୁଯାୟୀ, ରେଣୁଙ୍କ କେଶର ଲମ୍ବ ୨୭୧.୫୦ ସେଣ୍ଟିମିଟର (ପ୍ରାୟ ୮ ଫୁଟ ୧୦ ଇଞ୍ଚ) । ଗତ ଏପ୍ରିଲ ମାସରେ ହଲଦ୍ୱାନୀଠାରେ ଏହି ମାପ ନିଆଯାଇ ଅଫିସିଆଲ୍ ଭାବେ ଯାଞ୍ଚ କରାଯାଇଥିଲା । ଏହି ସଫଳତା ସହ ସେ ୟୁକ୍ରେନର ଆଲିଆ ନାସିରୋଭାଙ୍କ ପୂର୍ବ ରେକର୍ଡ (୨୫୭.୩୩ ସେଣ୍ଟିମିଟର)କୁ ପ୍ରାୟ ୧୪ ସେଣ୍ଟିମିଟର ବ୍ୟବଧାନରେ ପଛରେ ପକାଇ ଦେଇଛନ୍ତି । ରେଣୁଙ୍କ କେଶର ଏହି ଲମ୍ବ ବିଶ୍ୱର ସବୁଠାରୁ ଉଚ୍ଚ ବ୍ୟକ୍ତି ରୋବର୍ଟ ୱାଡଲୋଙ୍କ ଉଚ୍ଚତା (୨୭୨ ସେଣ୍ଟିମିଟର) ସହ ପ୍ରାୟ ସମାନ । ସୂଚନା ଅନୁଯାୟୀ, ରେଣୁ ୨୦୧୫ ମସିହାରୁ କ୍ରମାଗତ ଭାବେ ନିଜ କେଶ ବଢ଼ାଇ ଚାଲିଛନ୍ତି ଏବଂ ଏହି ସମୟ ମଧ୍ୟରେ ସେ କେବେହେଲେ କେଶ କାଟି ନାହାନ୍ତି । ଲମ୍ବା କେଶକୁ ସୌନ୍ଦର୍ଯ୍ୟ ଓ ଭାରତୀୟ ସଂସ୍କୃତିର ପ୍ରତୀକ ଭାବେ ଗ୍ରହଣ କରି ସେ ଏହି ନିଷ୍ପତ୍ତି ନେଇଥିଲେ । ତାଙ୍କର ଏହି ଘନ ଏବଂ ଚମକଦାର କେଶର ରହସ୍ୟ ହେଉଛି ▶ପୃଷ୍ଠା-୭

## ପାକିସ୍ତାନୀ 'ହନିଟ୍ରାପ୍'ର ଶିକାର ହେଲେ ବାୟୁସେନାର ୱିଙ୍ଗ କମାଣ୍ଡର



### ପ୍ରତିରକ୍ଷା ଗୁପ୍ତ ତଥ୍ୟ ଲିକ୍ ଅଭିଯୋଗରେ ଗିରଫ

■ନୂଆଦିଲ୍ଲୀ, ୮ ।୮ (ଏଜେନ୍ସି): ଭାରତୀୟ ବାୟୁସେନାର ଜଣେ କାର୍ଯ୍ୟରତ ୱିଙ୍ଗ କମାଣ୍ଡରଙ୍କୁ ଗୁପ୍ତଚର ବୃତ୍ତି ଏବଂ ଦେଶର ପ୍ରତିରକ୍ଷା ସମ୍ବନ୍ଧୀୟ ସମ୍ବେଦନଶୀଳ ତଥ୍ୟ ଶତ୍ରୁ ପକ୍ଷକୁ ହସ୍ତାନ୍ତର କରିବା ଅଭିଯୋଗରେ ଦିଲ୍ଲୀ ପୁଲିସ ଗିରଫ କରିଛି । ଜଣେ ସନ୍ଦିଗ୍ଧ ପାକିସ୍ତାନୀ ଗୁପ୍ତଚର ଏଜେଣ୍ଟଙ୍କ 'ହନିଟ୍ରାପ୍' ବା ପ୍ରେମ ଜାଲରେ ଫସି ସେ ଏହି ସୂଚନା ଲିକ୍ କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି । ସୂଚନା ଅନୁଯାୟୀ, ଭାରତୀୟ ବାୟୁସେନା କର୍ତ୍ତୃପକ୍ଷଙ୍କ ପକ୍ଷରୁ ଦିଆଯାଇଥିବା ଏକ ଅଭିଯୋଗ ଆଧାରରେ ଗତ ୩୦ ମେ ୨୦୨୬ରେ ଏହି ଅଫିସରଙ୍କୁ ଗିରଫ କରାଯାଇଥିଲା । ତାଙ୍କ ବିରୋଧରେ 'ଅଫିସିଆଲ୍ ସିକ୍ରେଟ୍ସ ଆକ୍ଟ' ଅନୁଯାୟୀ ମାମଲା ରୁଜୁ କରାଯାଇଛି । ଗିରଫ ହେବାର ପ୍ରାୟ ଦୁଇ ମାସ ବିତିଯାଇଥିଲେ ମଧ୍ୟ ସେ ଏପର୍ଯ୍ୟନ୍ତ କୋର୍ଟରେ ଜାମିନ ଆବେଦନ କରିନାହାନ୍ତି ଏବଂ ବର୍ତ୍ତମାନ ଦିଲ୍ଲୀର ତିହାର ଜେଲରେ ଅଛନ୍ତି । ତଦନ୍ତକାରୀ ସଂସ୍ଥାର ସୂତ୍ର ଅନୁସାରେ, ସୋସିଆଲ ମିଡିଆ ମାଧ୍ୟମରେ ଜଣେ ମହିଳା ସମ୍ପୃକ୍ତ ଅଫିସରଙ୍କ ସହ ଯୋଗାଯୋଗ କରିଥିଲେ । ସନ୍ଦେହ କରାଯାଉଛି ଯେ ଉକ୍ତ ମହିଳା ଜଣକ ପାକିସ୍ତାନୀ ଗୁପ୍ତଚର ସଂସ୍ଥାର ହ୍ୟାଣ୍ଡଲର୍ ଭାବେ କାମ କରୁଥିଲେ । ଅଫିସର ଜଣକ ନିଜ ବ୍ୟକ୍ତିଗତ ଜୀବନରେ ଏକ କଠିନ ସମୟ ଦେଇ ଗତି କରୁଥିବା ବେଳେ ଏହି ଯୋଗାଯୋଗ ଆରମ୍ଭ ହୋଇଥିଲା ଏବଂ ପରବର୍ତ୍ତୀ ସମୟରେ ଅନଲାଇନ୍ ଚାଟ୍ ଓ ଭିଡିଓ କଲ୍ ମାଧ୍ୟମରେ ▶ପୃଷ୍ଠା-୭

# ଲଘୁଚାପ ବର୍ଷା; ପୁଣି ବନ୍ୟା ଭୟ

## ୧୪ ଯାଏଁ ବର୍ଷା, ୧୪ରେ ଆଉ ଏକ ଲଘୁଚାପ

### ଯୋଡ଼ା ଲଘୁଚାପକୁ ନେଇ ଚିନ୍ତାରେ ଚାଷୀ

■ ଭୁବନେଶ୍ୱର, ୮ ।୮ (ସମିସ): ଉତ୍ତର ଓଡ଼ିଶାରେ ଏବେବି କେତେକ ତଳିଆ ଅଞ୍ଚଳରୁ ବନ୍ୟା ପାଣି ସମ୍ପୂର୍ଣ୍ଣ ଭାବରେ ଛାଡ଼ିନାହିଁ । ତୁହାକୁ ତୁହା ବର୍ଷା କାରଣରୁ ଉତ୍ତର ଓଡ଼ିଶାର କେତେକ ନଦୀ ପୁଣି ଫୁଲୁଥିବା ବେଳେ ଶନିବାର ଦକ୍ଷିଣ ପଶ୍ଚିମ ବଙ୍ଗ ଏବଂ ସଂଲଗ୍ନ ଉତ୍ତର ଓଡ଼ିଶାରେ ଏକ ଲଘୁଚାପ ସୃଷ୍ଟି ହୋଇଛି । ଏହାର ପ୍ରଭାବରେ ଆସନ୍ତା ୧୪ ତାରିଖ ଯାଏଁ ରାଜ୍ୟର ବିଭିନ୍ନ ଅଞ୍ଚଳରେ ବର୍ଷା ସମ୍ଭାବନା ରହିଛି । ପୁନଶ୍ଚ ୧୪ ତାରିଖ ବେଳକୁ ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ ସୃଷ୍ଟି ହୋଇଥିବା ବେଳେ ରାଜ୍ୟବାସୀଙ୍କୁ ଆଉ ଏକ ବନ୍ୟା ଆଶଙ୍କା ଘାରିଲାଣି ।

ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଶନିବାର ୨ଟା ୩୦ ମିନିଟ ସମୟରେ ବଙ୍ଗୋପସାଗରରେ ସକ୍ରିୟ ଘୂର୍ଣ୍ଣିବଳୟ ଲଘୁଚାପର ରୂପ ନେଇଛି । ଏହାର ପ୍ରଭାବରେ ରବିବାର ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ ଓ ସମ୍ବଲପୁରରେ ପ୍ରବଳ ବର୍ଷା ହୋଇପାରେ । ଏହାବ୍ୟତୀତ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, ଜଗତସିଂହପୁର, କଟକ, ସୁନ୍ଦରଗଡ, ବରଗଡ଼, ସମ୍ବଲପୁର, ଝାରସୁଗୁଡା, କେନ୍ଦୁଝର, ମୟୂରଭଞ୍ଜ, ଗଜପତି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା ଓ ନୟାଗଡରେ ବର୍ଷା ସହ ୩୦ରୁ ୪୦ କିଲୋମିଟର ବେଗରେ ପବନ ବହିପାରେ । ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ବିଭିନ୍ନ ଅଞ୍ଚଳରେ ବର୍ଷା ଲାଗିରହିବାକୁ ଥିବାବେଳେ ୧୪ ତାରିଖ ବେଳକୁ ଆଉ ଏକ ଲଘୁଚାପ ▶ପୃଷ୍ଠା-୭

## ବଢୁଛି ବୈତରଣୀ, ସାଳନ୍ଦୀ



■ ଭଦ୍ରକ/ ବାରିକପୁର, ୮।୮ (ସମିସ): ୨ଦିନ ଧରି ଲଗାଣ ବର୍ଷା ଯୋଗୁଁ ପୁଣି ସାଳନ୍ଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ଭଦ୍ରକ ସହର ରାଜଘାଟ ପୋଲ ନିକଟରେ ସାଳନ୍ଦୀର ଜଳସ୍ତର ବିପଦ ସଙ୍କେତ ଛୁଇଁଛି । ଏଠାରେ ବିପଦ ସଙ୍କେତ ୧୭ ଫୁଟ୍ ଥିବାବେଳେ ଶୁକ୍ରବାର ସନ୍ଧ୍ୟା ୭ଟା ସୁଦ୍ଧା ଜଳସ୍ତର ୧୬.୮୦ ଫୁଟ୍ ଉପରେ ପ୍ରବାହିତ ହେଉଥିଲା । ଦୁଇଦିନ ଧରି ଲଗାଣ ବର୍ଷା ଯୋଗୁଁ ପୁଣି ସାଳନ୍ଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ସାଳନ୍ଦୀ ଓ ଶାଖା ନାଳିଆ ନଦୀରୁ ବନ୍ୟାଜଳ ମାଡ଼ି ଆସିବା ଫଳରେ ଭଦ୍ରକ ବ୍ଲକ୍ ଅନ୍ତର୍ଗତ ଅର୍ଣ୍ଣପାଳ ପଞ୍ଚାୟତର ▶ପୃଷ୍ଠା-୭

### ଆମେରିକାରୁ ଚଢ଼ା ଦରରେ ଏଲ୍‌ଏନ୍‌ଜି କିଣା

## ଭାରତକୁ ୩୩୬୦ କୋଟି କ୍ଷତି

### ଆମେରିକାରୁ ଆମଦାନୀ ୨୫୩% ବୃଦ୍ଧି

### ଆମଦାନୀରେ ୨୨.୯% ହ୍ରାସ ସତ୍ତ୍ୱେ ଖର୍ଚ୍ଚ ବଢ଼ିଲା

■ନୂଆଦିଲ୍ଲୀ, ୮।୮ (ଏଜେନ୍ସି): ମଧ୍ୟପ୍ରାଚ୍ୟ ସଙ୍କଟ ଏବଂ ହର୍ମୁଜ୍ ପ୍ରଣାଳୀରେ ଯୋଗାଣ ବାଧାପ୍ରାପ୍ତ ହେବା ପରେ, ଭାରତର ଶକ୍ତି ସୁରକ୍ଷା ନୀତିରେ ପରିବର୍ତ୍ତନ ଆସୁଛି । ହେଲେ ଆମେରିକାରୁ ଚଢ଼ା ଦରରେ ତରଳୀକୃତ ପ୍ରାକୃତିକ ଗ୍ୟାସ (ଏଲ୍‌ଏନ୍‌ଜି) କ୍ରୟ ଏବେ ଭାରତ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି । କାତାରଠାରୁ ଶସ୍ତା ଗ୍ୟାସ୍ ନ ଆଣି ସରକାର ଟ୍ରମ୍ପ ପ୍ରଶାସନକୁ ବଡ଼ ଯୋଗାଣକାରୀ ଭାବେ ବାଛିଛନ୍ତି । ଏଥିଯୋଗୁ ଭାରତକୁ ୩୩୬୦ କୋଟି ଟଙ୍କା କ୍ଷତି ସହିବାକୁ ପଡିଥିବା ଇକ୍ୱିରସ୍ ସିକ୍ୟୁରିଟିଜ୍ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ କୁହାଯାଇଛି । ଏମିତିକି କାତାରରୁ ଏଲ୍‌ଏନ୍‌ଜି ଆମଦାନୀ ୯୧% ହ୍ରାସ ପାଇଥିବାବେଳେ ଆମେରିକାରୁ ଆମଦାନୀ ୨୫୩% ବୃଦ୍ଧି ପାଇଛି ।

ରିପୋର୍ଟ ଅନୁଯାୟୀ, ଆମେରିକା ଏବେ କାତାରକୁ ପଛରେ ପକାଇ ଭାରତ ପାଇଁ ସବୁଠାରୁ ବଡ଼ ଏଲ୍‌ଏନ୍‌ଜି ଯୋଗାଣକାରୀ ପାଲଟିଛି । କେପ୍‌ଲର ରିପୋର୍ଟ ଅନୁଯାୟୀ, ଆମେରିକା ସହିତ ଜଡିତ କାର୍ଗୋ କାତାରରୁ ଆସୁଥିବା ଏଲ୍‌ଏନ୍‌ଜି ତୁଳନାରେ ପ୍ରାୟ ୨-୩ଡଲାର/ ଏମ୍‌ଏମ୍‌ବିଟିୟୁ / ଅଧିକ ମହଙ୍ଗା ଥିଲା । ଯାହା ଫଳରେ ଏପରି ଯୋଗୁ କାରବାର ମାର୍ଚ୍ଚ-ଏପ୍ରିଲରେ ଭାରତର ହାରାହାରି ଏଲ୍‌ଏନ୍‌ଜି କ୍ରୟ ମୂଲ୍ୟ ପ୍ରତି ଟନ୍ ୪୯୯ ଡଲାରରୁ ୬୦୨ ଡଲାରକୁ ବୃଦ୍ଧି ପାଇଥିଲା, ଯାହା 20.6% ଅଧିକ ମହଙ୍ଗା ଥିଲା । ଫଳସ୍ୱରୂପ, ଏହି ସମୟ ମଧ୍ୟରେ ଏଲ୍‌ଏନ୍‌ଜି ଆମଦାନୀ ▶ପୃଷ୍ଠା-୭

### ସୀମାନ୍ତ ରାଜ୍ୟରେ ବାଟବଣା ଓଡ଼ିଆ ଅସ୍ମିତା

## ଓଡ଼ିଆ ଶିକ୍ଷା ପାଇଁ ୨ ବର୍ଷ ହେଲା ଅନୁଦାନ ଦେଇନାହାନ୍ତି ସରକାର

### ପିଲାଙ୍କୁ ମିଳୁନି ପାଠ୍ୟପୁସ୍ତକ; ଶିକ୍ଷକଙ୍କୁ ମିଳୁନି ଦରମା

### ବିଧାନସଭା କମିଟିର ଉଦ୍‌ବେଗ ପରେ ବିଜେପିକୁ ଘେରିଲେ ବିରୋଧୀ

■ ଭୁବନେଶ୍ୱର, ୮ ।୮ (ସମିସ): ସୀମାନ୍ତ ରାଜ୍ୟରେ ଓଡ଼ିଆ ଭାଷା ଶିକ୍ଷା ଉପେକ୍ଷିତ ହେଉଛି । ଦୁଇ ବର୍ଷ ହେବ ରାଜ୍ୟ ସରକାର ଆର୍ଥିକ ସହାୟତା ବନ୍ଦ କରିଦେଇଥିବାରୁ ପଡ଼ୋଶୀ ରାଜ୍ୟରେ ଓଡ଼ିଆ ଅସ୍ମିତା ପରିଚୟ ଖୋଜୁଛି । ବିଧାନସଭା କମିଟି ଏନେଇ ଉଦବେଗ ପ୍ରକାଶ କରିବା ପରେ ଶାସକ ଓ ବିରୋଧୀ ଦଳ ମୁହାଁମୁହିଁ ହୋଇଛନ୍ତି ।

ସୀମାନ୍ତ ରାଜ୍ୟ ପଶ୍ଚିମବଙ୍ଗ, ଛତିଶଗଡ, ଝାଡଖଣ୍ଡ, ଆନ୍ଧ୍ରପ୍ରଦେଶରେ ରହୁଥିବା ଓଡ଼ିଆ ପିଲାଙ୍କୁ ଓଡ଼ିଆ ପଢ଼ାଇବା ପାଇଁ ରାଜ୍ୟ ସରକାର ଯୋଜନା କରିଥିଲେ । ସେଠାରେ ଥିବା ବିଦ୍ୟାଳୟରେ ଓଡ଼ିଆ ଶିକ୍ଷକ ନିଯୁକ୍ତି କରିବା ସହ ପୁସ୍ତକ ଓ ଅନୁଦାନ ଯୋଗାଇ ଦେଉଥିଲେ । ମାତ୍ର ୨ ବର୍ଷ ହେଲା ରାଜ୍ୟ ସରକାର ଟଙ୍କାଟିଏ ଆର୍ଥିକ ସହାୟତା ଦେଇନାହାନ୍ତି । ସ୍କୁଲରେ ଶିକ୍ଷକମାନେ ଦରମା ପାଉ ନଥିବା ବେଳେ ଚଳିତବର୍ଷ ମାଗଣା ପାଠ୍ୟପୁସ୍ତକ ମଧ୍ୟ ମିଳିନାହିଁ । ଓଡ଼ିଆ ଶିକ୍ଷାର ଭିତ୍ତିଭୂମି ଦୋହଲି ସାରିଲାଣି । ବିଧାନସଭା କମିଟି ଏନେଇ ଉଦବେଗ ପ୍ରକାଶ କରିବା ପରେ ବିଜେପି ସରକାରଙ୍କୁ ବିଜେଡି ଘେରିଛି । ବିଧାୟକ ଗୌତମ ବୁଦ୍ଧ ଦାସ କହିଛନ୍ତି ଯେ ଉପାନ୍ତ ଅଞ୍ଚଳରେ ସଂଖ୍ୟାଲଘୁ ଓଡ଼ିଆ ଭାଷାଭାଷୀମାନେ ସରକାରଙ୍କ ସହଯୋଗ ମିଳୁନଥିବାରୁ ଓଡ଼ିଆ ଶିକ୍ଷା ପାଇବାରୁ ବଞ୍ଚିତ ହୋଇଛନ୍ତି । ଏହା ବିଜେପି ସରକାରଙ୍କ କେଉଁ ▶ପୃଷ୍ଠା-୭

## ଗଜସାଥୀଙ୍କୁ ପେଟ୍ରୋଲ ଢାଳି ଜାଳିଦେଲେ



■ ରାଉରକେଲା, ୮।୮ (ସମିସ): ସୁନ୍ଦରଗଡ଼ ଜିଲ୍ଲା ଲହୁଣିପଡ଼ା ଥାନା ଅଧୀନ କଲେଇପୋଷ ଅଞ୍ଚଳରେ ଜଣେ ଗଜ ସାଥୀ ଯୁବକଙ୍କ ଉପରେ କିଛି ଦୁର୍ବୃତ୍ତ ପେଟ୍ରୋଲ ଢାଳି ନିଆଁ ଲଗାଇଦେବା ଭଳି ଚାଞ୍ଚଲ୍ୟକର ଘଟଣା ଘଟିଛି । ଏହି ଘଟଣାରେ ଗଣିଘସା ଗାଁର କାହ୍ନୁଚରଣ ମହାନ୍ତ ଗୁରୁତର ହୋଇ ରାଉରକେଲାର ଆଇଜିଏଚ୍‌ର ବର୍ଣ୍ଣ ୟୁନିଟ୍‌ରେ ଚିକିତ୍ସାଧୀନ ଅଛନ୍ତି । ତାଙ୍କ ଶରୀରର ଶତକଡ଼ା ୮୦ ଭାଗ ପୋଡ଼ି ଯାଇଥିବା ସୂଚନା ମିଳିଛି । ଜମିବାଡି ସମ୍ପର୍କିତ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଦୁର୍ବୃତ୍ତମାନେ ଏପରି ଜଘନ୍ୟକାଣ୍ଡ ଘଟାଇଥିବା କୁହାଯାଉଛି ।

ସୂଚନାଯୋଗ୍ୟ ଯେ, ଲହୁଣୀପଡ଼ା ଥାନା ଅଧୀନ କଲେଇପୋଷ ନିକଟ ଗଣିଘସା ଗାଁର କାହ୍ନୁଚରଣ ମହାନ୍ତ ବନ ବିଭାଗର ଗଜସାଥୀ ଭାବେ ହାତୀ ଘଉଡାଇବା ସ୍କ୍ୱାଡ୍‌ରେ କାମ କରୁଥିଲେ । ଶନିବାର ସକାଳେ ସେ କୌଣସି କାମରେ ଯାଉଥିବାବେଳେ କଲେଇପୋଷ ବସଷ୍ଟାଣ୍ଡ ନିକଟ ନାଳ ପାଖରେ ଦୁଇ ଜଣ ଯୁବକ ବାଇକ୍‌ରେ ଆସି କାହ୍ନୁଚରଣଙ୍କୁ ଅଟକାଇ ପ୍ରଥମେ ତାଙ୍କ ମୁହଁରେ ଜୋରଜବରଦସ୍ତ ପେଟ୍ରୋଲ ପୁରାଇ ଦେଇଥିଲେ । ଏହାପରେ ୩/୪ ▶ପୃଷ୍ଠା-୭

## ପୂର୍ବୋଦୟ ପାଇଁ ଓଡ଼ିଶା ସମ୍ପୂର୍ଣ୍ଣ ପ୍ରସ୍ତୁତ: ମୁଖ୍ୟମନ୍ତ୍ରୀ

### ଓଡ଼ିଶା ଫୁଡ୍ ପ୍ରୋ ୨୦୨୬ରୁ ଆସିଲା ୬୬,୩୯୨ କୋଟିର ନିବେଶ ପ୍ରସ୍ତାବ




### ସୃଷ୍ଟିହେବ ୫୪,୧୩୫ ନୂଆ ନିଯୁକ୍ତି ସୁଯୋଗ

### ବିଭିନ୍ନ କ୍ଷେତ୍ରର ଶିଳ୍ପ ପ୍ରତିନିଧିମାନଙ୍କ ସହିତ ନିବେଶ ସମ୍ପ୍ରସାରଣ ସମ୍ପର୍କରେ ଆଲୋଚନା

■ ଭୁବନେଶ୍ୱର, ୮।୮ (ସମିସ): ଓଡ଼ିଶା ପକ୍ଷରୁ ନୂଆଦିଲ୍ଲୀରେ ଅନୁଷ୍ଠିତ ଦୁଇ ଦିନିଆ ନିବେଶ ଅଭିଯାନ ଶିଳ୍ପଜଗତରୁ ବିପୁଳ ସମ୍ଭାବନା ପ୍ରାପ୍ତ ସହ ସହିତ ସମାପ୍ତ ହୋଇଛି । ଏହି ଦୁଇ ଦିନିଆ କାର୍ଯ୍ୟକ୍ରମରେ ମୋଟ ୬୬,୩୯୨ କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବ ଆସିବା ସହ ୫୪,୧୩୫ଟି ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି । ଏହି ଅଭିଯାନକୁ ସମାପ୍ତ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ ପୂର୍ବୋଦୟ ପାଇଁ ଓଡ଼ିଶା ଏବେ ସମ୍ପୂର୍ଣ୍ଣ ପ୍ରସ୍ତୁତ । ଏହି ଦୁଇ ଦିନ ମଧ୍ୟରେ ଶିଳ୍ପଜଗତଠାରୁ ମିଳିଥିବା ପ୍ରତିଶ୍ରୁତି ଅତ୍ୟନ୍ତ ଉତ୍ସାହଜନକ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୃଷ୍ଟିକୋଣ ଏବଂ ଡବଲ୍ ଇଞ୍ଜିନ ସରକାରଙ୍କ ନେତୃତ୍ୱରେ ଆମେ ଓଡ଼ିଶାର ଶିଳ୍ପ ଅଭିବୃଦ୍ଧିକୁ ଏକ ନୂଆ ଶିଖରକୁ ନେଇଯିବା ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି ସେ ମତବ୍ୟକ୍ତ କରିଛନ୍ତି ।

ଶୁକ୍ରବାର 'ଓଡ଼ିଶା ଫୁଡ୍ ପ୍ରୋ ୨୦୨୬'ର ବ୍ୟାପକ ସଫଳତା ପରେ ଆଜି ମୁଖ୍ୟମନ୍ତ୍ରୀ ଦେଶର ବିଭିନ୍ନ କ୍ଷେତ୍ରର ପ୍ରମୁଖ ନିବେଶକ ଏବଂ ଶିଳ୍ପ ପ୍ରତିନିଧିମାନଙ୍କ ସହିତ ୱାନ୍-ଅନ୍-ୱାନ୍ ବୈଠକ କରିଥିଲେ । ଏହା ସହିତ ମୁଖ୍ୟମନ୍ତ୍ରୀ ନୋଏଡ଼ାସ୍ଥିତ ହାୟର୍ ଉତ୍ପାଦନ କେନ୍ଦ୍ର ମଧ୍ୟ ପରିଦର୍ଶନ କରିଥିଲେ । ଏହି ସମୟରେ ସେ ବରିଷ୍ଠ କମ୍ପାନୀ କର୍ମକର୍ତ୍ତା ଏବଂ ଇଞ୍ଜିନିଅରମାନଙ୍କ ସହ ଆଲୋଚନା କରିଥିଲେ ଏବଂ କମ୍ପାନୀର ଉତ୍ପାଦନ ପ୍ରକ୍ରିୟା ଏବଂ ବ୍ୟବସ୍ଥାଗୁଡ଼ିକୁ ଅନୁଧ୍ୟାନ କରିଥିଲେ । ହାୟର୍ କମ୍ପାନୀର ଉନ୍ନତ ଉତ୍ପାଦନ ପଦ୍ଧତିଗୁଡ଼ିକୁ ବୁଝିବା ଏବଂ ବିଶେଷକରି ଇଲେକ୍ଟ୍ରୋନିକ୍ସ, ଗୃହୋପକରଣ, ସପ୍ଲାଏ ଚେନ୍ ଏବଂ ଆନୁଷଙ୍ଗିକ ଶିଳ୍ପ କ୍ଷେତ୍ରରେ ଓଡ଼ିଶାର ଉତ୍ପାଦନ ପରିବେଶକୁ ସୁଦୃଢ଼ କରିବା ପାଇଁ ଏବଂ ସମ୍ଭାବ୍ୟ ସୁଯୋଗଗୁଡ଼ିକୁ ▶ପୃଷ୍ଠା-୭

## ଶିମିଳିପାଳରେ ଶୋଇଗଲା ଆଉ ଏକ କଳା ବାଘୁଣୀ



### ବର୍ଷକରେ ମଲେଣି ୩

### ୨୦୨୬ରେ ୩ଟିକୁ ମିଶାଇ ୫ କଳାବାଘଙ୍କ ମୃତ୍ୟୁ

■ବାରିପଦା, ୮ ।୮ (ସମିସ): ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଦକ୍ଷିଣ ବନଖଣ୍ଡ ଅଧୀନ ଉପରବାରାହାକାମୁଡା (ୟୁବିକେ) ରେଞ୍ଜ ଅନ୍ତର୍ଗତ ଜଟିଆଣି କ୍ୟାମ୍ପର ଦେଓ ନଦୀ ନିକଟ (କୋର କ୍ଷେତ୍ର)ରୁ ପ୍ରାୟ ୫ ବର୍ଷ ବୟସର ଏକ କଳା ବାଘୁଣୀର ମୃତଦେହକୁ ବନ ବିଭାଗ ଉଦ୍ଧାର କରିଛି । ୬ ତାରିଖ ସନ୍ଧ୍ୟା ପ୍ରାୟ ୫ଟା ସମୟରେ ଜଟିଆଣି କ୍ୟାମ୍ପର ପାଟ୍ରୋଲିଂ କର୍ମଚାରୀଙ୍କ ଦ୍ୱାରା ଏହି ମୃତଦେହ ଠାବ ହୋଇଥିଲା । ଖବର ପାଇ ଘଟଣାସ୍ଥଳକୁ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ଡ. ପ୍ରକାଶ ଚାନ୍ଦ ଗୋଗେନାନୀ ପରିଦର୍ଶନ କରି ତଦନ୍ତ ଆରମ୍ଭ କରିଥିଲେ । ଶୁକ୍ରବାର ନ୍ୟାସନାଲ ଟାଇଗର କଞ୍ଜରଭେସନ ଅଥରିଟି (ଏନଟିସିଏ)ର ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜର (ଏସଓପି) ଅନୁଯାୟୀ ମୃତଦେହର ବ୍ୟବଚ୍ଛେଦ କରାଯାଇଥିଲା । ଡ. ଗୋଗିନେନୀଙ୍କ ସହ ଏସଟିଆର ଭେଟେରେନାରୀ ଆସିଷ୍ଟାଣ୍ଟ ସର୍ଜନ (ଭିଏଏସ) ଡା ଅଭିଲାଷ ଆଚାର୍ଯ୍ୟ, ଆସିଷ୍ଟାଣ୍ଟ ଭେଟେରିନାରୀ ସର୍ଜନ (ଏଭିଏସ), ମୋବାଇଲ ଭେଟେରିନାରୀ ୟୁନିଟ୍ ଶିମିଳିପାଳ ବାୟୋସ୍ପିୟର ରିଜର୍ଭ (ଏମଭିୟୁ-ଏସବିଆର), ୱାଇଲ୍ଡଲାଇଫ ଟ୍ରଷ୍ଟ ଅଫ ଇଣ୍ଡିଆ (ୱିଟିଆଇ)ର ଡା. ଜୋଏଲ, ଭେଟେରିନାରୀ ଆସିଷ୍ଟାଣ୍ଟ ସର୍ଜନ (ଭିଏଏସ), ଠାକୁରମୁଣ୍ଡା, ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ବିଭାଗର ଡା ପ୍ରୀତିପ୍ରସନ୍ନା ସାହୁ ଓ ▶ପୃଷ୍ଠା-୭

### ସରକାର ଭୁଲିଗଲେ ଗଙ୍ଗାଧର ମେହେର ପ୍ରକଳ୍ପ ଅନୁଦାନ; ପ୍ରଧାନଶିକ୍ଷକଙ୍କ ଆକାଉଣ୍ଟରେ ଟଙ୍କା ନାହିଁ

## ଉଧାରରେ ସ୍କୁଲ୍ ପିଲାଙ୍କୁ ପୋଷାକ ବଣ୍ଟନ



### ଏସ୍‌ଏଚ୍‌ଜିଙ୍କୁ ମୋହରା କରି ପୋଷାକ ବିକୁଛନ୍ତି ବେପାରୀ

### ଶିକ୍ଷାମନ୍ତ୍ରୀ ଗଣ୍ଡଙ୍କ ଶାସନରେ କେହି ଖୋଲୁନାହାନ୍ତି ତୁଣ୍ଡ

### ପୋଷାକର ମାନକୁ ନେଇ ପ୍ରଶ୍ନବାଚୀ; ସନ୍ଦେହରେ ଡିଏଲ୍‌ସି, ବିଏଲ୍‌ସିର ଭୂମିକା

■ଭବାନୀପାଟଣା, ୮ ।୮ (ସ୍ୱାଧୀନ ପାତ୍ର): ବିଗତ ବର୍ଷ ଗୁଡ଼ିକରେ ସ୍କୁଲରେ ପୋଷାକ ବିଳମ୍ବରେ ବଣ୍ଟାହେଉଥିବେଳେ ଚଳିତବର୍ଷ ସ୍କୁଲ ଛୁଟି ପୂର୍ବରୁ ପ୍ରକ୍ରିୟା ଆରମ୍ଭ ହୋଇଛି । କିନ୍ତୁ ଉଧାରରେ ପୋଷାକ (ସ୍କୁଲ ୟୁନିଫର୍ମ) ବଣ୍ଟାଯିବା ଶିକ୍ଷା ବିଭାଗରେ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିଛି । ପ୍ରାୟ ପ୍ରତି ସ୍କୁଲରେ ପୋଷାକ ବଣ୍ଟା ସରିଥିଲେ ମଧ୍ୟ କୌଣସି ସ୍କୁଲ ପ୍ରଧାନ ଶିକ୍ଷକଙ୍କ ଆକାଉଣ୍ଟରେ ଟଙ୍କା ନ ପଡ଼ିବା କାରଣରୁ ଭେଣ୍ଡରଙ୍କୁ ପୋଷାକ ବାବଦ ଟଙ୍କା ଦିଆଯାଇ ନାହିଁ । ଏବେ କେତେକ ସ୍କୁଲରେ ଟଙ୍କା ଆସିଥିବା ଶୁଣିବାକୁ ମିଳୁଛି କିନ୍ତୁ ଉକ୍ତ ଟଙ୍କା ଉଠାଇବା କାଠିକର ବିଷୟ ହୋଇଛି । ସ୍କୁଲ ପରିଚାଳନା କମିଟି ପରିବର୍ତ୍ତନ ସହ ଅନ୍ୟ ଆନୁଷଙ୍ଗିକ ସମସ୍ୟା ବାଧା ଦେଉଥିବା ପ୍ରକାଶ । ସର୍ବଶିକ୍ଷା ଯୋଜନାରେ ୬ଶହ ଟଙ୍କା ଏବଂ ଗଙ୍ଗାଧର ମେହେର ପ୍ରକଳ୍ପ ଅନୁଦାନରୁ ୪ଶହ ଟଙ୍କା ମିଳିବା ସ୍ଥାନରେ ଏଯାବତ୍ ଗଙ୍ଗାଧର ମେହେର ପ୍ରକଳ୍ପ ଅର୍ଥର ଟଙ୍କା କଥା ସରକାର ଭୁଲି ଯାଇଛନ୍ତି । ଫଳରେ ହାଉସ୍ ପୋଷାକ ଛାତ୍ରୀଛାତ୍ରଙ୍କୁ ଯୋଗାଯାଇ ନାହିଁ । ତେବେ ଆର୍ଥିକ ସ୍ୱାବଲମ୍ବୀ ତଥା ସଶକ୍ତିକରଣ କରିବା ଲକ୍ଷ୍ୟ ରଖି ସରକାର ସ୍ୱୟଂ ସହାୟକ ଗୋଷ୍ଠୀ, ମହିଳା ଗୋଷ୍ଠୀଙ୍କୁ ପୋଷାକ ବଣ୍ଟନ ଦାୟିତ୍ୱ ନ୍ୟସ୍ତକରି ସହାୟତା ଯୋଗାଉଛନ୍ତି । ଗତ ୨୦୨୪ /୨୫ ଆର୍ଥିକ ବର୍ଷଠାରୁ ସରକାର ଡବ୍ଲୁଏସଏଚ୍‌ଜି ଓ ଏମ୍‌ଏସ୍‌ଏମ୍‌ଇ (ସିଲେଇ ୟୁନିଟ) ଥିବା ମହିଳାଙ୍କୁ ଅଗ୍ରାଧିକାର ଦେଇ ସ୍କୁଲରେ ଛାତ୍ରୀଛାତ୍ରଙ୍କୁ ପୋଷାକ ବଣ୍ଟନର ଏହି ଦାୟିତ୍ୱ ଦେଇଛନ୍ତି । ଯାହାର ଉଦ୍ଦେଶ୍ୟ ଥିଲା ବେପାରୀଙ୍କୁ ତଥା ଭେଣ୍ଡରଙ୍କୁ ଏଥିରେ ଦୂରେଇ ଦେଇ ଶିକ୍ଷାବିଭାଗ ନୂଆନୀତି ଆପଣେଇ ଥିଲେ । ସରକାର ଏଥି ନିମନ୍ତେ ଏକ ଗାଇଡ୍‌ଲାଇନ ପ୍ରସ୍ତୁତ କରି ଚୟନ ହୋଇଥିବା ଯୋଗ୍ୟ ଡବ୍ଲୁଏସଏଚ୍‌ଜି ଓ ଏମ୍‌ଏସ୍‌ଏମ୍‌ଇଥିବା ଗୋଷ୍ଠୀଙ୍କୁ ଟେଣ୍ଡର ମାଧ୍ୟମରେ ଚୟନ କରିଛନ୍ତି । ଏହି ପରିପ୍ରେକ୍ଷୀରେ କଳାହାଣ୍ଡି ଜିଲ୍ଲାରେ ଚୟନ ହୋଇଥିବା ଅଧିକାଂଶ ଡବ୍ଲୁଏସ୍‌ଏଚ୍‌ଜି ଓ ଏମ୍‌ଏସ୍‌ଏମ୍‌ଇ କାଗଜ ▶ପୃଷ୍ଠା-୭






## ମୁଖ୍ୟମନ୍ତ୍ରୀ ବିଜୟଙ୍କ ବୈଠକକୁ ଆସିଲେନି ବିରୋଧୀ ଦଳ

ଚେନ୍ନଇ, ୮।୮(ଏଜେନ୍ସି): ସଂସଦୀୟ ସୀମା ନିର୍ଦ୍ଧାରଣ ପ୍ରସଙ୍ଗରେ ତାମିଲନାଡୁର ଟିଭିକେ ସରକାରଙ୍କ ଦ୍ୱାରା ଆହୂତ ସର୍ବଦଳୀୟ ସାଂସଦ ବୈଠକକୁ ବର୍ଜନ କରିବାକୁ ଡିଏମକେ ନିଷ୍ପତ୍ତି ନେଇଛି। ଦଳର ଉପସାଧାରଣ ସମ୍ପାଦିକା କନିମୋଝି କରୁଣାନିଧି ଏହି ବୈଠକକୁ ଜନସାଧାରଣଙ୍କ ଧ୍ୟାନ ହଟାଇବା ପାଇଁ ଏକ 'ରାଜନୈତିକ ନାଟକ' ବୋଲି ଅଭିହିତ କରିଛନ୍ତି।



କନିମୋଝି ଦର୍ଶାଇଛନ୍ତି ଯେ କାବେରୀ ଜଳ ବିବାଦ ଏବଂ ମେକେଦାଟୁ ବନ୍ଧ ପ୍ରସଙ୍ଗରୁ ଲୋକଙ୍କ ନଜର ହଟାଇବା ପାଇଁ ରାଜ୍ୟ ସରକାର ଏଭଳି ପଦକ୍ଷେପ ନେଇଛନ୍ତି। ପୂର୍ବରୁ ଦଳର ସଭାପତି ଏମକେ ଷ୍ଟାଲିନ ଏହି ବିଷୟରେ ସର୍ବଦଳୀୟ ବୈଠକ କରି ମିଳିତ କାର୍ଯ୍ୟାନୁଷ୍ଠାନ କମିଟି ଗଠନ କରିସାରିଛନ୍ତି। ୧୯୭୧ ଜନଗଣନାକୁ ଭିତ୍ତି କରି ଆଗାମୀ ୩୦ ବର୍ଷ ପାଇଁ ସାଂସଦ ଆସନ ସୀମା ନିର୍ଦ୍ଧାରଣ କାଏମ ରଖିବାକୁ ଡିଏମକେ ଦାବି କରିଛି। ଜନସଂଖ୍ୟା ନିୟନ୍ତ୍ରଣ ଓ ସାମାଜିକ-ଅର୍ଥନୈତିକ ବିକାଶରେ ସଫଳ ହୋଇଥିବା ଦକ୍ଷିଣ ଭାରତର ରାଜ୍ୟଗୁଡ଼ିକ ଯେପରି ସଂସଦରେ ପ୍ରତିନିଧିତ୍ୱ ହରାଇବେ ନାହିଁ, ତାହା ସୁନିଶ୍ଚିତ କରିବା ଆବଶ୍ୟକ। କେନ୍ଦ୍ର ସରକାରଙ୍କ ପକ୍ଷରୁ ସୀମା ନିର୍ଦ୍ଧାରଣ ନେଇ କୌଣସି ନୂଆ ବିଲ୍ ଆସି ନ ଥିବାରୁ ଏହି ଆଲୋଚନାର କୌଣସି ଆବଶ୍ୟକତା ନାହିଁ ବୋଲି ଡିଏମକେ କହିଛି। ଏହା ସହିତ ମେକେଦାଟୁ ବନ୍ଧ ନିର୍ମାଣ ବିରୋଧରେ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀଙ୍କୁ ଭେଟି ଦାବିପତ୍ର ଦେବାକୁ ରାଜ୍ୟ ସରକାରଙ୍କୁ ଡିଏମକେ ଆହ୍ୱାନ ଦେଇଛି।

## ଝାଡ଼ଖଣ୍ଡ ସରକାର ଓ ଛାତ୍ର ସଂଗଠନ ଆଲୋଚନା ବିଫଳ

ରାଞ୍ଚି, ୮।୮(ଏଜେନ୍ସି): ଝାଡ଼ଖଣ୍ଡରେ ନିଯୁକ୍ତି ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଅଭିଯୋଗକୁ ନେଇ ଦେଖାଦେଇଥିବା ଅଚଳାବସ୍ଥାର ଶନିବାର ମଧ୍ୟ ସମାଧାନ ହୋଇପାରିନାହିଁ। ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ଛାତ୍ର ସଂଗଠନ ସହିତ ଆଲୋଚନା କରାଯାଇଥିଲେ ହେଁ କୌଣସି ନିଷ୍କର୍ଷ ମିଳିପାରି ନାହିଁ। ସମସ୍ତ ଦାବି ପୂରଣ ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରଖିବାକୁ ପରୀକ୍ଷାର୍ଥୀମାନେ ନିଷ୍ପତ୍ତି ନେଇଛନ୍ତି। ପ୍ରାୟ ୧୫ ଦିନ ଧରି ଚାଲିଥିବା ଏହି ଆନ୍ଦୋଳନରେ ଜେଏଲ୍‌କେଏମ୍ ନେତା ଦେବେନ୍ଦ୍ର ନାଥ ମାହତୋଙ୍କ ଆମରଣ ଅନଶନ ସପ୍ତମ ଦିନରେ ପହଞ୍ଚିଛି। ସମାଧାନ ପାଇଁ ରାଜ୍ୟ ମନ୍ତ୍ରୀମାନଙ୍କୁ ନେଇ ଗଠିତ ଏକ ୫ ଜଣିଆ ସରକାରୀ ପ୍ୟାନେଲ୍ ତାଙ୍କୁ ଭେଟିଥିଲେ। ଏହାପରେ ଏନ୍‌ଏସ୍‌ୟୁଆଇ, ଆଦିବାସୀ ଛାତ୍ର ସଂଘ ଏବଂ ଝାଡ଼ଖଣ୍ଡ ଛାତ୍ର ମୋର୍ଚ୍ଚାର ପ୍ରତିନିଧି ମଣ୍ଡଳୀ ସହ ମନ୍ତ୍ରୀମାନେ ଆଲୋଚନା କରିଥିଲେ। ଆଲୋଚନା ପରେ ରାଜ୍ୟ ମନ୍ତ୍ରୀ ସଞ୍ଜୟ ପ୍ରସାଦ ଯାଦବ କହିଛନ୍ତି ଯେ, ପରୀକ୍ଷାର୍ଥୀମାନଙ୍କ ଦାବି ଯଥାର୍ଥ ଏବଂ ସେ ଏହାକୁ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ସମ୍ମୁଖରେ ଉପସ୍ଥାପନ କରିବେ। ଏହାସହ ପରୀକ୍ଷାର୍ଥୀଙ୍କ ମତାମତ ପାଇଁ ସରକାର ଏକ ସ୍ୱତନ୍ତ୍ର ଇମେଲ୍ ଆଇଡି ମଧ୍ୟ ଜାରି କରିଛନ୍ତି। ଅନ୍ୟପଟେ ଆନ୍ଦୋଳନକାରୀ ନେତା ଦେବେନ୍ଦ୍ର ନାଥ ମାହତୋଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରେ ଲାଗିଛି। ତାଙ୍କର ରକ୍ତଚାପ ଓ ଶର୍କରା ସ୍ତର ହ୍ରାସ ପାଇଥିବାରୁ ଡାକ୍ତର ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି ହେବାକୁ ପରାମର୍ଶ ଦେଇଛନ୍ତି। ସୂଚନାଯୋଗ୍ୟ, ଏହି ପ୍ରଶ୍ନପତ୍ର ଲିକ୍ ମାମଲାରେ ଏପର୍ଯ୍ୟନ୍ତ ୧୯ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ପୂର୍ବତନ ଜେପିଏସସି ଅଧ୍ୟକ୍ଷଙ୍କୁ ମଧ୍ୟ ଜେରା କରାଯାଉଛି। ସରକାରଙ୍କ ଆଶ୍ୱାସନା ସତ୍ତ୍ୱେ, ଦାବି ପୂରଣ ନହେବା ଯାଏଁ ଛାତ୍ରଛାତ୍ରୀ ରାଜପଥ ଛାଡ଼ିବାକୁ ପ୍ରସ୍ତୁତ ନଥିବା ଜଣାପଡ଼ିଛି।



## ହିମାଳୟ ଜଙ୍ଗଲ ନିଆଁ ଉପରେ ନଜର ରଖିବ ନୂଆ ଉପଗ୍ରହ

ନୂଆଦିଲ୍ଲୀ, ୮।୮(ଏଜେନ୍ସି): ହିମାଳୟ ଅଞ୍ଚଳରେ ବାରମ୍ବାର ଘଟୁଥିବା ଜଙ୍ଗଲ ନିଆଁର ସଠିକ୍ ନିରୀକ୍ଷଣ ଓ ନିୟନ୍ତ୍ରଣ ପାଇଁ ୨୪ ଘଣ୍ଟିଆ ସେବା ଯୋଗାଉଥିବା ଏକ ନୂତନ ଜିଓଷ୍ଟେସନାରୀ ସାଟେଲାଇଟ୍ (ଭୂ-ସ୍ଥିର ଉପଗ୍ରହ) ମହାକାଶକୁ ପଠାଇବାକୁ ସଂସଦୀୟ କମିଟି କେନ୍ଦ୍ର ସରକାରଙ୍କୁ ସୁପାରିଶ କରିଛି। ବିଜେପି ସାଂସଦ ମେଧା କୁଲକର୍ଣ୍ଣୀଙ୍କ ଅଧ୍ୟକ୍ଷତାରେ ଗଠିତ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି, ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ସଂକ୍ରାନ୍ତ ସଂସଦୀୟ ଷ୍ଟାଣ୍ଡିଂ କମିଟି ଶୁକ୍ରବାର ସଂସଦର ଉଭୟ ଗୃହରେ ଏହି ରିପୋର୍ଟ ଆଗତ କରିଛନ୍ତି। ରିପୋର୍ଟ ଅନୁସାରେ, ଭାରତ ମହାକାଶ କ୍ଷେତ୍ରରେ ଆଗୁଆ ଥିଲେ ବି ଜଙ୍ଗଲ ନିଆଁ ଚିହ୍ନଟ ପାଇଁ ଏବେ ବି ବିଦେଶୀ ଉପଗ୍ରହ ଉପରେ ନିର୍ଭର କରୁଛି, ଯାହା ଦିନକୁ ମାତ୍ର ୮ ଥର ତଥ୍ୟ ଯୋଗାଇଥାଏ। ଏଥିସହ ଝଡ଼ିପଡୁଥିବା ପାଇନ୍ ଗଛର ପତ୍ରର ବ୍ୟବହାର ପାଇଁ ଏକ ଜାତୀୟ ନୀତି ପ୍ରଣୟନ କରିବା, ହିମାଳୟ ଅଞ୍ଚଳ ପାଇଁ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ (ଏନ୍‌ଡିଆର୍‌ଏଫ୍)ର ଅନ୍ତତଃ ଦୁଇଟି ଆଞ୍ଚଳିକ କେନ୍ଦ୍ର ସ୍ଥାପନ କରିବା ଏବଂ ଜଳବାୟୁ ପରିବର୍ତ୍ତନ ସହ ଜଙ୍ଗଲ ନିଆଁର ସମ୍ପର୍କ ନେଇ ଏକ ଗବେଷଣା କରିବାକୁ କମିଟି ପରାମର୍ଶ ଦେଇଛି। ପଶ୍ଚିମ ହିମାଳୟରେ ଗ୍ରୀଷ୍ମପ୍ରବାହ ଓ ପାଇନ୍ ପତ୍ର ଯୋଗୁଁ ନିଆଁ ଲାଗୁଥିବା ବେଳେ ପୂର୍ବ ହିମାଳୟରେ ଶୁଷ୍କ ପାଣିପାଗ ଓ ପାରମ୍ପରିକ ଚାଷ ପଦ୍ଧତି ଯୋଗୁଁ ନିଆଁ ଲାଗୁଥିବା ରିପୋର୍ଟରେ ଦର୍ଶାଯାଇଛି। ଜଙ୍ଗଲ ଓ ଜଙ୍ଗଲୀ ସମ୍ପ୍ରଦାୟର ସୁରକ୍ଷା ପାଇଁ ପ୍ରଚଳିତ ଜଙ୍ଗଲ ଆଇନଗୁଡ଼ିକର ପୁନଃସମୀକ୍ଷା କରିବାକୁ କମିଟି କେନ୍ଦ୍ରକୁ ଅନୁରୋଧ କରିଛି।

## ବର୍ଷା, ଭୂସ୍ଖଳନ ଯୋଗୁଁ ଅମରନାଥ ଯାତ୍ରା ସ୍ଥଗିତ



ଶ୍ରୀନଗର, ୮।୮(ଏଜେନ୍ସି): କ୍ରମାଗତ ବର୍ଷା ଏବଂ ଭୂସ୍ଖଳନ ଯୋଗୁଁ ରାସ୍ତା କ୍ଷତିଗ୍ରସ୍ତ ହୋଇଥିବାରୁ ବାବା ଅମରନାଥ ଯାତ୍ରାକୁ ନିର୍ଦ୍ଧାରିତ ସମୟର ୨୦ ଦିନ ପୂର୍ବରୁ ସ୍ଥଗିତ ରଖାଯାଇଛି। ଭାରତୀୟ ପାଣିପାଗ ବିଭାଗର ଆଗାମୀ ଖରାପ ପାଣିପାଗ ପୂର୍ବାନୁମାନକୁ ଦୃଷ୍ଟିରେ ରଖି ଶ୍ରଦ୍ଧାଳୁଙ୍କ ସୁରକ୍ଷା ପାଇଁ ଅଗଷ୍ଟ ୯ ତାରିଖରୁ ଦୁଇଟିଯାକ ମାର୍ଗରେ ନୂଆ ଯାତ୍ରୀଙ୍କ ପ୍ରବେଶକୁ ବନ୍ଦ କରାଯାଇଛି। ବର୍ତ୍ତମାନ କେବଳ ପୂର୍ବରୁ ଯାତ୍ରାରେ ଥିବା ଶ୍ରଦ୍ଧାଳୁମାନଙ୍କୁ ଦର୍ଶନ ଶେଷ କରିବାକୁ ଅନୁମତି ଦିଆଯିବ। ଚଳିତ ବର୍ଷ ଏପର୍ଯ୍ୟନ୍ତ ୪.୮ ଲକ୍ଷରୁ ଅଧିକ ଭକ୍ତ ପବିତ୍ର ଗୁମ୍ଫାରେ ବାବା ବରଫାନୀଙ୍କ ଦର୍ଶନ କରିସାରିଛନ୍ତି। ଯଦିଓ ଆଜିଠାରୁ ସାଧାରଣ ଶ୍ରଦ୍ଧାଳୁଙ୍କ ପାଇଁ ଯାତ୍ରା ବନ୍ଦ ରହିବ, ତଥାପି ଅଗଷ୍ଟ ୨୮ ତାରିଖରେ ପାରମ୍ପରିକ ଛଡ଼ି ମୁବାରକ ଶୋଭାଯାତ୍ରା ପହଲଗାମ ମାର୍ଗ ଦେଇ ଗୁମ୍ଫା ଅଭିମୁଖେ ଯିବା ସହ ଅମରନାଥ ଯାତ୍ରାର ଆନୁଷ୍ଠାନିକ ସମାପନ ହେବ। ସୂଚନାଯୋଗ୍ୟ, ଏହି ବର୍ଷ ଜୁଲାଇ ୭ ତାରିଖ ସୁଦ୍ଧା ବରଫ ଲିଙ୍ଗ ସମ୍ପୂର୍ଣ୍ଣ ମିଳାଇ ଯାଇଥିଲେ ସୁଦ୍ଧା ଭକ୍ତଙ୍କ ଗହଣରେ ଯାତ୍ରା ଜାରି ରହିଥିଲା। ପହଲଗାମର ୪୮ କିଲୋମିଟର ପାରମ୍ପରିକ ରାସ୍ତା ଏବଂ ବାଲତାଲର ୧୪ କିଲୋମିଟର ଦୁର୍ଗମ ରାସ୍ତା ଦେଇ ପ୍ରତିବର୍ଷ ଏହି ପବିତ୍ର ଯାତ୍ରା ଆୟୋଜିତ ହୋଇଥାଏ। ଶ୍ରଦ୍ଧାଳୁଙ୍କ ଜୀବନ ଓ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ପ୍ରଶାସନ ପକ୍ଷରୁ ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯାଇଛି।

# ମହିଳା ବିଲ୍‌କୁ ନେଇ ରାହୁଲ-ରିଜିଜୁ ମୁହାଁମୁହିଁ

- ବିନାସର୍ତ୍ତରେ ବିଲକୁ କଂଗ୍ରେସ ସମର୍ଥନ କରୁ: ରିଜିଜୁ
- ସୀମା ବିଲକୁ ମହିଳା ବିଲରୁ ଅଲଗା କରନ୍ତୁ ସରକାର: ରାହୁଲ



ନୂଆଦିଲ୍ଲୀ, ୮।୮(ଏଜେନ୍ସି):କେନ୍ଦ୍ର ସରକାରଙ୍କ ପ୍ରସ୍ତାବିତ ମହିଳା ସଂରକ୍ଷଣ ବିଲ୍ ଏବଂ ଏହା ସହିତ ଜଡ଼ିତ ନିର୍ବାଚନ ମଣ୍ଡଳୀ ପୁନଃନିର୍ଦ୍ଧାରଣ ପ୍ରକ୍ରିୟାକୁ ନେଇ ଶନିବାର କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ଏବଂ କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁଙ୍କ ମଧ୍ୟରେ ଏକ ତୀବ୍ର ବାକଯୁଦ୍ଧ ଦେଖିବାକୁ ମିଳିଛି। ସଂସଦରେ ଜାରି ରହିଥିବା ଅଚଳାବସ୍ଥା ମଧ୍ୟରେ ଏହି ଦୁଇ ନେତାଙ୍କ ମଧ୍ୟରେ ହୋଇଥିବା ଏହି ବାଦବିବାଦ ରାଜନୈତିକ ମାହୋଲକୁ ଆହୁରି ସରଗରମ କରିଦେଇଛି। ଏହି ବିବାଦର ସୂତ୍ରପାତ ସେତେବେଳେ ହୋଇଥିଲା, ଯେତେବେଳେ କେନ୍ଦ୍ର ମନ୍ତ୍ରୀ କିରେନ ରିଜିଜୁ ରାହୁଲ ଗାନ୍ଧୀଙ୍କର ଏକ ଭିଡିଓ ସେୟାର କରିଥିଲେ। ସେହି ଭିଡିଓରେ ରାହୁଲ ମହିଳାମାନଙ୍କ ଅଭିବ୍ୟକ୍ତିର ସ୍ୱାଧୀନତା ବିଷୟରେ କହୁଥିବା ଦେଖାଯାଇଥିଲା। ଏହାକୁ ନେଇ ରିଜିଜୁ କଟାକ୍ଷ କରି କହିଥିଲେ ଯେ, 'ରାହୁଲ ଗାନ୍ଧୀଙ୍କ ମନରେ ମହିଳାମାନଙ୍କ ପ୍ରତି ଏକ ସକାରାତ୍ମକ ପରିବର୍ତ୍ତନ ଦେଖିବାକୁ ମିଳୁଛି' ଏବଂ ସେ କଂଗ୍ରେସକୁ ବିନା କୌଣସି ସର୍ତ୍ତରେ ମହିଳା ସଂରକ୍ଷଣ ବିଲ୍‌?କୁ ସମର୍ଥନ କରିବାକୁ ଆହ୍ୱାନ ଦେଇଥିଲେ। ଏହାର ମାତ୍ର କିଛି ଘଣ୍ଟା ମଧ୍ୟରେ ରାହୁଲ ଗାନ୍ଧୀ ଟ୍ୱିଟ୍ କରି କଡ଼ା ଜବାବ ଦେଇଥିଲେ। ସେ ମନ୍ତ୍ରୀଙ୍କୁ ମନେ ପକାଇ ଦେଇଥିଲେ ଯେ କଂଗ୍ରେସର ସମ୍ପୂର୍ଣ୍ଣ ସମର୍ଥନରେ ୨୦୨୩ ମସିହାରେ ହିଁ ମହିଳା ସଂରକ୍ଷଣ ବିଲ୍ ସର୍ବସମ୍ମତି କ୍ରମେ ପାରିତ ହୋଇସାରିଛି। ରାହୁଲ ପ୍ରଶ୍ନ କରିଥିଲେ ଯେ, 'ତିନି ବର୍ଷ ବିତିଯାଇଥିଲେ ମଧ୍ୟ ସରକାର ଏହି ବିଲ୍‌?କୁ କାହିଁକି କାର୍ଯ୍ୟକାରୀ କରିନାହାଁନ୍ତି ଏବଂ ଏବେ ଏହାକୁ ଅଯଥାରେ ନିର୍ବାଚନ ମଣ୍ଡଳୀ ପୁନଃନିର୍ଦ୍ଧାରଣ ସହ କାହିଁକି ଯୋଡ଼ାଯାଉଛି?'୨୦୨୩ରେ ପାରିତ ହୋଇଥିବା 'ନାରୀ ଶକ୍ତି ବନ୍ଦନ ଅଧିନିୟମ' ଅନୁଯାୟୀ, ଲୋକସଭା ଏବଂ ରାଜ୍ୟ ବିଧାନସଭାଗୁଡ଼ିକରେ ମହିଳାମାନଙ୍କ ପାଇଁ ୩୩% ଆସନ ସଂରକ୍ଷିତ ରହିବ। ତେବେ ଏହାର କାର୍ଯ୍ୟକାରିତାକୁ ସରକାର ଜନଗଣନା ଏବଂ ନିର୍ବାଚନ ମଣ୍ଡଳୀ ପୁନଃନିର୍ଦ୍ଧାରଣ ପ୍ରକ୍ରିୟା ସହ ଯୋଡ଼ିଛନ୍ତି। ସରକାରଙ୍କ ନୂଆ ଯୋଜନା ଅନୁଯାୟୀ, ୨୦୧୧ ଜନଗଣନାକୁ ଆଧାର କରି ୨୦୨୯ ଲୋକସଭା ନିର୍ବାଚନ ପୂର୍ବରୁ ଏହାକୁ ଲାଗୁ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ପ୍ରକ୍ରିୟା ଦ୍ୱାରା ଲୋକସଭା ଆସନ ସଂଖ୍ୟା ୫୪୩ ରୁ ୮୫୦ କୁ ବୃଦ୍ଧି ପାଇବାର ସମ୍ଭାବନା ଅଛି, ଯେଉଁଥିରୁ ୨୭୩ଟି ଆସନ ମହିଳାଙ୍କ ପାଇଁ ସଂରକ୍ଷିତ ରହିବ। ମାତ୍ର ବିରୋଧୀ ଦଳଗୁଡ଼ିକ ଏହାକୁ ବିରୋଧ କରୁଛନ୍ତି। ସେମାନଙ୍କ ଯୁକ୍ତି ହେଉଛି ଯେ ଜନସଂଖ୍ୟା ଆଧାରରେ ଆସନ ପୁନଃନିର୍ଦ୍ଧାରଣ କଲେ ଉତ୍ତର ଭାରତର ରାଜ୍ୟଗୁଡ଼ିକ ଅଧିକ ଲାଭବାନ ହେବେ ଏବଂ ଦକ୍ଷିଣ ଭାରତର ରାଜ୍ୟଗୁଡ଼ିକ କ୍ଷତିଗ୍ରସ୍ତ ହେବେ। ସଂସଦରେ ଏହି ସମ୍ବିଧାନ ସଂଶୋଧନ ବିଲ୍ ପାରିତ କରିବା ପାଇଁ ଦୁଇ-ତୃତୀୟାଂଶ ସଂଖ୍ୟାଗରିଷ୍ଠତା ଆବଶ୍ୟକ, ଯାହା ବର୍ତ୍ତମାନ ଏନଡିଏ (ଘଉଇ) ପାଖରେ ନାହିଁ। ସେଥିପାଇଁ କିରେନ ରିଜିଜୁ ଗତ କିଛି ଦିନ ହେବ ରାହୁଲ ଗାନ୍ଧୀଙ୍କ ସହ ଏକାଧିକ ବାର ଆଲୋଚନା କରି ସହଯୋଗ ମାଗିଛନ୍ତି। କିନ୍ତୁ ରାହୁଲ ଗାନ୍ଧୀ ସ୍ପଷ୍ଟ କରିଛନ୍ତି ଯେ ମହିଳା ସଂରକ୍ଷଣକୁ ପୁନଃନିର୍ଦ୍ଧାରଣ ସହ ଯୋଡ଼ିବା ବିରୋଧୀ ଦଳଗୁଡ଼ିକୁ ଗ୍ରହଣୀୟ ନୁହେଁ। ମୌସୁମୀ ଅଧିବେଶନ ଶେଷ ହେବାକୁ ମାତ୍ର ଏକ ସପ୍ତାହ ବାକି ଥିବାବେଳେ, କଂଗ୍ରେସ ନିଜ ଆଭିମୁଖ୍ୟରେ କୋହଳ କରୁଛି କି ନାହିଁ ଏବଂ ଏହି ଗତିରୋଧ କେବେ ଶେଷ ହେଉଛି, ତାହା ଉପରେ ସମସ୍ତଙ୍କ ନଜର ରହିଛି।

## ପଞ୍ଜାବ ବିଧାନସଭା ନିର୍ବାଚନ ପୂର୍ବରୁ ସ୍ୱର ବଦଳାଇଲା ଅକାଳୀ

ଚଣ୍ଡିଗଡ଼, ୮।୮(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଶିରୋମଣି ଅକାଳୀ ଦଳ ସଭାପତି ସୁଖବୀର ସିଂ ବାଦଲଙ୍କ ମଧ୍ୟରେ ହୋଇଥିବା ସାକ୍ଷାତକାର ପରେ ପଞ୍ଜାବ ରାଜନୀତିରେ ବଡ଼ ଧରଣର ପରିବର୍ତ୍ତନର ସେଙ୍କେତ ମିଳିଛି। ବୈଠକର ଗୋଟିଏ ଦିନ ପରେ, ଅକାଳୀ ଦଳ କେନ୍ଦ୍ର ସରକାରଙ୍କ ମହିଳା ସଂରକ୍ଷଣ ବିଲ୍ ଏବଂ ସୀମା ନିର୍ଦ୍ଧାରଣ ପ୍ରକ୍ରିୟାକୁ ସମର୍ଥନ ଜଣାଇଛି। ଶନିବାର ଚଣ୍ଡିଗଡ଼ଠାରେ ଦଳର ବରିଷ୍ଠ ନେତାମାନଙ୍କ ସହ ଆଲୋଚନା କରିବା ପରେ ସୁଖବୀର ସିଂ ବାଦଲ କହିଛନ୍ତି ଯେ, ମହିଳା ସଂରକ୍ଷଣ ବିଲ୍‌କୁ ବିନା ବିଳମ୍ବରେ କାର୍ଯ୍ୟକାରୀ କରାଯିବା ଉଚିତ। ଆବଶ୍ୟକ ବୋଲି ସେ ଗୁରୁତ୍ୱାରୋପ କରିଛନ୍ତି। ଶିଖ୍ ଗୁରୁମାନଙ୍କ ଶିକ୍ଷା ଦ୍ୱାରା ଅନୁପ୍ରାଣିତ ହୋଇ ଦଳ ମହିଳାଙ୍କ ସମ୍ମାନ, ସମାନତା ଏବଂ ସମାନ ଅଧିକାର ପାଇଁ ସବୁବେଳେ କାର୍ଯ୍ୟ କରିଆସୁଛି ବୋଲି ବାଦଲ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ' ରେ ପ୍ରକାଶ କରିଛନ୍ତି। ଏହାର ଉଦାହରଣ ସ୍ୱରୂପ ସେ ଶିରୋମଣି ଗୁରୁଦ୍ୱାର ପ୍ରବନ୍ଧକ କମିଟିରେ ମହିଳାମାନଙ୍କ ପାଇଁ ଥିବା ସଂରକ୍ଷଣ ବ୍ୟବସ୍ଥା ବିଷୟରେ ଉଲ୍ଲେଖ କରିଛନ୍ତି। ସେହିପରି ସୀମା ନିର୍ଦ୍ଧାରଣ ପ୍ରସଙ୍ଗରେ ମଧ୍ୟ ଦଳ ନିଜର ଆଭିମୁଖ୍ୟ ବଦଳାଇଛି। କେନ୍ଦ୍ର ସରକାର ସମସ୍ତ ରାଜ୍ୟ ପାଇଁ ସମାନ ଭାବେ ୫୦ ପ୍ରତିଶତ ଲୋକସଭା ଆସନ ବୃଦ୍ଧି କରିବାକୁ ପ୍ରସ୍ତାବ ଦେଇଛନ୍ତି, ଯାହାକୁ ଅକାଳୀ ଦଳ ଏକ ନ୍ୟାୟସଙ୍ଗତ ବ୍ୟବସ୍ଥା ବୋଲି କହିଛି।

## ବେଙ୍ଗାଲୁରୁ ପଞ୍ଚତାରକା ହୋଟେଲରେ ପଚା ପରିବା ଓ ବାସି କ୍ଷୀର




ବେଙ୍ଗାଲୁରୁ, ୮।୮(ଏଜେନ୍ସି): ବେଙ୍ଗାଲୁରୁର କେତେକ ପ୍ରତିଷ୍ଠିତ ବିଳାସପୂର୍ଣ୍ଣ ହୋଟେଲରେ ଖାଦ୍ୟ ସୁରକ୍ଷା ନିୟମର ଖୋଲାଖୋଲି ଉଲ୍ଲଂଘନ ହେଉଥିବା ତଥ୍ୟ ସାମ୍ନାକୁ ଆସିଛି। ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ସହରର ବିଭିନ୍ନ ପ୍ରାନ୍ତରେ ଥିବା ୨୬ଟି ତିନି-ତାରକା ଏବଂ ପଞ୍ଚତାରକା ହୋଟେଲରେ ଚଢ଼ଉ କରାଯାଇଛି। ଗତକାଲି ବୃହତ ବେଙ୍ଗାଲୁରୁ ମହାନଗର ପାଳିକା ଅଧୀନରେ ଥିବା ସମସ୍ତ ଜୋନରେ ୩୦ଟି ଟିମ୍ ଏହି ଅତର୍କିତ ଚଢ଼ଉ କରିଥିଲେ। ଏହି ସମୟରେ ହୋଟେଲଗୁଡ଼ିକର ରୋଷେଇ ଘର ଏବଂ ଷ୍ଟୋରେଜ୍ ରୁମ୍‌ରେ ଅତ୍ୟନ୍ତ ଅସ୍ୱାସ୍ଥ୍ୟକର ପରିବେଶ ଦେଖିବାକୁ ମିଳିଥିଲା। ଅଧିକାରୀମାନେ ବହୁ ପରିମାଣର ପଚା ପରିବା, ଫିମ୍ପି ମରା ଖାଦ୍ୟ ପଦାର୍ଥ ଏବଂ ବ୍ୟବହାର ଅବଧି ଶେଷ ହୋଇଯାଇଥିବା ଏକ୍ସପାୟର୍ଡ କ୍ଷୀର ଓ ଅନ୍ୟାନ୍ୟ ଦୁଗ୍ଧଜାତ ଦ୍ରବ୍ୟ ଜବତ କରିଛନ୍ତି। ଏପରିକି ଚିକେନ୍, ମାଛ ଏବଂ ମାଂସ ମଧ୍ୟ ଅତ୍ୟନ୍ତ ନିମ୍ନମାନର ଓ ଅସ୍ୱାସ୍ଥ୍ୟକର ଅବସ୍ଥାରେ ଥିବା ଜଣାପଡ଼ିଛି। ରିପୋର୍ଟ ଅନୁଯାୟୀ, ଦି ରାଡିସନ୍ ବ୍ଲୁରୁ ସର୍ବାଧିକ ୧୦୫ କିଲୋଗ୍ରାମର ବାସି ଖାଦ୍ୟ ଜବତ କରାଯାଇଛି। ସେହିପରି ଦି ଲଳିତ ଅଶୋକରୁ ୭୬ କିଲୋ ମାଂସ, ୨୦୦ କିଲୋ ପରିବା ଏବଂ ୩୨ ଲିଟର ବାସି କ୍ଷୀର ନଷ୍ଟ କରାଯାଇଛି। ଶାଙ୍ଗ୍ରି-ଲା ଏବଂ ଫୋର୍ ସିଜନ୍ସ ହୋଟେଲରୁ ମଧ୍ୟ ବହୁ ପରିମାଣର ଅସ୍ୱାସ୍ଥ୍ୟକର ମାଂସ ଜବତ ହୋଇଛି। ଏହା ବ୍ୟତୀତ ତାଜ ଯଶବନ୍ତପୁରରୁ ୭୨ କିଲୋ ମାଂସ ଏବଂ ଭିଭାନ୍ତାରୁ ବାସି ପାଉଁରୁଟି ଜାତୀୟ ଉତ୍ପାଦ ମିଳିଥିଲା। ଯାଞ୍ଚ ବେଳେ ଅନେକ ହୋଟେଲରେ ଶାକାହାରୀ ଏବଂ ମାଂସାହାରୀ ଖାଦ୍ୟକୁ ପୃଥକ ଭାବେ ରଖାଯାଉ ନଥିବା ଜଣାପଡ଼ିଛି। ଏହାସହ ଖାଦ୍ୟ ପଦାର୍ଥ ଉପରେ ସଠିକ୍ ଲେବଲ୍ ନଥିବା ଏବଂ ଭାରତୀୟ ଖାଦ୍ୟ ସୁରକ୍ଷା ଓ ମାନକ ପ୍ରାଧିକରଣର ନିୟମାବଳୀକୁ ଉଲ୍ଲଂଘନ କରାଯାଉଥିବା ଅଭିଯୋଗ ହୋଇଛି। ଏହି ଅଭିଯାନ ସମୟରେ ଅନେକ ଖାଦ୍ୟ ନମୁନା ସଂଗ୍ରହ କରାଯାଇ ଲ୍ୟାବକୁ ପଠାଯାଇଛି। ବିଭାଗ ପକ୍ଷରୁ ସମ୍ପୃକ୍ତ ହୋଟେଲଗୁଡ଼ିକୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ଲ୍ୟାବ୍ ରିପୋର୍ଟ ଆସିବା ପରେ ଆଇନ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି।

## ଦରବୃଦ୍ଧିକୁ ନେଇ ପାକିସ୍ତାନରେ ତେଜୁଛି ଅସନ୍ତୋଷର ନିଆଁ




ଇସଲାମାବାଦ, ୮।୮ (ଏଜେନ୍ସି): ପାକିସ୍ତାନରେ ପେଟ୍ରୋଲ, ଡିଜେଲ ଏବଂ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀର ଆକାଶଛୁଆଁ ଦରବୃଦ୍ଧିକୁ ନେଇ ସମଗ୍ର ଦେଶରେ ତୀବ୍ର ଜନଅସନ୍ତୋଷ ପ୍ରକାଶ ପାଇଛି। ଶୁକ୍ରବାର ଦିନ 'ଜମାତ-ଏ-ଇସଲାମୀ' ପକ୍ଷରୁ ଆୟୋଜିତ ଏକ ବୃହତ ବିକ୍ଷୋଭ ପ୍ରଦର୍ଶନରେ ହଜାର ହଜାର ସାଧାରଣ ଜନତା ରାଜରାସ୍ତାକୁ ଓହ୍ଲାଇ ସରକାରଙ୍କ ନୂତନ ପେଟ୍ରୋଲ, ଡିଜେଲ ଶୁଳ୍କ ଏବଂ ମୁଦ୍ରାସ୍ଫୀତିକୁ ବିରୋଧ କରିଛନ୍ତି। ଏହି ପ୍ରତିବାଦ ଯୋଗୁଁ କରାଚି, ଲାହୋର, ପେଶାୱାର, କ୍ୱେଟା, ଇସଲାମାବାଦ, ରାଓଲପିଣ୍ଡି ଏବଂ ଆବୋଟାବାଦ ଭଳି ପ୍ରମୁଖ ସହରଗୁଡ଼ିକରେ ରାଲି ଓ ଧାରଣା ଦିଆଯାଇଥିଲା, ଯାହା ଫଳରେ ଯାତାୟାତ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି। ଜମାତ-ଏ-ଇସଲାମୀର ମୁଖ୍ୟ ହାଫିଜ ନୟୀମୁର ରହେମାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫଙ୍କ ସରକାରକୁ କଡ଼ା ଚେତାବନୀ ଦେଇଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ, ସରକାର ପେଟ୍ରୋଲ ଶୁଳ୍କ ଜରିଆରେ ପ୍ରାୟ ୮ ଟ୍ରିଲିୟନ ପାକିସ୍ତାନୀ ଟଙ୍କା ସଂଗ୍ରହ କରିଥିଲେ ମଧ୍ୟ ସାଧାରଣ ଜନତାଙ୍କୁ କୌଣସି ଆଶ୍ୱସ୍ତି ନଦେଇ କେବଳ ପ୍ରଭାବଶାଳୀ ଗୋଷ୍ଠୀଙ୍କୁ ସୁହାଇବା ଭଳି କାର୍ଯ୍ୟ କରୁଛନ୍ତି। ସୂଚନାଯୋଗ୍ୟ, ମାର୍ଚ୍ଚରୁ ଶେହବାଜ ଶରିଫଙ୍କ ସରକାର ପ୍ରତି ସପ୍ତାହରେ ଇନ୍ଧନ ଦର ସଂଶୋଧନ କରୁଛନ୍ତି। ଗତ ଏପ୍ରିଲ ମାସରେ ପେଟ୍ରୋଲ ଦର ଲିଟର ପିଛା ୪୫୯ ପାକିସ୍ତାନୀ ଟଙ୍କା ଏବଂ ଡିଜେଲ ୫୨୦.୩୫ ଟଙ୍କାରେ ପହଞ୍ଚି ଏକ ନୂତନ ରେକର୍ଡ ସୃଷ୍ଟି କରିଥିଲା। ମ୍ୟାନ୍‌ମାର ପରେ ପାକିସ୍ତାନରେ ଇନ୍ଧନ ଦର ବୃଦ୍ଧି ବିଶ୍ୱରେ ଦ୍ୱିତୀୟ ସର୍ବାଧିକ ବୋଲି ତଥ୍ୟରୁ ଜଣାପଡ଼ିଛି। ଏହି ଦରବୃଦ୍ଧି ଯୋଗୁଁ ଦେଶରେ ପରିବହନ ଖର୍ଚ୍ଚ ଏବଂ ଖାଦ୍ୟ ସାମଗ୍ରୀର ଦାମ ଅହେତୁକ ଭାବେ ବଢ଼ିବାରେ ଲାଗିଛି।

## ଦିଲ୍ଲୀରେ ରେଡ୍ ଆଲର୍ଟ; ୟୁପି, ବିହାରରେ ବନ୍ୟା



ନୂଆଦିଲ୍ଲୀ, ୮।୮(ଏଜେନ୍ସି): ଉତ୍ତର ଭାରତର ବିଭିନ୍ନ ପ୍ରାନ୍ତରେ ମୌସୁମୀ ବର୍ଷାର ପ୍ରକୋପ ଜାରି ରହିଛି। ପ୍ରବଳ ବର୍ଷା, ଜଳବନ୍ଦୀ ଓ ବନ୍ୟା ଯୋଗୁଁ ଦିଲ୍ଲୀ-ଏନସିଆର, ଉତ୍ତର ପ୍ରଦେଶ ଏବଂ ବିହାରରେ ଜନଜୀବନ ଗୁରୁତର ଭାବେ ପ୍ରଭାବିତ ହୋଇଛି। ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଶନିବାର ପାଇଁ ଦେଶର ରାଜଧାନୀ ଦିଲ୍ଲୀରେ 'ରେଡ୍ ଆଲର୍ଟ' ଜାରି କରାଯାଇଛି। ଚଳିତ ଅଗଷ୍ଟ ମାସର ପ୍ରଥମ ସପ୍ତାହରେ ଦିଲ୍ଲୀରେ ୧୨୭ ମିଲିମିଟର ବର୍ଷା ରେକର୍ଡ କରାଯାଇଛି, ଯାହା ୨୦୧୧ ପରଠାରୁ ଏହି ସମୟ ମଧ୍ୟରେ ସର୍ବାଧିକ ବର୍ଷା। ଶୁକ୍ରବାର ହୋଇଥିବା ପ୍ରବଳ ବର୍ଷା ଯୋଗୁଁ ଦିଲ୍ଲୀ-ଗୁରୁଗ୍ରାମ ହାଇୱେ ସମେତ ଅନେକ ପ୍ରମୁଖ ରାସ୍ତା ଜଳମଗ୍ନ ହୋଇଛି। କେତେକ ଅଞ୍ଚଳରେ ପ୍ରାୟ ୪ ଫୁଟ ଉଚ୍ଚର ପାଣି ଜମି ରହିବା ଫଳରେ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଛି। ଏକ ପାର୍କିଂ କାନ୍ଥ ଭୁଶୁଡି ପଡ଼ିବା ଯୋଗୁଁ ୮ଟି କାର୍ ପୋତି ହୋଇଯାଇଥିବା ବେଳେ ଅନେକ ଗାଡି ପାଣିରେ ଫସି ରହିଥିବା ଜଣାପଡ଼ିଛି। ଜାମ୍ମୁ ଓ କାଶ୍ମୀରରେ ପ୍ରବଳ ବର୍ଷା ଓ ଭୂସ୍ଖଳନ ଯୋଗୁଁ ଶନିବାର ପୁଣିଥରେ ଅମରନାଥ ଯାତ୍ରାକୁ ସାମୟିକ ଭାବେ ସ୍ଥଗିତ ରଖାଯାଇଛି। ଜାମ୍ମୁ ଅଞ୍ଚଳରେ ଆସନ୍ତା ଅଗଷ୍ଟ ୧୧ ତାରିଖ ପର୍ଯ୍ୟନ୍ତ ପ୍ରବଳ ବର୍ଷା, ବନ୍ୟା ଓ ଭୂସ୍ଖଳନ ହେବାର ଆଶଙ୍କା ରହିଛି। ବିହାରରେ ନେପାଳରେ ହୋଇଥିବା ପ୍ରବଳ ବର୍ଷା ଯୋଗୁଁ ମୁଜାଫରପୁରରେ ବାଗମତୀ ନଦୀର ଜଳସ୍ତର ବୃଦ୍ଧି ପାଇଛି। ବାଘା ଅଞ୍ଚଳରେ ଗଣ୍ଡକ ନଦୀର ବନ୍ୟା ଜଳ ପ୍ରାୟ ୩୦୦ ଘରେ ପଶିଯାଇଛି, ଯାହା ପରେ ସ୍ଥାନୀୟ ପ୍ରଶାସନ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିଛି। ଅନ୍ୟପଟେ ଉତ୍ତର ପ୍ରଦେଶରେ ବିଗତ ୨୫ ଦିନର ଲଗାତାର ବର୍ଷା ଯୋଗୁଁ ନଦୀଗୁଡ଼ିକ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛନ୍ତି। ବାରାଣସୀରେ ଗଙ୍ଗା ନଦୀର ଜଳସ୍ତର ବୃଦ୍ଧି ପାଇବା ଫଳରେ ୮୪ଟି ଘାଟକୁ ଯୋଗାଯୋଗ ବିଚ୍ଛିନ୍ନ ହେବା ସହ ପ୍ରାୟ ୫୦-୬୦ଟି ଛୋଟ ମନ୍ଦିର ଜଳମଗ୍ନ ହୋଇଛି। ଆଗ୍ରାରେ ଏକ ରାସ୍ତା ଧସିଯାଇ ୨୦ ଫୁଟ ଗଭୀର ଗାତ ସୃଷ୍ଟି ହୋଇଥିବା ବେଳେ ଏହା ଯୋଗାଯୋଗକୁ ବାଧାପ୍ରାପ୍ତ କରିଛି। ଉତ୍ତରାଖଣ୍ଡର ଧାରଚୁଲାରେ କାଳୀ ନଦୀ ବିପଦ ସେଙ୍କତ ଉପରେ ପ୍ରବାହିତ ହେଉଛି। ସେହିପରି ଛତିଶଗଡ଼ର ଗରିଆବନ୍ଦରେ ଛୋଟ ପିଲାମାନେ ମୁଣ୍ଡରେ ସ୍କୁଲ ବ୍ୟାଗ୍ ଧରି ଜଳମଗ୍ନ ରାସ୍ତା ଦେଇ ସ୍କୁଲ ଯାଉଥିବା ଭଳି ବିପଦସଙ୍କୁଳ ଚିତ୍ର ସାମ୍ନାକୁ ଆସିଛି। ୟୁପିର ଲୋନି ଅଞ୍ଚଳରେ ମଧ୍ୟ ପ୍ରବଳ ଜଳବନ୍ଦୀ ଯୋଗୁଁ ରାସ୍ତାଗୁଡିକ ପୋଖରୀ ସଦୃଶ ହୋଇପଡ଼ିଛି।

## 'ତୁମେ ସ୍ୱାମୀଙ୍କୁ ନ ମାରିଲେ, ମୁଁ ମାରିଦେବି'

### ପ୍ରେମିକ ସହ ମିଶି ଷଡ଼ଯନ୍ତ୍ର ରଚୁଥିଲେ ସ୍ତ୍ରୀ, ଧରାଇଦେଲା ମୋବାଇଲ ଚାଟ୍



ହାଇଦ୍ରାବାଦ, ୮।୮(ଏଜେନ୍ସି): ସ୍ତ୍ରୀ ନିଜ ପ୍ରେମିକ ସହ ମିଶି ନିଜ ସ୍ୱାମୀଙ୍କୁ ହତ୍ୟା କରିବା ପାଇଁ ଷଡ଼ଯନ୍ତ୍ର ରଚୁଥିଲେ। ଏପରିକି ଏହାକୁ ଏକ ସଡ଼କ ଦୁର୍ଘଟଣାର ରୂପ ଦେବାକୁ ଚାଟ୍ ମାଧ୍ୟମରେ ଯୋଜନା ଚାଲିଥିଲା। ତେବେ ମୋବାଇଲ୍ ଚାଟ୍ ଦେଖି ସ୍ୱାମୀ ଏହି ହତ୍ୟା ଷଡ଼ଯନ୍ତ୍ର ବିଷୟରେ ଜାଣିବାକୁ ପାଇବା ପରେ ପୁଲିସର ଦ୍ୱାରସ୍ଥ ହୋଇଛନ୍ତି। ଘଟଣାନୁସାରେ, ତେଲେଙ୍ଗାନାର ଚିଲକୋଡୁ ଅଞ୍ଚଳର ଜି ରାଜେଶ୍ୱର ରାଓ ୨୦୧୬ ମସିହାରେ ଭବାନୀଙ୍କୁ ବିବାହ କରିଥିଲେ ଏବଂ ସେମାନଙ୍କର ଦୁଇଟି କନ୍ୟା ସନ୍ତାନ ଅଛନ୍ତି। ଏକ ବେସରକାରୀ ହସ୍ପିଟାଲରେ କାର୍ଯ୍ୟରତ ରାଜେଶ୍ୱର ଜଣେ କୋରିୟର ବାଳକ ସାଇଦୁଲୁଙ୍କ ସହ ତାଙ୍କ ସ୍ତ୍ରୀଙ୍କର ପ୍ରେମ ସମ୍ପର୍କ ଗଢ଼ିଉଠିଥିଲା ବୋଲି ଜାଣିବାକୁ ପାଇଥିଲେ। ସ୍ୱାମୀଙ୍କ ଅନୁପସ୍ଥିତିରେ ପ୍ରେମିକ ଘରକୁ ଆସୁଥିଲେ। ଦିନେ ରାଜେଶ୍ୱର ନିଜ ସ୍ତ୍ରୀଙ୍କ ମୋବାଇଲ୍‌ରେ ପ୍ରେମିକ ସହ ହୋଇଥିବା ବାର୍ତ୍ତାଳାପ ଦେଖି ସ୍ତବ୍ଧ ହୋଇଯାଇଥିଲେ। ତାଙ୍କ ସ୍ତ୍ରୀ ସ୍ୱାମୀଙ୍କୁ ଘର ଭିତରେ ମାରିଲେ ସନ୍ଦେହ ହେବ, ତେଣୁ ସଡ଼କ ଦୁର୍ଘଟଣାର ରୂପ ଦେଇ ହତ୍ୟା କରିବାକୁ ପ୍ରେମିକଙ୍କୁ ପରାମର୍ଶ ଦେଇଥିଲେ। ଏପରିକି 'ତୁମେ ନମାରିଲେ, ମୁଁ ନିଜେ ତାଙ୍କୁ ମାରିଦେବି' ବୋଲି ମଧ୍ୟ ସ୍ତ୍ରୀ ଲେଖିଥିଲେ। ରାଜେଶ୍ୱର ଏହି ଚାଟ୍‌ର ଫଟୋ ପ୍ରମାଣ ସହ ପୋଲିସ ନିକଟରେ ଅଭିଯୋଗ କରି ନିଜର ଓ ଦୁଇ ଝିଅଙ୍କ ଜୀବନ ସୁରକ୍ଷା ପାଇଁ ଗୁହାରି କରିଛନ୍ତି।

# ଉତ୍ତର ଓଡ଼ିଶାରେ ଫୁଲୁଛି ନଦୀ; ବଢ଼ୁଛି ବନ୍ୟା ଭୟ



ଆଖୁଆପଦା ଆନିକଟ ଠାରେ ଭରା ବୈତରଣୀ





# ନବୀନଙ୍କୁ ଭେଟିଲେ ନର୍ଲା ବିଜେଡି ନେତୃବୃନ୍ଦ

## ଅଞ୍ଚଳର ବିକାଶ କାର୍ଯ୍ୟ ଓ ଦଳୀୟ ସଂଗଠନ ସମ୍ପର୍କରେ ଆଲୋଚନା





ଭୁବନେଶ୍ୱର,୮।୮(ସମିସ): କଳାହାଣ୍ଡି ଜିଲ୍ଲା ନର୍ଲା ବିଧାନସଭା ନିର୍ବାଚନମଣ୍ଡଳୀର ବିଜେଡି ବିଧାୟକ, ପୂର୍ବତନ ବିଧାୟକ, ଦଳୀୟ ନେତା ଓ ପଞ୍ଚାୟତିରାଜ ପ୍ରତିନିଧିମାନେ ଶନିବାର ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରିଛନ୍ତି। ଏହି ଅବସରରେ ନେତୃବୃନ୍ଦଙ୍କ ସହ ନିର୍ବାଚନମଣ୍ଡଳୀର ବିକାଶମୂଳକ କାର୍ଯ୍ୟ ଓ ସାଂଗଠନିକ ପ୍ରସଙ୍ଗକୁ ନେଇ ନବୀନ ଆଲୋଚନା କରିଥିବା ଜଣାପଡ଼ିଛି। ନର୍ଲା ବିଧାୟିକା ମନୋରମା ମହାନ୍ତିଙ୍କ ନେତୃତ୍ୱରେ ନର୍ଲା ନିର୍ବାଚନମଣ୍ଡଳୀର ବିଜେଡି ନେତା ଓ ଜନପ୍ରତିନିଧିମାନେ ଏହି ଆଲୋଚନାରେ ଯୋଗଦେଇଥିଲେ। ଏଥିରେ ନର୍ଲା ନିର୍ବାଚନମଣ୍ଡଳୀର ବିଭିନ୍ନ ବିକାଶମୂଳକ କାର୍ଯ୍ୟ, ସ୍ଥାନୀୟ ସମସ୍ୟା ଏବଂ ଦଳର ସାଂଗଠନିକ କାର୍ଯ୍ୟକଳାପ ସମ୍ପର୍କରେ ଆଲୋଚନା ହୋଇଥିଲା। ଆଲୋଚନା ସମୟରେ ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂହଦେଓ, ବିଧାୟକ ଦିବ୍ୟଶଙ୍କର ମିଶ୍ର, ଜିଲ୍ଲା ବିଜେଡି ସଭାପତି ତଥା ବିଧାୟକ ପ୍ରଦୀପ ଦିଶାରୀଙ୍କ ସମେତ କଳାହାଣ୍ଡି ଜିଲ୍ଲାର ବହୁ ବରିଷ୍ଠ ବିଜେଡି ନେତା ଉପସ୍ଥିତ ଥିଲେ।

### ଆଦିବାସୀଙ୍କ ଐତିହ୍ୟ ସୁରକ୍ଷା ଓ କଲ୍ୟାଣ ପାଇଁ ଦଳ ସଂକଳ୍ପବଦ୍ଧ

# ବିଜେଡି ପାଳିବ ବିଶ୍ୱ ଆଦିବାସୀ ଦିବସ

ଭୁବନେଶ୍ୱର,୮।୮(ସମିସ): ବିଶ୍ୱ ଆଦିବାସୀ ଦିବସ ଓ ମହାନ କ୍ରାନ୍ତି ଦିବସ ବିଜୁ ଜନତା ଦଳ ପକ୍ଷରୁ ଶଙ୍ଖ ଭବନରେ ଅଗଷ୍ଟ ୯ ତାରିଖରେ ରବିବାର ଦିନ ପାଳିତ କରାଯିବ। ବିରୋଧୀ ଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ କାର୍ଯ୍ୟକ୍ରମରେ ଯୋଗ ଦେଇ ଜନଜାତିଙ୍କୁ ଶୁଭେଚ୍ଛା ଜଣାଇବେ। ଏନେଇ ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର ସୂଚନା ପ୍ରଦାନ କରିଛନ୍ତି। ବିଜେଡି ପକ୍ଷରୁ ଶଙ୍ଖ ଭବନ ସମେତ ବିଭିନ୍ନ କ୍ଷେତ୍ରୀୟ ମୁଖ୍ୟାଳୟରେ ଜନଜାତି ମାନଙ୍କ ସହ ସାମିଲ ହୋଇ ଏହି ଦିବସ ପାଳନ କରାଯିବ ବୋଲି ସେ କହିଛନ୍ତି।

■ ଶଙ୍ଖ ଭବନ କାର୍ଯ୍ୟକ୍ରମରେ ଯୋଗଦେବେ ସୁପ୍ରିମୋ ନବୀନ

ଶ୍ରୀ ମିଶ୍ର କହିଛନ୍ତି ଯେ ୧୯୪୨ ମସିହାର ଭାରତ ଛାଡ଼ ଆନ୍ଦୋଳନ ସମୟରେ ସାମିଲ ଥିବା ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ମୃତିକୁ ନେଇ କ୍ରାନ୍ତି ଦିବସ ପାଳନ କରାଯିବ। ମହାନ କ୍ରାନ୍ତିକାରୀ ସ୍ୱାଧୀନତା ସଂଗ୍ରାମୀଙ୍କୁ ସ୍ମୃତି ଚାରଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯିବ। ଇଂରେଜ ଶାସନ ବିରୁଦ୍ଧରେ ଆଦିବାସୀ ମାନଙ୍କ ଆନ୍ଦୋଳନକୁ ଦେଶ ସର୍ବଦା ମନେ ପକାଉଛି। ଆମ ଜନସଂଖ୍ୟାର ଏକ ଚତୁର୍ଥାଂଶ ଜନଜାତି ଲୋକ ଅଟନ୍ତି। ଓଡ଼ିଶାରେ ୬୪ ଜନଜାତି ଲୋକେ ବସବାସ କରନ୍ତି। ସେଥିମଧ୍ୟରେ ଅନେକ ପିଭିଟିଜି ରହିଛନ୍ତି। ଆଦିବାସୀ ସଂପ୍ରଦାୟର ଲୋକମାନେ ଆମ ମାନଙ୍କ ପାଇଁ





ଗର୍ବ ଅଟନ୍ତି। ଆଦିବାସୀଙ୍କ ସ୍ୱତନ୍ତ୍ର ଚିତ୍ରକଳା, ଭାସ୍କର୍ଯ୍ୟ, ହସ୍ତଶିଳ୍ପ, ନୃତ୍ୟ, ସଂଗୀତ ଓଡ଼ିଶା ସାଂସ୍କୃତିକ ଐତିହ୍ୟର ଅନନ୍ୟ ବିଭବ। ଏହାର ସୁରକ୍ଷା, ସଂରକ୍ଷଣ ସହ ଆଦିବାସୀଙ୍କ କଲ୍ୟାଣ ପାଇଁ ବିଜେଡି ସଦାସର୍ବଦା ସଂକଳ୍ପବଦ୍ଧ ରହିଛି। ଆଦିବାସୀ ମାନଙ୍କ ବିକାଶ ନିମନ୍ତେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି । ଶଙ୍ଖ ଭବନରେ ଆୟୋଜିତ ହେବାକୁ ଥିବା ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ଜିଲ୍ଲାରୁ ଆଦିବାସୀ ଭାଇଭଉଣୀମାନେ ଯୋଗ ଦେବେ। ତାଙ୍କୁ ବିରୋଧୀ ଦଳ ନେତା ସମ୍ବୋଧନ କରିବେ ବୋଲି ଶ୍ରୀ ମିଶ୍ର ସୂଚନା ପ୍ରଦାନ କରିଛନ୍ତି।

### ବର୍ଷିଲା ବିଜେଡି

# ଚାଷୀ ଓ ମହିଳାଙ୍କୁ ହତାଶ କରିଛି ସରକାରଙ୍କ ଖରିଫ ଧାନ କିଣା ବିଜ୍ଞପ୍ତି

ଭୁବନେଶ୍ୱର,୮।୮(ସମିସ):ଚଳିତ ବର୍ଷ ଖରିଫ ଧାନ କିଣା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରକାଶ ପାଇଥିବା ବିଜ୍ଞପ୍ତିକୁ ବିରୋଧ କରିଛି ବିଜୁ ଜନତା ଦଳ। ବିଜ୍ଞପ୍ତିରେ ପ୍ରକାଶ ପାଇଥିବା ତଥ୍ୟରୁ ସ୍ପଷ୍ଟ ଜଣାପଡୁଛି ଯେ ଭାଗଚାଷୀ, କ୍ଷୁଦ୍ରଚାଷୀ ମାନେ ଧାନ ବିକ୍ରି କରିବା ପାଇଁ ପଞ୍ଜିକରଣ କରିବାରୁ ବଞ୍ଚିତ ହେବେ। ଏହାଛଡା ରାଜ୍ୟର ମହିଳା ଏସଏଚଜି ମାନଙ୍କୁ ପୂର୍ବ ସରକାରଙ୍କ ଦ୍ୱାରା ଧାନ କ୍ରୟ ଓ ବିକ୍ରୟ ପାଇଁ ଅନୁମତି ପ୍ରଦାନ କରାଯାଇଥଲା, ଯାହାକୁ ରାଜ୍ୟ ବିଜେପି ସରକାର ଉଠାଇ ଦେଇଛନ୍ତି। ଏହି ନିଷ୍ପତ୍ତିକୁ ବିଜେଡି ତୀବ୍ର ନିନ୍ଦା କରିଛି।

ଶନିବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ତଥା ବିଜୁ ଜନତା ଦଳର ଉପସଭାପତି ସଞ୍ଜୟ ଦାସବର୍ମା ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଉପରେ ପ୍ରଶ୍ନ କରିବା ସହିତ ଏହା ରାଜ୍ୟ ସରକାରଙ୍କର କୃଷକ ଓ ମହିଳା ବିରୋଧୀ ମନୋଭାବକୁ ପ୍ରଦର୍ଶିତ କରୁଛି ବୋଲି କହିଥିଲେ। ଚଳିତ ବର୍ଷ ଖରିଫ ଧାନ କ୍ରୟ ପାଇଁ ରାଜ୍ୟ ସରକାରଙ୍କର ସମବାୟ ଓ ଯୋଗାଣ ବିଭାଗ ଦ୍ୱାରା ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ବିଜ୍ଞପ୍ତି ଅନୁଯାୟୀ ରାଜ୍ୟର ଭାଗଚାଷୀ ତଥା କ୍ଷୁଦ୍ର ଚାଷୀମାନଙ୍କୁ ପଞ୍ଜିକରଣ କରିବା ପାଇଁ ଜମିର ପ୍ରକୃତ ମାଲିକମାନଙ୍କୁ

■ ରାଜ୍ୟର ଅର୍ଦ୍ଧାଧିକ ଚାଷୀ ପଞ୍ଜୀକରଣରୁ ବଞ୍ଚିତ ହେବେ

■ ମହିଳା ଏସଏଚଜିଙ୍କ ଠାରୁ ଧାନ କିଣାବିକା ଅଧିକାରକୁ ଛଡ଼ାଇନେଲେ ରାଜ୍ୟ ସରକାର





ପଞ୍ଜିକରଣ କେନ୍ଦ୍ରକୁ ଆସିବାକୁ ହେବ। ପୂର୍ବରୁ ସମବାୟ ବା ଯୋଗାଣ ଅଧିକାରୀ ମାନେ ଭାଗଚାଷୀମାନଙ୍କୁ ଚିହ୍ନଟ କରୁଥିଲେ, ଯାହା ମାଧ୍ୟମରେ ଭାଗଚାଷୀ ମାନେ ପଞ୍ଜିକରଣ କରୁଥିଲେ। ଚଳିତ ବର୍ଷ ପ୍ରକୃତ ମାଲିକଙ୍କୁ ପଞ୍ଜିକରଣ କେନ୍ଦ୍ରକୁ ଆସିବା ବାଧ୍ୟତାମୂଳକ ହୋଇଥିବାରୁ ଅଧିକାଂଶ ଭାଗଚାଷୀ ମାନେ ପଞ୍ଜିକରଣ କରିବାରୁ ବଞ୍ଚିତ ହେବେ। ରାଜ୍ୟରେ ଭାଗଚାଷୀଙ୍କ ସଂଖ୍ୟା ସମୁଦାୟ ଚାଷୀ ସଂଖ୍ୟାର ଅଧାରୁ ଅଧିକ। ତେଣୁ ରାଜ୍ୟର ଅର୍ଦ୍ଧାଧିକ ଚାଷୀ ଚଳିତ ବର୍ଷ ପଞ୍ଜିକରଣ କରିବାକୁ ସକ୍ଷମ ହେବେ ନାହିଁ। ଏହା ରାଜ୍ୟ ସରକାରଙ୍କର କୃଷକ ମାରଣ ନୀତିକୁ ଦର୍ଶାଉଛି। ଡବଲ ଇଞ୍ଜିନ ସରକାର କୃଷକ ମାନଙ୍କୁ ଡବଲ ଧୋକା ଦେଇଛି ବୋଲି ସେ କ୍ଷୋଭ ପ୍ରକାଶ କରିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ଏହି ବିଜ୍ଞପ୍ତିରେ ମହିଳା ଏସଏଚଜି ମାନଙ୍କୁ ଧାନ କିଣା ବିକା ପାଇଁ ସରକାରଙ୍କ ଦ୍ୱାରା ପ୍ରଦାନ କରା ଯାଇଥିବା ଅନୁମତିକୁ ପ୍ରତ୍ୟାହାର କରି ନିଆଯାଇଛି । ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ନବୀନ ସରକାରଙ୍କ ଦ୍ୱାରା ଧାନ କିଣା ବିକା ପାଇଁ ଅନୁମତି ପ୍ରଦାନ କରାଯାଇଥଲା । ବିଜେପି ସରକାର ଏହାକୁ ପ୍ରତ୍ୟାହାର କରି ନେଇଛନ୍ତି । ରାଜ୍ୟ ସରକାରଙ୍କର ଏହି ନିଷ୍ପତ୍ତି ତାଙ୍କର ମହିଳା ବିରୋଧୀ ମନୋଭାବକୁ ସ୍ପଷ୍ଟ କରୁଛି ବୋଲି ବିଜେଡି ଅଭିଯୋଗ କରିଛି। ଏହି ନିଷ୍ପତ୍ତିକୁ ବିଜୁ ଜନତା ଦଳ ଦୃଢ ବିରୋଧ କରୁଛି ଏବଂ ଆଗାମୀ ଦିନରେ ବିଧାନସଭା ଓ ରାଜରାସ୍ତାରେ ଏହାର ଦୃଢ ବିରୋଧ କରାଯିବ ବୋ ସେ ଚେତାବନୀ ଦେଇଛନ୍ତି।

### ଓଏସ୍ଏସ୍ଏସ୍ସିର ଅଜବ ନିୟମ

# ପରୀକ୍ଷା ଫି' ଫେରସ୍ତ ପାଉନାହାନ୍ତି ପରୀକ୍ଷାର୍ଥୀ

ଭୁବନେଶ୍ୱର, ୮।୮(ସମିସ): ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ (ଓଏସ୍ଏସ୍ଏସ୍ସି) ପକ୍ଷରୁ ଆର୍ଆଇ, ଅମିନ ଏବଂ ଫରେଷ୍ଟର, ଫରେଷ୍ଟ ଗାର୍ଡ ପରୀକ୍ଷାର ଫି' ଫେରସ୍ତ କରାଯାଉଛି। ଜୁଲାଇ ୨୮ ରୁ ୩୦ ମଧ୍ୟରେ ଅନେକଙ୍କ ଫି' ଫେରସ୍ତ ହୋଇ ସାରିଛି। ମାତ୍ର ଏହି ଫରେସ୍ତ ଟଙ୍କା ପରୀକ୍ଷାର୍ଥୀଙ୍କ ବ୍ୟାଙ୍କ୍ ଖାତାକୁ ଯାଉନାହିଁ। ଆବେଦନ ସମୟରେ ଯେଉଁ ମାଧ୍ୟମରେ ଫି' ପୈଠ କରିଥିଲେ ସେହି ମାଧ୍ୟରେ ଟଙ୍କା ଫେରସ୍ତ ହେଉଥିବାରୁ ଅନେକ ଟଙ୍କା ପାଇ ପାରୁନାହାନ୍ତି।

ରାଜ୍ୟର ପ୍ରାୟ ୮ ଲକ୍ଷ ପରୀକ୍ଷାର୍ଥୀ ଏହି ଦୁଇଟି ପରୀକ୍ଷା ପାଇଁ ଆବେଦନ କରିଥିଲେ। ବିଭିନ୍ନ ଅଞ୍ଚଳରେ ନେଟୱର୍କ ସମସ୍ୟା ପାଇଁ ସାଇବର କାଫେ ବା ଜନସେବା କେନ୍ଦ୍ରରେ ପିଲାମାନେ ଆବେଦନ କରିଥିଲେ। ଯେଉଁ ଅଞ୍ଚଳରେ ନେଟୱର୍କ ଅଛି, ସେଠାରେ ମଧ୍ୟ ଅନେକ ପରୀକ୍ଷାର୍ଥୀ ଜନସେବା କେନ୍ଦ୍ରରେ ଆବେଦନ କରୁଛନ୍ତି। ଜନସେବା କେନ୍ଦ୍ର ମଧ୍ୟ ସେମାନଙ୍କ ପାଇଁ ଅନ୍‌ଲାଇନ୍ ଫି' କାଟିବା ସହିତ ପରୀକ୍ଷାର୍ଥୀଙ୍କ ଠାରୁ ନଗଦ ନେଇଥାନ୍ତି। ଏପରି ସ୍ଥିତିରେ ପରୀକ୍ଷା ଫି' ପୈଠ କରିଥିବାର ମୂଳାଧାର ଅନୁଯାୟୀ ଫେରସ୍ତ ହେଉଥିବାରୁ ପରୀକ୍ଷାର୍ଥୀମାନେ ସେମାନଙ୍କ ଟଙ୍କା ଫେରି ପାଉ ନାହାନ୍ତି। ଆବେଦନ ସମୟରେ ଫି' ଫେରସ୍ତ ନେଇ କୌଣସି ସ୍ପଷ୍ଟ ସୂଚନା ଦିଆଯାଇ ନଥିବାରୁ ପରୀକ୍ଷାର୍ଥୀମାନେ

■ ଫି' ପୈଠ ମାଧ୍ୟମ ଜରିଆରେ ଫେରୁଛି ଟଙ୍କା

■ ଜନସେବା କେନ୍ଦ୍ର ହେଉଛନ୍ତି ମାଲେମାଲ୍

ଯେ କୌଣସି ମାଧ୍ୟମରୁ ଫି' ପୈଠ କରିଥିଲେ। ଫଳରେ ପିଲାମାନେ ନିରାଶ ହେଉଥିବାବେଳେ ଜନସେବା କେନ୍ଦ୍ରଗୁଡ଼ିକ ମାଲେମାଲ୍ ହେଉଛନ୍ତି। ଅପରପକ୍ଷରେ ଫି' ଫେରସ୍ତ ପାଇ ନଥିବା ପରୀକ୍ଷାର୍ଥୀଙ୍କ ଠାରୁ ଓଏସ୍ଏସ୍ଏସ୍ସି ବ୍ୟାଙ୍କ ବିବରଣୀ ମାଗିଛି। ଯେଉଁମାନେ ଫି' ଫେରସ୍ତ ପାଇ ନାହାନ୍ତି ସେମାନେ ୱେବସାଇଟ୍‌ରେ ଲଗଇନ୍ କରି ବିବରଣୀ ପୈଠ କରିବେ। ମାତ୍ର ଅନ୍ୟମାନଙ୍କ ପାଇଁ ଏହା ଲାଗୁ ହୋଇ ନଥିବାରୁ ଅନେକ ପିଲା ସେମାନଙ୍କ ଫି' ଫେରସ୍ତ ପାଇବାରୁ ବଞ୍ଚିତ ହୋଇଛନ୍ତି।

### ଆଜିଠାରୁ ରାଜ୍ୟବ୍ୟାପୀ 'ତ୍ରିରଙ୍ଗା ଅଭିଯାନ'

# ପତାକା ତିଆରି ପାଇଁ ୧୫ କୋଟି

ଭୁବନେଶ୍ୱର,୮।୮(ସମିସ):ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ରାଜ୍ୟବ୍ୟାପୀ ଆୟୋଜିତ ହେବ "ଘରେ ଘରେ ତ୍ରିରଙ୍ଗା" ଅଭିଯାନ। ଅଗଷ୍ଟ ୯ ତାରିଖରୁ ୧୭ ତାରିଖ ପର୍ଯ୍ୟନ୍ତ ରାଜଧାନୀ ଭୁବନେଶ୍ୱର ଠାରୁ ଆରମ୍ଭ କରି ବ୍ଲକ୍ ଓ ପଞ୍ଚାୟତ ସ୍ତରରେ ଏହା ପାଳନ କରାଯିବ। ଏଥିପାଇଁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ପ୍ରତ୍ୟେକ ଜିଲ୍ଲାକୁ ୧୦ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଛି। ଅଗଷ୍ଟ ୯ ତାରିଖରେ କ୍ରୀଡ଼ା ଓ ଯୁବସେବା ବିଭାଗ ଆନୁକୂଲ୍ୟରେ ଏବଂ ଓଡ଼ିଶା ସରକାରଙ୍କ ବିଭିନ୍ନ ବିଭାଗ ସହଯୋଗରେ ହାତୀଆସୁଣୀ ଗ୍ରାଉଣ୍ଡ ଠାରୁ ଲୁମ୍ବିନୀ ବିହାର ରୋଡ୍ ଯାଏ ଆୟୋଜିତ ରାଜ୍ୟ ସ୍ତରୀୟ 'ତ୍ରିରଙ୍ଗା ପଦଯାତ୍ରା'ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେବେ। ଏହି ପଦଯାତ୍ରାରେ ସମସ୍ତ ସରକାରୀ ଅଧିକାରୀ, ଯୁବବର୍ଗ, ସ୍ୱେଚ୍ଛାସେବୀ ସଂଗଠନ, କ୍ରୀଡ଼ାବିତ୍, ଛାତ୍ରଛାତ୍ରୀ, ଏନ୍‌ସିସି ଓ ଏନଏସ୍ଏସ୍ ସ୍ୱେଚ୍ଛାସେବୀମାନେ ଯୋଗଦେବେ।

ସେହିପରି ଜିଲ୍ଲା ସ୍ତରରେ ଆୟୋଜିତ ଥିବା ତ୍ରିରଙ୍ଗା କାର୍ଯ୍ୟକ୍ରମରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ୬୦ଲକ୍ଷ ଜାତୀୟ ପତାକା ପ୍ରସ୍ତୁତ କରାଯାଇ ସମସ୍ତ ଜିଲ୍ଲାମାନଙ୍କୁ ବଣ୍ଟନ କରାଯିବ। ପତାକା ତିଆରି ପାଇଁ ସଂସ୍କୃତି ବିଭାଗ ପକ୍ଷରୁ ୧୫ କୋଟି ଟଙ୍କା ଆର୍ଥିକ ରାଶି ମିଶନ ଶକ୍ତି ବିଭାଗକୁ ପ୍ରଦାନ କରାଯାଇଛି। ଅଗଷ୍ଟ ୯ରୁ ୧୭ ତାରିଖ ପର୍ଯ୍ୟନ୍ତ ସମସ୍ତ ଜନସାଧାରଣ ତ୍ରିରଙ୍ଗା ସହ ନିଜର ସେଲ୍ଫି ଉଠାଇ ନିଜର ଫଟୋକୁ ହରଘର ତ୍ରିରଙ୍ଗା ଡଟ୍ କମ୍ (harghartiranga.com) ୱେବ୍ସାଇଟରେ ଅପଲୋଡ୍ କରି ଡିଜିଟାଲ ସାର୍ଟିଫିକେଟ ପାଇବା ସହ "My Gov' ପୋର୍ଟାଲରେ କୁଇଜ ପ୍ରତିଯୋଗିତାରେ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିବେ ବୋଲି ଶନିବାର ସଂସ୍କୃତିଭବନରେ ଆୟୋଜିତ ସାମ୍ବାଦକ ସମ୍ମିଳନୀରେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସୂଚନା ଦେଇଛନ୍ତି।

**ପ୍ରତ୍ୟେକ ଜିଲ୍ଲାକୁ ୧୦ ଲକ୍ଷ ଟଙ୍କା ଆର୍ଥିକ ରାଶି ଅନୁଦାନ**

### ବିଜେପି ସରକାରରେ ସମସ୍ତଙ୍କ ପାଇଁ ଆଇନ୍ ସମାନ ନୁହେଁ

# ଅସଦାଚରଣ ଅଭିଯୁକ୍ତଙ୍କୁ ସାତଖୁଣ ମାଫ୍

ଭୁବନେଶ୍ୱର, ୮।୮(ସମିସ): ବିଜେପି ସରକାରରେ ଆଇନ ଓ ଶୃଙ୍ଖଳା ସମସ୍ତଙ୍କ ପାଇଁ ସମାନ କି? ଛାତ୍ରୀଙ୍କ ପ୍ରତି ଅଶୋଭନୀୟ ଓ ଅଭଦ୍ର ଆଚରଣ ଭଳି ଗମ୍ଭୀର ଅଭିଯୋଗ ପ୍ରମାଣିତ ହେବା ପରେ ମଧ୍ୟ ବିଜେବି କଲେଜର ଜଣେ ଅଧ୍ୟାପକଙ୍କ ବିରୋଧରେ ସରକାରଙ୍କ କାର୍ଯ୍ୟାନୁଷ୍ଠାନକୁ ନେଇ ଏବେ ଏଭଳି ପ୍ରଶ୍ନ ଉଠିଛି। ନିଲମ୍ବନ ବା ବଦଳି ତ ଦୂର କଥା, କେବଳ ଚେତାବନୀ ଦେଇ ଛାଡ଼ି ଦିଆଯାଇଛି। ଅପରପକ୍ଷରେ ଅନ୍ୟ ଅଧ୍ୟାପକଙ୍କ ବିରୋଧରେ ଅସଦାଚରଣ ଅଭିଯୋଗ ଆସିଲେ ତଦନ୍ତ ପୂର୍ବରୁ ବଦଳି କରାଯାଉଥିବାରୁ ସରକାରଙ୍କ ଦୋମୁହାଁ ଚରିତ୍ର ପଦାରେ ପଡ଼ିଛି।

ବିଜେବି କଲେଜର ଓଡ଼ିଆ ଅଧ୍ୟାପକ (ସମ୍ପ୍ରତି ଉଚ୍ଚଶିକ୍ଷା ବିଭାଗରେ ଡେପୁଟେସନ୍‌ରେ କାର୍ଯ୍ୟରତ)ଙ୍କ ବିରୋଧରେ ଛାତ୍ରୀଙ୍କୁ ଅସଦାଚରଣ ଓ ଆଶାଳୀନ ବ୍ୟବହାର ନେଇ ଅଭିଯୋଗ ହୋଇଥିଲା। ଭୁବନେଶ୍ୱର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ (ଆର୍‌ଡିଇ) ଏହାର ତଦନ୍ତ କରିବା ସହ ଅଭିଯୋଗର ସତ୍ୟତା ଥିବା ଦର୍ଶାଇଥିଲେ। ଏପରିକି ଶିକ୍ଷାଦାନ ସମୟରେ ଯୌନ ଉଦ୍ଦିପନାମୂଳକ ଦ୍ୱିଅର୍ଥବୋଧକ କଥା କହିବା, ଛାତ୍ରୀଙ୍କୁ 'ବ୍ୟାଡ୍ ଟଚ୍', ଅଶ୍ଳୀଳ ଭାଷା ପ୍ରୟୋଗ, ପାର୍କରେ ବସିଥିବା ପ୍ରେମୀଯୁଗଳଙ୍କ ଉଦାହରଣ ଆଳରେ ବ୍ୟକ୍ତିଗତ ଇଙ୍ଗିତ, ପୋଷାକ ସମ୍ପର୍କରେ ଟିପ୍ପଣୀ, ଅଶ୍ଳୀଳ ଇଙ୍ଗିତ, ଛାତ୍ରୀଙ୍କ ରୂପକୁ ନେଇ ଆଶାଳୀନ ମନ୍ତବ୍ୟ, ଛାତ୍ରୀଙ୍କ ବ୍ୟକ୍ତିଗତ କଥା ଓ ଅଙ୍ଗକୁ ନେଇ ଶ୍ରେଣୀଗୃହରେ ମନ୍ତବ୍ୟ ଦେଉଥିବା ରିପୋର୍ଟରେ ଉଲ୍ଲେଖ କରିଥିଲେ। ତଦନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମଧ୍ୟ ସରକାର ବା ଉଚ୍ଚଶିକ୍ଷା ବିଭାଗକୁ ସୁପାରିଶ କରିଥିଲେ। କେବଳ ଆର୍‌ଡିଇ ନୁହଁନ୍ତି, କଲେଜର ଆଭ୍ୟନ୍ତରୀଣ ଅଭିଯୋଗ କମିଟି ମଧ୍ୟ ତଦନ୍ତ କରି ଅଭିଯୋଗର ସତ୍ୟତା ଥିବା ରିପୋର୍ଟ ଦେଇଥିଲେ।

■ ଛାତ୍ରୀଙ୍କୁ 'ବ୍ୟାଡ୍ ଟଚ୍' କରୁଥିବା ରିପୋର୍ଟ ଦେଇଥିଲେ ଆର୍‌ଡିଇ

■ କାର୍ଯ୍ୟାନୁଷ୍ଠାନ ବଦଳରେ ଚେତାବନୀ ଦେଇ ଛାଡ଼ିଦେଲା ଉଚ୍ଚଶିକ୍ଷା ବିଭାଗ

■ ସରକାରଙ୍କ ଦୋମୁହାଁ ଚରିତ୍ର ନେଇ ପ୍ରଶ୍ନ କଲେଣି ଛାତ୍ରଛାତ୍ରୀ ଓ ଅଧ୍ୟାପକ

ଉଭୟ ତଦନ୍ତ ରିପୋର୍ଟକୁ ଆଧାର କରି ଗତ ୧୭ ତାରିଖରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ପ୍ରକାଶ ପାଇଥିବାବେଳେ କେବଳ ଚେତାବନୀ ଦେଇ ଛାଡ଼ି ଦେବା ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆଲୋଡନ ସୃଷ୍ଟି କରିଛି। ଚିଠିରେ ଦର୍ଶାଯାଇଛି ଯେ, ଛାତ୍ରୀଙ୍କ ପ୍ରତି ସମ୍ପୃକ୍ତ ଅଧ୍ୟାପକଙ୍କ ବ୍ୟବହାର ଅସଂଗତ ଥିଲା। ଶ୍ରେଣୀଗୃହ ଭିତରେ ଓ ବାହାରେ ଛାତ୍ରୀଙ୍କ ସହ ଅନୁଚିତ ଆଚରଣ କରୁଥିଲେ। ବାରମ୍ବାର ଅନିଚ୍ଛାକୃତ ଶାରୀରିକ ସ୍ପର୍ଶ କରିବାକୁ ଚେଷ୍ଟା କରିବା ସହ ଅନୁଚିତ ଭାଷା ବ୍ୟବହାର କରୁଥିଲେ। ଏହି ଆଚରଣ ଯୋଗୁଁ ଛାତ୍ରୀମାନେ ଅସହଜ ଓ ଲଜ୍ଜିତ ଅନୁଭବ କରୁଥିଲେ। ଉଚ୍ଚଶିକ୍ଷା ବିଭାଗ ଏହା ଅବଗତ ହେଲା ପରେ ମଧ୍ୟ ଅଧ୍ୟାପକଙ୍କୁ ଚାକିରିରୁ ବହିଷ୍କାର, ନିଲମ୍ବନ କିମ୍ବା ଅନ୍ୟ କଠୋର ଦଣ୍ଡ ବଦଳରେ କେବଳ ଚେତାବନୀ ଦିଆଯାଇଛି। ତାଙ୍କୁ ସମସ୍ତ ଛାତ୍ରଛାତ୍ରୀଙ୍କ ସହ ପେସାଦାର, ଶିଷ୍ଟାଚାର ଓ ଉପଯୁକ୍ତ ଆଚରଣ ବଜାୟ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଚେତାବନୀ ଜାରି ହେବା ଦିନଠାରୁ ଏକ ବର୍ଷ ପର୍ଯ୍ୟନ୍ତ ଅଧ୍ୟାପକଙ୍କ ଆଚରଣ ଉପରେ ନଜର ରଖାଯାଇଛି ଓ ସମୟାନୁସାରେ ସମୀକ୍ଷା କରାଯିବ ବୋଲି କୁହାଯାଇଛି।

ତେବେ ଛାତ୍ରୀଙ୍କ ସୁରକ୍ଷା ଓ ଶିକ୍ଷାନୁଷ୍ଠାନର ମର୍ଯ୍ୟାଦା ସହ ଜଡ଼ିତ ଏଭଳି ଅଭିଯୋଗରେ କେବଳ ଚେତାବନୀ କାହିଁକି? ଏହା ସରକାରଙ୍କ 'ସାତଖୁଣ ମାଫ୍' ନୀତି କି? ଏହି ପ୍ରଶ୍ନ ଏବେ ଛାତ୍ର, ଅଭିଭାବକ ଓ ଶିକ୍ଷାବିତ୍‌ଙ୍କ ମହଲରେ ଆଲୋଚନାର ବିଷୟ ହୋଇଛି। ଅପରପକ୍ଷରେ ଗତବର୍ଷ ବାଲେଶ୍ୱରର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମଦାହ ଘଟଣା ପରେ ଅସଦାଚରଣ ଅଭିଯୋଗ ଆସିଥିବା ପ୍ରାୟ ୧୪ ଜଣ ଅଧ୍ୟାପକଙ୍କୁ ଅନ୍ୟତ୍ର ବଦଳି କରାଯାଇଥିଲା। ନିକଟରେ ସେହି ବାଲେଶ୍ୱରର ଫକୀରମୋହନ କଲେଜରେ ଜଣେ ଅଧ୍ୟାପକଙ୍କ ବିରୋଧରେ ଛାତ୍ରୀ ନିର୍ଯ୍ୟାତନା ଅଭିଯୋଗ ଆସିବା ପରେ ତଦନ୍ତ ପୂର୍ବରୁ ତାଙ୍କୁ ଅନ୍ୟତ୍ର ବଦଳି କରାଯାଇଥିଲା। ତାହେଲେ ଏହି କ୍ଷେତ୍ରରେ ନିୟମ କିପରି ବଦଳି ଗଲା ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ଘଟଣା ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ମଧ୍ୟରେ ଆଲୋଡନ ସୃଷ୍ଟି କରିଥିବାବେଳେ ଛାତ୍ରୀଙ୍କ ସୁରକ୍ଷା ନେଇ ମଧ୍ୟ ପୁଣିଥରେ ଆଲୋଚନା ସରଗରମ ହୋଇଛି।

ସକାଳ THE SAKALA



### 'ମାଟିର ମହକ' କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କଲେ ସାଂସଦ

# ପଦ୍ମ ପୁରସ୍କାରପ୍ରାପ୍ତ ପ୍ରତିଭାମାନେ ସମାଜ ପାଇଁ ପ୍ରେରଣା: ଧର୍ମେନ୍ଦ୍ର ପ୍ରଧାନ

**ସମ୍ବଲପୁର, ୮।୮ (ସମିସ)**

ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ରଙ୍ଗବତୀ ମଞ୍ଚରେ ଆୟୋଜିତ 'ମାଟିର ମହକ' କାର୍ଯ୍ୟକ୍ରମରେ ଯୋଗଦେଇ ପଶ୍ଚିମ ଓଡ଼ିଶାର ପଦ୍ମ ସମ୍ମାନିତ ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ସେମାନଙ୍କ ସହ ଆଲୋଚନା କରିଛନ୍ତି ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ। ଏହି କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନ କହିଛନ୍ତି ଯେ, ଏହି ମାଟିରେ ଜନ୍ମ ନେଇ ନିଜର ସାଧନା ଓ ପ୍ରତିଭା ବଳରେ ନୂତନ ପରିଚୟ ସୃଷ୍ଟି କରି ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ ହୋଇଥିବା ବ୍ୟକ୍ତିବିଶେଷମାନେ ସମାଜ ପାଇଁ ଗୋଟିଏ ଗୋଟିଏ ଜୀବନ୍ତ ଉଦାହରଣ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଶାସନକାଳରେ ପଦ୍ମ ସମ୍ମାନ ଏବେ 'ପିପୁଲ୍‌ସ ଆୱାର୍ଡ'ରେ ପରିଣତ ହୋଇଛି। ପୂର୍ବରୁ ପଦ୍ମ ପୁରସ୍କାର ପାଇବା ପାଇଁ ଦିଲ୍ଲୀର ଆଭିଜାତ୍ୟପୂର୍ଣ୍ଣ ସ୍ଥାନରେ ପହଞ୍ଚିବାକୁ ପଡୁଥିଲା, କିନ୍ତୁ ଆଜି ମୋଦୀ ସରକାର ଗାଁ ଗହଳିରେ ଲୋକକଳା, ସାହିତ୍ୟ, କୃଷି, ଶିକ୍ଷା ଓ ସମାଜସେବାରେ ନିଜକୁ ସମର୍ପି ଦେଇଥିବା ପ୍ରକୃତ ସାଧକମାନଙ୍କୁ ଖୋଜି ବାହାର କରି ସମ୍ମାନିତ କରୁଛନ୍ତି। ସେ କହିଥିଲେ ଯେ, କୋଟିଆ ଗସ୍ତ ସମୟରେ ମାତୃଭାଷାରେ ଶିକ୍ଷା ପ୍ରଦାନର ଗୁରୁତ୍ୱ ଓ ଆବଶ୍ୟକତା କେତେ ଅଧିକ, ତାହା ଅନୁଭୂତ ହୋଇଥିଲା। ନିଜ ଭାଷା, ସଂସ୍କୃତି ଓ ପରମ୍ପରାକୁ ସମ୍ମାନ ଦେବା ଏବଂ ଗୌରବମୟ ଇତିହାସକୁ ଜାଣିବା ଆଜିର ସମୟର ସବୁଠାରୁ ବଡ଼ ଦାୟିତ୍ୱ। ଶ୍ରୀ ପ୍ରଧାନ ଯୁବପିଢ଼ିଙ୍କୁ ଆହ୍ୱାନ ଦେଇ କହିଛନ୍ତି ଯେ, ଆଜିର ଯୁବସମାଜ ଆମ ଇତିହାସର ବୀର ସୁରେନ୍ଦ୍ର ସାଏ, କୁଦୋପାଲିର ସଂଗ୍ରାମ, ବକ୍ସି ଜଗବନ୍ଧୁ, ପିଣ୍ଡିକି ବାହୁବଳେନ୍ଦ୍ରଙ୍କ ପରି ଅନାଲୋଚିତ ସଂଗ୍ରାମୀଙ୍କ ବୀରତ୍ୱଗାଥା ଏବଂ ପଦ୍ମ ବିଜେତାଙ୍କ ସାଧନାକୁ ଅନୁଧ୍ୟାନ କରିବା ଆବଶ୍ୟକ। ତେବେ ଯାଇ 'ବିକଶିତ ଓଡ଼ିଶା' ଓ 'ବିକଶିତ ଭାରତ'ର ମାର୍ଗ ପ୍ରଶସ୍ତ ହେବ। ଏହି ସାଂସ୍କୃତିକ ଆକାଂକ୍ଷାକୁ ସାକାର କରିବା ପାଇଁ ସମ୍ବଲପୁରଠାରେ ମହାନ ନାଟ୍ୟକାର ମୁରାରି ମିଶ୍ରଙ୍କ ନାମରେ ଏକ କଳା ମହାବିଦ୍ୟାଳୟ ବା ଆର୍ଟ କଲେଜ ସ୍ଥାପନ ନିମନ୍ତେ ସମସ୍ତଙ୍କର ମିଳିତ ଉଦ୍ୟମ ଆବଶ୍ୟକ ବୋଲି ଶ୍ରୀ ପ୍ରଧାନ ପ୍ରକାଶ କରିଛନ୍ତି। ଏହି ପ୍ରସ୍ତାବିତ ଅନୁଷ୍ଠାନ ଭବିଷ୍ୟତରେ ନୃତ୍ୟକଳା, ସାହିତ୍ୟ, ପରଫର୍ମିଙ୍ଗ ଆର୍ଟ ସହ ଆଧୁନିକ ଡିଜିଟାଲ ଆର୍ଟ ଓ ଆନୁଷଙ୍ଗିକ କଳାଶିକ୍ଷାର ଏକ ପ୍ରମୁଖ କେନ୍ଦ୍ର ଭାବେ ଆତ୍ମପ୍ରକାଶ କରିବ ବୋଲି ସେ ଦୃଢ଼ବିଶ୍ୱାସ ବ୍ୟକ୍ତ କରିଛନ୍ତି। ଏହି ଅବସରରେ ଶ୍ରୀ ପ୍ରଧାନ ପଶ୍ଚିମ ଓଡ଼ିଶାର ପଦ୍ମ ପୁରସ୍କାରପ୍ରାପ୍ତ ପ୍ରତିଭା ଭାଗବତ ପଧାନ, ଶ୍ରୀନିବାସ ଉଦଗାତା, ପଟ୍ଟାୟତ ସାହୁ, ହଳଧର ନାଗ, ଜିତେନ୍ଦ୍ର ହରିପାଲ, ମିତ୍ରଭାନୁ ଗୌନ୍ତିଆ, କୈଳାଶ ଚନ୍ଦ୍ର ମେହେର ଏବଂ ମହେନ୍ଦ୍ର ମିଶ୍ରଙ୍କୁ ସମ୍ମାନିତ କରିଥିଲେ। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ବ୍ୟୋମକେଶ ତ୍ରିପାଠୀ ଏବଂ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ପାର୍ଥସାରଥୀ ମଲ୍ଲିକ ମଞ୍ଚାସୀନ ଥିଲେ।

**ନିଜ ଭାଷା, ସଂସ୍କୃତି ଓ ପରମ୍ପରାକୁ ସମ୍ମାନ ଦେବା ଓ ଗୌରବମୟ ଇତିହାସକୁ ଜାଣିବା ଆଜିର ସମୟର ସବୁଠାରୁ ବଡ଼ ଦାୟିତ୍ୱ**

**ଯୁବପିଢ଼ି ଓଡ଼ିଶାର ଗୌରବମୟ ଇତିହାସ, ସଂଗ୍ରାମୀଙ୍କ ବୀରତ୍ୱ ଓ ସାଧକଙ୍କ ଉତ୍ସର୍ଗୀକୃତ ସାଧନା ଅନୁଧ୍ୟାନ କରିବା ଆବଶ୍ୟକ**

**ମହାନ ନାଟ୍ୟକାର ମୁରାରି ମିଶ୍ରଙ୍କ ନାମରେ କଳା ମହାବିଦ୍ୟାଳୟ ସ୍ଥାପନ ପାଇଁ ଉଦ୍ୟମ କରିବା**






## ପ୍ରବଳ ବର୍ଷା ଯୋଗୁଁ ଯୋଗାଯୋଗ ବିଚ୍ଛିନ୍ନ



**ସମ୍ବଲପୁର/କୁଚିଣ୍ଡା, ୮।୮ (ସମିସ):** ସମ୍ବଲପୁର ଜିଲ୍ଲାର କୁଚିଣ୍ଡା ବ୍ଲକରେ ଲଗାଣବର୍ଷାରେ ସମଗ୍ର ଅଞ୍ଚଳ ପ୍ରଭାବିତ ହୋଇଛି। ପାଣିପାଗ ବିଭାଗର ସୂଚନା ଅନୁଯାୟୀ, କୁଚିଣ୍ଡାରେ ଶନିବାର ଅଗଷ୍ଟ ୮ ତାରିଖ ସକାଳ ୮ଟା ସୁଦ୍ଧା ଗତ ୨୪ ଘଣ୍ଟାରେ ୧୧୫ ମିମି ବର୍ଷା ହୋଇଛି। ଏହାଦ୍ୱାରା ବିଭିନ୍ନ ସ୍ଥାନ ଜଳାର୍ଣ୍ଣବ ହେବାସହ କେତେକ ଅଞ୍ଚଳ ଜଳବନ୍ଦୀ ହୋଇଥିବା ସୂଚନା ମିଳିଛି। କୁଚିଣ୍ଡାର ଚନ୍ଦନୀମାଲ ପଞ୍ଚାୟତ କାର୍ଯ୍ୟାଳୟକୁ ସଂଯୋଗ କରୁଥିବା ରାସ୍ତା ଏବଂ ତିହାଡିପାଲି ରାସ୍ତା ଉପରେ ପ୍ରାୟ ୩ ଫୁଟ୍ ଉଚ୍ଚର ଜଳପ୍ରବାହ ଯୋଗୁଁ ସଂଯୋଗ କରୁଥିବା ପ୍ରାୟ ୧୫ଟି ଗାଁକୁ ଦୀର୍ଘ ସମୟ ଧରି ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିଲା। ଜଳପ୍ରବାହ ହ୍ରାସ ପାଇବାପରେ ପୁଣି ଯାତାୟାତ ସ୍ୱାଭାବିକ ହୋଇଥିଲା। ମିଳିଥିବା ସୂଚନା ଅନୁଯାୟୀ, ଗତକାଲି ରାତିରୁ ସମଗ୍ର ଅଞ୍ଚଳରେ ଲଗାଣ ବର୍ଷା ହୋଇଥିଲା। ଏହାଦ୍ୱାରା ନଦୀନାଳଗୁଡ଼ିକ ପୂର୍ଣ୍ଣଗର୍ଭା ହେବାସହ ରାସ୍ତା ଉପରେ ପାଣି ବହିଥିଲା। କୁଚିଣ୍ଡାଠାରୁ ପ୍ରାୟ ୧୦ କିଲୋମିଟର ଦୂରରେ ଚନ୍ଦନୀମାଲ ପଞ୍ଚାୟତ କାର୍ଯ୍ୟାଳୟକୁ ସଂଯୋଗ କରୁଥିବା ଲସା ନିକଟବର୍ତ୍ତୀ ରାସ୍ତାରେ ରହିଥିବା ଏକ ରପ୍‌ଟା ଉପରେ ପ୍ରାୟ ୩ ଫୁଟ୍ ଉଚ୍ଚର ଜଳ ପ୍ରବାହିତ ହୋଇଥିଲା। ଏହାଦ୍ୱାରା ସମ୍ପୃକ୍ତ ରାସ୍ତାରେ ଯାତାୟତ ଠପ୍ ହୋଇଯାଇଥିଲା। ଅତ୍ୟାବଶ୍ୟକ କ୍ଷେତ୍ରରେ ଲୋକେ ପାଣିରେ ପଶି ପାରି ହୋଇଥିଲେ। ସେହିପରି ଢୁଡିପାଲି, କେନାଢିପା ଆଦି ପଞ୍ଚାୟତ ଅଞ୍ଚଳକୁ ସଂଯୋଗ କରୁଥିବା ଚନ୍ଦନୀମାଲ ପଞ୍ଚାୟତ-ତିହାଡିପାଲି ରାସ୍ତାରେ ଥିବା ଏକ ରପ୍‌ଟା ଉପରେ ଜଳପ୍ରବାହ ଯୋଗୁଁ ଯାତାୟତ ବନ୍ଦ ହୋଇଯାଇଥିଲା। ଏହି ଦୁଇଟି ରାସ୍ତା ବନ୍ଦ ହେବା ଯୋଗୁଁ ପ୍ରାୟ ୧୫ଟି ଗାଁର ଲୋକେ ବିଚ୍ଛିନ୍ନ ହୋଇ ରହିଯାଇଥିଲେ। ଅଞ୍ଚଳରେ ପ୍ରବଳ ବର୍ଷା ଯୋଗୁଁ ଜଳପ୍ରବାହ ନିକଟସ୍ଥ ଜମିରେ ମାଡ଼ିଯିବାରୁ ଚାଷ ମଧ୍ୟ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି। କୁଚିଣ୍ଡା ବିଧାୟକ ତଥା ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ କ୍ଷତିଗ୍ରସ୍ତ ଅଞ୍ଚଳ ବୁଲି ପରିଦର୍ଶନ କରିବାସହ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି କହିଥିବା ପ୍ରକାଶ।

## ପ୍ରୟାଗରାଜ ଏବଂ ବିଶାଖାପାଟଣା ମଧ୍ୟରେ ସ୍ୱତନ୍ତ୍ର ଟ୍ରେନ୍

**ସମ୍ବଲପୁର, ୮।୮ (ସମିସ) :** ପ୍ରୟାଗରାଜ ଏବଂ ବିଶାଖାପାଟଣା ମଧ୍ୟରେ ସ୍ୱତନ୍ତ୍ର ଟ୍ରେନ୍ ଯାତ୍ରୀଙ୍କ ଭିଡ଼କୁ ଦୂର କରିବା ପାଇଁ, ରେଳବାଇ ପ୍ରୟାଗରାଜ-ବିଶାଖାପାଟଣା-ପ୍ରୟାଗରାଜ ମଧ୍ୟରେ ଟିଓଡି ସ୍ୱତନ୍ତ୍ର ଟ୍ରେନ୍ ଚଲାଇବାକୁ ନିଷ୍ପତ୍ତି ନେଇଛି। ଟ୍ରେନ୍ ନମ୍ବର ୦୪୧୫୯ (ପ୍ରୟାଗରାଜ-ବିଶାଖାପାଟଣା)- (ଟିଓଡି ସ୍ପେଶାଲ୍) ଏକ୍ସପ୍ରେସ୍ ୧୪.୦୮.୨୦୨୬ ରୁ ୨୭.୧୧.୨୦୨୬ ପର୍ଯ୍ୟନ୍ତ ପ୍ରତ୍ୟେକ ଶୁକ୍ରବାର ଦିନ ୧୦.୧୫ ଘଣ୍ଟାରେ ପ୍ରୟାଗରାଜରୁ ଛାଡ଼ିବ ଏବଂ ଶନିବାର ଦିନ ୧୩.୩୦ ଘଣ୍ଟାରେ ବିଶାଖାପାଟଣାରେ ପହଞ୍ଚିବ। ଫେରିବାପଥରେ, ଟ୍ରେନ୍ ନମ୍ବର ୦୪୧୬୦ ବିଶାଖାପାଟଣା-ପ୍ରୟାଗରାଜ-(ଟିଓଡି ସ୍ପେଶାଲ୍) ଏକ୍ସପ୍ରେସ୍ ୧୫.୦୮.୨୦୨୬ ରୁ ୨୮.୧୧.୨୦୨୬ ପର୍ଯ୍ୟନ୍ତ ପ୍ରତ୍ୟେକ ଶନିବାର ଦିନ ୧୫.୪୦ ଘଣ୍ଟାରେ ବିଶାଖାପାଟଣାରୁ ଛାଡ଼ିବ ଏବଂ ରବିବାର ଦିନ ୧୭.୩୦ ଘଣ୍ଟାରେ ପ୍ରୟାଗରାଜରେ ପହଞ୍ଚିବ। ପ୍ରୟାଗରାଜ ଏବଂ ବିଶାଖାପାଟନମ୍ ମଧ୍ୟରେ ଏହି ଟ୍ରେନ ମାଣିକପୁର, ସତନା, କଟନୀ, ସହଡୋଲ, ଅନୁପପୁର, ପେଣ୍ଡ୍ରା ରୋଡ, ବିଲାସପୁର, ରାୟଗଡ଼, ଝାରସୁଗୁଡା ରୋଡ, ସମ୍ବଲପୁର, ବରଗଡ଼ ରୋଡ୍, ବଲାଙ୍ଗୀର, ଟିଟିଲାଗଡ଼, କେସିଙ୍ଗା, ମୁନିଗୁଡା, ରାୟଗଡ଼ା, କୁନେରୁ, ପାର୍ବତୀପୁରମ୍, ବୋବିଲି, ବିଜୟନଗରମ୍ ଷ୍ଟେସନରେ ରହଣି କରିବ। ଏହି ଟ୍ରେନ୍‌ରେ ସମୁଦାୟ ୨୨ଟି କୋଚ୍ ରହିବ। ସେଥିରେ ଗୋଟିଏ ଏସି ଦ୍ୱିତୀୟ ଶ୍ରେଣୀ କୋଚ୍, ୪ଟି ଏସି ତୃତୀୟ ଶ୍ରେଣୀ କୋଚ୍, ୩ଟି ଏସି ତୃତୀୟ ଶ୍ରେଣୀ ଇକୋନୋମିକ୍ କୋଚ୍, ୭ଟି ଶୟନଯାନ କୋଚ୍, ୫ଟି ସାଧାରଣ ଦ୍ୱିତୀୟ ଶ୍ରେଣୀ କୋଚ୍, ଗୋଟିଏ ଦିବ୍ୟାଙ୍ଗ-ଅନୁକୂଳ ଦ୍ୱିତୀୟଶ୍ରେଣୀ ସହ ଲଗେଜ୍ କୋଚ୍ ଏବଂ ଗୋଟିଏ ମୋଟର କାର୍ ରହିଛି।

## ନିଆରା ଢଙ୍ଗରେ ପ୍ରସନ୍ନ ଆଚାର୍ଯ୍ୟଙ୍କ ଜନ୍ମଦିନ ପାଳିତ

ସମ୍ବଲପୁର, ୮।୮(ସମିସ): ବିରୋଧୀ ଦଳ ଉପ ନେତା ତଥା ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟଙ୍କ ୭୭ତମ ଜନ୍ମଦିନକୁ ନିଆରା ଢ଼ଙ୍ଗରେ ପାଳନ କରିଛନ୍ତି ତାଙ୍କ ସମର୍ଥକ ଓ ଶୁଭେଚ୍ଛୁ ସକାଳ ୯ ଟାରେ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଧନକଉଡାର ଜନଆରୋଗ୍ୟ ସମିତି ପକ୍ଷରୁ ଆଶୁ ଚିକିତ୍ସା ପାଇଁ ଆସିଥିବା ରୋଗୀଙ୍କୁ ଫଳ, ପାଉଁରୁଟି, ବିସ୍କୁଟ ଏବଂ କ୍ଷୀର ବଣ୍ଟନ କରାଯାଇଥିଲା। ୧୨ ଟା ୩୦ରେ ଫୁଲ ଝରଣ ସ୍ଥିତ ଡ. ଆଇଜାକ ସାନ୍ତ୍ରା ବାଳ ନିକେତନରେ ଖାଦ୍ୟବଣ୍ଟନ କରାଯାଇଥିଲା। ଅପରାହ୍ନ ୩ ଟା ସମୟରେ ଯୁଯୋମୁରା ବ୍ଲକ ଡଙ୍ଗରପଡ଼ା ପଞ୍ଚାୟତରେ ଚାରାରୋପଣ କରାଯାଇଥିଲା। ଏହା ସହିତ ରେଢ଼ାଖୋଲ ନିର୍ବାଚନ ମଣ୍ଡଳୀର ମାନେଶ୍ୱର, ଯୁଯୋମୁରା, ନାକଟିଦେଉଳ ଓ ରେଢାଖୋଲରେ ଜନ୍ମଦିନ ପାଳନ କରାଯାଇଛି। ରାଜ୍ୟ ଉପ ସଭାପତି ହୀରାଲାଲ ବେହେରା, ରାଜ୍ୟ ସାଧାରଣ ସମ୍ପାଦକ ମନୋଜ ମହାପାତ୍ର, ପୂର୍ବତନ ବିଜେଡି ଜିଲ୍ଲା କାର୍ଯ୍ୟକାରୀ ସଭାପତି ଅଶୋକ ସେନାପତି, ପୂର୍ବତନ ଯୁବ ବିଜେଡି ଜିଲ୍ଲା ସଭାପତି ଖରାଂଶୁ ଶେଖର ଦେବ, ପୂର୍ବତନ ଜିଲ୍ଲା ସମ୍ପାଦକ ଶିଶିର ରଞ୍ଜନ ମହାନ୍ତି, ଯୁଯୋମୁରା ବ୍ଲକ ବିଜେଡି ସଭାପତି ବିନୋଦ ବଡ଼ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।




### ଧମା

ବିଜେଡି ଉପନେତା ତଥା ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟଙ୍କ ୭୭ ତମ ଜନ୍ମ ଦିନ ଅବସରରେ ତାଙ୍କର ସୁସ୍ଥ, ଦୀର୍ଘାୟୁ କାମନା କରି ଧମା ସ୍ଥିତ ମାଁ ଝାଡେଶ୍ୱରୀ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା। ଏହ ସହ ହସ୍ପିଟାଲ୍‌ରେ ମିଷ୍ଟାନ୍ନ ବଣ୍ଟନ ହୋଇଥିଲା। କାର୍ଯ୍ୟକ୍ରମକୁ ଗୋବିନ୍ଦ ପଟ୍ଟନାୟକ ସଂଯୋଜନା କରିଥିବା ବେଳେ ଧମା ସରପଞ୍ଚ ଲଳିତା ପ୍ରଧାନ, ହୁମା ସରପଞ୍ଚ ଇଲାବତି ପୂଜାରୀ, ଦେବାଶିଷ୍ ପଟ୍ଟନାୟକ, ତରଣି ସେନ ମିର୍ଦ୍ଧା, ମିଳନ ଭୋଇ, ଗଜରୁ ଦଳେଇ, ପ୍ରଫୁଲ୍ଲ ମିର୍ଦ୍ଧା, ପଦ୍ମ ଲୋଚନ ବେଲ, ପ୍ରଶାନ୍ତ ପୂଜାରୀ, ଗଣେଷ ମହାପାତ୍ର, ରମେଶ ବେହେରା, ସୁଶାନ୍ତ ମେହେର, ସନ୍ତୋଷ ମେହେର ପ୍ରମୁଖ ଉପସ୍ଥିତ ଥିଲେ।



## ହୀରାକୁଦ ଜଳସ୍ତର ୬୧୩.୧୯ ଫୁଟ୍

## ସମାନ ପରିମାଣର ଜଳ ପ୍ରବେଶ ଓ ନିଷ୍କାସନ

**ସମ୍ବଲପୁର, ୮।୮ (ସମିସ) :** ହୀରାକୁଦ ଜଳସ୍ତର କ୍ରମାଗତ ଭାବେ ଖସି ଆଜି ୬୧୩.୧୯ ଫୁଟ୍‌ରେ ପହଞ୍ଚିଛି। ଜଳଭଣ୍ଡାରରୁ ପ୍ରବେଶ ଜଳ ଓ ନିଷ୍କାସିତ ହେଉଥିବା ଜଳ ପରିମାଣ ସମାନ ରହିଛି। ସମ୍ପ୍ରତି ୮ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ ହେଉଛି। ଉଲ୍ଲେଖଯୋଗ୍ୟ ଯେ, ଗତ ଜୁଲାଇ ୯ ତାରିଖ ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ ହୋଇଥିବାବେଳେ ଜୁଲାଇ ୧୯ ତାରିଖରେ ଦ୍ୱିତୀୟଥର ପାଇଁ ଗେଟ୍ ଖୋଲି ହୀରାକୁଦ ନଦୀବନ୍ଧରୁ ପାଣି ଛଡ଼ାଯାଉଛି। ଶନିବାର ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୧୩.୧୯ ଫୁଟ୍ ରହିଛି। ନଦୀବନ୍ଧର ବାମପାର୍ଶ୍ୱର ୫ଟି ଏବଂ ଓ ଡାହାଣ ପାର୍ଶ୍ୱର ୩ଟି ଏହିଭଳି ମୋଟ ୮ଟି ସ୍ଲୁଇସ୍ ଗେଟ୍ ଖୋଲାରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୧, ୫୩, ୯୫୯ କ୍ୟୁସେକ୍ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ସମାନ ପରମାଣର ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୧, ୨୧, ୦୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ ପାୱାର ଚେନାଲ ଦେଇ ୩୦୪୫୬ କ୍ୟୁସେକ୍, ଶିଳ୍ପାନୁଷ୍ଠାନ ସକାଶେ ୨୨୯ କ୍ୟୁସେକ୍, କେନାଲ ପାଇଁ ୨୨୭୪ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ଅନ୍ୟପକ୍ଷରେ, ତଳମୁଣ୍ଡରେ ବେଲଗାଁଠାରେ ୩୨, ୨୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ, ପଥର୍ଲାଠାରେ ୧, ୦୯, ୪୯୩ କ୍ୟୁସେକ୍, ଖଇରମାଲଠାରେ ୩, ୪୦, ୦୦୦ କ୍ୟୁସେକ୍, ବାରମୁଲଠାରେ ୩, ୫୮, ୭୫୦ କ୍ୟୁସେକ୍ ଏବଂ ମୁଣ୍ଡଳୀଠାରେ ୪, ୧୫, ୫୩୬ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ।

## ସମ୍ବଲପୁରରେ ଏମ୍ସ ପ୍ରତିଷ୍ଠା ରୋହିତଙ୍କ ଦାବି

**ସମ୍ବଲପୁର, ୮।୮ (ସମିସ) :** ବିଜେପିର ନିର୍ବାଚନୀ ପ୍ରତିଶ୍ରୁତି ଅନୁଯାୟୀ ସମ୍ବଲପୁରରେ ଏମ୍ସ ପ୍ରତିଷ୍ଠା ପାଇଁ ମୁଖ୍ୟମନ୍ତ୍ରୀ ଏବଂ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଇମେଲ ମାଧ୍ୟମରେ ପୂର୍ବତନ ମନ୍ତ୍ରୀ ତଥା ବିଜେଡି ଜିଲ୍ଲା ସଭାପତି ଇଂ ରୋହିତ ପୂଜାରୀ ଦାବି ଜଣାଇଛନ୍ତି। ଏହି ଇମେଲ ର ନକଲ କେନ୍ଦ୍ର ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରୀ ଜେ.ପି ନଡ୍ଡା, ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ, ଓଡ଼ିଶା ସରକାରଙ୍କ ରାଜ୍ୟ ମୁଖ୍ୟ ଶାସନ ସଚିବ ଓ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ ସଚିବଙ୍କୁ ଏଦିଗରେ ପଦକ୍ଷେପ ଗ୍ରହଣ କରିବା ପାଇଁ ପଠାଇଛନ୍ତି।

## ରେଢ଼ାଖୋଲରେ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭବ୍ୟ ସ୍ୱାଗତ

**ରେଢ଼ାଖୋଲ, ୮।୮ (ସମିସ) :** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଗସ୍ତ ଅବସରରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନଙ୍କୁ ରେଢ଼ାଖୋଲ ଭୀମଭୋଇ ଛକରେ ବିଜେପି ପକ୍ଷରୁ ସ୍ୱାଗତ ଓ ସମ୍ବର୍ଦ୍ଧନା ଜଣାଇଥିଲେ। ସାଂସଦ ଶ୍ରୀ ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଜଣାଇ କହିଲେ, ଲୋକଙ୍କ ଆଶୀର୍ବାଦ ଓ ସମର୍ଥନ ହିଁ ମୋ ଶକ୍ତି। ରେଢ଼ାଖୋଲର ବିକାଶ ପାଇଁ ଆମେ ସବୁବେଳେ ପ୍ରତିବଦ୍ଧ। ଏହି କାର୍ଯ୍ୟକ୍ରମରେ ଦେବେନ୍ଦ୍ର ମହାପାତ୍ର, ଜିଲ୍ଲା ସଭାପତି ରାମଚନ୍ଦ୍ର ମେହେର, ଉପ ସଭାପତି ବିଚିତ୍ରା ନନ୍ଦ ସାହୁ, ପ୍ରମୋଦ ସାହୁ, ଏନଏସି ଅଧ୍ୟକ୍ଷ ଶିବ ରାମ ସାହୁ, ଉପାଧ୍ୟକ୍ଷା ଅନୁସୟା ପ୍ରଧାନ, ମଣ୍ଡଳ ସଭାପତି ସୁଷମା ମୁଣ୍ଡା, ଶାନ୍ତାନୁ ବାରିକ୍, ଧରଣୀଧର ସାହୁ, ଦିଲୀପ ପ୍ରଧାନ, ବରିଷ୍ଠ ବିଜେପି ନେତା ପ୍ରତାପ ପ୍ରଧାନ, ଦିଲୀପ ପ୍ରଧାନ, ଦୁଲାଲ ପ୍ରଧାନ, କିସାନ ମୋର୍ଚ୍ଚା ଜିଲ୍ଲା ସଭାପତି ମିତ୍ରଭାନୁ ପ୍ରଧାନ, ରାଜ୍ୟ ସାଧାରଣ ସମ୍ପାଦିକା ସସ୍ମିତା ଦେହୁରୀ, ନଗର ମହିଳା ମୋର୍ଚ୍ଚା ସଭାପତି ବୀଣା ପାଣିଗ୍ରାହୀ, ନଗର ସାଧାରଣ ସମ୍ପାଦକ ଅନିଲ ପୃଷ୍ଟି, ଆମର ସିଂ, ଯୁବ ମୋର୍ଚ୍ଚା ସଭାପତି ସୂର୍ଯ୍ୟ ପ୍ରକାଶ ମହାପାତଙ୍କ ସମେତ କର୍ମୀ ଓ ମହିଳା ସମର୍ଥକ ଉପସ୍ଥିତ ଥିଲେ।



# ପ୍ରତିବାଦ ପୂର୍ବରୁ ବିଜେଡି କର୍ମକର୍ତ୍ତାଙ୍କୁ ଉଠାଇନେଲା ପୁଲିସ

**ସମ୍ବଲପୁର, ୮।୮ (ସମିସ)**

ପୂର୍ବତନ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନଙ୍କ ଆଜି ଓ କାଲି ଦୁଇଦିନ ଧରି ସମ୍ବଲପୁର ଜିଲ୍ଲାର ରେଢ଼ାଖୋଲ ଏବଂ ସମ୍ବଲପୁରଠାରେ ବିଭିନ୍ନ କାର୍ଯ୍ୟକ୍ରମ ରହିଛି। ଶନିବାର ସକାଳେ ରେଢ଼ାଖୋଲଠାରେ କେନ୍ଦ୍ରୀୟ ବିଦ୍ୟାଳୟ ନୂତନ କ୍ୟାମ୍ପସର ଭୂମିପୂଜନ ଥିବାବେଳେ ଅପରାହ୍ନରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ପଦ୍ମଶ୍ରୀଙ୍କ ସହ ଆଳାପ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ 'ମାଟିର ମହକ' ରହିଥିଲା। ତେବେ ଶନିବାର ସକାଳୁ ସମ୍ବଲପୁର ପୁଲିସ ସକ୍ରିୟ ହୋଇ ଘର ତଥା ଅନ୍ୟ ସ୍ଥାନମାନଙ୍କରୁ ବିଜେଡି କର୍ମକର୍ତ୍ତାଙ୍କୁ ଉଠାଇଆଣି ଟାଉନଥାନା ଓ ପରେ ରିଜର୍ଭ ପୁଲିସ ଲାଇନରେ ଅଟକ ରଖିଥିଲା। ସମ୍ବଲପୁରରେ ବିଜେଡିର ମୋଟ ୩୨ ଜଣଙ୍କୁ ପୁଲିସ ଅଟକ ଓ କିଛି କର୍ମୀକର୍ତ୍ତାଙ୍କୁ ପ୍ରତିବାଦବେଳେ ପ୍ରିଭେଣ୍ଟିଭ୍ ଗିରଫ କରିଥିବା ଜଣାପଡ଼ିଛି। ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ ରିଜର୍ଭ ପୁଲିସ ଲାଇନ୍‌କୁ ଯାଇ ଅଟକ ନେତାମାନଙ୍କୁ ଭେଟିଥିଲେ। ସନ୍ଧ୍ୟାରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ କାର୍ଯ୍ୟକ୍ରମ ଶେଷ ହେବାପରେ ପୁଲିସ ବିଜେଡି କର୍ମକର୍ତ୍ତାଙ୍କୁ ଛାଡ଼ି ଦେଇଥିବା ସୂଚନା ମିଳିଛି।

### ସାଂସଦଙ୍କ କାର୍ଯ୍ୟକ୍ରମ ପୂର୍ବରୁ ବିଜେଡି କର୍ମକର୍ତ୍ତାଙ୍କ ଆଗୁଆ ଗିରଫଦାରି ନିନ୍ଦନୀୟ : ଇଂ. ରୋହିତ ପୂଜାରୀ

ଗଣତନ୍ତ୍ରକୁ ହତ୍ୟା କରି ଅନୈତିକ ଉପାୟରେ ବିଜୁ ଜନତା ଦଳର କର୍ମକର୍ତ୍ତାଙ୍କୁ ସାଂସଦଙ୍କ କାର୍ଯ୍ୟକ୍ରମର ପୂର୍ବରୁ ଆଗୁଆ ଗିରଫଦାରିକୁ ଘୋର ନିନ୍ଦା କରିଛନ୍ତି ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ବିଜେଡି ସଭାପତି ଇଂ ରୋହିତ ପୂଜାରୀ। ଏହାସହ ଇଂ. ପୂଜାରୀ ପ୍ରଶ୍ନ କରିଛନ୍ତି ଯେ ସାଂସଦ ଧର୍ମେନ୍ଦ୍ର ପ୍ରଧାନଙ୍କ ସାଧାରଣ ଜନତାଙ୍କୁ ଭେଟିବା ପାଇଁ ଏତେ ଭୟ କାହିଁକି ବୋଲି ପ୍ରଶ୍ନ କରିଛନ୍ତି। ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ମନ୍ତ୍ରୀ ପଦରୁ ଇସ୍ତଫା ଦେବାପରେ ଆଜି ପ୍ରଥମଥର ସମ୍ବଲପୁର ଗସ୍ତ କରିଥିବାରୁ ବିରୋଧ ଭୟରେ ଆଜି ବିଜୁ ଜନତା ଦଳର ବିଭିନ୍ନ ନେତୃମଣ୍ଡଳୀ ଏବଂ କର୍ମକର୍ତ୍ତାଙ୍କୁ ସକାଳ ୬ ଘଟିକାରୁ ପର୍ଯ୍ୟାୟକ୍ରମେ ଆଗୁଆ ଗିରଫଦାରି କରାଯାଇଛି। ଏହାସହ ଅପରାହ୍ନରେ ବିଜେଡିର ବରିଷ୍ଠ ନେତା ତଥା ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ ଅଟକ ବିଜେଡି କର୍ମୀଙ୍କୁ ଭେଟିଥିଲେ। ଗିରଫ ହୋଇଥିବା ନେତୃମଣ୍ଡଳୀ ହେଲେ, ବିଜୁ ଯୁବ ଜନତା ଦଳର ରାଜ୍ୟ ଉପସଭାପତି ଦେବାଶିଷ ପରିଡ଼ା, ରାଜ୍ୟ ସାଧାରଣ ସମ୍ପାଦକ ଧର୍ମରାଜ ମରେଇ, ଜିଲ୍ଲା ସଭାପତି ପ୍ରଦୋଷ ମହାନ୍ତି, ବିଜୁ ଛାତ୍ର ଜନତା ଦଳର ରାଜ୍ୟ ଉପସଭାପତି ଅନମୋଲ ଦାସ, ଜିଲ୍ଲା ସଭାପତି ଶୁଭ୍ରାଂଶୁ ପାଢ଼ୀ, ଜିଲ୍ଲା ମହିଳା ସଭାନେତ୍ରୀ ସଂଯୁକ୍ତା ମେହେର, ବରିଷ୍ଠ ନେତା ବସନ୍ତ ମିଶ୍ର, ବିଜେଡି ଜିଲ୍ଲା ଉପସଭାପତି ସୁରୁବାବୁ ମେହେର, ସତ୍ୟେନ୍ଦ୍ର ଦାସ, ଜିଲ୍ଲା ସାଧାରଣ ସମ୍ପାଦକ ରାଜେଶ ମିଶ୍ର, ଜିଲ୍ଲା ସମ୍ପାଦକ ପ୍ରଶାନ୍ତ ଥାପା, ପ୍ରହଲ୍ଲାଦ ଗୁରୁ, ବିଜୁ ଜନତା ଦଳର ନେତା ଗୋକୁଳ ମେହେର, ସୁକେଶ ସିଂ, ଶେଷଦେବ ମହାକୁଡ଼, ସୁରଜ ଦୋରା, ଶିଶିର ମହାନ୍ତି, ବିକାଶ ଖେତୀ, ମଞ୍ଜୁ ଓରାମ, ଉତ୍ତମ ମହାନ୍ତି, ମନୋଜ ଦାସ, ଏସ୍.କେ ମନ, ସନ୍ତୋଷ ମହାନ୍ତି, ପ୍ରଶାନ୍ତ ନାୟକ, ସଞ୍ଜୟ ବର୍ମା, ଦୁଲାଲ ରାୟ, ବିଜୁ ମହିଳା ଜନତା ଦଳର ଲିଲିମା ମଲ୍ଲିକ, ଅନିତା ଓରାମ, ସୁରେଖା ସାହୁ, ସରିତା ଦାସ, ସସ୍ମିତା ଦୀପ ପ୍ରମୁଖ।

### ବିଜେଡି କର୍ମୀଙ୍କୁ ପୁଲିସ ଅଟକ ଘଟଣାକୁ ସଞ୍ଜିତଙ୍କ ନିନ୍ଦା

ସମ୍ବଲପୁରରେ ସାଂସଦ ଧର୍ମେନ୍ଦ୍ର ପ୍ରଧାନଙ୍କ କାର୍ଯ୍ୟକ୍ରମ ପୂର୍ବରୁ ବିରୋଧ ପ୍ରଦର୍ଶନର ଆଶଙ୍କା କରି ବିଜେଡି କର୍ମୀ ଓ ନେତାମାନଙ୍କୁ ପୁଲିସ ଅଟକ ରଖିଥିବା ଘଟଣାକୁ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ସଞ୍ଜିତ ମହାନ୍ତି ତୀବ୍ର ନିନ୍ଦା କରିଛନ୍ତି। ଜଣେ ଜନପ୍ରତିନିଧି ନିଜ ନିର୍ବାଚନମଣ୍ଡଳୀକୁ ଆସୁଥିବା ବେଳେ ଲୋକଙ୍କ ବିରୋଧ ଓ ପ୍ରଶ୍ନକୁ ସାମ୍ନା କରିବା ପରିବର୍ତ୍ତେ ବିରୋଧର ଆଶଙ୍କାରେ ପୁଲିସ ମାଧ୍ୟମରେ ବିରୋଧୀଙ୍କୁ ଅଟକ ରଖିବା ଗଣତାନ୍ତ୍ରିକ ବ୍ୟବସ୍ଥା ପାଇଁ ଅତ୍ୟନ୍ତ ଚିନ୍ତାଜନକ ବୋଲି ସେ କହିଛନ୍ତି। ସଞ୍ଜିତ ମହାନ୍ତି କହିଛନ୍ତି ଯେ, ଧର୍ମେନ୍ଦ୍ର ପ୍ରଧାନ ଜଣେ ସାଂସଦ ଭାବେ ନିଜ ନିର୍ବାଚନମଣ୍ଡଳୀକୁ ଆସୁଛନ୍ତି। ଜନପ୍ରତିନିଧି ଭାବେ ତାଙ୍କୁ ଲୋକଙ୍କ ସହ ମିଶିବା, ସେମାନଙ୍କ ପ୍ରଶ୍ନ ଶୁଣିବା ଓ ଅସନ୍ତୋଷର ସାମ୍ନା କରିବା ଉଚିତ। କିନ୍ତୁ ତାଙ୍କ ଗସ୍ତ ପୂର୍ବରୁ ବିରୋଧ କରିପାରନ୍ତି ବୋଲି ଆଶଙ୍କା କରି ରାଜନୈତିକ କର୍ମୀଙ୍କୁ ଅଟକ ରଖିବା ଘଟଣା ତାଙ୍କର ଲୋକଙ୍କ ସ୍ୱରକୁ ସାମ୍ନା କରିବାର ମନୋଭାବ ଉପରେ ପ୍ରଶ୍ନ ଉଠାଉଛି। ପ୍ରତିବାଦକୁ ଭୟ କରି ପ୍ରତିବାଦକାରୀଙ୍କୁ ଅଟକ ରଖିବା ସମାଧାନ ନୁହେଁ ବରଂ ଲୋକଙ୍କ ଅସନ୍ତୋଷର କାରଣ ଜାଣି ତାହାର ସମାଧାନ କରିବା ହିଁ ଜନପ୍ରତିନିଧିଙ୍କ ଦାୟିତ୍ୱ ବୋଲି ସଞ୍ଜିତ ମହାନ୍ତି ମତପ୍ରକାଶ କରିଛନ୍ତି।

### 'ବ୍ରିଟିଶ ସାମ୍ରାଜ୍ୟବାଦ ଓ ଜରୁରୀକାଳୀନ ପରିସ୍ଥିତିକୁ ସ୍ମରଣ କରାଉଛି'

ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ସ୍ଥାନୀୟ ସାଂସଦ ଧର୍ମେନ୍ଦ୍ର ପ୍ରଧାନଙ୍କ ସମ୍ବଲପୁର ଗସ୍ତ ପୂର୍ବରୁ ରାଜନୈତିକ କର୍ମୀଙ୍କ ବ୍ୟାପକ ଗିରଫଦାରୀର ତୀବ୍ର ନିନ୍ଦାବାଦ କରି ବିଜେଡିର ବରିଷ୍ଠ ନେତା ବେଣୁଧର ଦାଶ ଏକ ବିବୃତିରେ କହିଛନ୍ତି ଯେ, ଅତ୍ୟନ୍ତ କ୍ଷୋଭର କଥା ଭାରତଛାଡ଼ ଆନ୍ଦୋଳନ ବା ଅଗଷ୍ଟ କ୍ରାନ୍ତି ଦିବସରୁ ଆରମ୍ଭକରି ସ୍ୱାଧୀନତା ଦିବସ ପାଳନ ପର୍ଯ୍ୟନ୍ତ ହେବାକୁ ଥିବା ତ୍ରିରଙ୍ଗା ଯାତ୍ରାର ପ୍ରସ୍ତୁତି ଚାଲିଥିବାବେଳେ ରାଜନୈତିକ କର୍ମୀଙ୍କୁ ବିନା କାରଣରେ ବେଆଇନ ଭାବରେ ଅଟକ ରଖାଯାଉଛି। ଏହି ଘଟଣା ଆଜି ବ୍ରିଟିଶ ସାମ୍ରାଜ୍ୟବାଦ ତଥା ଜରୁରୀକାଳୀନ ପରିସ୍ଥିତିର କଳା ଅଧ୍ୟାୟକୁ ସ୍ମରଣ କରାଇଛି। ସମ୍ବଲପୁର ସାଂସଦ ତଥା ଭାଜପାର କେନ୍ଦ୍ରୀୟ ନେତା ନିଜର ନିର୍ବାଚନମଣ୍ଡଳୀରେ ଯଦି ଅସୁରକ୍ଷିତମନେ କରୁଛନ୍ତି, ତେବେ ଓଡ଼ିଶା କିମ୍ବା ଭାରତର ସାଧାରଣ ନାଗରିକ କିଭଳି ଭାବରେ ସୁରକ୍ଷିତ ତାହା ସାଂସଦଙ୍କ ସମ୍ବଲପୁର ଗସ୍ତ ପରିପ୍ରେକ୍ଷୀରେ ଏହି ଗିରଫଦାରି ସୂଚେଇ ଦେଉଛି। ଠିକ୍ ସେହିପରି ଓଡ଼ିଶାର ଭାଜପା ଶାସିତ ସରକାର ଅସହିଷ୍ଣୁତାର ଶିକାରହୋଇ ରାଜନୈତିକ କର୍ମୀଙ୍କ ଉପରେ ଅଗଣତାନ୍ତ୍ରିକ ଉପାୟରେ ଅଟକ ରଖିବା ପରିବର୍ତ୍ତେ ସମ୍ବଲପୁରରେ ଦ୍ୱିତୀୟ ଏମ୍ସ ପ୍ରତିଷ୍ଠା, ସମ୍ବଲପୁରୀ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ, ତଥା ସମ୍ବଲପୁରରେ ହାଇକୋର୍ଟର ବେଞ୍ଚ ପ୍ରତିଷ୍ଠା ପାଇଁ ଆନ୍ତରିକ ପଦକ୍ଷେପ ନିଅନ୍ତୁ ବୋଲି ବିଜେଡିର ବରିଷ୍ଠ ନେତା ବେଣୁଧର ଦାଶ କହିଛନ୍ତି।

### ଅଟକ ରଖିବା ନିନ୍ଦନୀୟ : ପ୍ରସନ୍ନ ଆଚାର୍ଯ୍ୟ



ସମ୍ବଲପୁର ସାଂସଦ ତଥା ପୂର୍ବତନ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମ୍ବଲପୁର ଗସ୍ତ ସମୟରେ ପୁଲିସ ବିଜୁ ଜନତା ଦଳର ପ୍ରାୟ ୩୨ ଜଣ କର୍ମୀଙ୍କୁ ଅଟକ ରଖିବାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ବିରୋଧୀ ଦଳ ଉପନେତା ତଥା ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ। ବିଜେଡି କର୍ମୀଙ୍କୁ ଅଟକ ରଖିବାକୁ ଶ୍ରୀ ଆଚାର୍ଯ୍ୟ ଅଗଣତାନ୍ତ୍ରିକ ଓ ନିନ୍ଦନୀୟ ବୋଲି ଅଭିହିତ କରିଛନ୍ତି। ଶ୍ରୀ ଆଚାର୍ଯ୍ୟ ଆଜି ଅପରାହ୍ନରେ ରିଜର୍ଭ ପୋଲିସ ଲାଇନରେ ଅଟକ କର୍ମୀଙ୍କୁ ଭେଟିଛନ୍ତି। ଏହି ଅବସରରେ ବିଜୁ ଯୁବ ଜନତା ଦଳ ରାଜ୍ୟ ଉପସଭାପତି ହୀରାଲାଲ ବେହେରା, ରାଜ୍ୟ ସାଧାରଣ ସମ୍ପାଦକ ମନୋଜ ମହାପାତ୍ର, ବରିଷ୍ଠ ବିଜେଡି ନେତା ବେଣୁଧର ଦାଶ, ପୂର୍ବତନ ଯୁବ ବିଜେଡି ସଭାପତି ଖରାଂଶୁ ଶେଖର ଦେବ ପ୍ରମୁଖ ଉପସ୍ଥିତ ଥିଲେ।

### କଂଗ୍ରେସର ବିରୋଧ

ଜିଲ୍ଲା କଂଗ୍ରେସ କମିଟି କାର୍ଯ୍ୟାଳୟରେ କର୍ମୀମାନେ ଏକାଠି ହୋଇ କଂଗ୍ରେସ ଜିଲ୍ଲା ସଭାପତି ଇଂ. ଅମିତ କୁମାର ଗୁରୁଙ୍କ ନେତୃତ୍ୱରେ ସାଂସଦ ଧର୍ମେନ୍ଦ୍ର ପ୍ରଧାନଙ୍କୁ ବିରୋଧ କରିଥିଲେ। ଜିଲ୍ଲା ସଭାପତି ଇଞ୍ଜିନିୟର ଅମିତ ଗୁରୁଙ୍କ ସମେତ ବରିଷ୍ଠ ଆଇନଜୀବୀ ନିରଞ୍ଜନ ତ୍ରିପାଠୀ, ଦିନ ପରିଡ଼ା, ସୁରେନ ମହାନ୍ତି, ଜିତେନ ମହାନନ୍ଦ, ବିଜୟଲକ୍ଷ୍ମୀ ବେହେରା, ଜୟରାମ ବଣିଆ, ମୋହନ ଶାହ, ଏମ୍‌ଡି ରହିମ, ସଦାନନ୍ଦ ବରାଡଙ୍କ ସମେତ ବହୁ କଂଗ୍ରେସ କର୍ମକର୍ତ୍ତାଙ୍କୁ ପୁଲିସ ଉଠାଇନେଇ କ୍ଷେତରାଜପୁର ଥାନାରେ ଅଟକ ରଖିଥିଲା।

■ ତାମିଲନାଡୁ ଯାଇ ଫେରିଲେ ନାହିଁ ସୀମାଞ୍ଚଳ

# ଆସିପାରିଲାନି ଶବ; ତାମିଲନାଡୁରେ ହେଲା ସତ୍କାର

**କର୍ଲାମୁଣ୍ଡା, ୮ ।୮ (ସମିସ):** ପେଟପାଟଣା ପାଇଁ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଇ ଜଣେ ଯୁବକ ସେଠାରେ ପ୍ରାଣ ହରାଇଥିଲେ। ଏପରି ଏକ ଅଭାବନୀୟ ଘଟଣାଘଟିଛି କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକରେ। କର୍ଲାମୁଣ୍ଡା ବ୍ଲକ ଗଜବାହାଲ ପଞ୍ଚାୟତର ଅବୁଜବାହାଲ ଗ୍ରାମର ବେଣୁଧର ସାହୁଙ୍କ ପୁଅ ସୀମାଞ୍ଚଳ ସାହୁ (୩୦) ୬ମାସ ତଳେ ଦାଦନ ଖଟିବାକୁ ତାମିଲନାଡୁର ତ୍ରିପୁର ଯାଇଥିଲେ। ଏହା ପୂର୍ବରୁ ମଧ୍ୟ ଅତୀତରେ ସେଠାରେ ତିନିବର୍ଷ ରହିଥିଲେ। ତେବେ ଗତକାଲି ହଠାତ ଝାଡାବାନ୍ତି ହେବାରୁ ସହଯୋଗୀମାନେ ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଗତକାଲି ଅପରାହ୍ନ ୫ଟାରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତ୍ୟୁପରେ ପରିବାର ଲୋକେ ତାଙ୍କ ଶବକୁ ନିଜ ଗାଁକୁ ଆଣିବା ପାଇଁ ଚେଷ୍ଟା କରିଥିଲେ। ସ୍ୱେଚ୍ଛାସେବୀ ରକ୍ତଦାତା ରବିନାରାୟଣ ସାହୁ ଏଦିଗରେ ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ ଓ ସଞ୍ଜୟ ମହାରଣା ଗୋଲାମୁଣ୍ଡା ବିନ୍ଦୁ ଫାଉଣ୍ଡେସନ ପକ୍ଷରୁ ଉଦ୍ୟମ କରାଯାଇ ଥିଲା। ଏପରିକି ଫାଉଣ୍ଡେସନ ପକ୍ଷରୁ ଏୟାରଲିଫ୍ଟ ପାଇଁ ଫ୍ଲାଇଟ ବୁକିଂ ମଧ୍ୟ ସରିଥିଲା। ହେଲେ ମେଡିକାଲରେ ସୀମାଞ୍ଚଳଙ୍କ ନାମ ରେଜିଷ୍ଟ୍ରେସନରେ ଭୁଲ ରହିଥିଲା। ଯଦ୍ୱାରା ସେଠାରୁ ଶବ ଛଡ଼ାଗଲା ନାହିଁ। ନିଜେ ମେଡିକାଲ କର୍ମଚାରୀ ନାମ ଭୁଲ ଲେଖିଥିବା ବେଳେ ତାର ଶିକାର ହେଲେ ମୃତକଙ୍କ ପରିବାର। ଶନିବାର ସକାଳେ ମଧ୍ୟ ଆମ୍ବୁଲାନ୍ସ ବ୍ୟବସ୍ଥା କରାଯାଇଥିଲା। କିନ୍ତୁ ତ୍ରୁଟି ଯୋଗୁଁ ଶବ ଛଡାଗଲା ନାହିଁ। ଫଳରେ ସେଠାରେ ଶବସତ୍କାର କରାଯାଇଥିବା ତାଙ୍କ ପରିବାର ସୂତ୍ରରୁ ଜଣାଯାଇଛି।



# ପଲମ ପାକ୍ସର ନୂତନ କାର୍ଯ୍ୟାଳୟ ଗୃହ ଉଦ୍‌ଘାଟିତ

**ଭବାନୀପାଟଣା, ୮ ।୮ (ସମିସ):** କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ଅଧୀନ ପଲମ ପଞ୍ଚାୟତସ୍ଥିତ ପଲମ ପ୍ରାଥମିକ କୃଷି ସେବା ସମବାୟ ସମିତିର ନୂତନ କାର୍ଯ୍ୟାଳୟ ଗୃହ ବିଧାୟିକା ମନୋରମା ମହାନ୍ତିଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ପଲମ ପ୍ରାଥମିକ କୃଷି ସେବା ସମବାୟ ସମିତିର ସମ୍ପାଦକ କୁମୁଦ ଚନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ବିଧାୟିକା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ନର୍ଲା ବ୍ଲକ ଅଧ୍ୟକ୍ଷ ଦୁର୍ଗାପ୍ରସାଦ ମହାନ୍ତି, କଳାହାଣ୍ଡି ସମବାୟ ସମିତି ସମୂହ ଉପନିବନ୍ଧକ ସ୍ୱରୁପ କୁମାର କର, ନର୍ଲା ବିଡିଓ ବିପିନ ବିହାରୀ ଦୀପ୍, ଭବାନୀପାଟଣା ମଣ୍ଡଳ ସମବାୟ ସମିତି ସମୂହ ସହକାରୀ ନିବନ୍ଧକ ଅଜିତ୍ କୁମାର ବଗର୍ତ୍ତୀ, ପ୍ରଣତୀ ପଣ୍ଡା, ସୁବିଙ୍କ ନାଗ ପ୍ରମୁଖ ସମ୍ମାନୀତ ଅତିଥି ଭାବରେ ଯୋଗଦେଇ ଥିଲେ। ଉମାଶଙ୍କର ମିଶ୍ର ପୂଜାର୍ଚ୍ଚନା କରିଥିବାବେଳେ ଉପସଭାପତି ପୁଷ୍ପାଞ୍ଜଳି ସାହୁ, ସଭ୍ୟ ରବୀନ୍ଦ୍ର ନାଥ ଭୋଇ, ପୁରନ୍ଦର ସାହୁ, ବଳରାମ ଭୋଇ, ସନ୍ୟାସୀ ପାତ୍ର, ହେମସାଗର ସାହୁ, ଦୁର୍ଲ୍ଲଭ ମାହାର, ଅରୁଣ କୁମାର ସାହୁ, ଭକ୍ତ ସାହୁ, ସୂର୍ଯ୍ୟମଣୀ ସାହୁ, ମହେନ୍ଦ୍ର ଧରୁଆ, ଲିଙ୍ଗରାଜ ସାହୁ, ମନରଞ୍ଜନ ଧରୁଆ, କର୍ମଚାରୀ କବିରାଜ ସାହୁ, ମୁକେଶ ମାଝୀ, ଭୈରବ ମାଝୀ, ଜୀବରଧନ ଦୁର୍ଗା, ରାଜେଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



## ୨୫ କିମି ପଦଯାତ୍ରାରେ ଗର୍ଜିଲେ ଚାଷୀ

# ଶସ୍ୟ ବୀମାରେ ଅନିୟମିତତା ଓ ସାର କଳାବଜାରୀ ନେଇ ଅଭିଯୋଗ

**ଧର୍ମଗଡ଼/ଗୋଲାମୁଣ୍ଡା, ୮ ।୮ (ସମିସ)**

ଚାଷୀଙ୍କ ସମସ୍ୟା ପ୍ରତି ସରକାରୀ ଉଦାସୀନତା ଏବଂ ଶସ୍ୟ ବୀମା ପଞ୍ଜିକରଣଠାରୁ ଆରମ୍ଭ କରି ସାର ଯୋଗାଣ ପର୍ଯ୍ୟନ୍ତ ବିଭିନ୍ନ ସମସ୍ୟାର ସମାଧାନ ଦାବିରେ ରାସ୍ତାକୁ ଓହ୍ଲାଇଛନ୍ତି ଗୋଲାମୁଣ୍ଡା ବ୍ଲକର ଚାଷୀ। କଳାହାଣ୍ଡି ଜନସଂଗ୍ରାମ ସମିତି ପକ୍ଷରୁ ସଭାପତି ସାଉଲ ମଙ୍ଗରାଜଙ୍କ ନେତୃତ୍ୱରେ ପ୍ରାୟ ୩୦୦ ଚାଷୀ ଗୋଲାମୁଣ୍ଡାରୁ ଧର୍ମଗଡ଼ ପର୍ଯ୍ୟନ୍ତ ପ୍ରାୟ ୨୫ କିଲୋମିଟର ପଦଯାତ୍ରା କରି ଧର୍ମଗଡ଼ ଉପଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ଚାଷୀ ଓ ଜନସଂଗ୍ରାମ ସମିତି ପକ୍ଷରୁ ଅଭିଯୋଗ କରାଯାଇଛି ଯେ, ଗୋଲାମୁଣ୍ଡା ବ୍ଲକ ଏକ କୃଷିପ୍ରଧାନ ଓ ଆଦିବାସୀ ଅଧ୍ୟୁଷିତ ମରୁଡ଼ି ପ୍ରପୀଡ଼ିତ ଅଞ୍ଚଳ। ବ୍ଲକର ପ୍ରାୟ ୮୦ ପ୍ରତିଶତ ପରିବାର ଚାଷ ଉପରେ ନିର୍ଭରଶୀଳ। ମରୁଡ଼ିପ୍ରବଣ ଅଞ୍ଚଳ ଭାବେ ପରିଚିତ ଗୋଲାମୁଣ୍ଡାରେ ଚାଷୀମାନେ ପ୍ରତିବର୍ଷ ବିଭିନ୍ନ ପ୍ରାକୃତିକ ଓ ପ୍ରଶାସନିକ ସମସ୍ୟାର ସମ୍ମୁଖୀନ ହେଉଥିବା ସମିତି ପକ୍ଷରୁ କୁହାଯାଇଛି। ବିଶେଷକରି ଶସ୍ୟବୀମା ପଞ୍ଜିକରଣକୁ ନେଇ ଚାଷୀମାନେ ଅସୁବିଧାରେ ପଡୁଥିବା ଅଭିଯୋଗ ହୋଇଛି। ଜଙ୍ଗଲ ଜମି ପଟ୍ଟା ଓ ରଇତାନୀ ପଟ୍ଟା ହିତାଧିକାରୀଙ୍କ ଶସ୍ୟବୀମା ଦରଖାସ୍ତ ଅଫଲାଇନ୍ ମାଧ୍ୟମରେ ଗ୍ରହଣ କରିବା ପାଇଁ ଚାଷୀମାନେ ଦାବି କରିଛନ୍ତି। ସେହିପରି ଚାଷୀଙ୍କ ଧାନ ବିକ୍ରୟ ପଞ୍ଜୀକରଣ ଓ ଶସ୍ୟ ବୀମା ପଞ୍ଜୀକରଣରେ ଏଗ୍ରୋଷ୍ଟେକ୍ ବ୍ୟବସ୍ଥା ଯୋଗୁଁ ଚାଷୀମାନେ ସମସ୍ୟାରେ ପଡୁଥିବା ସମିତି ପକ୍ଷରୁ ଅଭିଯୋଗ କରାଯାଇଛି। ଏହି ବ୍ୟବସ୍ଥାକୁ ହଟାଇ ଚାଷୀଙ୍କ ପାଇଁ ସରଳ ପଞ୍ଜିକରଣ ବ୍ୟବସ୍ଥା କରିବାକୁ ଦାବି ହୋଇଛି। ଅନ୍ୟପକ୍ଷରେ ଗୋଲାମୁଣ୍ଡା ବ୍ଲକରେ ସାରର କଳାବଜାରୀ ଏବଂ ଚଢ଼ାଦରରେ ସାର ବିକ୍ରି ହେଉଥିବା ନେଇ ମଧ୍ୟ ଚାଷୀମାନେ ଗୁରୁତର ଅଭିଯୋଗ ଆଣିଛନ୍ତି। ଏହି ପଦଯାତ୍ରାରେ ଅଶାରୁ ମାଝୀ, ଟିକେ ମାଝୀ, ଜଗବନ୍ଧୁ ମାଝୀ, ଭୁଜାନ ମାଝୀ, ରୁଷୀ ମାଝୀ, ମଦସୁଦନ ମାଝୀ, ଜୟରାମ ମାଝୀ, ଭୁମି ମାଝୀ, ଯୁଧିଷ୍ଠିର ମାଝୀ, କୁମୁଦା ଗହିର, ପିତସ ସିପକା, ତୁସାର ସୁନାନୀ, ରିଦ୍ର ମଙ୍ଗରାଜ, ଘନ ରାଣା, ସନ୍ତୋଷ ମାଝୀ, କବିରାଜ ମଙ୍ଗରାଜ, ଜାମା ଧାରୁଆ, ଅକାଲୁ ମାଝୀ ଓ କୁଶ ମାଝୀଙ୍କ ସମେତ ବହୁ ଚାଷୀ ଉପସ୍ଥିତ ଥିଲେ।




# ହସ୍ପିଟାଲ ସହାୟିକାଙ୍କ ଆତ୍ମହତ୍ୟା ଅଭିଯୋଗ

**ସିନାପାଲି, ୮ ।୮ (ସମିସ):** ନୂଆପଡ଼ା ସଦର ବ୍ଲକ ଧରମବନ୍ଧା ଥାନା ସଦର ଗାଁ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ କାର୍ଯ୍ୟରତ ସହାୟିକା ଶୁକ୍ରବାର ରାତିରେ ବେକରେ ରାଶି ଲଗାଇ ଆତ୍ମହତ୍ୟା କରିଥିବା ବୋଲି ଧରମବନ୍ଧା ଥାନାରେ ଅଭିଯୋଗ ହୋଇଛି। ମୃତ ଯୁବତୀ ଧରମବନ୍ଧା ପଞ୍ଚାୟତ କୋଡୋପାଲି ଗାଁର ମମତା ମାଝୀ(୨୪)। ସୂଚନା ଅନୁଯାୟୀ ଉକ୍ତ ଯୁବତୀ ଧରମବନ୍ଧା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ସହାୟିକା ଭାବରେ କାର୍ଯ୍ୟ କରୁଥିଲେ। କେଉଁ କାରଣରୁ ଆତ୍ମହତ୍ୟା କରିଛନ୍ତି ଅସ୍ପଷ୍ଟ ରହିଛି। ଶୁକ୍ରବାର ହସ୍ପିଟାଲ ପରିସରରେ ଏକ ଆଇବେଷ୍ଟସ ଘରେ ବେକରେ ଶାଢ଼ୀ ଲଗାଇ ଝୁଲି ପଡ଼ିଥିଲେ। ଶନିବାର ସକାଳେ ସେ ବାହାରକୁ ନ ବାହାରିବାରୁ ସନ୍ଦେହ କରି କବାଟ ବାଡେଇ ଥିଲେ। ପରେ ସ୍ଥାନୀୟ ଲୋକେ ପୁଲିସକୁ ଜଣାଇ ଥିଲେ। ପୁଲିସ ସହାୟତାରେ ସ୍ଥାନୀୟଲୋକେ କବାଟ ଖୋଲି ଦେଖିଲାବେଳକୁ ବେକରେ ଶାଢ଼ୀ ଲଗାଇ ଝୁଲୁଥିଲା। ଏନେଇ ପରିବାର ଲୋକେ ଧରମବନ୍ଧା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଧରମବନ୍ଧା, ନୂଆପଡ଼ା ପୋଲିସ ଓ ସାଇଣ୍ଟିଫିକ୍ ଦଳ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

# ନିଖୋଜ ମହିଳାଙ୍କ ଗଳିତ ଶବ ଉଦ୍ଧାର

**କୋକସରା, ୮ ।୮ (ସମିସ) :** କୋକସରା ବ୍ଲକ ଆମପାଣି ଥାନା ବଡ଼କେନ୍ଦୁଗୁଡା ଗ୍ରାମରୁ ଏକ ଦୁଃଖଦ ଘଟଣା ସାମ୍ନାକୁ ଆସିଛି। ଗତ ମଙ୍ଗଳବାରଠାରୁ ନିଖୋଜ ଥିବା ଜଣେ ମହିଳାଙ୍କ ଗଳିତ ଶବ ଶନିବାର ସକାଳୁ ଗାଁ ନିକଟସ୍ଥ ଏକ ଚାଷ ଜମିରୁ ପୁଲିସ ଉଦ୍ଧାର କରିଛି। ମୃତ ମହିଳା ଜଣକ ହେଲେ ଦର୍ଲିପଡ଼ା ଗ୍ରାମର ଦୈତାରି ଗୋପାଳଙ୍କ ସ୍ତ୍ରୀ ସସ୍ମିତା ଗୋପାଳ (୩୩)। ସୂଚନା ଅନୁସାରେ, ମଙ୍ଗଳବାର ସକାଳେ ସସ୍ମିତା ଘରୁ ଶୌଚ ପାଇଁ ବାହାରକୁ ଯାଇଥିଲେ। ମାତ୍ର ଦୀର୍ଘ ସମୟ ଧରି ସେ ଘରକୁ ନ ଫେରିବାରୁ ପରିବାରଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର କୌଣସି ସନ୍ଧାନ ପାଇନଥିଲେ। ଏହାପରେ ବୁଧବାର ଦିନ ସସ୍ମିତାଙ୍କ ବାପଘର ପକ୍ଷରୁ ଆମପାଣି ଥାନାରେ ଏକ ନିଖୋଜ ଏତଲା ଦାୟର କରାଯାଇଥିଲା। ମୃତ ସସ୍ମିତାଙ୍କର ଦୁଇଟି ସନ୍ତାନ ଅଛନ୍ତି। ସେ ଦୀର୍ଘ ଦିନ ହେବ ସ୍ୱାସ୍ଥ୍ୟଗତ ସମସ୍ୟା ଦେଇ ଗତି କରୁଥିଲେ ଏବଂ ଏଥିପାଇଁ ତାଙ୍କର ଚିକିତ୍ସା ମଧ୍ୟ ଚାଲିଥିଲା। ଅସୁସ୍ଥତା କାରଣରୁ ସେ ନିଜ ଦୁଇ ପିଲାଙ୍କୁ ଧରି ବାପଘର ବଡ଼କେନ୍ଦୁଗୁଡା ଗ୍ରାମରେ ରହୁଥିଲେ। ବାରମ୍ବାର ସ୍ୱାସ୍ଥ୍ୟ ସମସ୍ୟା ଲାଗି ରହୁଥିବାରୁ ସେ ମାନସିକ ଚାପରେ ରହୁଥିବା ପରିବାର ଲୋକେ ପ୍ରକାଶ କରିଛନ୍ତି। ଅନ୍ୟପଟେ ପରିବାରର ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନଥିବାରୁ ତାଙ୍କ ସ୍ୱାମୀ ଦୈତାରୀ ବାହାର ରାଜ୍ୟକୁ ଦାଦନ ଶ୍ରମିକ ଭାବେ କାମ କରିବାକୁ ଯାଇଛନ୍ତି। ଶନିବାର ସକାଳୁ ସ୍ଥାନୀୟ ଲୋକେ ଚାଷ ଜମିର ନିକଟରୁ ସସ୍ମିତାଙ୍କ ଗଳିତ ଶବ ଦେଖି ପୁଲିସକୁ ଖବର ଦେଇଥିଲେ। ଆମପାଣି ଥାନା ପୁଲିସ ପହଞ୍ଚି ପ୍ରାଥମିକ ତଦନ୍ତ କରିଥିଲେ। ମାଜିଷ୍ଟ୍ରେଟ ଦାୟିତ୍ୱରେ କୋକସରା ଅତିରିକ୍ତ ତହସିଲଦାର ମୋହନ୍ ଚରଣ ଜେନାଙ୍କ ଉପସ୍ଥିତିରେ ଘଟଣାସ୍ଥଳରେ ହିଁ ଶବ ବ୍ୟବଚ୍ଛେଦ କରାଇଥିବା ଜଣାପଡ଼ିଛି। ଏ ନେଇ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରହିଥିବା ଥାନା ପକ୍ଷରୁ ସୂଚନା ମିଳିଛି।

# ଜିଲ୍ଲା ଯୋଜନା ବୋର୍ଡ ସଦସ୍ୟ ହେଲେ ମହେନ୍ଦ୍ର ରଣା

**କର୍ଲାମୁଣ୍ଡା, ୮ ।୮ (ସମିସ):** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ଜୋନ-୧ ଜିଲ୍ଲା ପରିଷଦ ସଭ୍ୟ ମହେନ୍ଦ୍ର ରଣାଙ୍କୁ ଜିଲ୍ଲା ଯୋଜନା ବୋର୍ଡର ସଦସ୍ୟ ଭାବେ ମନୋନୀତ କରାଯାଇଛି। ଜିଲ୍ଲାର ବିଭିନ୍ନ ଉନ୍ନୟନମୂଳକ ଯୋଜନା ପ୍ରସ୍ତୁତି ଓ ଯୋଜନାର ସଫଳ ରୂପାୟନରେ ଜିଲ୍ଲା ଯୋଜନା ବୋର୍ଡର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ମହେନ୍ଦ୍ରଙ୍କ ଅଭିଜ୍ଞତା ଓ ଅଞ୍ଚଳର ବିକାଶ ପ୍ରତି ତାଙ୍କର ଆଗ୍ରହ ଏହି ଦାୟିତ୍ୱରେ ଉପଯୋଗୀ ହେବ ବୋଲି ସ୍ଥାନୀୟ ଜନ ସାଧାରଣ ଆଶା ପ୍ରକଟ କରିଛନ୍ତି।



# ୬୫୮ ଜଣଙ୍କୁ ଛତା ଓ ଚପଲ ବଣ୍ଟନ

**ଗୋଲାମୁଣ୍ଡା, ୮ ।୮ ( ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅଧୀନ ସଦର ପଞ୍ଚାୟତରେ ସାମାଜିକ ସଂଗଠନ 'ବିନ୍ଦୁମିନା ସେବା ଫାଉଣ୍ଡେସନ' ତରଫରୁ ଅସହାୟ ବ୍ୟକ୍ତିମାନଙ୍କୁ ସହାୟତା ପ୍ରଦାନ କରାଯାଇଛି। ସମୁଦାୟ ୬୫୮ ଜଣ ହିତାଧିକାରୀଙ୍କୁ ସଂଗଠନ ପକ୍ଷରୁ ଛତା ଓ ଚପଲ ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମରେ ଫାଉଣ୍ଡେସନର ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ ଯୋଗଦାନ କରି ଗରିବ ଓ ଅସହାୟ ଲୋକଙ୍କ ସେବା କରିବା ସଂଗଠନର ମୂଳଲକ୍ଷ୍ୟ ବୋଲି କହିଥିଲେ।

# ସମସ୍ୟା ବୁଝିବା ପାଇଁ ୨ କିମି ପାହାଡ଼ ଚଢ଼ିଲେ ସରପଞ୍ଚ





**ସିନାପାଲି, ୮ ।୮ (ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକର ଉପାନ୍ତ ଘାଟମାଳ ପଞ୍ଚାୟତର ଜଙ୍ଗଲ ପରିବେଷ୍ଟିତ କନ୍ଦେନଝରିଆ ଗାଁ ଲୋକଙ୍କ ସମସ୍ୟା ବୁଝିବା ପାଇଁ ୨ କିମି ପାହାଡ ଚଢ଼ି ଗାଁରେ ପହଞ୍ଚି ଥିଲେ ସରପଞ୍ଚ ଟେକରାମ ମାଝୀ। ଏହି ଗାଁ ଏକ ଅପହଞ୍ଚ ଇଲାକାରେ ଥିବାବେଳେ ବିକାଶ ପହଞ୍ଚି ପାରିନାହିଁ। ଗାଁରେ ଅନେକ ସମସ୍ୟା ଲାଗି ରହିଥିବାବେଳେ ଏହାର ସମାଧାନ ପାଇଁ ସରପଞ୍ଚ ଟେକରାମ ମାଝୀ ପହଞ୍ଚି ଥିଲେ। ଗାଁଲୋକଙ୍କ ସହିତ ଆଲୋଚନା କରି ପ୍ରଶାସନର ସହଯୋଗ ଓ ସହାୟତା ଲୋଡ଼ିଛନ୍ତି। ପ୍ରକାଶ ଯୋଗ୍ୟ ଯେ, ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ସଦର ମହକୁମା ଠାରୁ ୩୦ କିମ୍ ଦୂରରେ ଏହି ଗାଁ ଅବସ୍ଥିତ। ଏହି ଗାଁ ଗେଣ୍ଡୁଲ ପାଣି ଗ୍ରାମର ଏକ ପଡ଼ା ଗ୍ରାମ ହୋଇଥିବାବେଳେ ଦୀର୍ଘ ପିଢ଼ି ଧରି ପହରିଆ ଜନଜାତିର ପ୍ରାୟ ୨୫ ଟି ପରିବାରର ଲୋକେ ବସବାସ କରୁଛନ୍ତି। ହେଲେ ଏହି ଗାଁ ର ଭାଗ୍ୟ ଆଜିବି ବଦଳି ପାରିନାହିଁ। ଗାଁ କୁ ରାସ୍ତା ନ ଥିବାରୁ ପଥର ବନ୍ଧୁର ପାହାଡର ଆବଡ଼ାଖାବଡ଼ା ରାସ୍ତା ଉପରେ ଯିବା ଆସିବା କରନ୍ତି। ଏଠାରେ ନା ଅଛି ବିଦ୍ୟୁତ ନା ଅଛି ପାନୀୟଜଳ ବ୍ୟବସ୍ଥା। ଏହି ଗାଁର ସମସ୍ୟା ଦୂର ପାଇଁ ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଆବଶ୍ୟକ ପାଣି ଯୋଗାଇଲେ ଗାଁର ଚିତ୍ର ବଦଳି ପାରିବ ବୋଲି କହିଛନ୍ତି ସରପଞ୍ଚ ଶ୍ରୀ ମାଝୀ। ବାର୍ଦ୍ଧକ୍ୟ ଭତ୍ତା, ରାସ୍ତା, ପାନୀୟ ଜଳ, ବିଦ୍ୟୁତ, ପିଡିଏସ ସାମଗ୍ରୀ, ଆବାସ ଯୋଜନାରେ ସାମିଲ ସମେତ ଅନେକ ସମସ୍ୟା ଉପରେ ଆଲୋଚନା କରି ପଦକ୍ଷେପ ନେବାକୁ ଦୃଢ଼ ପ୍ରତିଶ୍ରୁତି ଦେଇଛନ୍ତି। ଏହି ଗାଁ ର ସମସ୍ୟା ଦୂର କରିବା ପାଇଁ ପ୍ରଶାସନ ର ଦୃଢ଼ ଇଚ୍ଛାଶକ୍ତି ବଳରେ ସମ୍ଭବ ହୋଇ ପାରିବ ବୋଲି କହିବା ସହ ସରପଞ୍ଚ ଭାବରେ ଯାହା ସମ୍ଭବ ସେହି କାର୍ଯ୍ୟ କରିଚାଲିଛି ବୋଲି କହିଥିଲେ।

# ଆଦିବାସୀ ଦିବସ ପାଳିତ

**ଭବାନୀପାଟଣା, ୮ ।୮ (ସମିସ):** ଶନିବାର ଲକ୍ଷ୍ମୀ ବିକାଶ ଗ୍ଲୋବାଲ ସ୍କୁଲ ପରିସରରେ ଆଦିବାସୀ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଉପଜିଲ୍ଲାପାଳ ଯଦୁମଣି ନାଏକ, ଯଶୋଦା ଗାଦବା ଯୋଗଦାନ କରିଥିଲେ। ବିକାଶ ଗ୍ରୁପର ମୁଖ୍ୟ ଶିକ୍ଷାଧିକାରୀ ଡି. ବିଜୟା କାର୍ଯ୍ୟକ୍ରମରେ ଆଦିବାସୀ ସମ୍ପ୍ରଦାୟ ଏବଂ ସମାଜରେ ତାଙ୍କର ଅଧିକାର ଉପରେ ଆଲୋଚନା କରିଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷା ଲିପ୍ସା ରାଣୀ ପଟେଲ ସ୍ୱାଗତ ଭାଷଣ ଦେଇଥିଲେ। ଶିକ୍ଷୟିତ୍ରୀ ସୁଜାତା ଗୋର୍ଡା ଧନ୍ୟବାଦ ଅର୍ପଣ କରିଥିବାସ୍ଥଳେ ଶିକ୍ଷୟିତ୍ରୀ ସୁନିତା କୁମାରୀ ମିଶ୍ର ପରିଚାଳନା କରିଥିଲେ।

# ରକ୍ତଦାନ ଶିବିର; ୬୦ ୟୁନିଟ ସଂଗ୍ରହ

**ଖଡ଼ିଆଳ, ୮ ।୮ (ସମିସ):** ନୂଆପଡ଼ା ଜିଲ୍ଲା ଖଡ଼ିଆଳ ଥାନା ପକ୍ଷରୁ ଶନିବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ନୂଆପଡ଼ା ଆରକ୍ଷୀ ଅଧିକାରୀ ଅମରିତ ପାଲ ସିଂ ମୁଖ୍ୟଅତିଥି ଭାବରେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଶିବିରରୁ ମୋଟ ୬୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଖଡ଼ିଆଳ ଏସଡିପିଓ ଉପେନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ରକ୍ତଦାନ ଶିବିର ଆୟୋଜନ ହୋଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ଖଡ଼ିଆଳ ବ୍ଲକ ଅଧ୍ୟକ୍ଷ। ପୁଷ୍ପାଞ୍ଜଳି ନନ୍ଦ, ଜିଲ୍ଲାପରିଷଦ ଚିତ୍ତରଞ୍ଜନ ବେହେରା, ସମାଜ ସେବୀ ଅକ୍ଷୟ ନନ୍ଦ, ସଞ୍ଜୟ ତିୱାରୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଖଡ଼ିଆଳ ଥାନା ଅଧିକାରୀ ସୁମନ୍ତ ନାଏକ, ବୋଡେନ ଥାନା ଅଧିକାରୀ ଧର୍ମେନ୍ଦ୍ର ଭୁଏ, ସହକାରୀ ଥାନା ଅଧିକାରୀ ପ୍ରତିମା ଡୁଙ୍ଗ ଡୁଙ୍ଗ, ଏସ ଆଇ ଅଶୋକ କୁମାର ବିହାରୀ। ଏହି ଅବସରରେ ବରିଷ୍ଠ ସାମ୍ବାଦିକ ଅଜିତ ପଣ୍ଡା ଓ ତାଙ୍କ ଧର୍ମ ପତ୍ନୀ ଗାୟତ୍ରୀ ପଣ୍ଡା ରକ୍ତଦାନଙ୍କୁ ଉତ୍ସାହିତ କରିଥିଲେ। ଶିବିରରୁ ମୋଟ ୬୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ରକ୍ତଦାନ କରିଥିବା ସମସ୍ତ ଦାତାଙ୍କୁ ଆୟୋଜକଙ୍କ ପକ୍ଷରୁ ମାନପତ୍ର ସହିତ ଧନ୍ୟବାଦ ଜଣାଯାଇଥିଲେ। ନୂଆପଡ଼ା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ପ୍ରବୀଣ କୁମାର ମେହେର, ଡ଼ ସୁମନ ସୌରଭ, ସହଦେବ ମେହେର, ବଳଭଦ୍ର ରଣା, ହେତୁରାମ ହଂସ, ଅଙ୍କିତ ସଗରିଆ, ଅହଲ୍ୟା ସତନାମୀ ରକ୍ତ ସଂଗ୍ରହ କରିଥିଲେ।

# ଚକ୍ଷୁ ସଂକ୍ରମଣ ଓ ଉପଚାର ସଚେତନତା ଶିବିର

**କେସିଙ୍ଗା, ୮ ।୮ (ସମିସ):** ଏସ୍‌ବିଆଇ ଓ ରାମକୀ ଫାଉଣ୍ଡେସନ ପକ୍ଷରୁ ଶନିବାର ମାଟିଆ ପ୍ରାଥମିକ ବିଦ୍ୟାଳୟ ପରିସରରେ ଚକ୍ଷୁରେ ରୋଗ ସଂକ୍ରମଣ ଓ ତାହାର ଉପଚାର ସମ୍ବନ୍ଧୀୟ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଶାନ୍ତ ଶବରଙ୍କ ଅଧ୍ୟକ୍ଷତାରେ ୯୮ ଜଣ ଛାତ୍ରଛାତ୍ରୀଙ୍କ ଆଖି ଚିକିତ୍ସା ଓ ପରୀକ୍ଷା କରାଯାଇଥିଲା। ରାମକୀ ଫାଉଣ୍ଡେସନର ଜିଲ୍ଲା ପିସିଙ୍କ ସମେତ ଡା. ବିମଳ ଚରଣ ଷଡଙ୍ଗୀ, ପିସି ଷ୍ଟାଫ ପଙ୍କଜିନି ରଣା, ଏଲଟି ନୀତୁ ସିଂ, ନିରଞ୍ଜନ ହାତି ପ୍ରମୁଖ ଥିଲେ

# ୪୨ କେଜି ଗଞ୍ଜେଇ ଜବତ; ଜଣେ ଗିରଫ

**କେସିଙ୍ଗା, ୮ ।୮ (ସମିସ):** ଶୁକ୍ରବାର ଅପରାହ୍ନରେ କେସିଙ୍ଗା କୁର୍ଲୁପଡ଼ାସ୍ଥିତ ନୂତନ ବସ୍‌ଷ୍ଟାଣ୍ଡ ନିକଟରେ ଚଢ଼ଉ କରି ଜଣେ ଯୁବକଙ୍କ ନିକଟରୁ ୪୨ କେଜି ଚୋରା ଗଞ୍ଜେଇ ଜବତ କରିଛି କେସିଙ୍ଗା ପୁଲିସ। ଏଥିରେ ସମ୍ପୃକ୍ତ ଜଣେ ବ୍ୟକ୍ତିକୁ ପୁଲିସ ଗିରଫ କରିଛି। ଜବତ ଗଞ୍ଜେଇ ମୂଲ୍ୟ ପ୍ରାୟ ୨ ଲକ୍ଷ ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଗିରଫ ବ୍ୟକ୍ତି ଜଣକ ହେଲେ ମଦନପୁର ରାମପୁର ଥାନା ଅଧୀନ ପିଲବାଞ୍ଜି ଗ୍ରାମର ବିକାଶ ଦିଗାଲ। ଗଞ୍ଜେଇ କଳାହାଣ୍ଡିରୁ ବାହାର ରାଜ୍ୟକୁ ଚାଲାଣ ହେଉଥିବା ସନ୍ଦେହ କରାଯାଉଛି। ମାଜିଷ୍ଟ୍ରେଟ ଦାୟିତ୍ୱରେ କେସିଙ୍ଗାର ଅତିରିକ୍ତ ତହସିଲଦାର ବିବେକାନନ୍ଦ ସାମଲଙ୍କ ସମେତ କେସିଙ୍ଗା ପୁଲିସ ଅଧିକାରୀମାନେ ଉପସ୍ଥିତ ଥିଲେ।।

# କେନ୍ଦୁମୁଣ୍ଡା ହାଇସ୍କୁଲରେ ଅବସରକାଳୀନ ସମ୍ବର୍ଦ୍ଧନା

**ସିନାପାଲି, ୮ ।୮ (ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକସ୍ଥିତ କେନ୍ଦୁମୁଣ୍ଡା ଜଗନ୍ନାଥ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ମନୁରାମ ନାଏକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ହେରାମ୍ବ ହଂସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଅବସରଗ୍ରହଣ କରିଥିବା ପ୍ରଧାନଶିକ୍ଷକ ମନୁରାମ ନାଏକଙ୍କୁ ମାନପତ୍ର ପ୍ରଦାନ ପୂର୍ବକ ତାଙ୍କର ଶିକ୍ଷା ପ୍ରତି ଅତୁଳ ଅବଦାନକୁ ମନେ ପକାଇ ଥିଲେ। କ୍ରୀଡ଼ା ଶିକ୍ଷକ ଅରୁଣ ଗଡ଼ତିଆ, ସହକାରୀ ଶିକ୍ଷକ ହରିହର ସିଂ ମାଝୀଙ୍କୁ ମଧ୍ୟ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରଯାଇଛି। ଅତିଥି ଭାବରେ କେନ୍ଦୁମୁଣ୍ଡା କ୍ଲଷ୍ଟର ସିଆରସିସି ମହେନ୍ଦ୍ର ବାଗ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି କେଶରୀ ସିଂ ମାଝୀ, ବରିଷ୍ଠ ଶିକ୍ଷକ ରଘୁମଣି ନାଏକ, ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବାମଦେବ ଦାସ, ମଉଳି ପାଣିଗ୍ରାହୀ, ବୁଡୁରାମ ମେହେର, ପ୍ରଦୀପ କୁମାର ସରାଫ, ସ୍ଥାନିୟ ସରପଞ୍ଚ ମଦନ ଦଣ୍ଡସେନା, ସମିତି ସଭ୍ୟା ତୁଳସା ଖର୍ସେଲ, ପରିଚାଳନା କମିଟି ସଦସ୍ୟ ବାବାଜୀ ମାଝି, ଧନେଶ୍ୱର ଘିଭେଲା, ଜୟଦେବ ମାଝୀ, ଡ଼ାକେଶ୍ୱର ମାଝୀଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ। ସଂସ୍କୃତ ଶିକ୍ଷକ ଶ୍ରୀନିବାସ ସନ୍ଧିବିଗ୍ରହ ମଞ୍ଚ ପରିଚାଳନା କରିଥିଲେ।




# କେଲୁଆ ଗାଁରେ ପହଞ୍ଚିଲେ ଆଶାକର୍ମୀ

## ୧୫ଦିନ ଧରି ଜ୍ୱରରେ ପୀଡ଼ିତ ଗ୍ରାମବାସୀ; ମେଡିକାଲ୍ ଟିମ୍ ନ ପହଞ୍ଚିବାରୁ ଅସନ୍ତୋଷ

**ଥୁଆମୂଳ ରାମପୁର, ୮ ।୮ (ସମିସ)**

ଦୁର୍ଗମ କେଲୁଆ ଗାଁରେ ଦୀର୍ଘ ୧୫ ଦିନ ଧରି ଜ୍ୱର, ଥଣ୍ଡା ଓ କାଶ ଭଳି ରୋଗ ବ୍ୟାପିଥିବା ନେଇ 'ସକାଳ' ଖବରକାଗଜରେ ପ୍ରକାଶ ପାଇବା ପରେ ସ୍ୱାସ୍ଥ୍ୟ ବିଭାଗ ତତ୍ପରତା ଦେଖାଇଛି। ତେବେ ଗାଁରେ ଏକ ସ୍ୱତନ୍ତ୍ର ଡାକ୍ତରୀ ଦଳ ପହଞ୍ଚି ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ଅନୁଧ୍ୟାନ କରିବା ପରିବର୍ତ୍ତେ ସ୍ଥାନୀୟ ଆଶାକର୍ମୀ ଗାଁରେ ପହଞ୍ଚି ରକ୍ତ ନମୂନା ସଂଗ୍ରହ ସହିତ ଔଷଧ ବଣ୍ଟନ କରି ଫେରିଥିବା ଜଣାପଡ଼ିଛି। ଏହାକୁ ନେଇ କେଲୁଆ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ନାକୁରୁଣ୍ଡି ପଞ୍ଚାୟତ ଅଧୀନ ଏହି ଅତି ଦୁର୍ଗମ ଗାଁରେ ପ୍ରାୟ ୬୦ଟି ଆଦିବାସୀ ପରିବାର ବସବାସ କରନ୍ତି। ଗତ ପ୍ରାୟ ୧୫ ଦିନ ଧରି ଗାଁର ଅନେକ ଲୋକ ଜ୍ୱର, ଥଣ୍ଡା ଓ କାଶରେ ପୀଡ଼ିତ ଥିବାନେଇ ଗ୍ରାମବାସୀ ପୂର୍ବରୁ ଅଭିଯୋଗ କରିଥିଲେ। ଏଭଳି ପରିସ୍ଥିତିରେ ଗାଁରେ ଡାକ୍ତରୀ ଦଳ ପହଞ୍ଚି ରୋଗୀଙ୍କ ଯାଞ୍ଚ କରିବା, ଆବଶ୍ୟକ ପରୀକ୍ଷା କରିବା ଏବଂ ରୋଗର କାରଣ ଅନୁଧ୍ୟାନ କରିବା ଜରୁରୀ ବୋଲି ସ୍ଥାନୀୟ ଲୋକେ ମତ ଦେଇଛନ୍ତି। ଖବର ପ୍ରକାଶ ପରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତତ୍ପରତା ପ୍ରଦର୍ଶନ କରାଯାଇଥିଲେ ମଧ୍ୟ, କେବଳ ଆଶାକର୍ମୀଙ୍କୁ ପଠାଇ ଔଷଧ ବଣ୍ଟନ କରିଦେବା ଦ୍ୱାରା ଏତେ ଦିନ ଧରି ଜ୍ୱରକାଶରେ ପୀଡ଼ିତ ଲୋକଙ୍କ ସମସ୍ୟାର ସମାଧାନ ହେବ କି ବୋଲି ପ୍ରଶ୍ନ ଉଠିଛି। ଗ୍ରାମବାସୀଙ୍କ କହିବା ଅନୁଯାୟୀ, ଆଶାକର୍ମୀ ଗାଁରେ ପହଞ୍ଚି କିଛି ଔଷଧ ବଟିକା ଦେଇ ଫେରିଛନ୍ତି। କିନ୍ତୁ ଅସୁସ୍ଥ ଲୋକଙ୍କ ଶାରୀରିକ ଅବସ୍ଥାର ବିସ୍ତୃତ ଯାଞ୍ଚ, ଆବଶ୍ୟକ ପରୀକ୍ଷା କିମ୍ବା ଗୁରୁତର ରୋଗୀଙ୍କୁ ଉଚ୍ଚତର ଚିକିତ୍ସା କେନ୍ଦ୍ରକୁ ପଠାଇବା ଭଳି ପଦକ୍ଷେପ ହୋଇଛି କି ନାହିଁ, ତାହାକୁ ନେଇ ଗ୍ରାମବାସୀ ପ୍ରଶ୍ନ ଉଠାଇଛନ୍ତି। ବିଶେଷକରି କେଲୁଆ ଭଳି ଦୁର୍ଗମ ଅଞ୍ଚଳରେ ସ୍ୱାସ୍ଥ୍ୟ ବିଭାଗର ନିୟମିତ ନଜରଦାରି ଓ ତୁରନ୍ତ ଚିକିତ୍ସା ସେବା ଆବଶ୍ୟକ ବୋଲି ଅଞ୍ଚଳବାସୀ କହିଛନ୍ତି। ନାକୁରୁଣ୍ଡିରେ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଥିବା ସତ୍ତ୍ୱେ କେଲୁଆ ଭଳି ଦୁର୍ଗମ ଗାଁରେ ଅସୁସ୍ଥତା ବ୍ୟାପିବା ପରେ ମଧ୍ୟ ଡାକ୍ତରୀ ଦଳ ନପହଞ୍ଚିବା ଘଟଣା ସ୍ୱାସ୍ଥ୍ୟ ବ୍ୟବସ୍ଥାର ଦୁର୍ବଳତାକୁ ପଦାରେ ପକାଇଛି ବୋଲି ଅଭିଯୋଗ ହୋଇଛି। କେବଳ ଔଷଧ ବଣ୍ଟନ ନୁହେଁ, ଏକ ସ୍ୱତନ୍ତ୍ର ଡାକ୍ତରୀ ଦଳ କେଲୁଆ ଗାଁକୁ ପଠାଇ ସମସ୍ତ ଅସୁସ୍ଥ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା, ଆବଶ୍ୟକ ରକ୍ତ ଓ ଅନ୍ୟାନ୍ୟ ପରୀକ୍ଷା କରାଯିବା ସହ ଗୁରୁତର ରୋଗୀଙ୍କୁ ଉଚ୍ଚତର ଚିକିତ୍ସା ସୁବିଧା ଯୋଗାଇବାକୁ ଗ୍ରାମବାସୀ ଦାବି କରିଛନ୍ତି।

ସକାଳ THE SAKALA ପ୍ରଭାବ



# ଶିକ୍ଷକ ସଂଘ ପକ୍ଷରୁ ବିଦାୟୀ ଗୁରୁମାନଙ୍କୁ ସମ୍ବର୍ଦ୍ଧନା


**କୋକସରା, ୮ ।୮ (ସମିସ):** କୋକସରା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ (ମିଳିତ) ଆନୁକୂଲ୍ୟରେ ଶନିବାର ଆମପାଣିସ୍ଥିତ ଡାକବଙ୍ଗଳାଠାରେ ଏକ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଛି। ଏହି ଅବସରରେ ବ୍ଲକର ତିନି ଜଣ ଅବସରପ୍ରାପ୍ତ ଶିକ୍ଷକ ମୁରଲୀଧର ମାଝୀ, ଭୁବନେଶ୍ୱର ନିଆଲ ଏବଂ ନିର୍ମଳ ଚନ୍ଦ୍ର ସାହୁଙ୍କୁ ସଂଘ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବରିଷ୍ଠ ଶିକ୍ଷକ ପ୍ରମୋଦ କୁମାର ପୁରୋହିତ ସମ୍ବର୍ଦ୍ଧନା ସଭାର ସଭାପତିତ୍ୱ କରିଥିଲେ। କୋକସରା ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଜିଲ୍ଲା ଏନପିଏସ୍ ଶିକ୍ଷକ ସଂଘ ସମ୍ପାଦକ ବୈକୁଣ୍ଠ ଜାଲ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିବା ବେଳେ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ଏନପିଏସ ସଭାପତି ଚନ୍ଦ୍ରମୋହନ ପୂଝରୀ ଓ ଏକ୍ସକ୍ୟାଡ଼ର ଶିକ୍ଷକ ସଂଘ ସଭାପତି ଗଗନ ବିହାରୀ ପଟ୍ଟନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଶିକ୍ଷକ ଈଶ୍ୱରୀ ପ୍ରସାଦ ଅଗସ୍ତି ସଭାକାର୍ଯ୍ୟ ସଂଯୋଜନା କରିଥିବା ବେଳେ ଭାଗ୍ୟବାନ ବାଗ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ପଦ୍ମଲୋଚନ ସାହୁ, ପଞ୍ଚାନନ ମାଝୀ, ନବୀନ ମାଝୀ, ରମାକାନ୍ତ ଗୌଡ଼, ଏମଏନ୍ ବବ୍ରୁବାହାନ ସାହୁ, ମାନସିଂହ ବେଶ୍ରା, ତୁଳସିରାମ ପଟେଲ, ରଞ୍ଜିତ ଖମାରୀ, ମନୋରଞ୍ଜନ ମାଝୀ, କେଦାରନାଥ ନାଏକ ଓ ସନାତନ ପଣ୍ଡାଙ୍କ ସମେତ ବହୁ ଶିକ୍ଷକ ଉପସ୍ଥିତ ରହିଥିଲେ।





# ଅଧେ କଥା

କାଶୀନାଥ ନନ୍ଦୀ



ପଚାରିଲାରୁ ଲୋକଟା କହିଲା, ସେ ସତୁରି ବର୍ଷର। ତେବେ ଦେଖିଲେ ଲାଗୁଥିଲା, ସେ ତା' ବୟସରୁ ଆହୁରି କେତେ ବର୍ଷ ବଡ଼ ହେଇଥିବ। ଠିକାଦାର ତାକୁ ଆଣି ମୋ' ଘର ତିଆରି କାମରେ ଲଗେଇଥିଲା। ଲୋକଟାର କଥାଭାଷା ମତେ ଭାରି ଆକୃଷ୍ଟ କଲା। ଭାରି ବିନୀତ ସେ। ଭାରି ନମ୍ର ତା' କଥା। ମିସ୍ତ୍ରୀ ତା' ସହିତ କଥା ହେଉଥିଲା ଓ ତାକୁ ସେ ନିଜ ଭାବେ କାମ କରାଉଥିଲା । ଏଇଠି ମୁଁ ମଝି ମଣିଷ। ମୁଁ କେବଳ ଶ୍ରୋତା ଓ ଦର୍ଶକ।

କୋଉଠୁ ଆସିଯାଉଥାଏ, କେମିତି ପଡ଼ିଯାଉଥାଏ ସେଇସବୁ କଥା ମୁଁ କହୁନାହିଁ। ସେମାନଙ୍କ କାମ ସ୍ରୋତରେ ସେସବୁ ନାନା କଥା ଆସି ଯାଉଥାଏ, ବହି ଯାଉଥାଏ।

"ମଉସା ଇଟା ପକାଅ, ସେଠି ଠିଆ ହେଇ କା' କଥା ଭାବୁଛ। ମାଉସୀଙ୍କ କଥା ମନେ ପଡୁଛି କି ?" ମିସ୍ତ୍ରୀର ସ୍ୱର ଭାରି ଅଶ୍ଳୀଳ। ମୁଁ ଦେଖୁଥିଲି, ଲୋକଟା ଆଖିରେ ଧାରେ ଲାଜ। ଟିକେ ହସ। କେବଳ ଏତିକି। ତାପରେ ସେମାନଙ୍କ କାମ ଲାଗିଗଲା। କାମ ଚାଲିଛି, କଥା ଚାଲିଛି। ସେଇଭିତରେ ସେମାନଙ୍କ ଜୀବନ କଥା। ସେଇ କଥାର ଗହଳି ଭିତରେ ଭୋକ ଆସିଲା। ଆସିଲା ବି ପ୍ରେମ। ଭୋକ ଗୋଟେ ଚିହ୍ନିଲା ଭୋଗାଭୋଗ ଭିତରେ ପ୍ରେମ ଯେମିତି ଏକ ଅତିଥି । ମୁଁ ଦେଖୁଥିଲି ମଉସାଙ୍କୁ। ସେ କି ଲୁଚୋଉଛନ୍ତି ନିଜକୁ ଓ ନିଜ ଜୀବନର କଥାକୁ । ଏଇ ଭିତରେ ସେମାନଙ୍କ ଖାଇବାବେଳ ଆସିଲା। ସେମାନେ ଗୋଡ଼ ହାତ ଧୋଇଲେ। ଠିକାଦାର ସେତେବେଳକୁ ସେମାନଙ୍କ ପାଇଁ ଖାଇବାକୁ ଆଣିସାରି ଥାଏ। ସେମାନେ ଖାଇଲେ। ମୁଁ ଖାଇବାକୁ ଗଲି। ମୋ ମନ ବୁଢ଼ାଟି ସହ ଅଛି। ସେମାନଙ୍କ କଥା ମତେ ଭାରି ଅଧା ଅଧା ଲାଗୁଥାଏ। ସେଥିରୁ ମୁଁ କେବଳ ଲୋକଟାର ଜୀବନର ମୁଖାଶାଳା ଦେଖିଥାଏ । ତା' ଜୀବନ-ମନ୍ଦିର ଦେଖି ନ ଥାଏ । ମୋ ସ୍ରଷ୍ଟା ମାନସ ତା' ଉପରେ ହିଁ ରହିଥାଏ। ମନ ଚାହୁଁ ଥାଏ ଗୋଟେ ନିରୋଳା ମୁହୂର୍ତ୍ତ। ସେଇଠି କେବଳ ମୁଁ ଓ ସେ। କେହି ନ ଥାନ୍ତୁ ଆମ ଭିତରେ।

ମୋ ମନ ଲାଖି ସମୟଟେ କେମିତି କେମିତି ଆସିଗଲା। ସେତେବେଳକୁ ସେ ଏକା, ମୁଁ ଏକା। ମୁଁ ତା' ପାଖରେ ହେଲା ବେଳକୁ ସେ ବାଲି ଉପରେ ତା' ଗାମୁଛା ଖଣ୍ଡକ ପାରି ଶୋଇଥିଲା। ତାହା ନିଦ ନୁହଁ, ତାହା ତା' ବିଶ୍ରାମ। ମୁଁ ତା' ପାଖରେ ଠିଆ ହେଲି ତ ସେ ଆଖି ଫିଟେଇ ଦେଲା ଓ ବସି ପଡ଼ିଲା, "କଣ ହେଲା ବାବୁ, କିଛି ଖୋଜୁ ଥିଲେ ?"

"ନା, ମୁଁ ତୁମ ସହ ଟିକେ କଥା ହେବାକୁ ଆସିଥିଲି।" ମୋ' ଏପରି କଥା ବୋଧହୁଏ ତା' ଜୀବନରେ ଗୋଟେ ନୂଆ କଥା। ସେ କି କୃତ କୃତ ହେଇଗଲା। ମୁଁ ଅନୁଭବ କରୁଥିଲି, ଟିକିଏ ଭଲ ଆଚରଣ ଜଣେ ଏମିତି ସାଧାରଣ ମଣିଷ ଭିତରେ କେତେ ଆତ୍ମୀୟ ଭାବ ଆଣିଦିଏ ସତେ! ମୋ ଭିତରେ ଅନେକ ପ୍ରଶ୍ନ। ମତେ ପଚାରିବାକୁ ଅଛି, ତା'ଠୁ ଶୁଣିବାର ଅଛି। ଆମ ଭିତରେ ସେମିତି ପରିସ୍ଥିତିଟେ ଆସିବାକୁ ସମୟ ଲାଗିଲା। ମୋର ତା' ପ୍ରତି ଗୋଟେ ନିଜର ପରି କଥାଭାଷାରେ ସେ ମୋହି ଗଲା, "ବାବୁ, ମୁଁ କେତେ ମାଲିକଙ୍କ ପାଖରେ କାମ କରିଛି। ଆପଣଙ୍କ ପରି ମୁଁ କାହାକୁ ଦେଖି ନାହିଁ।" ତା' ଆତ୍ମୀୟତା ତା' କଥାରେ ଦିଶି ଯାଉଥିଲା। ତାପରେ ସେ ରହି ନାହିଁ। ସେ କହିଚାଲିଲା ତା' କଥା। ମୋ ସବୁ ପ୍ରଶ୍ନ, ତା'ର ସବୁ ଉତ୍ତର। ଥର ଥର କି ସେ କହିଗଲା ତା' ସାରା ଜୀବନର କଥା। କେହି ନାହିଁ ତା'ର। କିଛି ନାହିଁ ତା'ର। ବାପା ମାଆ ମରି ଗଲେଣି। ତା' ଯୁବା ବୟସରୁ ସେ ସେମାନଙ୍କୁ ହରେଇଛି। ତା'ର ଭାଇ ଭଉଣୀ କେହି ନାହାଁନ୍ତି। ସେ ବାହା ବି ହେଇ ପାରିଲା ନାହିଁ। କେହି ତା' ବାହାଘର କଥା ବୁଝିଲେ ନାହିଁ। ସେ ସେଇମିତି ରହିଗଲା। ମୁଁ ପଚାରିଲି, "ତମେ କ'ଣ କାହାକୁ ଭଲ ପାଇଲ ନାହିଁ? ତମ ଜୀବନରେ କେହି କ'ଣ ଆସିଲେ ନାହିଁ ?" ମୋ ପ୍ରଶ୍ନରେ ଭାରି ଛୋଟ ହସଟିଏ ତା' ଓଠରେ। ମତେ ଲାଗିଲା କିଛି ଅଛି ଅତୀତରେ। ଅଥଚ ମିଛ ହେଲା ମୋ ଭାବନା। ସେ ତା' ଜୀବନର ସତକୁ କେବଳ 'ନା'ରେ ସାରିଦେଲା।

ଏଇଠି ସେ ରହିଲା। ଏଉଠୁ ମୋ କଥା ସରିଲା। ମୁଁ ଫେରିବି ତାଠୁ, ମନକୁ କ'ଣ ଆସିଲା କେଜାଣି ପଚାରିଦେଲି, "କେମିତି ଚଳୁଛ ଏବେ ? ଆଗକୁ ବୟସ ବଢ଼ିବ, ରୋଗ ଆସିବ, ତା' ଆଗକୁ କେତେ କଥା ଦେହ ଜୀବନରେ, ଚଳିବ କେମିତି ? କିଏ ଆଃ...କହିବ ତୁମକୁ?"

"ଭୋକ ହେଲେ ଯିଏ ଭାତ ଖଞ୍ଜିଦିଏ, ମୋ ଦେହପା'ରେ ସିଏ ହିଁ ଖଞ୍ଜିଦେବ ଜଣକୁ। ସେଇଥିପାଇଁ ପା' ସେ ଈଶ୍ୱର।"

ମୁଁ ରହି ଗଲି ତା' କଥାରେ। ମତେ କିଛି ଓ କେହି ତା'ର ଥିଲା ପରି ଲାଗିଲା ତା' ଜୀବନରେ। କହିଲି, "କିଏ ଜଣେ ଅଛି ନା ତୁମ ପାଇଁ...?"

ସେ ଆଖିରେ 'ହଁ' କଲା। ମୋ' କହିଲାରୁ ସେ ତୁଣ୍ଡ ଫିଟେଇଲା, "ସେ ପର ସ୍ତ୍ରୀ ବାବୁ। ମୋ' ଭଡ଼ା ଘର ପାଖରେ ତା' ଘର। ମୋର ଦେଖାହୁଏ। ଭାରି ଦୁଃଖିଆରୀଟେ ସେ। ଗୁଡ଼େ ଛୁଆ। ସ୍ୱାମୀଟା ମଦୁଆ। ସେ ତା' ସ୍ୱାମୀର ରୋଜଗାରକୁ ଅନାଏ ନା। ନିଜେ ମୂଲ ଲାଗେ। ଘର ଚଳାଏ। ଏଇ ଅଳ୍ପ ଦିନ ହେବ, ମତେ ଭାରି ଜ୍ୱର ହେଲା। ବିଛଣାରୁ ଉଠି ପାରିଲି ନାହିଁ। ସେ ଜାଣିଲା। ଜୀବନର ପ୍ରଥମ ଥର କେହିଜଣେ ସ୍ତ୍ରୀଲୋକ ରାତିରେ ମୋ' ଘରେ ପଶିଲା। ଆସିଲା ତ ସେ ମୋର ହେଇଗଲା। ମତେ କୁଣ୍ଢେଇ କି ଉଠେଇଲା। ଅମୃତ ସମାନ ତା' ସେବା ବାବୁ... ।" ସେ ରହିଗଲା। ଆଗକୁ କ'ଣ କୁହାଯିବ ତାକୁ କହି ଆସୁ ନ ଥିଲା। ଜଣେ ସ୍ତ୍ରୀଲୋକ ପ୍ରଥମ ସ୍ପର୍ଶ, ତା'ର ଭାଷା କ'ଣ ଏତେ ସହଜ କହିଦେବା ? ସେ କହି ପାରିଲା ନାହିଁ। ମୁଁ ଆଗକୁ ପଚାରିଲି ନାହିଁ। ହୋଉ..., ମୁଁ ଆସୁଛି କହି ମୁଁ ମୁହଁ ଫେରଉଛି, ସେ କହିଲା, "ବାବୁ, ସେ ଏବେ ବେମାର ପଡ଼ିଛି। ସତ ଲୁଚୋଉ ନାହିଁ, ମୁଁ ଆଜି ତାରି ପାଇଁ କାମକୁ ଆସିଛି। ତା' ସ୍ୱାମୀ କୁଆଡ଼େ ଯାଇଛି ଯେ ଯାଇଛି। ମୁଁ ନ ଅନେଇଲେ ତାକୁ କିଏ ଆଉ ଦେଖିବ... ।"

ଏତିକି ବେଳେ ଫୋନ୍ ରିଂ ହେଲା। ବୁଢ଼ା ତା' ବ୍ୟାଗରୁ ତା' ଛୋଟ ଫୋନ୍ କାଢ଼ି ଅନ୍ କଲା। ଫୋନ୍ ଲାଉଡ୍‌ର ମୋଡ଼ରେ ଥିଲା। ଆମେ ଶୁଣିଲୁ, "ଜେଜ..., ତମେ ଜଲଦି ଆସ... ମା' ଉଠୁ ନାହିଁ। ଆମେ ତାକୁ ଉଠେଇ ଖୋଇ ପାରୁ ନାହୁଁ... ।"

ମୁଁ ଦେଖୁଥିଲି। ବର୍ଣ୍ଣ ବଦଳି ଯାଉଥିଲା ଗୋଟେ ମୁହଁର। ଆଖିକୁ ଓହ୍ଲାଉ ଥିଲା ଗୋଟେ ପ୍ରାଣସତ୍ତା। ସେଇଠି କାନ୍ଦୁଣୁ ମାନ୍ଦୁଣୁ ଯୋଡ଼ିଏ ଆଖି। ଏତିକି ବେଳେ ମିସ୍ତ୍ରୀର ଡାକ, ମଉସା, ଆସ..., ବାଲି ପକାଅ... କୁଆଡ଼େ ଗଲ... ■

କଟକ
ମୋ: ୯୮୬୧୬୫୫୩୫୭

---

# କବିତାର ଘର

ଅପର୍ଣ୍ଣା ମହାନ୍ତି





ମୁଁ, ନତମସ୍ତକ ବାରମ୍ବାର
ମୋ' କବିତାକୁ, ଲୋଡୁଥିବା
ଅନୁରାଗ ପାଖରେ।

କାହାର ସେ
ନୀରବ ଅନୁରୋଧ
ଯିଏ, ମୋ ହାତଧରି
ଟାଣିଆଣେ
ମତେ ବୁଡ଼େଇ ମାରୁଥିବା
କୋଳାହଳର ଭଉଁରି ମଝିରୁ,

ବସେଇ ଦିଏ
ଭାବାବେଗରେ ଟେବୁଲ୍ ଆଗରେ
କବିତା ଦଉଡ଼ି ଆସି
ପଛରୁ ମୋ, ଆଖିବୁଜି ଧରେ।

ନିମିଷକେ,
କୁଆଡ଼େ ଉଭେଇ ଯାଏ
ଚୁଲୀ, ଚାଳ, ସଂସାର ଜଞ୍ଜାଳ।

ଦି ଆଖିର ଝରଣାରେ
ଆବେଗରେ ଢେଉ ଛଳଛଳ
ତ, ପ୍ରାଣର ଆକାଶ ତଳେ
ଶରଦର ଚନ୍ଦ୍ରମଣ୍ଡଳ
ନିର୍ମଳ... ।

ଆଗରୁ ଶୁଭୁନଥିବା
ବଂଶୀ ଏବେ
ବାଜିଉଠେ ମଧୁର ମଧୁର।
ସବୁ ଅର୍ଗଳି କାଟି
ଡେଣା ମେଲି ଉଡ଼ିଯିବା ପାଇଁ
ଶବ୍ଦମାନେ, ଆପେ ଆପେ,
ଉନ୍ମୁଖ...ଅଧୀର... ।

ଥରକୁ ଥର ଉପେକ୍ଷା କରିବା ବେଳେ
ମୁଁ କ'ଣ
ସେଇ ଅନୁରାଗକୁ
ଅପେକ୍ଷା କରେ କି
ମୋ ଅଜାଣତରେ !!

ଯେତେବେଳେ ଭୟ ହୁଏ
ଯେ ଏଥର ବୋଧହୁଏ
ଅପହଞ୍ଚ ହୋଇଗଲା
କବିତାର ଘର।

ସେତେବେଳେ,
କେଉଁ ଲୋଡ଼ିବାପଣର
ନିର୍ମାୟା ନିରୀହ ପକ୍ଷୀ
ମୋ' ପାଇଁ ସଜାଡ଼ି ଦିଏ
ପ୍ରୀତି ଓ ଗୀତିର କୁଟାକାଠି
ହାହାକାରର
ଝଡ଼ ବତାସ ଭିତରେ...!! ■

କପାଳେଶ୍ୱର, ଠାକୁରପାଟଣା
ଜି: କେନ୍ଦ୍ରାପଡ଼ା-୭୫୪୨୫୦

---

# ଡେଣା

ଦେବାଶିଷ ଚକ୍ରବର୍ତ୍ତୀ



ମୁକୁଳା ମନ ନେଇ ଇଚ୍ଛାର ଆକାଶରେ
ଡେଣା ଝାଡ଼ିବାକୁ କିଏ
ଚାହେଁ ନାହିଁ କହିଲ?
କିନ୍ତୁ, ଏଠି ତ ହତାଶାର ତୂଳୀରେ
ଅହରହ ଅଙ୍କା ଚାଲିଛି
ଦୁଃସମୟର ପ୍ରତିକୃତି
ମନ ସାରା ଭଙ୍ଗାରୁଜା ଆଶା ଏବଂ
ଲୋଚାକୋଚା ସ୍ୱପ୍ନଙ୍କ ରାଜୁତି ।

ପ୍ରଜାପତିର ଡେଣାରେ ଆଉ କାହିଁକି
ଲେସି ହେଉନି
ସମ୍ଭାବନାର ଫୁଲରେଣୁ
ମହୁମାଛିର କଣ୍ଠରୁ କିଏ
ଚୋରେଇ ନେଇଛି
ଆପଣାପଣର ଗୁଣୁ ଗୁଣୁ ?
ସନ୍ଦେହର କୁଜ୍ ଝଟିକାରେ
ଆପଣାର ମଣିଷ ବି
ମନେ ହେଉଛି ଭୂତ
ବାଟବଣା ହେଉଛି ମନ ଝରଣାର
କୁଳୁ କୁଳୁ ଗୀତ ।

ଅହଂକାରର ଗମ୍ଭୀରାରେ
ସାଇତା ମନକୁ କେହି କଣ
ମାଗିଛି କି ପ୍ରାଚୁର୍ଯ୍ୟର ଛପନ ପଉଟି
ଗ୍ଲାନିର ଅନ୍ଧାରରୁ ମୁକୁଳିବାକୁ ଚାହୁଁ ତ
ଭୋକରେ କାଉଳି ବାଉଳି ହେଉଥିବା
ମଣିଷକୁ ଦେ ଢୋକେ ତୋରାଣି କି
ଭାତ ଦି ମୁଠି
କପଟତାର ଅଳିଆ ଖରକି
ମନ ଅଗଣାରେ ବିଛେଇ ଦେ
ସରଳପଣର ସୁନା ଖରା
ତେବେ, ଶୁଣି ପାରିବୁ
ଜୀବନ ବଧୂର ପାଉଁଜିର ରୁଣୁଝୁଣୁ
ଯାଯାବର ପକ୍ଷୀପରି
ଆକାଶର ନୀଳିମାରେ
ଉଡ଼ାଣ ଭରିବାକୁ ଚାହୁଁଥିବା
ଆତ୍ମାପକ୍ଷୀର ଗୁଣୁ ଗୁଣୁ। ■

ମଣ୍ଡୁଆ, କେନ୍ଦୁଝର ଗଡ଼
ମୋ: ୯୪୩୭୭୫୨୩୯୫



---

# ଆଧୁନିକ ଓଡ଼ିଆ କବିତାରେ ଶ୍ରୀଜଗନ୍ନାଥ

ଡକ୍ଟର ଦିଗମ୍ବର ଗିରି



ଆଧୁନିକ ଓଡ଼ିଆ କବିତାରେ ପୌରାଣିକ ଚରିତ୍ର ଓ ଧାର୍ମିକ ପ୍ରତୀକମାନଙ୍କୁ ନୂତନ ଅର୍ଥରେ ବ୍ୟବହାର କରାଯାଉଛି । ଶ୍ରୀଜଗନ୍ନାଥ ଆଧୁନିକ ପୁନଃପାଠର କେନ୍ଦ୍ରୀୟ ପ୍ରତୀକ। ସେ କେବଳ ଭକ୍ତିର ବିଷୟ ହୋଇ ରହିନାହାନ୍ତି ବରଂ ଇତିହାସ, ସମାଜ, ମାନବିକତା, ପ୍ରତିରୋଧ, ସମନ୍ୱୟ ଓ ଓଡ଼ିଆ ସାଂସ୍କୃତିକ ଅସ୍ମିତାର ବହୁମାତ୍ରିକ ରୂପକ। ଆଧୁନିକ କବିମାନେ ଜଗନ୍ନାଥଙ୍କୁ ଏକ ଜୀବନ୍ତ ସାଂସ୍କୃତିକ ଚେତନାର ପ୍ରବାହ ଭାବରେ ଦେଖିଛନ୍ତି ।

କବି ସଚ୍ଚିଦାନନ୍ଦ ରାଉତରାୟ ଓ ଗୋଦାବରୀଶ ମହାପାତ୍ରଙ୍କ କବିତାରେ ଜଗନ୍ନାଥ ସଂସ୍କୃତିର ଗଣତାନ୍ତ୍ରିକ, ମାନବିକ ମୂଲ୍ୟବୋଧକୁ ଲକ୍ଷ୍ୟ କରାଯାଏ। ସୀତାକାନ୍ତ ମହାପାତ୍ରଙ୍କ କବିତାରେ ଶ୍ରୀଜଗନ୍ନାଥଙ୍କ ନୀରବତା ଓ ଏକାନ୍ତତା ମଧ୍ୟରେ ଏକାକୀ ଜୀବନ ଓ ଅସ୍ତିତ୍ୱର ସଂକଟ ଖୋଜା ଯାଇପାରେ। ରମାକାନ୍ତ ରଥଙ୍କ କବିତାରେ ଜଗନ୍ନାଥ ଆଧ୍ୟାତ୍ମିକ ନୀରବତା ଓ ଅସ୍ତିତ୍ୱବାଦୀ ଚେତନାର ପ୍ରତୀକ। ତାଙ୍କ କାବ୍ୟରେ ଜଗନ୍ନାଥ ମଣିଷର ଅନ୍ତର୍ଜଗତ, ସନ୍ଦେହ, ଏକାକୀତ୍ୱ ଓ ଆତ୍ମସନ୍ଧାନ ସହ ସଂଯୁକ୍ତ। ଗୁରୁ ପ୍ରସାଦ ମହାନ୍ତିଙ୍କ 'ନିଜ ବନ୍ଦନା ନିଜେ ପଢ଼େ' କବିତାରେ କହନ୍ତି "ମୁଁ କିରେ ଖୋଜୁନି ମର୍ମର ଖଣି? / ମରୁ - ଖଜୁରେ - ଫୁଲ ଫଗୁଣର ଧାରା?/ ମୁଁ କିରେ ବୁଣୁନି ଜଗନ୍ନାଥର ବୀଜ ଓଁ କାର /" ଜାରା ଜୀବନରେ କେତେ ଝୁମୁରର ଜ୍ୱାଳା। ପରିବର୍ତ୍ତିତ ସମୟ ସହିତ ଜୀବନ ଓ ଜିଜ୍ଞାସାକୁ କବି ଦେଖିଛନ୍ତି। ଗୋପାଳ ମିଶ୍ରଙ୍କ 'କାଳିଆ ଠାକୁର' କବିତାରେ ଶ୍ରୀଜଗନ୍ନାଥ ଭୋଗୀ ଓ ବିତ୍ତଶାଳୀ, ସେ ସର୍ବ ସ୍ରଷ୍ଟା ଓ ସର୍ବ ଦ୍ରଷ୍ଟା । ଠିକ୍ ସେହିପରି ଶ୍ରୀଜଗନ୍ନାଥଙ୍କୁ ନେଇ ଆମ ସମାଜ ଓ ସଂସ୍କୃତିର ଭିନ୍ନ ଭିନ୍ନ ଦିଗ ଓ ଦିଗନ୍ତ ସମ୍ପର୍କରେ ବ୍ରହ୍ମୋତ୍ରୀ ମହାନ୍ତି, ଦୀପକ ମିଶ୍ର, ଦୁର୍ଗା ଚରଣ, କମଳାକାନ୍ତ, ପ୍ରତିଭା ଶତପଥୀ, ପ୍ରମୋଦ ମହାନ୍ତି, ହରପ୍ରସାଦ ଦାସ, ସୌଭାଗ୍ୟ କୁମାର ମିଶ୍ର ତଥା ତରୁଣ କବିଙ୍କ କବିତାରେ ଈଶ୍ୱର ଅନୁଚିନ୍ତା ପରିବର୍ତ୍ତିତ ସମୟ ପ୍ରେକ୍ଷାପଟରେ କବିଙ୍କ କବିତାରେ ଶ୍ରୀଜଗନ୍ନାଥ ନୂତନ ଅର୍ଥରେ ଉପସ୍ଥିତ। ସାମ୍ପ୍ରତିକ କବିତାରେ କେଉଁଠି ସେ ପ୍ରାପ୍ତି, ଅପ୍ରାପ୍ତିର ନୀରବ ସାକ୍ଷୀ, କେଉଁଠି ମାନବ ଯନ୍ତ୍ରଣାର ସହଯାତ୍ରୀ, କେଉଁଠି ସମୟର ବିବେକ, ଆଉ କେଉଁଠି ଓଡ଼ିଆ ଅସ୍ମିତାର ଜୀବନ୍ତ ପ୍ରତୀକ ରୂପେ ଆଧୁନିକ ଅର୍ଥରେ ଜନଚେତନାକୁ ରସସିକ୍ତ କରିଛନ୍ତି।

ଆଧୁନିକ କବିତାରେ କବିମାନେ ଜଗନ୍ନାଥଙ୍କୁ ପ୍ରାଚୀନ ପୌରାଣିକ ଦେବତା ଓ ପାରମ୍ପରିକ ଭକ୍ତି ଓ ବିଶ୍ୱାସକୁ ସମକାଳୀନ ସମାଜର ଆଲୋକରେ ପୁନଃବ୍ୟାଖ୍ୟା କରିଛନ୍ତି। ରଥଯାତ୍ରା ଜନଜୀବନର ଗତିଶୀଳତା, ନବକଳେବର ପରିବର୍ତ୍ତନର ଅନିବାର୍ଯ୍ୟତା ଏବଂ ଶ୍ରୀମନ୍ଦିର ସାଂସ୍କୃତିକ ସ୍ମୃତିର ରୂପକ ଭାବେ କାବ୍ୟରେ ବ୍ୟବହୃତ। ଉକ୍ତ ପୁନଃପାଠ ଆଧୁନିକ କବିତାକୁ ନୂତନ ଦାର୍ଶନିକ ଗଭୀରତା ପ୍ରଦାନକରିବାରେ ସହାୟତା ପ୍ରଦାନ କରିଛି।

ଶ୍ରୀଜଗନ୍ନାଥ କେବଳ କୋଟି ପ୍ରାଣର ଆରାଧ୍ୟ ଠାକୁର ନୁହନ୍ତି; ସେ ଓଡ଼ିଆ ଭାଷା, ସଂସ୍କୃତି, ଲୋକସଂସ୍କୃତି ଓ ଐତିହାସିକ ଚେତନାର କେନ୍ଦ୍ରବିନ୍ଦୁ। କବିମାନେ ତାଙ୍କ ମାଧ୍ୟମରେ ସାଂସ୍କୃତିକ ସଙ୍କଟ, ପରିଚୟର ପ୍ରଶ୍ନ ଓ ବୈଶ୍ୱିକୀକରଣର ପ୍ରଭାବକୁ ଉଦ୍‌ଘାଟନ କରିଛନ୍ତି। ଜଗନ୍ନାଥ ଏଠାରେ ପରମ୍ପରା ଓ ଆଧୁନିକତା ମଧ୍ୟରେ ଏକ ଉତ୍ତମ ସେତୁ କହିଲେ ଅତ୍ୟୁକ୍ତି ହେବ ନାହିଁ।

ଶ୍ରୀଜଗନ୍ନାଥ ହୋଇଛନ୍ତି ଲୋକଜୀବନ, ସଂଘର୍ଷ ଓ ଇତିହାସର ପ୍ରତୀକ। ରଥଯାତ୍ରା କେବଳ ଧାର୍ମିକ ଆଚାର ନୁହେଁ; ଏହା ଜନତାର ଅଗ୍ରଯାତ୍ରା ଏବଂ ସାମୂହିକ ଚେତନାର ରୂପକ। ସେ ଜଗନ୍ନାଥଙ୍କୁ ଶୋଷିତ ଓ ସାଧାରଣ ଲୋକଙ୍କ ଆଶାର ପ୍ରତୀକ ଭାବେ ଯାତ୍ରା ରଚିଛନ୍ତି । ଶ୍ରୀଜଗନ୍ନାଥ ବିଶ୍ୱ ମଣିଷର ଅନ୍ତର୍ଜଗତ, ସନ୍ଦେହ, ଏକାକୀତ୍ୱ ଓ ଆତ୍ମସନ୍ଧାନ ସହ ସଂଯୁକ୍ତ।

ସୀତାକାନ୍ତ ମହାପାତ୍ର ଜଗନ୍ନାଥଙ୍କୁ ଲୋକସଂସ୍କୃତି, ଆଦିବାସୀ ପରମ୍ପରା ଓ ପ୍ରକୃତି ସହ ମଧ୍ୟ ସମ୍ପୃକ୍ତ କରିଛନ୍ତି। ତାଙ୍କ କବିତାରେ ଦାରୁବ୍ରହ୍ମ କେବଳ ଧାର୍ମିକ ପ୍ରତୀକ ନୁହେଁ, ପରିଦୃଶ୍ୟମାନ ଜୀବନ ଜଗତ, ପ୍ରକୃତି, ମଣିଷ ଓ ବିଶ୍ୱଚେତନାର ସମ୍ମିଳିତ ରୂପବିଗ୍ରହ । ଏହା ଜଗନ୍ନାଥ ସଂସ୍କୃତିର ସମନ୍ୱୟବାଦୀ ଚରିତ୍ରକୁ ପ୍ରତିଷ୍ଠିତ କରେ।

ହରପ୍ରସାଦ ଦାସଙ୍କ କବିତାରେ ଜଗନ୍ନାଥ ପରିବର୍ତ୍ତିତ ସମୟର ସାକ୍ଷୀ ଓ ସଭ୍ୟତାର ନୈତିକ ବିବେକ। ଆଧୁନିକ ମଣିଷର ମୂଲ୍ୟବୋଧର ସଙ୍କଟ, ବିଚ୍ଛିନ୍ନତା ଓ ଅସ୍ତିତ୍ୱଗତ ପ୍ରଶ୍ନକୁ ସେ ଶ୍ରୀଜଗନ୍ନାଥଙ୍କ ମାଧ୍ୟମରେ ବ୍ୟକ୍ତ କରିଛନ୍ତି। ପ୍ରତିଭା ଶତପଥୀଙ୍କ କବିତାରେ କରୁଣା, ମାନବିକତା ଓ ଅନ୍ତର୍ଲୋକର ଆଶ୍ରୟସ୍ଥଳ ପାଲଟି ଯାଇଛନ୍ତି ସ୍ୱୟଂ ମହାବାହୁ। ନାରୀ ସମ୍ବେଦନା, ମାନବୀୟ ସମ୍ପର୍କ ଓ ଆଧ୍ୟାତ୍ମିକ ଅନୁଭୂତି ମାଧ୍ୟମରେ ସେ ଜଗନ୍ନାଥଙ୍କୁ ଏକ ସାର୍ବଜନୀନ ଚେତନାର ରୂପ ଦେଇଛନ୍ତି। ସୌଭାଗ୍ୟ କୁମାର ମିଶ୍ର ଏବଂ ଅନ୍ୟ ସମକାଳୀନ କବିମାନଙ୍କ କବିତାରେ ଜଗନ୍ନାଥ ବୈଶ୍ୱିକୀକରଣର ଯୁଗରେ ସାଂସ୍କୃତିକ ପରିଚୟର ପ୍ରତୀକ।

ସମକାଳୀନ କବିତାରେ ରଥଯାତ୍ରା, ମହାପ୍ରସାଦ, ଶ୍ରୀମନ୍ଦିର ଓ ଜଗନ୍ନାଥ ଚେତନାକୁ ଆଧୁନିକ ସମାଜ, ରାଜନୀତି ଓ ସଂସ୍କୃତିର ପ୍ରେକ୍ଷାପଟରେ ନୂତନ ଭାବରେ ବ୍ୟାଖ୍ୟା କରାଯାଇଛି। ଉପରୋକ୍ତ କବିମାନଙ୍କ କାବ୍ୟରେ ଜଗନ୍ନାଥଙ୍କ ରୂପ ଭିନ୍ନ ହେଲେ ମଧ୍ୟ ଏକ ସାଧାରଣ ସୂତ୍ର ସ୍ପଷ୍ଟ-ସେ ଓଡ଼ିଆ ପ୍ରାଣ, ପ୍ରତ୍ୟୟ ତଥା ସାଂସ୍କୃତିକ ଅସ୍ମିତାର କେନ୍ଦ୍ରବିନ୍ଦୁ। କେଉଁଠି ସେ ଲୋକଚେତନାର ପ୍ରତୀକ, କେଉଁଠି ମାନବିକତାର, କେଉଁଠି ଇତିହାସର, ଆଉ କେଉଁଠି ଅସ୍ତିତ୍ୱବାଦୀ ପ୍ରଶ୍ନର। ଏହି ବହୁମାତ୍ରିକତା ଆଧୁନିକ ଓଡ଼ିଆ କବିତାକୁ ସମୃଦ୍ଧ କରିଛି।

ଉତ୍ତର-ଆଧୁନିକତାର ପ୍ରଭାବ ସତ୍ତ୍ୱେ ଶ୍ରୀଜଗନ୍ନାଥ ଚେତନା ତାହାର ମୂଳ ମାନବିକ ଓ ସାଂସ୍କୃତିକ ମୂଲ୍ୟବୋଧକୁ ଅକ୍ଷୁଣ୍ଣ ରଖିଛି। ଆଧୁନିକ ଓଡ଼ିଆ କବିତା ଏହି ଚେତନାକୁ ନୂତନ ଭାଷା, ନୂତନ ପ୍ରତୀକ ଓ ନୂତନ ବ୍ୟାଖ୍ୟାରେ ରୂପାୟିତ କରିଛି। ଶ୍ରୀଜଗନ୍ନାଥ କେବଳ ଅତୀତର ଐତିହ୍ୟ ନୁହେଁ; ସେ ବର୍ତ୍ତମାନ ଓ ଭବିଷ୍ୟତର ସାଂସ୍କୃତିକ ପଥପ୍ରଦର୍ଶକ। ଜଗନ୍ନାଥ ସଂସ୍କୃତି ଓଡ଼ିଆ ଭାଷା, ଲୋକପରମ୍ପରା, କଳା, ସାହିତ୍ୟ ଓ ସାମୂହିକ ସ୍ମୃତିକୁ ଏକ ସୂତ୍ରରେ ବାନ୍ଧି ଓଡ଼ିଆ ସାଂସ୍କୃତିକ ଅସ୍ମିତାକୁ ସୁଦୃଢ଼ କରିଛି।

ଆଧୁନିକ ଓଡ଼ିଆ କବିତାରେ ଶ୍ରୀଜଗନ୍ନାଥଙ୍କ ଚିତ୍ରଣ ଭକ୍ତିମୂଳକ ସୀମାକୁ ଅତିକ୍ରମ କରି ସାଂସ୍କୃତିକ, ସାମାଜିକ ଓ ଦାର୍ଶନିକ ପ୍ରତୀକରେ ପରିଣତ ହୋଇଛି। ଶ୍ରୀଜଗନ୍ନାଥ ଓଡ଼ିଆ ଜାତିର ସାଂସ୍କୃତିକ ଆତ୍ମା। ତାଙ୍କ ଚେତନାରେ ସମନ୍ୱୟ, ସମତା, ସହିଷ୍ଣୁତା ଓ ମାନବିକତାର ଯେଉଁ ମୂଲ୍ୟବୋଧ ନିହିତ, ତାହା ଆଧୁନିକ ଓଡ଼ିଆ କବିତାକୁ ଗଭୀର ଭାବେ ପ୍ରଭାବିତ କରିଛି। ଆଧୁନିକ କବିତାଗୁଡ଼ିକରେ ଜଗନ୍ନାଥ କେବଳ ବିଶ୍ୱାସ ଓ ଭରସା ଦେବତା ନୁହନ୍ତି; ସେ ଓଡ଼ିଆ ଅସ୍ମିତାର ଜୀବନ୍ତ ରୂପକ, ସାଂସ୍କୃତିକ ସ୍ମୃତିର ଧାରକ ଏବଂ ସମୟ ସହ ନିରନ୍ତର ସଂଳାପ କରୁଥିବା ଏକ ଚିରନ୍ତନ ପ୍ରତୀକ। ଏହି ଦୃଷ୍ଟିରୁ ଆଧୁନିକ ଓଡ଼ିଆ କବିତାରେ ଶ୍ରୀଜଗନ୍ନାଥଙ୍କ ଅଧ୍ୟୟନ କେବଳ ସାହିତ୍ୟିକ ନୁହେଁ, ବରଂ ଓଡ଼ିଆ ସମାଜ, ସଂସ୍କୃତି ଓ ପରିଚୟର ବିକାଶକୁ ବୁଝିବାର ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ।

ଶ୍ରୀଜଗନ୍ନାଥ ଓଡ଼ିଆ ସଂସ୍କୃତିର ଜୀବନ୍ତ ଆତ୍ମା। ଆଧୁନିକ ଓଡ଼ିଆ କବିତାରେ ତାଙ୍କ ଉପସ୍ଥିତି ପ୍ରମାଣ କରେ ଯେ, ପରମ୍ପରା କେବେ ସ୍ଥିର ନୁହେଁ; ସମୟ ସହ ନୂତନ ଅର୍ଥ ଓ ନୂତନ ରୂପ ଧାରଣ କରେ। ଜଗନ୍ନାଥ ଚେତନା ଆଧୁନିକ ଓଡ଼ିଆ କବିତାରେ ସାଂସ୍କୃତିକ ଅସ୍ମିତାର ଏକ ଚିରନ୍ତନ ଓ ସୃଜନଶୀଳ ଭିତ୍ତି ଭାବେ ବେଶ୍ ପରିବ୍ୟାପ୍ତ ସୁପ୍ରତିଷ୍ଠିତ। ■

ରାଇରଙ୍ଗପୁର, ମୟୂରଭଞ୍ଜ
ମୋ: ୯୪୩୭୩୮୦୯୨୭

---

# ପୁସ୍ତକ ଓ ପତ୍ରିକା ପରିଚୟ

## ଅବୁଝା ନଈ

ପ୍ରଦ୍ୟୁମ୍ନ ପଟ୍ଟନାୟକ




ପଶ୍ଚିମା ପବ୍ଲିକେଶନ୍ସ
୧୮୮୨, ନୟାପଲ୍ଲୀ, ଭୁବନେଶ୍ୱର
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ: ୧୬୯ ଟଙ୍କା

"ସମୟର ଚୋରା ବାଲିକୁ/ ଧରି ରଖି ହୁଏନି ହାତ ମୁଠାରେ/ ସଂପର୍କର ବନ୍ଧନକୁ ଭୁଲି ହୁଏନି/ କ୍ଷଣକ ମଧ୍ୟରେ ।" (ସମୟ ଏବଂ ସଂପର୍କ) ବର୍ତ୍ତମାନ ସମୟ ଓ ସଂପର୍କର ଗୁରୁତ୍ୱ ବେଶ୍ ପ୍ରଭାବଶାଳୀ ଭାବେ ଏହି କବିତାରେ ପ୍ରସ୍ଫୁଟିତ ହୋଇଉଠିଛି । ଏଭଳି କିଛି ଆବେଗ, ସ୍ୱପ୍ନ, ବାସ୍ତବତାର ଚିତ୍ର ପ୍ରତିଫଳିତ ହୋଇଛି ପ୍ରଦ୍ୟୁମ୍ନ ପଟ୍ଟନାୟକଙ୍କ 'ଅବୁଝା ନଈ' ପୁସ୍ତକର କବିତାଗୁଡ଼ିକରେ । ଏହି ପୁସ୍ତକରେ ସଂକଳିତ 'ସେ ମୁହୂର୍ତ୍ତ', 'ଅକସ୍ମାତ୍', 'ନୀଳ ଜହ୍ନର ପ୍ରତୀକ୍ଷାରେ', 'ଅପବାଦ', 'ମିଛମାୟା', 'ନିଦ୍ରିତା ନାୟିକା', 'ବିରହ', 'ଭରସା', 'ଭାଗ୍ୟ', 'ଆବେଗ', 'ମହାର୍ଘ ମୁହୂର୍ତ୍ତ', 'ପାର୍ବଣ', 'ସାୟାହ୍ନ', 'କବିତା ଲେଖୁଥିବା ଝିଅ', 'ଅପକୀର୍ତ୍ତି', 'ସଂପର୍କର ଶବ', 'ଅବୁଝା ନଈ' ଆଦି କବିତାଗୁଡ଼ିକ ମନଛୁଆଁ ହୋଇଛି । ମଣିଷ ସ୍ୱପ୍ନ, ଭାବନା, କଳ୍ପନାରେ ବଞ୍ଚେ । ତଥାପି ସମାଜର ବାସ୍ତବତାକୁ ସ୍ୱୀକାର କରିବାକୁ ପଡ଼ିଥାଏ । ଏହି ପୁସ୍ତକରେ ସଂକଳିତ କବିତାଗୁଡ଼ିକର ଛଳ ଛଳ ଭାବ, ସରଳ ଭାଷା, ନିରାଡ଼ମ୍ବର ଶୈଳୀ ଅଧିକ ମନଛୁଆଁ ହୋଇଛି । 'ଅବୁଝା ନଈ' ପୁସ୍ତକର କବିତାଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ । ■

## ବାଟଭୁଲା ଚଢ଼େଇର ଗୀତ

ଜଗତ୍‌ବନ୍ଧୁ ଆଚାର୍ଯ୍ୟ




ସୁବର୍ଣ୍ଣଶ୍ରୀ ପ୍ରକାଶନୀ
ନେଳିଆବାଗ, ବାଲେଶ୍ୱର
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ: ୧୭୫ ଟଙ୍କା

ଜୀବନାନୁଭୂତିର କାବ୍ୟିକ ପରିପ୍ରକାଶ ହେଉଛି ଜଗତ୍‌ବନ୍ଧୁ ଆଚାର୍ଯ୍ୟଙ୍କ 'ବାଟଭୁଲା ଚଢ଼େଇର ଗୀତ' ପୁସ୍ତକ । ଏହି ପୁସ୍ତକରେ ସଂକଳିତ କବିତାଗୁଡ଼ିକରେ ଜୀବନର ଅନେକ ଅକୁହା କଥାକୁ ମାର୍ମିକ ଭାବେ କବି ବ୍ୟକ୍ତ କରିଛନ୍ତି । 'ମହାନିର୍ବାଣ', 'ଭଡ଼ାଘର', 'ପରିବର୍ତ୍ତନ', 'ପ୍ରତୀକ୍ଷା', 'ଛଳନା', 'କଳ୍ପନା ଅସୁମାରି', 'ବାଇମୁଣ୍ଡି', 'ସଂପର୍କ ନିବିଡ଼', 'ଆଶା ବୈତରଣୀ', 'ଶୂନ୍ୟତାର ଶିଢ଼ି', 'ଚରିତ୍ର', 'ବାପା ଖୋଜାପଡ଼ନ୍ତି', 'ବାଟଭୁଲା ଚଢ଼େଇର ଗୀତ', 'ପ୍ରାୟଶ୍ଚିତ', 'ଶତାବ୍ଦୀର ଶ୍ରେଷ୍ଠ ଫୁଲ' ଆଦି କବିତାଗୁଡ଼ିକ ମର୍ମସ୍ପର୍ଶୀ ହୋଇଛି । ମାଟିଠୁ ଆକାଶ ଯାଏ ପରିବ୍ୟାପ୍ତ ତାଙ୍କ କବିତାର ଭାବଭୂମି । ପୁଣି ସମାଜର ନାନା ଘଟଣା ପ୍ରବାହ ତାଙ୍କ କବିତାକୁ କରିଛି ଅଧିକ ଭାବମୟ । ମାନବୀୟ ଭାବାବେଗ, ସମ୍ବେଦନଶୀଳତା, ହୃଦୟର ଅକୁହା କଥା, ସାମାଜିକ ବାସ୍ତବତାକୁ କବି ଅତି ଚମତ୍କାର ଭାବେ ନିଜ କବିତାଗୁଡ଼ିକରେ ବର୍ଣ୍ଣନା କରିଛନ୍ତି । ମାନବୀୟ ସଂପର୍କର ଓଜନ ଓ ଗଭୀରତା ମାପିବା ବେଶ୍ କଷ୍ଟକର । ଏକଥା ଅତି ଚମତ୍କାର ଭାବେ କବିତାରେ ଫୁଟି ଉଠିଛି । ଏହି ପୁସ୍ତକର କବିତାଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ । ■

## ସାହିତ୍ୟ ସମୟ

ସଂପାଦକ: କ୍ଷୀରୋଦ ପରିଡ଼ା




ସେକ୍ଟର-୫/୩୫୨, ନୀଳାଦ୍ରି ବିହାର
ଭୁବନେଶ୍ୱର-୭୫୧୦୨୧
ମୂଲ୍ୟ: ୫୦ ଟଙ୍କା

କ୍ଷୀରୋଦ ପରିଡ଼ାଙ୍କ ସଂପାଦନାରେ ପ୍ରକାଶ ପାଉଥିବା 'ସାହିତ୍ୟ ସମୟ'ର ଜୁନ୍ -୨୦୨୬ ସଂଖ୍ୟା ଆମର ହସ୍ତଗତ ହୋଇଛି । ଓଡ଼ିଶାର ଅନେକ ପ୍ରତିଷ୍ଠିତ ଓ ଯୁବ ଲେଖକଙ୍କ ଉଚ୍ଚକୋଟୀର ପ୍ରବନ୍ଧ, ଗପ, କବିତାରେ ଏହି ସଂଖ୍ୟାଟି ସମୃଦ୍ଧ ହୋଇଛି । ଡକ୍ଟର ଶତ୍ରୁଘ୍ନ ପାଣ୍ଡବଙ୍କ 'ଜଗନ୍ନାଥ ପ୍ରସାଦ କାବ୍ୟବିଭା', ହିମାଂଶୁ ପରିଡ଼ାଙ୍କ 'ଓଡ଼ିଆ ଆଧୁନିକତାର ଏକ ଏକାନ୍ତ ସ୍ୱର: ଭାନୁଜୀ ରାଓ', ଡକ୍ଟର ରତ୍ନପର୍ଣ୍ଣା ଦାସଙ୍କ 'ମହାପାତ୍ର ନୀଳମଣି ସାହୁଙ୍କ ଗଳ୍ପରେ ମାନବିକ ଆବେଦନ: କାରୁଣ୍ୟ' ଆଦି ପ୍ରବନ୍ଧଗୁଡ଼ିକ ଉଚ୍ଚକୋଟୀର, ତଥ୍ୟ ଭିତ୍ତିକ ଓ ଗବେଷଣାଧର୍ମୀ ହୋଇଛି । ସେହିପରି ଫନୀ ମହାନ୍ତି, ରଞ୍ଜିତା ନାୟକ, ପ୍ରଦୀପ କୁମାର ପଣ୍ଡା, ଜୟନ୍ତିକା, ଅଜୟ ପ୍ରଧାନ ପ୍ରମୁଖଙ୍କ କବିତାରେ ସାଂପ୍ରତିକ ସମୟର ଚିତ୍ର ବେଶ୍ ପ୍ରଭାବଶାଳୀ ଭାବେ ପ୍ରସ୍ଫୁଟିତ ହୋଇଉଠିଛି । ଡକ୍ଟର ମହେନ୍ଦ୍ର ପ୍ରସାଦଙ୍କ 'ମହାଶ୍ୱେତା ଦେବୀ: ମହାଅରଣ୍ୟର ମାଆ' ଏକ ହୃଦୟସ୍ପର୍ଶୀ ଫିଚର । ସେହିପରି ପ୍ରଦୋଷ ମିଶ୍ର, ଜାନକୀ ବଲ୍ଲଭ ମହାପାତ୍ର, ଅଭୟ ବାରିକ୍ ପ୍ରମୁଖଙ୍କ ଗପଗୁଡ଼ିକ ମନଛୁଆଁ ହୋଇଛି । 'ସାହିତ୍ୟ ସମୟ'ର ଏହି ସଂଖ୍ୟାଟି ପାଠକୀୟ ଆଦୃତି ଲାଭ କରିବ ବୋଲି ଆଶା କରାଯାଏ । ■

# ବିନା ଟେଣ୍ଡରରେ ବିଭାଗୀୟ କାର୍ଯ୍ୟାଦେଶ

## ୧୮.୩୩ ଲକ୍ଷ ଟଙ୍କାର ୫୨୫ଟି ଏସିଆର ନିର୍ମାଣରେ ନିୟମ ଉଲ୍ଲଂଘନ ଅଭିଯୋଗ

ବାରିପଦା, ୮।୮(ସମିସ): ରାଜ୍ୟର ବିଦ୍ୟାଳୟଗୁଡ଼ିକରେ ଭୋକେସନାଲ ଲ୍ୟାବ ପାଇଁ ଅତିରିକ୍ତ ଶ୍ରେଣୀ କକ୍ଷ (ଏସିଆର) ନିର୍ମାଣ କାର୍ଯ୍ୟରେ ଟେଣ୍ଡର ପ୍ରକ୍ରିୟାକୁ ଏଡ଼ାଇ ବିଭାଗୀୟ ଭାବେ କାର୍ଯ୍ୟାଦେଶ ଦିଆଯିବାକୁ ନେଇ ପ୍ରଶ୍ନ ଉଠିଛି। ସରକାରୀ ନିୟମ ଅନୁସାରେ ୫ ଲକ୍ଷ ଟଙ୍କାରୁ ଅଧିକ ଅଟକଳ ଥିବା କାର୍ଯ୍ୟ ଟେଣ୍ଡର ଦ୍ୱାରା କରାଯାଇଥାଏ। ତେବେ ୧୮.୩୩ ଲକ୍ଷ ଟଙ୍କାର ପ୍ରକଳ୍ପ ବିନା ଟେଣ୍ଡରରେ ବିଭାଗୀୟ ଭାବେ କରାଇବା ନିୟମ ବିରୋଧୀ ବୋଲି ଅଭିଯୋଗ ହୋଇଛି।

ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓଏସଇପିଏ)ର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନନ୍ୟା ଦାସଙ୍କ ଦ୍ୱାରା ଜାରି ହୋଇଥିବା ଏକ ପତ୍ର (ନମ୍ବର ୮୦୩୦/ଭିଇ/୨୬ ଓ ୧୫୬୭/ଭିଇ/୨୬, ୨୩.୦୭.୨୦୨୬)ରେ ଜଣାପଡ଼ିଛି ଯେ, ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ରାଜ୍ୟ ବଜେଟରୁ ୫୨୫ଟି ଏସିଆର ନିର୍ମାଣ ପାଇଁ ୯୬୨୩.୨୫ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି। ପ୍ରତି ଏସିଆର ପାଇଁ ୧୮.୩୩ ଲକ୍ଷ ଟଙ୍କା ହିସାବରେ ଏହି ଅର୍ଥ ରାଜ୍ୟର ସମସ୍ତ ଡିପିସିଙ୍କ ଆକାଉଣ୍ଟକୁ ଆରଟିଜିଏସ ମାଧ୍ୟମରେ ପଠାଯାଇଛି। ଉକ୍ତ ପତ୍ରରେ ସ୍ପଷ୍ଟ କରାଯାଇଛି ଯେ, ଏହି କାର୍ଯ୍ୟ ଡିପିସି ସ୍ତରରେ ଟିସି ଓ ସିନିୟର ଟିସିଙ୍କ ମାଧ୍ୟମରେ ବିଭାଗୀୟ ଭାବେ ସମ୍ପାଦନ କରାଯିବ। ମଡେଲ ପ୍ଲାନ ଅନୁଯାୟୀ ୨୫'୦" ଘ ୨୦'-୦" ଆକାରର କକ୍ଷ ସହିତ ୭'-୦" ବାରଣ୍ଡା, ମ୍ୟାଟ ଫିନିସ୍ଡ ଭିଟ୍ରିଫାଇଡ ଟାଇଲ ଫ୍ଲୋରିଙ୍ଗ, ୟୁପିଭିସି ସ୍ଲାଇଡିଂ ୱିଣ୍ଡୋ ସହ ଏମଏସ ଗ୍ରିଲ, ର୍ୟାମ୍ପ ସହ ହ୍ୟାଣ୍ଡରେଲ, ଫାୟାର ଏକ୍ସଟିଙ୍ଗୁଇସର ଇତ୍ୟାଦି ଅନ୍ତର୍ଭୁକ୍ତ। ଭିତ୍ତିଭୂମି ଭବିଷ୍ୟତରେ ଜି+୧ ସ୍ତର ପର୍ଯ୍ୟନ୍ତ ବିସ୍ତାର ପାଇଁ ଡିଜାଇନ କରାଯିବ ବୋଲି କୁହାଯାଇଛି। କାମ ୪ ମାସ ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ଓ ବିଳମ୍ବ ହେଲେ କଠୋର କାର୍ଯ୍ୟାନୁଷ୍ଠାନ ନେବା କୁହାଯାଇଛି। ମଡେଲ ଅଟକଳରେ ମୋଟ ୧୮.୩୩ ଲକ୍ଷ ଟଙ୍କା ଦେଖାଯାଇଛି (ସେକ୍ସନ ଏ, ବି ଓ ସି ମିଶାଇ)। ଏଥିରେ ଫାଉଣ୍ଡେସନ, ସୁପରଷ୍ଟ୍ରକଚର, ଫିନିସିଂ, ବିଦ୍ୟୁତୀକରଣ, ଗ୍ରିନବୋର୍ଡ, ଫାୟାର ଏକ୍ସଟିଙ୍ଗୁଇସର, ୱାଲ ଆଲମିରା ଆଦି ଅନ୍ତର୍ଭୁକ୍ତ। ଅଟକଳ ପରିମାଣ ୫ ଲକ୍ଷ ଟଙ୍କାରୁ ତିନିଗୁଣରୁ ଅଧିକ ହେବା ସତ୍ତ୍ୱେ ଟେଣ୍ଡର ଡକା ନ ଯାଇ ବିଭାଗୀୟ ଭାବେ କାର୍ଯ୍ୟ କରାଇବାକୁ କୁହାଯାଇଥିବାରୁ ନିୟମ ଉଲ୍ଲଂଘନର ଅଭିଯୋଗ ଉଠିଛି। ସାଧାରଣତଃ ଓପିଡବ୍ଲୁଡି କୋଡ ଓ ସରକାରୀ ନିୟମାବଳୀ ଅନୁଯାୟୀ ନିର୍ଦ୍ଦିଷ୍ଟ ପରିମାଣରୁ ଅଧିକ ଅଟକଳ ଥିବା କାର୍ଯ୍ୟରେ ଟେଣ୍ଡର ପ୍ରକ୍ରିୟା ଅନୁସରଣ କରାଯିବା ଆବଶ୍ୟକ ବୋଲି ଦାବି କରାଯାଉଛି। ପତ୍ରରେ କାର୍ଯ୍ୟ ସମୟସୂଚୀ ଦିଆଯାଇଛି। ୨।୮।୨୦୨୬ ସୁଦ୍ଧା ସାଇଟ ସ୍ପେସିଫିକ ଅଟକଳ ପ୍ରସ୍ତୁତ, ୧୬।୮।୨୦୨୬ରୁ କାର୍ଯ୍ୟ ଆରମ୍ଭ, ୩୧।୧୨।୨୦୨୬ ସୁଦ୍ଧା ହସ୍ତାନ୍ତର। ଝାରସୁଗୁଡା ବ୍ୟତୀତ ସମସ୍ତ ଡିଇଓ-କମ-ଡିପିସିଙ୍କୁ ଏହି ନିର୍ଦ୍ଦେଶ ଦିଆଯାଇଛି ଓ ଜିଲ୍ଲା କଲେକ୍ଟରଙ୍କୁ ମଧ୍ୟ ଅନୁଲିପି ପଠାଯାଇଛି। ଏହି ପତ୍ର ଓ ସଂଲଗ୍ନ ମଡେଲ ଅଟକଳ ତଥା ବିଦ୍ୟାଳୟ ତାଲିକାକୁ ଆଧାର କରି ବିଭାଗୀୟ କାର୍ଯ୍ୟାଦେଶର ବୈଧତା ଉପରେ ପ୍ରଶ୍ନ ଉଠିବା ସ୍ୱାଭାବିକ। ସମ୍ପୃକ୍ତ କର୍ତ୍ତୃପକ୍ଷ ଏ ବିଷୟରେ ସ୍ପଷ୍ଟୀକରଣ ଦେବେ କି ନାହିଁ, ତାହା ଏବେ ଦେଖିବାକୁ ରହିଛି।

## ବାଘର ଏଆଇ ଫଟୋ ଛାଡ଼ି ଯୁବକ ଗିରଫ



ଯାଜପୁର,୮।୮(ସମିସ): ଏଆଇ ମାଧ୍ୟମରେ ବାଘ ଫଟୋ ସୋସିଆଲ ମିଡିଆରେ ଛାଡ଼ି ଆତଙ୍କ ସୃଷ୍ଟି କରିବା ଅଭିଯୋଗରେ ଜଣେ ଯୁବକ ଗିରଫ ହୋଇଛି। ଗିରଫ ଯୁବକ ହେଲେ ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକ ସାଉଡିଆ ପଞ୍ଚାୟତ ବଣିଆରି (ତାଲୁଆ)ଗ୍ରାମର ଶ୍ରୀକାନ୍ତ ଧିନ୍ଦା। ସେ ନିଜ ମୋବାଇଲରେ ଗାଁରେ ବାଘ ବୁଲୁଥିବା ଫଟୋ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଛାଡିବା ପରେ ଏହାକୁ ନେଇ ଆତଙ୍କ ସୃଷ୍ଟି ହୋଇଥିଲା। ଏହାକୁ ନେଇ ପୁଲିସ, ବନ ବିଭାଗ ପକ୍ଷରୁ ତଦନ୍ତ କରାଯାଇ ଖୋଳତାଡ଼ କରାଯାଇଥିଲା। ପରେ ଉକ୍ତ ଫଟୋ ସଂପୂର୍ଣ୍ଣ ମିଥ୍ୟା ବୋଲି ଜଣାପଡିଥିଲା। ଏହାପରେ ଫଟୋ ଛାଡିଥିବା ଯୁବକଙ୍କୁ ପୁଲିସ ଗିରଫ କରିଥିବା ଜଣାପଡିଥିଲା।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଲମ୍ବା କେଶ ପାଇଁ...

ପ୍ରାକୃତିକ ପଦ୍ଧତି। ସେ କୌଣସି ରାସାୟନିକ ପଦାର୍ଥ ବ୍ୟବହାର କରିବା ପରିବ ।ର୍ତ୍ତେ ଘରେ ତିଆରି ହେଉଥିବା ହର୍ବାଲ୍ ତେଲ ଏବଂ ସାମ୍ପୁ ବ୍ୟବହାର କରନ୍ତି। କେଶକୁ ସଫା କରିବା ଏବଂ ଜଟମୁକ୍ତ କରିବା ପାଇଁ ତାଙ୍କୁ ଘଣ୍ଟା ଘଣ୍ଟା ଧରି ଧୈର୍ଯ୍ୟର ସହ ପରିଶ୍ରମ କରିବାକୁ ପଡ଼ିଥାଏ।। ରେଣୁ ଜଣେ କଣ୍ଟେଣ୍ଟ କ୍ରିଏଟର ଏବଂ ୟୁଟ୍ୟୁବର ଭାବେ ମଧ୍ୟ ସକ୍ରିୟ ଅଛନ୍ତି, ଯେଉଁଠାରେ ସେ ଅନ୍ୟ ମହିଳାମାନଙ୍କୁ କେଶର ଯତ୍ନ ନେବା ପାଇଁ ପରାମର୍ଶ ପ୍ରଦାନ କରନ୍ତି। ତାଙ୍କର ଏହି ଅସାଧାରଣ ରୂପ ପାଇଁ ସେ ସବୁବେଳେ ସାଧାରଣରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ସାଜିଥାନ୍ତି।ରେଣୁଙ୍କ କହିବା ଅନୁଯାୟୀ, ଏହି ବିଶ୍ୱ ରେକର୍ଡ କେବଳ ଏକ ବ୍ୟକ୍ତିଗତ ସଫଳତା ନୁହେଁ, ବରଂ ଏହା ମାଧ୍ୟମରେ ସେ ନିଜ ସହର, ନିଜ ସଂସ୍କୃତି ଏବଂ ସମଗ୍ର ଭାରତକୁ ବିଶ୍ୱ ଦରବାରରେ ଗର୍ବିତ କରିବାକୁ ଲକ୍ଷ୍ୟ ରଖିଛନ୍ତି। ସେ ଆଶା କରନ୍ତି ଯେ ତାଙ୍କର ଏହି ସଫଳତା ଅନ୍ୟମାନଙ୍କୁ ନିଜର ପ୍ରାକୃତିକ ସୌନ୍ଦର୍ଯ୍ୟ ଏବଂ ପରମ୍ପରା ପ୍ରତି ସଚେତନ କରିବ।

### ପାକିସ୍ତାନୀ 'ହନିଟ୍ରାପ୍'ର...

ସମ୍ପର୍କ ନିବିଡ଼ ହୋଇଥିଲା। ଏହି ସମୟରେ ସେ କିଛି ଗୁରୁତ୍ୱପୂର୍ଣ୍ଣ ପ୍ରତିରକ୍ଷା ଦସ୍ତାବେଜ ଓ ତଥ୍ୟ ଡିଜିଟାଲ୍ ମାଧ୍ୟମରେ ସେହି ମହିଳାଙ୍କୁ ପଠାଇଥିବା ଅଭିଯୋଗ ହୋଇଛି। ଏହି ମାମଲାରେ ଏକ ଚିନ୍ତାଜନକ ଦିଗ ସାମ୍ନାକୁ ଆସିଛି। ଅଭିଯୁକ୍ତ ଅଫିସର ଜଣକ ତାଙ୍କର ଜଣେ ସହକର୍ମୀଙ୍କୁ ମୋବାଇଲରେ ଏକ ନିର୍ଦ୍ଦିଷ୍ଟ ଆପ୍ ଇନଷ୍ଟଲ୍ କରିବାକୁ କହିଥିଲେ। ତଦନ୍ତକାରୀ ସଂସ୍ଥା ସନ୍ଦେହ କରୁଛି ଯେ ଏହା ଏକ ସ୍ପାଇୱେୟାର୍ କିମ୍ବା ମାଲୱେୟାର୍ ହୋଇଥାଇପାରେ, ଯାହା ମାଧ୍ୟମରେ ଫୋନର ଲୋକେସନ ଟ୍ରାକ୍ କରିବା, ତଥ୍ୟ ଚୋରି କରିବା ଏବଂ କଥାବାର୍ତ୍ତା ରେକର୍ଡ କରିବା ସମ୍ଭବ ହେଉଥିଲା। ବର୍ତ୍ତମାନ ଇଲେକ୍ଟ୍ରୋନିକ୍ ଉପକରଣଗୁଡ଼ିକର ଫୋରେନସିକ୍ ଯାଞ୍ଚ ଜାରି ରହିଛି। ଜୁଲାଇ ୩୦, ୨୦୨୬ରେ ଦିଲ୍ଲୀ ପୁଲିସ ସମ୍ପୃକ୍ତ କୋର୍ଟରେ ଏହି ମାମଲାର ଚାର୍ଜସିଟ୍ ଦାଖଲ କରିଛି। ଏହି ଅଫିସର ଜଣକ କୌଣସି ବଡ଼ ଧରଣର ଗୁପ୍ତଚର ନେଟୱାର୍କର ଅଂଶ କି ନୁହଁନ୍ତି, ସେ ନେଇ ତଦନ୍ତ କରାଯାଉଛି। ଏହି ଘଟଣା ସେନା ବାହିନୀରେ ସୋସିଆଲ ମିଡିଆ ବ୍ୟବହାର ଏବଂ ସାଇବର ସୁରକ୍ଷା ପ୍ରତି ବିପଦକୁ ନେଇ ପୁଣିଥରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଆଗାମୀ ସପ୍ତାହରେ ହେବାର ସମ୍ଭାବନା ରହିଛି।

### ଲଘୁଚାପ ବର୍ଷା...

ସୃଷ୍ଟି ହୋଇପାରେ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି। ୧୨ ତାରିଖରେ ନୂତନ ଘୂର୍ଣ୍ଣିବଳୟ ସୃଷ୍ଟି ସହ ଏହା ପ୍ରଭାବରେ ୧୪ ବେଳକୁ ପୁଣି ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହେବା ନେଇ ଆଇଏମ୍‌ଡିର ବିସ୍ତାରିତ ପରିସର ଆକଳନରେ ଦର୍ଶାଯାଇଛି। ଏହା ପ୍ରଭାବରେ ପରବର୍ତ୍ତୀ ୩ ଦିନ ପର୍ଯ୍ୟନ୍ତ ବର୍ଷା ହେବାକୁ ଥିବା ବେଳେ ଏହାର ପ୍ରଭାବରେ ପ୍ରମୁଖ ନଦୀଗୁଡ଼ିକରେ ବନ୍ୟା ଆଶଙ୍କା ସାଧାରଣରେ ଦେଖାଦେଲାଣି। ଅପରପକ୍ଷେ ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଗତ ୨୪ ଘଣ୍ଟା ମଧ୍ୟରେ ଦେବଗଡ଼ରେ ସର୍ବାଧିକ ୬୬.୨ ମିଲିମିଟର(ମିମି) ବର୍ଷା ରେକର୍ଡ କରାଯାଇଥିବା ବେଳେ ଭଦ୍ରକରେ ୫୫.୪ ମିମି, ବାଲେଶ୍ୱରରେ ୫୦.୪ ମିମି, ନବରଙ୍ଗପୁରରେ ୪୩.୩ ମିମି ବର୍ଷା ର୍କଡ କରାଯାଇଛି। ଚାନ୍ଦବାଲିରେ ୪୨.୧ ମିମି, ହୀରାକୁଦରେ ୪୩.୬ ମିମି, ସମ୍ବଲପୁରରେ ୩୬.୨ ମିମି, କେନ୍ଦ୍ରାପଡାରେ ୪୨ ମିମି, ରାଉରକେଲାରେ ୩୭.୨ ମିମି, ନୟାଗଡରେ ୩୭ ମିମି, କଟକରେ ୩୦.୮ ମିମି ବର୍ଷା ହୋଇଥିବା ଜଣାପଡ଼ିଛି।

ବର୍ତ୍ତମାନ ଉତ୍ତର ଓଡ଼ିଶାର ଛୋଟ, ବଡ଼ ନଦୀ ଯଥା ବୈତରଣୀ, ସାଳନ୍ଦୀ, ଜଳକା ଫୁଲୁଥିବା ବେଳେ ଆଉ ଏକ ବନ୍ୟା ଆଶଙ୍କା ସୃଷ୍ଟି ହେଉଛି। ଏପରିସ୍ଥଳେ ମାତ୍ର ୭ ଦିନର ବ୍ୟବଧାନରେ ଆଉ ଏକ ଲଘୁଚାପକୁ ନେଇ ଚାଷୀକୂଳ ତଥା ସାଧାରଣରେ ଚିନ୍ତା ପ୍ରକାଶ ପାଇଛି।

### ବଢୁଛି ବୈତରଣୀ...

ବ୍ୟାପକ ଅଞ୍ଚଳ ଜଳମଗ୍ନ ହୋଇଛି। ରାଜମୁକୁନ୍ଦପୁରଠାରେ ଥିବା ପକ୍କା ପୋଲ ସହିତ ଶହଶହ ହେକ୍ଟର ଚାଷଜମି ବୁଡ଼ିଯାଇଛି। ହଦଗଡ଼ ଡ୍ୟାମ୍‌ରୁ ଜଳ ନିଷ୍କାସନ ଜାରି ରହିଥିବାରୁ ନାଳିଆ ନଦୀର ଉଛୁଳା ପାଣି ଧାମନଗର ବ୍ଲକ୍‌ର ଇଟାପାଳଠାରେ କୂଳବନ୍ଧ ଡେଇଁ ଗାଁକୁ ପଶିବା ଆରମ୍ଭ କରିଛି। ଗ୍ରାମବାସୀ ବନ୍ଧରେ ବାଲି ବସ୍ତା ପକାଇ ଜଗି ରହିଥିବା ଦେଖିବାକୁ ମିଳିଛି। ଏଠାରେ ଏକ ଘାଇ ମଧ୍ୟ ସୃଷ୍ଟି ହୋଇଛି। ଭଦ୍ରକ ବ୍ଲକ୍‌ର ହରିପୁର ବିଷ୍ଣୁପୁରବିନ୍ଧା, ଅର୍ଣ୍ଣପାଳ ପଞ୍ଚାୟତର ବିସ୍ତୃତ ଅଞ୍ଚଳ ପାଣି ଘେରରେ ରହିଛି। ଭଦ୍ରକ ସହରର ବାଉଦପୁର, କୁଆଁଶ, ଅସ୍ତଳ, ମଠସାହି, ପୁରୁଣାବଜାର, ଧନାଟୋଲା ଆଦି ଅଞ୍ଚଳ ସମେତ ସହରତଳି ଅଞ୍ଚଳ ଜଳମୟ ହୋଇଯାଇଛି। ଗତ ୮ ଦିନ ପୂର୍ବେ ହୋଇଥିବା ବନ୍ୟା ପରେ ବିପନ୍ନ ଏବେ ଘର ସଜାଡୁଛନ୍ତି। ଏପରିସ୍ଥିତିରେ ପୁଣି ବନ୍ୟାପାଣି ଆସି ଘରେ ପଶିବାରୁ ଲୋକଙ୍କ ଦୁର୍ଦ୍ଦଶା ଆହୁରି ବଢ଼ିଯାଇଛି। ଅନ୍ୟପଟେ ବୈତରଣୀ ନଦୀର ଜଳସ୍ତର ମଧ୍ୟ ବିପଦ ସଙ୍କେତ ଛୁଇଁବାକୁ ଯାଉଛି। ଆଖୁଆପଦାଠାରେ ବିପଦ ସଙ୍କେତ ୧୮.୮୬ ମିଟର ଥିବାବେଳେ ଏଠାରେ ୧୮.୮୭ ମିଟରରେ ଜଳ ପ୍ରବାହିତ ହେଉଛି। ଭଣ୍ଡାରିପୋଖରୀ ବ୍ଲକ୍ ଅନ୍ତର୍ଗତ ବୈତରଣୀ ନଦୀର ଆଖୁଆପଦା ଆନିକଟଠାରେ ଶନିବାର ମଧ୍ୟାହ୍ନରୁ ଜଳସ୍ତର ବୃଦ୍ଧି ପାଉଛି। ଏଠାରେ ବିପଦ ସତର୍କ ସୂଚନା ୧୭.୮୩ ମିଟର ଥିବାବେଳେ ସନ୍ଧ୍ୟା ୭ଟାରେ ୧୭.୯୭ ମିଟରରେ ଜଳ ପ୍ରବାହିତ ହେଉଥିଲା। ବିପଦ ସଂକେତ ରହିଛି ୧୮.୩୩ ମିଟର। ସୂଚନା ମୁତାବକ, ନଦୀର ଉପରମୁଣ୍ଡ କେନ୍ଦୁଝର ଜିଲ୍ଲାରେ ଶନିବାର ସନ୍ଧ୍ୟା ଯାଏଁ ସେଭଳି ବଡ଼ଧରଣର ବର୍ଷା ହୋଇନାହିଁ। ସରକାରୀ ରେକର୍ଡ ଅନୁଯାୟୀ, ଗତ ୨୪ ଘଣ୍ଟା ମଧ୍ୟରେ ଆଖୁଆପଦାଠାରେ ୮.୮ ମି.ମି., ସ୍ୱାମପାଟଣାଠାରେ ୫୪.୬ ମି.ମି., ଆନନ୍ଦପୁରଠାରେ ୬୦.୬ ମି.ମି., କେନ୍ଦୁଝରଠାରେ ୧୦ ମି.ମି. ଓ ଚମ୍ପୁଆଠାରେ ସର୍ବାଧିକ ୬୮.୮ ମି.ମି. ବର୍ଷା ହୋଇଥିବା ଜଣାପଡ଼ିଛି।

### ଭାରତକୁ ୩୩୬୦ କୋଟି...

ପରିମାଣରେ ୨୨.୯% ହ୍ରାସ ସତ୍ତ୍ୱେ, ଭାରତ ପ୍ରାୟ ୩୫୩ ନିୟୁତ ଡଲାର କିମ୍ବା ୩୩୬୦ କୋଟି ଟଙ୍କା ଅତିରିକ୍ତ ଖର୍ଚ୍ଚ କରିଛି। ଏହା ଭବିଷ୍ୟତରେ ଦେଶରେ ଗ୍ୟାସ ମୂଲ୍ୟ ବୃଦ୍ଧି ପାଇବାର ଆଶଙ୍କା ମଧ୍ୟ ସୃଷ୍ଟି କରିଛି। ରିପୋର୍ଟ ଅନୁଯାୟୀ, ଭାରତ ଚଳିତବର୍ଷ ମେ'ରୁ ଜୁଲାଇ ତିନି ମାସରେ ମୋଟ ୭.୦୮ ନିୟୁତ ଟନ୍ ଏଲ୍‌ଏନ୍‌ଜି ଆମଦାନୀ କରିଛି। ଭାରତର ଏଲଏନଜି ଆମଦାନୀ ଏବେ କତାରରୁ ହ୍ରାସ ପାଇଛି। କାରଣ ଭାରତ ଆମେରିକା, ଆଫ୍ରିକା ଭଳି ଦେଶ ଆଡକୁ ମୁହାଁଉଛି। ହର୍ମୁଜ୍ ସଙ୍କଟ ପରେ, ଭାରତର ଏଲପିଜି ଆବଶ୍ୟକତାର ପ୍ରାୟ ୬୭% କିମ୍ବା ଏହାର ଅଧିକାଂଶ ଭାଗ ଆମେରିକାରୁ ଆସୁଛି। କେନ୍ଦ୍ର ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ହରଦୀପ ସିଂହ ପୁରୀ ଶୁକ୍ରବାର ଭାରତୀୟ ଶିଳ୍ପ ସଂଘ (ସିଆଇଆଇ) ଏକ କାର୍ଯ୍ୟକ୍ରମରେ ଏହା କହିଛନ୍ତି।

### ପୂର୍ବୋଦୟ ପାଇଁ...

ବାସ୍ତବତାରେ ପରିଣତ କରିବା ପାଇଁ ଏହି ପରିଦର୍ଶନ ଏକ ସୁଯୋଗ ପ୍ରଦାନ କରିଥିବା କୁହାଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶା ଏପରି ଏକ ଶିଳ୍ପ ବାତାବରଣ ସୃଷ୍ଟି କରୁଛି ଯେଉଁଠାରେ ଶିଳ୍ପଗୁଡ଼ିକର ଅଭିବୃଦ୍ଧି ହୋଇପାରିବ, ନିଯୁକ୍ତି ସୃଷ୍ଟି ହେବ ଏବଂ ରାଜ୍ୟର ପ୍ରତ୍ୟେକ କ୍ଷେତ୍ରରେ ଭାଲ୍ୟୁ-ଆଡିସନ୍ ହୋଇପାରିବ। ଆମର ଲକ୍ଷ୍ୟ କେବଳ ପୁଞ୍ଜିନିବେଶ ଆକର୍ଷିତ କରିବା ନୁହେଁ, ବରଂ ନିଯୁକ୍ତି ସୃଷ୍ଟି କରିବା, ସ୍ଥାନୀୟ ଯୋଗାଣ ଶୃଙ୍ଖଳାକୁ ସୁଦୃଢ଼ କରିବା ଏବଂ ଓଡ଼ିଶାର ଯୁବକଯୁବତୀଙ୍କ ପାଇଁ ନୂତନ ସୁଯୋଗ ଖୋଲିବା। ଆମେ ଚାହୁଁଛୁ ଯେ ଅଭିବୃଦ୍ଧି ପାଇଁ ନିବେଶକମାନେ ଓଡ଼ିଶାକୁ ଏକ ଦୀର୍ଘକାଳୀନ ପାର୍ଟନର ଭାବରେ ଦେଖନ୍ତୁ ବୋଲି ମତବ୍ୟକ୍ତ କରିଛନ୍ତି। ଏତଦ୍ ବ୍ୟତୀତ ପ୍ରମୁଖ ଉତ୍ପାଦନ କ୍ଷେତ୍ରର ଶିଳ୍ପ ପ୍ରତିନିଧିମାନଙ୍କ ସହ ରାଉଣ୍ଡ ଟେବଲ ବୈଠକରେ ମଧ୍ୟ ମୁଖ୍ୟମନ୍ତ୍ରୀ ଯୋଗ ଦେଇଥିଲେ। ଇଣ୍ଡିଆନ୍ ଇଣ୍ଡଷ୍ଟ୍ରିଜ୍ ଆସୋସିଏସନ୍‌ର ସହଯୋଗରେ ଆୟୋଜିତ ଇଞ୍ଜିନିୟରିଂ ସାମଗ୍ରୀ ଉତ୍ପାଦନ ରାଉଣ୍ଡ ଟେବଲ ବୈଠକରେ ଓଡ଼ିଶାରେ ଉତ୍ପାଦନ, ଶିଳ୍ପ ଭିତ୍ତିଭୂମି, ଆନୁଷଙ୍ଗିକ ବିକାଶ ଏବଂ ଯୋଗାଣ ଶୃଙ୍ଖଳା ଏକତ୍ରୀକରଣ ନେଇ ଆଲୋଚନା ହୋଇଥିଲା। ନୋଏଡା ଆପାରେଲ୍ ଏକ୍ସପୋର୍ଟ କ୍ଲଷ୍ଟରର ସହଯୋଗରେ ନୋଏଡା ଶିଳ୍ପ ପ୍ରତିନିଧିମାନଙ୍କ ସହିତ ଟେକ୍ସଟାଇଲ୍ ଏବଂ ପୋଷାକ ସମ୍ପର୍କିତ ରାଉଣ୍ଡ ଟେବଲରେ ବୟନଶିଳ୍ପ ଓ ପୋଷାକ ଉତ୍ପାଦନ, ରପ୍ତାନି ସୁଯୋଗ, ଦକ୍ଷ କର୍ମଚାରୀ ଏବଂ ନିଯୁକ୍ତି ଉପରେ ଗୁରୁତ୍ୱ ଦିଆଯାଇଥିଲା। ନାଲ୍‌କୋର ସହଯୋଗରେ ଆୟୋଜିତ ଆଲୁମିନିୟମ୍ ଆନୁଷଙ୍ଗିକ ଏବଂ ଡାଉନଷ୍ଟ୍ରିମ୍ ରାଉଣ୍ଡ ଟେବଲରେ ଓଡ଼ିଶାରେ ଆଲୁମିନିୟମ୍ ମୂଲ୍ୟ ସଂଯୋଜନା, ଡାଉନଷ୍ଟ୍ରିମ୍ ଉତ୍ପାଦନ, ଆନୁଷଙ୍ଗିକ ଶିଳ୍ପ ଏବଂ ଏମ୍‌ଏସ୍‌ଏମ୍‌ଇର ଅଂଶଗ୍ରହଣକୁ ପ୍ରସାର କରିବା ପାଇଁ ଥିବା ସୁଯୋଗଗୁଡ଼ିକ ଉପରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ମୋଟ ୩୮ଟି ଏମଓୟୁ ସ୍ୱାକ୍ଷରିତ ହୋଇଥିବା ବେଳେ, ଏହାଦ୍ୱାରା ୬୪,୭୦୩ କୋଟି ଟଙ୍କାର ନିବେଶ ସୁଯୋଗ ଆସିଛି ଏବଂ ୪୬,୦୭୧ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି। ଏହା ସହିତ ୧,୬୮୯ କୋଟି ଟଙ୍କାର ଇନ୍‌ଭେଷ୍ଟମେଣ୍ଟ ଇଣ୍ଟେଣ୍ଟ ମଧ୍ୟ ମିଳିଥିଲା, ଯାହାଦ୍ୱାରା ୮,୦୬୪ ନିଯୁକ୍ତିର ସମ୍ଭାବନା ସୃଷ୍ଟି ହୋଇଛି।

### ଶିମିଳିପାଳରେ ଶୋଇଗଲା...

ଆସିଷ୍ଟାଣ୍ଟ ପ୍ରଫେସର, ୱାଇଲ୍ଡଲାଇଫ ଆଣ୍ଡ ବାୟୋଡାଇଭରସିଟି କଞ୍ଜରଭେସନ ବିଭାଗ, ମହାରାଷ୍ଟ୍ର (ଏନଟିସିଏ ମନୋନୀତ ପ୍ରତିନିଧି) ସୁଭାନୀ ରଥ ପହଞ୍ଚି ବ୍ୟବଚ୍ଛେଦ କାର୍ଯ୍ୟ ସମାପନ କରିଥିଲେ। ଘଟଣାସ୍ଥଳକୁ ତୁରନ୍ତ ସୁରକ୍ଷିତ କରାଯାଇ ଏନଟିସିଏ ଏସଓପି ଅନୁଯାୟୀ ସମସ୍ତ ଆବଶ୍ୟକୀୟ ଜୈବିକ ନମୁନା ସଂଗ୍ରହ କରାଯାଇଛି। ସଂଗୃହୀତ ନମୁନାଗୁଡ଼ିକୁ ବିସ୍ତୃତ ଲ୍ୟାବୋରେଟରୀ ପରୀକ୍ଷା ପାଇଁ ଭୁବନେଶ୍ୱରସ୍ଥ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)ର ସେଣ୍ଟର ଫର ୱାଇଲ୍ଡଲାଇଫ ହେଲ୍‌ଥ (ସିଡବ୍ଲୁଏଚ)କୁ ପଠାଯାଇଛି। ଲ୍ୟାବ ରିପୋର୍ଟ ଆସିବା ପରେ ମୃତ୍ୟୁର ସଠିକ୍ କାରଣ ଜଣାପଡ଼ିବ।

### ଉଧାରରେ ସ୍କୁଲ୍ ପିଲାଙ୍କୁ...

କଳମରେ ୨ବର୍ଷ ପାଇଁ ଟେଣ୍ଡର ହାତେଇଥିବାବେଳେ ବାସ୍ତବରେ ଅଧିକାଂଶଙ୍କ ପାଖରେ ଗାଇଡ୍‌ଲାଇନ୍ ଅନୁଯାୟୀ ସାମଗ୍ରୀ ନାହିଁ କି ସିଲେଇ ମେଶିନ ନାହିଁ, ଆଉ ସେତିକି ମାନବସମ୍ବଳ ନ ଥିବା ପରିଲକ୍ଷିତ ହେଉଛି। କିଏ କେମିତି ଏହି ଏସ୍‌ଏଚଜି ଗ୍ରୁପଗୁଡ଼ିକୁ ଚୟନ କଲେ ଓ ଜିଲ୍ଲାପାଳ ତାକୁ କେଉଁ ମାପକାଠିରେ ମଞ୍ଜୁରୀ କଲେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। କାରଣ ପୂର୍ବରୁ ଯେଉଁ ବେପାରୀ (ଭେଣ୍ଡର) ସ୍କୁଲକୁ ସ୍କୁଲ ପରିଚାଳନା କମିଟି ମାଧ୍ୟମରେ ପୋଷାକ ଯୋଗାଉଥିଲେ ଏବେ ମଧ୍ୟ ସେହି ବେପାରୀମାନେ ପୋଷାକ ଯୋଗାଉଛନ୍ତି। ଖାଲି ଏସ୍‌ଏଚ୍‌ଜି ଗ୍ରୁପ ଓ ଏମ୍‌ଏସ୍‌ଏମ୍‌ଇକୁ ଢାଲ କରାଯାଇଛି। ପ୍ରକୃତ କଥା ହେଲା ଏସ୍‌ଏଚ୍‌ଜି ଗ୍ରୁପ ଏହି ବ୍ୟବସ୍ଥାରେ ଉତ୍ତରଦାୟୀ ହୋଇଥିଲେ ହେଁ ବେପାରୀ ହିଁ ସ୍କୁଲକୁ ପୋଷାକ ଯୋଗାଉଛନ୍ତି । କଳାହାଣ୍ଡି ଜିଲ୍ଲାର ୧୩ଟି ବ୍ଲକ୍‌ରେ ୧୩୬ଟି ଏସ୍‌ଏଚ୍‌ଜି ଓ ଏମ୍‌ଏସ୍‌ଏମ୍‌ଇଙ୍କୁ ପୋଷାକ ବଣ୍ଟନ ପାଇଁ ଦାୟିତ୍ୱ ଦିଆଯାଇଛି। ଏହାସହିତ ହାଉସ ପୋଷାକ ଭାବେ ଟୋପି, ଜୋତା, ଆଇକାର୍ଡ ଓ ଟି- ସାର୍ଟ ସହ ଟ୍ରାକ୍ ପ୍ୟାଣ୍ଟ ମଧ୍ୟ ଯୋଗାଇବା ଗୁରୁଦାୟିତ୍ୱ ମଧ୍ୟ ନ୍ୟସ୍ତ କରାଯାଇଛି। ଏ ବାବଦରେ ଜଣେ ଛାତ୍ରଛାତ୍ରୀ ପିଛା ହଜାରେ ଟଙ୍କା ସରକାର ଖର୍ଚ୍ଚ କରି ଆସୁଛନ୍ତି। ଏହି ହିସାବରେ ଦେଖିଲେ ଜିଲ୍ଲାର ୧୩ଟି ବ୍ଲକ୍ ପାଇଁ ଏ ବାବଦରେ ଯଥାକ୍ରମେ ପ୍ରାୟ ୨୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହେଉଥିବା ଆକଳନ କରାଯାଉଛି। ବର୍ତ୍ତମାନ ପର୍ଯ୍ୟନ୍ତ ଜିଲ୍ଲାର ୯୫ପ୍ରତିଶତରୁ ଊର୍ଦ୍ଧ୍ୱ ସ୍କୁଲରେ ପୋଷାକ ବଣ୍ଟନ ସରିଥିବାବେଳେ ଏପର୍ଯ୍ୟନ୍ତ ସ୍କୁଲ ଗୁଡ଼ିକୁ ଟଙ୍କା ଆସି ନ ଥିବା ଶିକ୍ଷା ବିଭାଗ ପକ୍ଷରୁ ଜଣାପଡ଼ିଛି। ଫଳରେ ଆଗୁଆ ଉଧାରରେ ଛାତ୍ରଛାତ୍ରୀଙ୍କୁ ପୋଷାକ ବଣ୍ଟନ କରାଯାଇଛି। ନବମ ଓ ଦଶମଶ୍ରେଣୀ ୨୮୪ ହାଇସ୍କୁଲର ୩୬ ହଜାର ୧୪୫ ଛାତ୍ରୀଛାତ୍ରଙ୍କୁ ଏମ୍‌ସିସିପି ଯୋଜନାରେ ଓ ୩୨ ପିଏମଶ୍ରୀ ଉଚ୍ଚ ବିଦ୍ୟାଳୟର ୮୩୫୬ ଛାତ୍ରଛାତ୍ରୀଙ୍କୁ ପୋଷାକ ସହ ଅନ୍ୟାନ୍ୟ ସାମଗ୍ରୀ ବଣ୍ଟନ କରାଯାଇଛି। ଇତିମଧ୍ୟରେ ଜିଲ୍ଲାର ୨୦୨୧ ସ୍କୁଲ ଗୁଡ଼ିକରେ ପ୍ରାୟ ୧ ଲକ୍ଷ ୬୮ ହଜାର ୧୭୫ଜଣ ଛାତ୍ର ଛାତ୍ରୀଙ୍କୁ ଏବଂ ଶିଶୁ ବାଟିକାର ୧୪ହଜାର ୭୫୦ଛାତ୍ର ଛାତ୍ରୀଙ୍କୁ ପୋଷାକ ବଣ୍ଟା ଯାଇଥିବା ରିପୋର୍ଟରେ ଦର୍ଶାଯାଇଛି। ପୋଷାକ ଗୁଡ଼ିକ ଅତ୍ୟନ୍ତ ହାଲକା ଓ ନିମ୍ନମାନର ହୋଇଥିବାବେଳେ ଅଭିଯୋଗ ହେଉଛି। ତଥାପି ଡିଏଲସି ଓ ବିଏଲସି କମିଟି ଚୁପ୍ ରହିବା ଯୋଗୁଁ ଦୁର୍ନୀତିକୁ ନେଇ ସମସ୍ତଙ୍କ ସନ୍ଦେହ ଅଧିକ ଦୃଢ଼ୀଭୂତ ହେଉଛି। ଯଦି ଏସ୍‌ଏଚ୍‌ଜି ଗ୍ରୁପ ପୋଷାକ ପାଇଁ ବେପାରୀଙ୍କ ଦ୍ୱାରସ୍ଥ ହେବେ ତାହା ହେଲେ ମହିଳାମାନଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବାର ଯୋଜନା ଫେଲ୍ ମାରିଛି ବୋଲି ସାଧାରଣରେ ଆଲୋଚନା ଚାଲିଛି। ଗାଇଡଲାଇନ ଅନୁସାରେ କେହି ତୁଣ୍ଡ ଖୋଲୁନାହାନ୍ତି। କେବଳ ସରକାରଙ୍କ ନିର୍ଦ୍ଦେଶକୁ ମାନି ଚଳେଇ ନେବାର କୌଶଳ ଆପଣେଇ ଶିକ୍ଷା ବିଭାଗ ଗତି କରୁଛି। ଜିଲ୍ଲାରେ କୋଟି କୋଟି ଟଙ୍କାର ପୋଷାକ ସ୍କୁଲ ଗୁଡିକରେ ବଣ୍ଟା ଯାଇଥିବା ସତ୍ତ୍ୱେ ସେଥିରେ ସ୍ୱଚ୍ଛତା ରହୁନାହିଁ। ଏନେଇ ଜିଲ୍ଲା ଶିକ୍ଷାଧିକାରୀ ରାଧାକାନ୍ତ ଛତ୍ରୀଙ୍କୁ ପଚାରିବାରୁ ପୋଷାକ ବଣ୍ଟନର ଟଙ୍କା କିଛି ସ୍କୁଲରେ ପଡ଼ିବା ଆରମ୍ଭ ହେଲାଣି। ଖୁବ୍‌ଶୀଘ୍ର ସମସ୍ତ ସ୍କୁଲରେ ପଡ଼ିବ ବୋଲି କହିଥିଲେ। ସେହିପରି ଏସଏଚ୍‌ଜି ପୋଷାକ ଯୋଗାଣର ବିଲ୍ ଦେଉଥିବାବେଳେ ବେପାରୀ ଠାରୁ ପୋଷାକ ଆଣୁଥିବେ ବୋଲି କହିଥିଲେ।

### ଓଡ଼ିଆ ଶିକ୍ଷା ପାଇଁ...

ପ୍ରକାର ଅସ୍ମିତା ବୋଲି ମଧ୍ୟ ସେ ପ୍ରଶ୍ନ କରିଛନ୍ତି। ସେହିପରି କଂଗ୍ରେସ ବିଧାୟକ ଅଶୋକ ଦାସ କହିଛନ୍ତି ଯେ ବିଜେପି ସରକାରର ଓଡ଼ିଆ ଅସ୍ମିତା କେବଳ ସ୍ଲୋଗାନରେ ସୀମିତ ରହିଛି। ପାଠ୍ୟପୁସ୍ତକରେ ମାଳମାଳ ତ୍ରୁଟି ଏହାର ଏକ ଉଦାହରଣ। ୨୦୨୨-୨୩ ଓ ୨୦୨୩-୨୪ ଶିକ୍ଷାବର୍ଷରେ ପୂର୍ବ ସରକାର ପ୍ରାୟ ୨ କୋଟି ୧୧ ଲକ୍ଷ ୮୧ ହଜାର ଟଙ୍କା ଅନୁଦାନ ଦେଇଥିଲେ। ମାତ୍ର ବିଜେପି ସରକାରକୁ ଆସିଲା ପରେ ଏହି ଯୋଜନା ବାଟବଣା ହୋଇଛି।

### ଗଜସାଥୀଙ୍କୁ ପେଟ୍ରୋଲ...

ଜଣ ମିଶି ତାଙ୍କ ଦେହରେ ୩ ଲିଟରରୁ ଅଧିକ ପେଟ୍ରୋଲ ଢାଳିଦେଇ ନିଆଁ ଲଗାଇ ଦେଇଥିଲେ। ଏହାପରେ ସେମାନେ ସେଠାରୁ ଫେରାର ହୋଇ ଯାଇଥିଲେ। ନିଆଁରେ ହୁ ହୁ ହୋଇ ଜଳୁଥିବା ଅବସ୍ଥାରେ ସ୍ଥାନୀୟ ଲୋକେ କାହ୍ନୁଚରଣଙ୍କୁ ଉଦ୍ଧାର କରି ପ୍ରଥମେ ଲହୁଣୀପଡ଼ା ଡାକ୍ତରଖାନାକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାକୁ ପଠା ଯାଇଥିଲା। ତେବେ ତାଙ୍କ ଅବସ୍ଥା ଉଦ୍‌ବେଗଜନକ ଥିବାରୁ ଆଇଜିଏଚ୍‌ର ବର୍ଣ୍ଣ ସେଣ୍ଟରକୁ ସ୍ଥାନାନ୍ତର କରାଯାଇଛି। ତାଙ୍କ ଶରୀରର ୮୦ ପ୍ରତିଶତ ପୋଡ଼ି ଯାଇଥିବା ବେଳେ ତାଙ୍କ ଅବସ୍ଥା ଅତି ଗୁରୁତର ଥିବା ଜଣାପଡ଼ିଛି। ପ୍ରାଥମିକ ସୂଚନା ଅନୁସାରେ, ଜମିବାଡ଼ି ବିବାଦ ଏବଂ ପୂର୍ବ ଶତ୍ରୁତାକୁ ନେଇ ଏହି ଆକ୍ରମଣ ହୋଇଥାଇ ପାରେ ବୋଲି ଆହତଙ୍କ ପରିବାର ପକ୍ଷରୁ ସନ୍ଦେହ କରାଯାଉଛି। ଜାତୀୟ ରାଜପଥ କଡ଼ରେ ତାଙ୍କ ଜମି ରହିଥିବା ବେଳେ ସେହି ଜମିରେ ନିର୍ମାଣାଧୀନ ଏକ ପେଟ୍ରୋଲ ପମ୍ପକୁ ନେଇ ଦୁଇ ଭାଇଙ୍କ ମଧ୍ୟରେ ଘନୀଭୂତ ହେଉଥିବା ତୀବ୍ର ବିବାଦ ଆଜି ଉଗ୍ରରୂପ ଧାରଣ କରିଥିବାନେଇ ସ୍ଥାନୀୟଲୋକେ ସନ୍ଦେହ କରୁଛନ୍ତି। ତେବେ ଆକ୍ରମଣର ପ୍ରକୃତ କାରଣ ଏବଂ ଏଥିରେ କେଉଁ କେଉଁମାନେ ସମ୍ପୃକ୍ତ, ପୁଲିସ ତଦନ୍ତ ପରେ ହିଁ ସ୍ପଷ୍ଟ ହେବ ବୋଲି କୁହାଯାଉଛି। ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ଜାରି ରହିଛି। ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ଲହୁଣୀପଡ଼ା ପୁଲିସ ତଦନ୍ତ ଜାରି ରଖିଛି।

**ପଶ୍ଚିମ ରେଳବାଇ**

**ଇଞ୍ଜିନିୟରିଂ ବିଭାଗ : ଇ-ଟେଣ୍ଡରିଂ ବିଜ୍ଞପ୍ତି**
**ନଂ.: W/623/5/1/NT, ତାରିଖ- ୦୫.୦୮.୨୦୨୬**

କ୍ରମିକ ନଂ.: ୧, ଇ-ଟେଣ୍ଡର ନଂ.: RTM-2026-27-67, କାର୍ଯ୍ୟର ବିବରଣୀ: ସେହୋର ଷ୍ଟେସନର ପ୍ଲାଟଫର୍ମ ନଂ. ୦୧ ଏବଂ ପ୍ଲାଟଫର୍ମ ନଂ. ୦୨ରେ କଭର ସେଡ୍‌ର ସମ୍ପ୍ରସାରଣ, ନୂତନ ଯାତ୍ରୀ ପ୍ରତୀକ୍ଷାଳୟ ନିର୍ମାଣ ଏବଂ ପ୍ଲାଟଫର୍ମ ନଂ. ୦୨ ପାର୍ଶ୍ୱରେ ସର୍କୁଲେଟିଂ ଏରିଆର ବିକାଶ ଏବଂ ବିଦ୍ୟୁତ କାର୍ଯ୍ୟ ସମେତ ଅନ୍ୟାନ୍ୟ ଯାତ୍ରୀ ସୁବିଧା ସମ୍ବନ୍ଧୀୟ ବିବିଧ କାର୍ଯ୍ୟ। (କମ୍ପୋଜିଟ୍ ସିଭିଲ୍ + ଇଲେକ୍ଟ୍ରିକାଲ), ଆନୁମାନିକ ମୂଲ୍ୟ: ଟ. ୧୧,୦୦,୧୫,୧୨୩.୭୮, ବଇନା ରାଶି (EMD): ଟ.୨୨,୦୦,୩୦୦.୦୦, ଟେଣ୍ଡର ଖୋଲିବା ତାରିଖ: ୦୪.୦୯.୨୦୨୬। କ୍ରମିକ ନଂ.: ୨, ଇ-ଟେଣ୍ଡର ନଂ.: RTM-2026-27-70, କାର୍ଯ୍ୟର ନାମ: ଉଜ୍ଜୟିନୀ-ଭୋପାଳ ସେକ୍ସନ୍‌ରେ LC ନଂ. ୪୧ (କି.ମି.: ୭୯/୦୬-୦୮) ବଦଳରେ ରିଲିଭିଂ ଗିର୍ଡର ସ୍ଥାପନ କରି ଏବଂ ରିଲିଭିଂ ଗିର୍ଡର ତଳେ ବକ୍ସକୁ ଧକ୍କା ଦେଇ ବକ୍ସ(ଗୁଡ଼ିକ) ବିଛାଇ ସବୱେ ନିର୍ମାଣ, ଆନୁମାନିକ ମୂଲ୍ୟ: ଟ. ୮,୧୭,୬୧,୧୦୮.୦୩, ବଇନା ରାଶି (EMD): ଟ. ୧୬,୩୫,୨୦୦.୦୦, ଟେଣ୍ଡର ଖୋଲିବା ତାରିଖ: ୦୮.୦୯.୨୦୨୬। କ୍ରମିକ ନଂ.: ୩, ଇ-ଟେଣ୍ଡର ନଂ.: RTM-2026-27-75, କାର୍ଯ୍ୟର ନାମ: ଉଜ୍ଜୟିନୀ-ଭୋପାଳ ସେକ୍ସନ୍‌ରେ LC ୩୧ ବଦଳରେ RUB ଠାରେ ଅତିରିକ୍ତ ସବୱେ (RUB) ନିର୍ମାଣ, Simhasth-2028 ସମ୍ବନ୍ଧରେ ରିଲିଭିଂ ଗିର୍ଡର ସ୍ଥାପନ କରି ଏବଂ ରିଲିଭିଂ ଗିର୍ଡର ତଳେ ବକ୍ସକୁ ଧକ୍କା ଦେଇ ବକ୍ସ(ଗୁଡ଼ିକ) ବିଛାଇବା, ଆନୁମାନିକ ମୂଲ୍ୟ: ଟ. ୮,୭୨,୦୯,୪୦୬.୩୩, ବଇନା ରାଶି (EMD): ଟ. ୧୭,୪୪,୨୦୦.୦୦, ଟେଣ୍ଡର ଖୋଲିବା ତାରିଖ: ୦୮.୦୯.୨୦୨୬। ବିସ୍ତୃତ ଟେଣ୍ଡର ବିଜ୍ଞପ୍ତି, ଯୋଗ୍ୟତା ମାନଦଣ୍ଡ ଏବଂ ନିୟମ ଓ ସର୍ତ୍ତାବଳୀ www.ireps.gov.in ୱେବସାଇଟ୍‌ରେ ଉପଲବ୍ଧ। ADM/5/1/193

Follow us on: twitter.com/WesternRly

**ତହସିଲଦାରଙ୍କ କାର୍ଯ୍ୟାଳୟ, ଗୁଣପୁର**

ପତ୍ରସଂଖ୍ୟା /୨୦୨୬ (ଦେବୋତ୍ତର) / ତାରିଖ.୭/୮ /୨୦୨୬

**ନୋଟିସ୍**

ଏତଦ୍ୱାରା ଗୁଣପୁର ସହରର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ପୁରୁଣା ଗୁଣପୁରସ୍ଥିତ ଶ୍ରୀ ଶ୍ରୀ ଜଗନ୍ନାଥ ମନ୍ଦିର ଓ ବାଲାଜିନାଥ ମନ୍ଦିରର ସୁପରିଚାଳନା, ରକ୍ଷଣାବେକ୍ଷଣ ଓ ଉନ୍ନତିକରଣ ନିମନ୍ତେ ଉପ-ଜିଲ୍ଲାପାଳ-ତଥା-ଅଧ୍ୟକ୍ଷ, ଦେବୋତ୍ତର, ଗୁଣପୁରଙ୍କ ତତ୍ତ୍ୱାବଧାନରେ ଏକ ଉପଦେଷ୍ଟା/ପରିଚାଳନା କମିଟି ଗଠନ କରିବା ପାଇଁ ପ୍ରସ୍ତାବ ରହିଛି।

ଏହି ଉଦ୍ଦେଶ୍ୟରେ ଆସନ୍ତା ତାରିଖ-୨୪/୮/୨୦୨୬, ଅପରାହ୍ନ ୪.୦୦ ଘଟିକା ସମୟରେ, ପୁରୁଣା ଗୁଣପୁରସ୍ଥିତ ଶ୍ରୀ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଏକ ସଭା ଅନୁଷ୍ଠିତ ହୋଇ ଉକ୍ତ ଉପଦେଷ୍ଟା/ପରିଚାଳନା କମିଟି ଗଠନ ସମ୍ପର୍କରେ ଆଲୋଚନା କରାଯିବ।

ପ୍ରକାଶ ଥାଉକି, ଉକ୍ତ ଉପଦେଷ୍ଟା/ପରିଚାଳନା କମିଟି ଦେବୋତ୍ତର ବିଭାଗ ଦ୍ୱାରା ପ୍ରଚଳିତ ନିୟମାବଳୀ, ନିର୍ଦ୍ଦେଶାବଳୀ ଓ ପ୍ରଯୋଜ୍ୟ ବିଧିବ୍ୟବସ୍ଥା ଅନୁଯାୟୀ ଗଠନ କରାଯିବ।

ଅତଏବ, ଗୁଣପୁର ସହରର ଇଚ୍ଛୁକ ଭକ୍ତବୃନ୍ଦ, ସ୍ଥାନୀୟ ଜନସାଧାରଣ ଓ ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କୁ ନିର୍ଦ୍ଧାରିତ ତାରିଖ, ସମୟ ଓ ସ୍ଥାନରେ ଉପସ୍ଥିତ ରହି ମନ୍ଦିରର ସୁପରିଚାଳନା ଓ ଉନ୍ନତି ସମ୍ପର୍କରେ ନିଜର ମୂଲ୍ୟବାନ ମତାମତ ଓ ପ୍ରସ୍ତାବ ପ୍ରଦାନ କରିବା ସହିତ, ଦେବୋତ୍ତର ବିଭାଗର ପ୍ରଚଳିତ ନିୟମାବଳୀ ଅନୁଯାୟୀ ଉପଯୁକ୍ତ ସଦସ୍ୟ ଚୟନ/ନାମ ପ୍ରସ୍ତାବରେ ସହଯୋଗ କରିବାକୁ ଅନୁରୋଧ କରାଯାଉଅଛି ।

ତହସିଲଦାର ତଥା କାର୍ଯ୍ୟନିର୍ବାହୀ,
ଦେବୋତ୍ତର ଅଧିକାରୀ,ଗୁଣପୁର

**AFFIDAVIT**

I, **RANJAN KUMAR SAHOO, S/o- Narayan Sahoo,** Resident of AT— Bali Sahi, Po- Bhuinpur, PS-Aul, Dist-Kendrapara, Odisha, PIN-754239, declared by this Affidavit No.1921, Dated.08.06.2026, That now onwards I shall Be Known as **RANJAYA SAHOO That** for all future Purposes.

**AFFIDAVIT**

I, Balakrushna Palmal, S/o-Late Basudev Palmal, Resident of Vill - Balda, PO - Balda, PS - Padwa, Dist - Koraput, Pin - 764038, Odisha declared by this affidavit Enrl No. 328/97 (Serial No. 1017), Dated - 12/06/2026, that B. K Palmal and Balakrushna Palmal are same and one person. So, now a days I shall be known as Balakrushna Palmal for all future purposes.

**AFFIDAVIT**

By the virtue of an affidavit sworn before the Notary public, Sunabeda, Odisha, I, Meena Pradhan, W/o.: Late Elisaya Pradhan, resident of Qtr. No.: JA/284,HAL Township, Sunabeda –763002, declare by this Affidavit No.: 1298, Dated: 07.08.26. That now onwards I shall be known as **Mina Pradhan** for all purposes.

**AFFIDAVIT**

By virtue of an affidavit sworn before the Executive Magistrate, Jajpur No 10769 dated 06/08/2026. I Radhashyam Sethy, S/o-Panchanana Sethy resident of Panasa, (Balighai) Lalbag, Jajpur declare that My son name wrongly printed as Rudrapratap Sethy instead of Lipun sethy in Aadhar card. Hence he will be known as **Lipun Sethy** From today onwards.

**AFFIDAVIT**

By virtue of an affidavit no. 169 sworn before Executive Magistrate, Semiliguda, dt.14.05.2026, I, Sri Manas Mahalik, At- Bhejaput (Parida Colony), P.O. Damonjodi, P.S. Sunabeda, Dist. Koraput hereby declare that I have changed my son's name from MANU MAHALIK to MUNU MAHALIK. Henceforth, he shall be known as **MUNU MAHALIK** for all purposes.
**Sri Manas Mahalik**

**NOTICE**

By virtue of an affidavit no -1343 sworn before Executive Magistrate, Sundargarh, dated-07/08/2026, I, Prasad Sahoo (new name), S/o. Laxmidhar Sahoo, permanent resident of village-Manjuripada, po- Pingua, Ps-Nihalprasad, Block- Gondia, Dist-Dhenkanal, Pin- 759016 Odisha declare that, I have changed my name from "Lalaprasad Sahoo" (old name) to "Prasad Sahoo" (new name). Henceforth, I Shall be known as **"Prasad Sahoo"** (new name) for all purposes.
**PRASAD SAHOO**

**AFFIDAVIT**

By virtue of an affidavit sworn before Executive Magistrate, Basta, Balasore, Odisha vide Sl. no. 3503 dt.04.08.2026 I, Manas Pattanayak, S/o. Sripati Pattanayak, At. Palasia, P.O. Kothapada, P.S. Basta, Dist. Balasore, Odisha, PIN-756022 declare that I have changed the name of my daughter from old name JINA PATTANAYAK to SUBHALAXMI PATTANAYAK. Henceforth, she shall be known as **SUBHALAXMI PATTANAYAK** for all purposes.

**Notice (above 18 years of age)**

By virtue of an affidavit sworn before Tahasildar - Cum - Executive Magistrate Dharamgarh, Kalahandi, dated 06/08/2026, I, DILIP SUNANI Address Son of UDHAB SUNANI. Village- PANDKUL, PO-KUMBHARI, Ps-GOLAMUNDA, DIST- KALAHANDI, ODISHA-766029 declare that I have changed my name from DILPI SENAPATI to DILIP SUNANI Henceforth, I shall be known as **DILIP SUNANI** for all purposes.
**(DILIP SUNANI)**

**AFFIDAVIT**

I, Sanjaya Kumar Sethi, aged 46, S/o-Late Gobinda Chandra Sethi, At/Po-Barunasingh, P.S-Khatapada, Dist-Balasore, Odisha, Declare by Affidavit before the Executive Magistrate ,Balasore ,No-5403,Dtd-13/07/2026. That my son Dhiraj Kumar, In his birth certificate wrongly mention my name **Sanjay Kumar Sethi** instead of **Sanjaya Kumar Sethi**. I, declared that **Sanjay Kumar Sethi** and **Sanjaya Kumar Sethi** is one and same person for all future purpose.
**Sanjaya Kumar Sethi**

**AFFIDAVIT**

I, Mirza Akhtar Raza Baig, S/o- Late Mirza Mahiraj Baig, resident of Ward No. 19, Baliorada, Po/Ps: Puruna Bazar, Dist- Bhadrak, Pin-756100, Odisha declare by this affidavit No- 8777, dtd- 27/07/2026 that now onwards I shall be known as **MIRZA AKHTAR REZA** for all future purposes.

**AFFIDAVIT**

I, Gajendra Kumar Sahoo, S/o- Chakradhar Sahoo, resident of Plot No-452, Palamandap Sahi, Baramunda, Ps-Khandagiri, Bhubaneswar, Dist-Khordha, Pin- 751003, Odisha declare by this affidavit No-45016, date-04/08/2026, that now onwards I shall be known as **GAJENDRA SAHOO** for all future purposes.

**AFFIDAVIT**

I, Adarsh Kumar Goel, aged about 30 years, S/o-Prakash Kumar Goel, resident of Asha Kunj, Niladri Vihar, Titlagarh, Po- Titilagarh, Ps-Titilagarh, Dist- Balangir, Odisha, PIN- 767033, do hereby declare by this affidavit No.1566, dtd-08/08/2026, that now onwards I shall be known as **ADARSH GOEL** for all future purposes.

**AFFIDAVIT**

By virtue of an affidavit on dtd-09.07.2026 sworn before The Executive Magistrate, Titilagarh. I, **Puspanjali Meher** (new name), W/o Daitari Meher, permanent resident of AT/PO: Sinapali, PS: Sinapali, Near Jagannath Chowk, Dist: Nuapada, Odisha, PIN: 766108 declare that I have changed my name from **Puspa Meher** (old name) to **Puspanjali Meher** (new name). Henceforth, I shall be known as **Puspanjali Meher** (new name) for all purposes.
**Puspanjali Meher**

# ଜାତୀୟ ରାଜପଥ କଡ଼ରେ ବେଆଇନ୍ ପାର୍କିଂ ନେଇ ଚଢ଼ଉ



● ୬୪ ଯାନବାହାନ ଉପରେ କାର୍ଯ୍ୟାନୁଷ୍ଠାନ
● ରାସ୍ତା କଡ଼ରୁ ହଟିଲା ୧୦୦ରୁ ଅଧିକ ଗାଡ଼ି

ଝାରସୁଗୁଡ଼ା,୮ ।୮ (ସମିସ)

ଝାରସୁଗୁଡ଼ାରେ ଜାତୀୟ ରାଜପଥ ଏବଂ ବଡ଼ମାଲ ରାଜ୍ୟରାଜପଥର ରାସ୍ତାକଡ଼ରେ ଭାରୀ ଯାନବାହାନଗୁଡ଼ିକର ବେଆଇନ୍ ପାର୍କିଂ ଯୋଗୁଁ ଦୁର୍ଘଟଣା ବୃଦ୍ଧି ପାଉଛି। ଏହାକୁ ରୋକିବା ପାଇଁ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ନିର୍ଦ୍ଦେଶକ୍ରମେ ଏକ ସ୍ୱତନ୍ତ୍ର ଏନ୍‌ଫୋର୍ସମେଣ୍ଟ ଅଭିଯାନ ଆରମ୍ଭ କରାଯାଇଛି। ଏହି କ୍ରମରେ ବଡ଼ମାଲ ରାଜ୍ୟ ରାଜପଥ-୧୦ ରାସ୍ତାରେ ଫ୍ଲାଇଆସ୍ ପରିବହନ କରୁଥିବା ଗାଡ଼ିଗୁଡ଼ିକର ଯାଞ୍ଚ କରାଯାଇଛି। ରାସ୍ତା କଡ଼ରେ ଅବୈଧ ଭାବେ ଛିଡ଼ା ହୋଇଥିବା ଭାରୀଯାନଗୁଡ଼ିକୁ ହଟା ଯାଇଛି। ଝାରସୁଗୁଡ଼ା ଆଞ୍ଚଳିକ ପରିବହନ ଅଧିକାରୀ ଗୌରହରି ହାଁସଦାଙ୍କ ସୂଚନା ଅନୁଯାୟୀ, ରାସ୍ତାକୁ ଦୁର୍ଘଟଣାମୁକ୍ତ ଓ ସୁରକ୍ଷିତ ରଖିବା ପାଇଁ ଏହି ଚଢ଼ଉ ଜାରି ରହିଛି। ଏହି ସ୍ୱତନ୍ତ୍ର ଯାଞ୍ଚ ଓ ଏନ୍‌ଫୋର୍ସମେଣ୍ଟ କାର୍ଯ୍ୟକୁ ସୁଚାରୁରୂପେ ପରିଚାଳନା କରିବା ପାଇଁ ମୋଟ ୩ଟି ଉଚ୍ଚସ୍ତରୀୟ ଟିମ୍ ଗଠନ କରାଯାଇ କାର୍ଯ୍ୟକାରୀ କରାଯାଇଛି। ଏଥିରେ ଝାରସୁଗୁଡ଼ା ଟ୍ରାଫିକ ଇନ୍ସପେକ୍ଟର ଟିମ୍, ଝାରସୁଗୁଡ଼ା ଜୁନିୟର ଏମଭିଆଇ ଟିମ୍ ଏବଂ ରାଜ୍ୟ ପରିବହନ ପ୍ରାଧିକରଣର ସ୍ୱତନ୍ତ୍ର ଏନ୍‌ଫୋର୍ସମେଣ୍ଟ ଟିମ୍ ମିଳିତ ଭାବେ କରୁଛନ୍ତି। ଏହି ଟିମ୍‌ଗୁଡ଼ିକ ଦ୍ୱାରା ଜାତୀୟ ରାଜପଥ ଓ ରାଜ୍ୟ ରାଜପଥରେ ନିୟମିତ ପାଟ୍ରୋଲିଂ କରାଯାଇ ନିୟମ ଉଲ୍ଲଂଘନକାରୀ ଗାଡ଼ିଗୁଡ଼ିକ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଚଢ଼ଉ ସମୟରେ ଟ୍ରାଫିକ୍ ନିୟମ ଉଲ୍ଲଂଘନ ଏବଂ ବେଆଇନ୍ ପାର୍କିଂ ଅଭିଯୋଗରେ ମୋଟ ୬୪ଟି ଗାଡ଼ିକୁ ଚାଲାଣ କରାଯାଇ ଜରିମାନା ଆଦାୟ କରାଯାଇଛି। ଏହାସହିତ ରାସ୍ତାଘାଟରେ ଯାତାୟାତ ସୁଗମ କରିବା ନିମନ୍ତେ ରାସ୍ତା କଡ଼ରେ ବିପଜ୍ଜନକ ଭାବେ ପାର୍କିଂ ହୋଇଥିବା ୧୦୦ରୁ ଅଧିକ ଭାରୀ ଯାନବାହାନକୁ ତୁରନ୍ତ ରାସ୍ତା କଡ଼ରୁ ହଟାଯାଇଛି। ଆଗାମୀ ଦିନରେ ମଧ୍ୟ ଏହିଭଳି ଯାଞ୍ଚ କାର୍ଯ୍ୟକ୍ରମକୁ ଆହୁରି କଡ଼ାକଡ଼ି କରାଯିବ। ଫ୍ଲାଇଆସ୍ ନିୟମାବଳୀ ନମାନୁଥିବା ଗାଡ଼ିଗୁଡ଼ିକ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲା ପରିବହନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## କଣ୍ଟାବାଞ୍ଜି ଅଞ୍ଚଳରେ ସାର୍ କଳାବଜାର

କଣ୍ଟାବାଞ୍ଜି,୮ ।୮ (ସମିସ): ଚାଷୀଙ୍କ ଚିନ୍ତା ବଢ଼ାଇଛି ସାର। ବଲାଙ୍ଗୀର ଜିଲ୍ଲାର କଣ୍ଟାବାଞ୍ଜି ଓ ତୁରେକେଲା ଅଞ୍ଚଳରେ ଚାଷୀଙ୍କ ଆବଶ୍ୟକତାକୁ ଅସ୍ତ୍ର କରି କିଛି ଦଲାଲ ଓ ବ୍ୟବସାୟୀ ଅଧିକ ଦରରେ ସାର ବିକ୍ରି କରୁଛନ୍ତି। ବିଶେଷକରି ଡିଏପି ଓ ୟୁରିଆ ସାର ପାଇଁ ଚାଷୀ ଏବେ ଦୋକାନରୁ ଦୋକାନ ବୁଲୁଛନ୍ତି। ଆବଶ୍ୟକତା ଅନୁଯାୟୀ ସାର ମିଳୁନି। ମିଳିଲେ ମଧ୍ୟ ଅଧିକ ଦର ଦେବାକୁ ପଡୁଛି। ବ୍ଲକ କୃଷି ଅଧିକାରୀଙ୍କ ସୂଚନା ଅନୁଯାୟୀ ଚଳିତ ବର୍ଷ ୨୬ ଜଣ ଘରୋଇ ବ୍ୟବସାୟୀଙ୍କୁ ଲାଇସେନ୍ସ ଦିଆଯାଇଛି। ୧ଟି ପ୍ୟାକ୍ସ୍‌କୁ ମଧ୍ୟ ଅନୁମତି ଦିଆଯାଇଛି। କଣ୍ଟାବାଞ୍ଜି ଚଟୁଆନାକାସ୍ଥିତ ଲିଲୁରାମ ଅଗ୍ରୱାଲ ନାମକ ଜଣେ ବ୍ୟବସାୟୀ ଏଭଳି କଳାବଜାର କରୁଥିବା ପ୍ରମାଣ ମିଳିଛି। ସେ ଚଢ଼ା ଦରରେ ସାର ବିକ୍ରି କରୁଥିବା ଭାଇରାଲ ହେଉଛି। ସରକାରୀ ଦର ହିସାବରେ ଡିଏପି ୧୮ ୪୬ ସାର ୧୩୫୦ ୫୦ଟଙ୍କାରେ ବିକ୍ରି ହେବା କଥା; ହେଲେ ୨ହଜାରରୁ ୨୨ଶହ ଟଙ୍କାରେ ବିକ୍ରି ହେଉଛି। ସେହିପରି ୟୁରିଆ ସାରକୁ ୬ଶହରୁ ୭ଶହ ଟଙ୍କାରେ ବିକ୍ରି କରୁଛନ୍ତି; ଯାହା ସରକାରୀ ଦର ୨୬୬ଟଙ୍କା ଧାର୍ଯ୍ୟ କରାଯାଇଛି। ଚାଷୀଙ୍କ ଅଭିଯୋଗ ଅନୁଯାୟୀ, ସାରର ଚାହିଦା ଅଧିକ ଥିବା ସୁଯୋଗ ନେଇ କିଛି ବ୍ୟବସାୟୀ ଓ ଦଲାଲ ମନମୁଖୀ ଦର ଧାର୍ଯ୍ୟ କରୁଛନ୍ତି। କଣ୍ଟାବାଞ୍ଜି ସହର ସମେତ ଆଖପାଖ ଅଞ୍ଚଳରେ ଏଭଳି କାରବାର ଚାଲିଛି। ଏ ନେଇ ଚାଷୀ ମହଲରେ ଅସନ୍ତୋଷ ବଢୁଛି। ଅନ୍ୟପଟେ କଣ୍ଟାବାଞ୍ଜି ଅଞ୍ଚଳରେ କପା ଚାଷକୁ ନେଇ ବିଭିନ୍ନ କମ୍ପାନୀ ମଧ୍ୟ ନିଜର ବ୍ୟବସାୟିକ କାର୍ଯ୍ୟକଳାପ ବଢ଼ାଇଛନ୍ତି। ଚାଷୀଙ୍କୁ ଚାଷ ପାଇଁ ବିଭିନ୍ନ ପ୍ରକାରର ସହଯୋଗ ଓ ସାମଗ୍ରୀ ଯୋଗାଇ ଦିଆଯାଉଥିବା କୁହାଯାଉଛି। କେତେକ ସ୍ଥାନରେ ଚାଷୀଙ୍କୁ ନାନା ପ୍ରକାରରେ ହଇରାଣ କରାଯାଉଥିବା ଅଭିଯୋଗ ମଧ୍ୟ ସାମ୍ନାକୁ ଆସୁଛି। ବ୍ଲକ କୃଷି ଅଧିକାରୀ ଆନନ୍ଦ ମଲ୍ଲିକଙ୍କ କହିବା ହେଲା ଏମିତି ଓ କିଛି ନଜର ଆସି ନାହିଁ। ଅଭିଯୋଗ ମଧ୍ୟ ଆସିନି; ହେଲେ ଧ୍ୟାନ ଦେବି ବୋଲି କହିଛନ୍ତି।

## କମିଶନର ବି ପରମେଶ୍ୱରନଙ୍କ ବୌଦ୍ଧ ଜିଲ୍ଲା ଗସ୍ତ

ଜହ୍ନାପଙ୍କ,୮ ।୮ (ସମିସ): ଏସ୍‌ସିଏସଟି କମିଶନର ବି ପରମେଶ୍ୱରନ ବୌଦ୍ଧ ଜିଲ୍ଲା ଗସ୍ତ କରିଛନ୍ତି। ଏହି ଅବସରରେ ସେ ଲକ୍ଷ୍ମୀପ୍ରସାଦ ଗାଁ ପରିଦର୍ଶନ କରିଥିଲେ। ସେଠାରେ ୬୬ ଜଣ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାଙ୍କୁ ନେଇ ଗଠିତ ଜୟ ମା' ମହାଲକ୍ଷ୍ମୀ ମା' ତାରିଣୀ ଉତ୍ପାଦକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ଶାଢୀ ବୁଣା, ବାନ୍ଧ କାମ ଦେଖିବା ସହ ସେମାନଙ୍କ ସହ ଆଲୋଚନା କରିଥିଲେ। କମିଶନରଙ୍କ ସହ ବୌଦ୍ଧ ଜିଲ୍ଲାପାଳ ବିଭୁତି ଭୂଷଣ ନାଏକ, ଜିଲ୍ଲା ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ଉପ ଜିଲ୍ଲାପାଳ ବିନୟ ଭୋଇ, ବିଡ଼ିଓ ଯୁଗଳ କିଶୋର ବିଶ୍ୱାଳ ସମେତ ଜିଲ୍ଲାର ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ମା' ମହାଲକ୍ଷ୍ମୀ ଉତ୍ପାଦକ ଗୋଷ୍ଠୀର ଉଦୟ ମିତ୍ର ଅଞ୍ଜଳି ମେହେର, ମା' ତାରିଣୀ ଉତ୍ପାଦକ ଗୋଷ୍ଠୀର ଉଦୟମିତ୍ର କ୍ଷୀରାବତୀ ମେହେର, ଲକ୍ଷ୍ମୀପ୍ରସାଦ ଏମ୍‌ବିକେ ଶ୍ରୀମତୀ ବଡ଼ମାଳୀ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପକ୍ଷେ କମିଶନର ଲକ୍ଷ୍ମୀପ୍ରସାଦ ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚି ପିଡିଏସ ଚାଉଳ ବଣ୍ଟନ ବ୍ୟବସ୍ଥା ତଦାରଖ କରିଥିଲେ। ଏଥିରେ ଜିଲ୍ଲାପାଳଙ୍କ ସହ ଲକ୍ଷ୍ମୀପ୍ରସାଦ ସରପଞ୍ଚ ଭାରତୀ ପୁରୋହିତ, ଭିଏଲଡବ୍ଲୁ ଶରତ ପୁରୋହିତ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ କମିଶନର ୨୭ ଜଣଙ୍କୁ ନୂତନ ଭତ୍ତାକାର୍ଡ ବଣ୍ଟନ କରିଥିଲେ।

## ଜଙ୍ଗଲରୁ ହାତୀର ଅସ୍ଥି ଉଦ୍ଧାର

ଦେବଗଡ଼,୮ ।୮ (ସମିସ): ଦେବଗଡ଼ ବନଖଣ୍ଡ ରିଆମାଳ ବନାଞ୍ଚଳ ନୂଆଡ଼ିହ ସେକ୍ସନ ଖିଲେଇ ଗ୍ରାମ ନିକଟସ୍ଥ ଗୋଗୁଆ ସଂରକ୍ଷିତ ଜଙ୍ଗଲ ମଧ୍ୟରୁ ବନ ବିଭାଗ ଏକ ମୃତହାତୀର ଅସ୍ଥି ଉଦ୍ଧାର କରିଛି। ହାତୀଟିର ଏକ ମାସ ପୂର୍ବରୁ ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି। ତେବେ ପ୍ରାଥମିକ ତଦନ୍ତରେ ଏହା ଏକ ମାଈ ହାତୀ। ପ୍ରାକୃତିକ ମୃତ୍ୟୁ ଘଟିଥିବା ବନ ବିଭାଗର ତଦନ୍ତକାରୀ ଅଧିକାରୀ ସୂଚନା ଦେଇଛନ୍ତି। ଫରେଷ୍ଟ ପାଟ୍ରୋଲିଂ ଟିମ୍ ଜଙ୍ଗଲରେ ଗସ୍ତ କରୁଥିବା ବେଳେ ଗୋଗୁଆ ଜଙ୍ଗଲ ମଧ୍ୟରେ ଏକ ହାତୀର ଅସ୍ଥି ପଡ଼ିଥିବା ଦେଖି ବନ ବିଭାଗକୁ ସୂଚନା ଦେଇଥିଲେ। ସୂଚନା ଆଧାରରେ ବନଖଣ୍ଡ ଅଧିକାରୀ ମିସ ରଶ୍ମି ଜି, ଅତିରିକ୍ତ ବନ ସଂରକ୍ଷକ ସ୍ୱାଧୀନତା ସାହାଣୀ ଓ ଅରୁଣ ବେହେରା, ବନାଞ୍ଚଳ ଅଧିକାରୀ ନିରଞ୍ଜନ ଧାରୁଆ ସଦଳବଳେ ଘଟଣା ସ୍ଥଳରେ ପହଞ୍ଚି ହାତୀ ମୃତ୍ୟୁର ପ୍ରାଥମିକ ତଦନ୍ତ କରିଥିଲେ। ଅସ୍ଥି ସଂଗ୍ରହ କରି ପରୀକ୍ଷା ପାଇଁ ଭୁବନେଶ୍ୱରସ୍ଥିତ ଓୟୁଏଟି ଲ୍ୟାବକୁ ପଠା ଯାଇଛି।

## ବେଟି ବଞ୍ଚାଅ ଓ ବେଟି ପଢ଼ାଓ ସମନ୍ୱୟ ବୈଠକ

ଦେବଗଡ,୮ ।୮ (ସମିସ): ଦେବଗଡ଼ ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ "ବେଟି ବଚାଓ ବେଟି ପଢାଓ' ସମନ୍ୱୟ ବୈଠକ ଅନୁଷ୍ଠିତ ହେଇଯାଇଛି। ଜିଲ୍ଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ କବିନ୍ଦ୍ର ସାହୁ ଅଧକ୍ଷତା କରିଥିଲେ। ଜିଲ୍ଲାରେ ଶିଶୁକନ୍ୟାଙ୍କୁ ଗଢି ତୋଳିବା ପାଇଁ ସମସ୍ତଙ୍କୁ ଆହ୍ୱାନ ଦେବା, କନ୍ୟା ସନ୍ତାନଙ୍କୁ ସୁରକ୍ଷା ଦେବା, ଶିକ୍ଷିତ ଏବଂ ସଶକ୍ତ କରିବା, କନ୍ୟାଭୃଣ ହତ୍ୟା ରୋକିବା ଓ କୋଠାର ଭାବେ ପାଳନ କରିବା, କନ୍ୟାରତ୍ନଙ୍କ ଶିକ୍ଷାକୁ ଗୁରୁତ୍ୱ ଓ ବାଲ୍ୟ ବିବାହ ନିବାରଣ ଉପରେ ଜିଲ୍ଲାପାଳ ଆଲୋକପାତ କରିଥିଲେ। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଧୀରଜ ଚୋପଦାର୍, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀନିବାସ ଜାନୀ, ଜିଲ୍ଲା ଶିକ୍ଷା ଅଧିକାରୀ ଗେନ୍ଦ୍ରା କୁଜୁର, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ର, ଜିଲ୍ଲା ପଞ୍ଚାୟତ ଅଧିକାରୀ ହେମନ୍ତ ସିଂ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ପ୍ରମୁଖ ଉପସ୍ଥିତ ଥିଲେ।

## ଗଞ୍ଜେଇ, କଫ୍ ସିରପ ଜବତ; ୨ ଗିରଫ

ଇବଥର୍ମାଲ,୮ ।୮ (ସମିସ): ଝାରସୁଗୁଡ଼ା ଜିଲ୍ଲା ପୁଲିସ ପ୍ରଶାସନ ପକ୍ଷରୁ ଅପରେସନ ନିଶାମୁକ୍ତ ଅଭିଯାନ ଚାଲିଛି। ଏହି ପରିପ୍ରେକ୍ଷୀରେ ଆଜି ବନହରପାଲି ଥାନା ପୁଲିସ ବେଆଇନ୍ ନିଶାଦ୍ରବ୍ୟ ଚାଲାଣ କରୁଥିବା ବେଳେ ପୃଥକ ପୃଥକ ମାମଲାରେ ୨ ଜଣ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିଛି। ବନହରପାଲି ଓ କୁମ୍ଭାରବନ୍ଧ ପୁଲିସ ପାଟ୍ରୋଲିଂ କରୁଥିବା ବେଳେ ସାହାଜବାହାଲ ଫୁଟବଲ ପଡ଼ିଆ ଦେଇ ପ୍ଲାଷ୍ଟିକ ଜରି ବ୍ୟାଗ ଧରି ଜଣେ ବ୍ୟକ୍ତି ଯାଉଥିବା ସନ୍ଦେହ କରିଥିଲା। ସନ୍ଦିଗ୍ଧ ବ୍ୟକ୍ତିକୁ ଅଟକାଇ ତଲାସୀ ନେବାପରେ ତା'ଠାରୁ ୪.୪୭୦ କେ ଜି ଗଞ୍ଜେଇ ବାହାରିଥିଲା। ଅଭିଯୁକ୍ତ ସାହାଜବାହାଲ ଗ୍ରାମର ଅରୁଣ ଗୁରୁ (୪୭)କୁ ପୁଲିସ ଗିରଫ କରିଛି। ସେହିପର ବନହରପାଲି ଥାନାର ପୁଲିସ ଅଧିକାରୀ ବିନିତା ଟପ୍ପୋଙ୍କ ନେତୃତ୍ୱରେ ପୁଲିସ ଟିମ୍ ନିୟମିତ ପାଟ୍ରୋଲଂ କରୁଥିବା ବେଳେ କୌଣସି ସୂତ୍ରରୁ ଖବର ପାଇ ତଳିବାହାଲ ଛକଠାରେ ଗୁଡିହାଲି ଗ୍ରାମର ପ୍ରବୀଣ ସାହୁ (୧୮)କୁ ଧରିଥିଲେ। ତନଖି ପରେ ତା' ଠାରୁ ୮.୪ ଲିଟର ସିରପ୍ ଜବତ କରି ପୁଲିସ ତାକୁ ଗିରଫ କରିଥିଲା।

## ଭିନ୍ନକ୍ଷମଙ୍କୁ ହ୍ୱିଲ୍ ଚେୟାର ବଣ୍ଟନ

ଦେବଗଡ,୮ ।୮ (ସମିସ): ଦେବଗଡ଼ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ରିଆମାଳ ବ୍ଲକରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ମାଧ୍ୟମରେ ୬ ଜଣ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ହ୍ୱିଲ୍ ଚେୟାର ବଣ୍ଟନ କରାଯାଇଛି। ରିଆମାଳ ବ୍ଲକ୍ ପରା ଗ୍ରାମର ପ୍ରମୋଦ ନାୟକ, ଝୁଲଣି ଗ୍ରାମର ନିହାରିକା ସାହୁ, ଧରମପୁର ଗ୍ରାମର ମାଧବୀ ସେଠୀ, ଖଇରପାଲି ଗ୍ରାମର ଆରତୀ ସାହୁ, କୁଣ୍ଢେଇଗୋଳା ଗ୍ରାମର କତି କିସାନ ଓ ଦଶଘରିଆ ଗ୍ରାମର ବିଦେଶୀ ସାହୁଙ୍କୁ ଚିହ୍ନଟ କରାଯାଇ ହ୍ୱିଲ୍ ଚେୟାର ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମରେ ରିଆମାଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆଦିତ୍ୟ ପ୍ରସାଦ ପଣ୍ଡା, ରିଆମାଳ ବ୍ଲକ୍ ଅଧ୍ୟକ୍ଷ ମଧୁସୂଦନ ପ୍ରଧାନ, ଗୁଣ୍ଡିଆପାଲି ସରପଞ୍ଚ ପ୍ରକାଶ ଆଚାର୍ଯ୍ୟ, ଭିମିନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।

## ପ୍ରଧାନଶିକ୍ଷକ ସମ୍ବର୍ଦ୍ଧିତ




ଡୁଙ୍ଗୁରିପାଲି, ୮ ।୮ (ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗରୀପାଲି ବ୍ଲକ୍ ଅଧୀନ ଇଚ୍ଛାପୁରରେ ଚୈତନ୍ୟ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ସହଦେବ ଭୁଏ ପ୍ରଧାନ ଶିକ୍ଷକକୁ ପଦୋନ୍ନତି ପାଇ ଅନ୍ୟତ୍ର ବଦଳି ହୋଇଛନ୍ତି। ତାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ନୂତନ ପ୍ରାଧାନ ଶିକ୍ଷକ ଚକ୍ରପାଣି ସାହୁଙ୍କ ସଭାପତିତ୍ୱରେ ବିଦ୍ୟାଳୟର ପରିଚାଳନା କମିଟିର ସଭାପତି ଅବନୀ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷକ ଧିରେନ୍ଦ୍ର ନାରାୟଣ ବାରିକ, ଜୀବର୍ଦ୍ଧନ ସାମନୀ ଓ ନରେନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରମୋଦ ସାହୁ ମାନପତ୍ର ପାଠ କରିଥିଲେ।

## ଜିଲ୍ଲାସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡା ସଂଗଠନ ସାଧାରଣ ବୈଠକ

ଦେବଗଡ଼, ୮ ।୮ (ସମିସ): ଦେବଗଡ଼ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ବିଜୟନଗରସ୍ଥିତ ନଇକୂଳ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡା ସଂଗଠନ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ଗେନ୍ଦେରା କୁଜୁର, ସମ୍ମାନିତ ଅତିଥି ଭାବେ ଜିଲ୍ଲା କ୍ରୀଡା ଅଧିକାରୀ ହେମନ୍ତ ସିଂ, ବାରକୋଟ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କ୍ଷୀରୋଦ ପ୍ରଧାନ, ଡଁରା ପି.ଏମ. ଶ୍ରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ମାଧବ ବିଶ୍ୱାଳ, ନଇକୂଳ ନୋଡାଲ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଇନ୍ଦ୍ରମଣି ସାମଲ, ବସାଲଇ ନୋଡାଲ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଈଶ୍ୱର ଚନ୍ଦ୍ର ସାହୁ, କଲା ନୋଡାଲ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସରୋଜ ରଞ୍ଜନ ବ୍ରହ୍ମା, କଣ୍ଢେଲ ନୋଡାଲ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଚିନ୍ମୟୀ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ପଦ୍ମିନୀ ମହାପାତ୍ର ସ୍ୱାଗତ ଭାଷଣ ସହ ବିବରଣୀ ପଠନ କରିଥିଲେ। ଏହି ଅବସରରେ ଅବସର ଗ୍ରହଣ କରିଥିବା ତିଳେଇବଣି କ୍ରୀଡା ସମ୍ପାଦକ ତିଲେଶ୍ୱର ସ୍ୱାଇଁ, ରିଆମାଳ ବ୍ଲକ କ୍ରୀଡା ସମ୍ପାଦକ ଜଗଦୀଶ ଭୋଇ, କୁଣ୍ଡାପିଠା ଉଚ୍ଚ ବିଦ୍ୟାଳୟ କ୍ରୀଡା ଶିକ୍ଷକ ପ୍ରଦ୍ୟୁମ୍ନ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭିନ୍ନ ବର୍ଗରେ ଜାତୀୟ ସ୍ତରରେ ଭାଗ ନେଇଥିବା ୮ ଜଣ ଛାତ୍ରଛାତ୍ରୀଙ୍କୁ ବିଭାଗ ତରଫରୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟପକ୍ଷେ ଜିଲ୍ଲା ଶାରୀରିକ ଅଧିକାରୀ ପଦ୍ମିନୀ ମହାପାତ୍ରଙ୍କ ପରିଚାଳନାରେ ରାଜ୍ୟସ୍ତରୀୟ ୨୨ଟି ଖେଳର ଜିଲ୍ଲା ସ୍ତରରେ ଆୟୋଜନ ସମ୍ପର୍କରେ ଆଲୋଚନା ପୂର୍ବକ ରୂପରେଖ ପ୍ରସ୍ତୁତ କରାଯାଇଥିଲା। କାର୍ଯ୍ୟକ୍ରମକୁ ସୁଗୁଡା ସିଆରସିସି ପ୍ରାଣବନ୍ଧୁ ଘଡ଼େଇ ସଂଯୋଜନା କରିଥିବା ବେଳେ ସ୍ଥାନୀୟ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଇନ୍ଦ୍ରମଣି ସାମଲ ଧନ୍ୟବାଦ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସ୍ଥାନୀୟ ବିଦ୍ୟାଳୟ କ୍ରୀଡା ଶିକ୍ଷକ କରୁଣାକର ପାତ୍ରଙ୍କ ସମେତ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ କ୍ରୀଡା ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ।

## ଝାରସୁଗୁଡ଼ା ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଡେଙ୍ଗୁ ସଚେତନତା

ଝାରସୁଗୁଡ଼ା,୮ ।୮ (ସମିସ): ଝାରସୁଗୁଡ଼ା ଜିଲ୍ଲାରେ ଡେଙ୍ଗୁ, ମ୍ୟାଲେରିଆ ଏବଂ ଅନ୍ୟାନ୍ୟ ରୋଗର ପ୍ରାଦୁର୍ଭାବକୁ ରୋକିବା ପାଇଁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବ୍ୟାପକ ଜନସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ସହରାଞ୍ଚଳ ସ୍ୱାସ୍ଥ୍ୟ, ପୋଷଣ ଓ ସ୍ୱଚ୍ଛତା ଦିବସ କାର୍ଯ୍ୟକ୍ରମଗୁଡ଼ିକରେ ମଧ୍ୟ ବରିଷ୍ଠ ସ୍ୱାସ୍ଥ୍ୟ ଅଧିକାରୀ ଓ କର୍ମଚାରୀମାନେ ଯୋଗ ଦେଇଛନ୍ତି। ସାଧାରଣ ଜନସାଧାରଣଙ୍କୁ ଡେଙ୍ଗୁ ଏବଂ ଅନ୍ୟାନ୍ୟ ଜଳ ଓ ମଶାବାହିତ ରୋଗରୁ ବର୍ତ୍ତିବା ନେଇ ବ୍ୟାପକ ପରାମର୍ଶ ଓ ସଚେତନତା ପ୍ରଦାନ କରୁଛନ୍ତି। ଏହି ସଚେତନତା ଅଭିଯାନ କ୍ରମରେ ଝାରସୁଗୁଡ଼ା ସହରାଞ୍ଚଳର ପାହାଡ଼ି ମନ୍ଦିର ପରିସରରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏଥିରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ଟିମ୍ ଉପସ୍ଥିତ ରହି ସ୍ଥାନୀୟ ଲୋକଙ୍କୁ ଡେଙ୍ଗୁ ଓ ମଲେରିଆ ନିୟନ୍ତ୍ରଣ ସମ୍ପର୍କରେ ସଚେତନ କରାଇଛନ୍ତି। ଏଥିସହିତ ଜନଗହଳିପୂର୍ଣ୍ଣ ମଙ୍ଗଳ ବଜାର ଏବଂ କୁକ୍ରିପଡ଼ା ଅଞ୍ଚଳରେ ସ୍ୱତନ୍ତ୍ର ଡେଙ୍ଗୁ ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ଘର ପାଖରେ ଜଳ ଜମିବାକୁ ନ ଦେବା, ପ୍ରତ୍ୟେକ ସପ୍ତାହରେ କୁଲର, ଫ୍ରିଜ୍ ଟ୍ରେ, ଟାୟାର ଓ ପାତ୍ରଗୁଡ଼ିକୁ ସଫା କରି ଶୁଖିଲା ରଖିବା ଏବଂ ମଶାରୀ ବ୍ୟବହାର କରିବା ପାଇଁ ଶପଥ ପାଠ କରାଯାଉଛି। ଝାରସୁଗୁଡ଼ା ପୌରାଞ୍ଚଳରେ ଡେଙ୍ଗୁ ନିୟନ୍ତ୍ରଣ କାର୍ଯ୍ୟକୁ ଅଧିକ କ୍ରିୟାଶୀଳ କରିବା ପାଇଁ ଡେଙ୍ଗୁ ଭଲ୍ୟୁଣ୍ଟିଅର୍ସ/ଡେଙ୍ଗୁ ସ୍ୱେଚ୍ଛାସେବୀ ସାଥୀ ସମ୍ପୂର୍ଣ୍ଣ ସହରରେ ସକ୍ରିୟ ଭାବେ କାର୍ଯ୍ୟ କରୁଛନ୍ତି। ଏହି ସ୍ୱେଚ୍ଛାସେବୀମାନେ ଘରକୁ ଘର ବୁଲି ମଶା ବଂଶବୃଦ୍ଧି ହେଉଥିବା ସ୍ଥାନଗୁଡ଼ିକୁ ଯାଞ୍ଚ କରିବା ସହ ଲୋକଙ୍କୁ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବାକୁ ବୁଝାଉଛନ୍ତି। ଜିଲ୍ଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସମସ୍ତ ନାଗରିକଙ୍କୁ ସଚେତନ ରହିବା ସହ ସ୍ୱାସ୍ଥ୍ୟ କର୍ମୀ ଓ ଡେଙ୍ଗୁ ସ୍ୱେଚ୍ଛାସେବୀ ସାଥୀ ପୂର୍ଣ୍ଣ ସହଯୋଗ କରିବା ପାଇଁ ନିବେଦନ କରାଯାଇଛି। ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ସ୍ୱତନ୍ତ୍ର ମାର୍ଗଦର୍ଶନରେ ଏହି କାର୍ଯ୍ୟକ୍ରମ ଜାରି ରହିଛି।

● ୨ ଦିନରେ ୧୬୫ ଗୋରୁ ଗୋଶାଳାକୁ ସ୍ଥାନାନ୍ତରିତ

## ନିୟମ ଖିଲାପକାରୀଙ୍କୁ ୪ ହଜାର ଟଙ୍କା ଜରିମାନା

ଝାରସୁଗୁଡ଼ା,୮ ।୮ (ସମିସ): ଝାରସୁଗୁଡ଼ା ସହରର ରାସ୍ତାଘାଟରେ ବୁଲା ଗୋରୁଙ୍କ ସଂଖ୍ୟା ବୃଦ୍ଧି ପାଇବା ଯୋଗୁଁ ନିୟମିତ ଟ୍ରାଫିକ ସମସ୍ୟା, ରାସ୍ତା ଅବରୋଧ ଏବଂ ସଡ଼କ ଦୁର୍ଘଟଣା ଭଳି ପରିସ୍ଥିତି ସୃଷ୍ଟି ହେଉଛି। ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ସହ ଆଲୋଚନା ଏବଂ ନିର୍ଦ୍ଦେଶକ୍ରମେ ଏକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯାଇଛି। ଏହି କ୍ରମରେ ପୁରୁଣା ବସଷ୍ଟାଣ୍ଡ ଅଞ୍ଚଳରେ ବୁଲୁଥିବା ଗୋରୁଗାଈଙ୍କୁ ଶ୍ରୀ କୃଷ୍ଣ ଗୋଶାଳା ଏବଂ ଏହାର ସଂଲଗ୍ନ ପଡ଼ିଆକୁ ସ୍ଥାନାନ୍ତରିତ କରାଯାଉଛି। ଝାରସୁଗୁଡ଼ା ପୌରପାଳିକା ନିର୍ବାହୀ ଅଧିକାରୀ ନିଶିକାନ୍ତ ଟେଟେଙ୍କ ସୂଚନା ଅନୁଯାୟୀତ ୨ ଦିନ ମଧ୍ୟରେ ମୋଟ ୧୬୫ଟି ଗୋରୁଙ୍କୁ ସୁରକ୍ଷିତ ଭାବେ ଗୋଶାଳାକୁ ପଠାଯାଇସାରିଛି। ଏହି ଅଭିଯାନ ପୂର୍ବରୁ ପୌରପାଳିକା ତରଫରୁ ସହରସାରା ମାଇକ୍ ଦ୍ୱାରା ସଚେତନତା ନିମନ୍ତେ ଘୋଷଣା ମଧ୍ୟ କରାଯାଇଥିଲା। ପ୍ରଶାସନ ପକ୍ଷରୁ କଡ଼ା ନିୟମ ଲାଗୁ କରାଯାଇଛି ଯେ, ଯଦି କୌଣସି ଗୋ-ପାଳକ/ମାଲିକ ନିଜ ଗୋରୁଙ୍କୁ ନେବା ପାଇଁ ଦାବି କରନ୍ତି ତେବେ ତାଙ୍କୁ ଗୋରୁ ପିଛା ୪ ହଜାର ଟଙ୍କା ଜରିମାନା ଗଣିବାକୁ ପଡ଼ିବ। ଏଥିସହିତ ଭବିଷ୍ୟତରେ ଗୋରୁଙ୍କୁ ରାସ୍ତାରେ ଖୋଲା ଛାଡ଼ିବେ ନାହିଁ ବୋଲି ଏକ ପ୍ରତିଶ୍ରୁତି ପତ୍ର ମଧ୍ୟ ଦେବାକୁ ହେବ। ଏହି ସମ୍ପୂର୍ଣ୍ଣ ପ୍ରକ୍ରିୟାକୁ ସୁଚାରୁରୂପେ ପରିଚାଳନା କରିବା ପାଇଁ ଝାରସୁଗୁଡ଼ା ପୌରପାଳିକା, ପ୍ରାଣୀସମ୍ପଦ ବିଭାଗ, ଶ୍ରୀ କୃଷ୍ଣ ଗୋଶାଳା ଏବଂ ବଜରଙ୍ଗ ଦଳର କର୍ମକର୍ତ୍ତାଙ୍କୁ ନେଇ ଏକ ମନିଟରିଂ କମିଟି ମଧ୍ୟ ଗଠନ କରାଯାଇଛି। ପୌରପାଳିକା ତରଫରୁ ବଜରଙ୍ଗ ଦଳର ସଦସ୍ୟଙ୍କ ସହଯୋଗରେ ଗୋରୁ ସ୍ଥାନାନ୍ତର କାର୍ଯ୍ୟ କରାଯାଉଛି। ପ୍ରାଣୀସମ୍ପଦ ବିଭାଗ ଗୋରୁଙ୍କ ରୋଗ ନିରୂପଣ, ଚିକିତ୍ସା, ଗୋ-ଖାଦ୍ୟ ଏବଂ ଟ୍ୟାଗିଂ କାର୍ଯ୍ୟ ବୁଝିବ। ଏଥିସହିତ ଶ୍ରୀ କୃଷ୍ଣ ଗୋଶାଳା କର୍ତ୍ତୃପକ୍ଷ ଗୋରୁଙ୍କ ରହିବା ସ୍ଥାନର ରକ୍ଷଣାବେକ୍ଷଣ ଦାୟିତ୍ୱ ନେଇଛନ୍ତି।

## କଳାହାଣ୍ଡି ଛାତ୍ର ସଂଘର ନୂଆ ଜିଲ୍ଲା କମିଟି ଗଠିତ

ଭବାନୀପାଟଣା,୮ ।୮ (ସମିସ): ଅଲ୍ ଇଣ୍ଡିଆ ଷ୍ଟୁଡେଣ୍ଟ ୟୁନିଅନର କଳାହାଣ୍ଡି ଛାତ୍ର ସଂଘର ୨୦୨୬-୨୭ ଶିକ୍ଷାବର୍ଷ ପାଇଁ ନୂତନ ଜିଲ୍ଲା କମିଟି ଘୋଷଣା ହୋଇଛି। ଉମାକାନ୍ତ ନିଆଲ ଜିଲ୍ଲା ସଭାପତି, ଅନୁଭବ ପଟ୍ଟନାୟକ କାର୍ଯ୍ୟକାରୀ ସଭାପତି ଓ ସିଦ୍ଧାର୍ଥ ନାୟକ ଉପସଭାପତି ଭାବେ ଦାୟିତ୍ୱ ପାଇଛନ୍ତି। ଖାରବେଳ ବାଗଙ୍କୁ ଉପନିର୍ଦ୍ଦେଶକ ଓ କୋଷାଧ୍ୟକ୍ଷ ଦାୟିତ୍ୱ ମିଳିଛି। ପ୍ରଜ୍ଞାନ ସ୍ୱାଇଁ, ତନ୍ମୟ ନାଏକ ଓ ଅଖିଳେଶ ମହାରଣା ଉପସମ୍ପାଦକ, ସାନୁ ଯାଦବ, ସୋମେଶ୍ୱର ପାତ୍ର, ଜାହିର ବିଶି ଓ ସୁବ୍ରତ ସେନାପତି ଯୁଗ୍ମ ସମ୍ପାଦକ ହୋଇଛନ୍ତି। ଆକାଶ ନାଏକଙ୍କୁ ସାଂଗଠନିକ ସମ୍ପାଦକ, ଚନ୍ଦ୍ର ରଣାଙ୍କୁ ଗଣମାଧ୍ୟମ ଓ ଜନସମ୍ପର୍କ ସମ୍ପାଦକ, ପ୍ରମୋଦ ମେହେରଙ୍କୁ ଶିକ୍ଷା ଓ ଏକାଡେମିକ ବ୍ୟାପାର ସମ୍ପାଦକ, ସୁବ୍ରତ ସେନାପତିଙ୍କୁ ଛାତ୍ର କଲ୍ୟାଣ ସମ୍ପାଦକ, ଅର୍ଜୁନ ବାଗଙ୍କୁ ସାଂସ୍କୃତିକ ସମ୍ପାଦକ, ଲୋକେଶ୍ୱର ସାହୁଙ୍କୁ ସୋସିଆଲ ମିଡିଆ ଓ ଆଇଟି ସମ୍ପାଦକ ଏବଂ ମାନସ ସାହୁଙ୍କୁ ସଦସ୍ୟତା ସମ୍ପାଦକ ଭାବେ ଦାୟିତ୍ୱ ଦିଆଯାଇଛି। ମହିଳା ଛାତ୍ର ଶାଖାର ସଭାପତି ଭାବେ କେ. ଭୂମିକା ଓ ସମ୍ପାଦିକା ଭାବେ ମୁସ୍କାନ ନାଏକଙ୍କୁ ଦାୟିତ୍ୱ ମିଳିଛି। ଏସ୍‌ସି/ଏସ୍‌ଟି ସେଲ୍‌ର ଆବାହକ ଭାବେ ମନୋଜ ଜାଲ ଓ ଓବିସି ସେଲ୍‌ର ଆବାହକ ଭାବେ ଅଜୟ ନାଏକ ନିଯୁକ୍ତ ହୋଇଛନ୍ତି। ସଂଘ ପକ୍ଷରୁ କୁହାଯାଇଛି ଯେ, ଗତ ୨୩ ବର୍ଷ ଧରି ଜିଲ୍ଲାର ବିଭିନ୍ନ ଶିକ୍ଷା ସମସ୍ୟାକୁ ନେଇ ସଂଘ ନିରନ୍ତର କାର୍ଯ୍ୟ କରିଆସୁଛି। ମାଁ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ବିଭିନ୍ନ ସମସ୍ୟା ଓ ଅବ୍ୟବସ୍ଥା ସହ ବିଭିନ୍ନ ମହାବିଦ୍ୟାଳୟ ଓ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସମସ୍ୟାକୁ ନେଇ ମଧ୍ୟ ସଂଘ ପକ୍ଷରୁ ସ୍ୱର ଉଠାଯାଇଛି। ଛାତ୍ରଛାତ୍ରୀଙ୍କ ସମସ୍ୟା ସମାଧାନ ସହ ଜିଲ୍ଲାର ଶିକ୍ଷା ବ୍ୟବସ୍ଥାର ଅଗ୍ରଗତି ଏବଂ ଜନସ୍ୱାର୍ଥ ସମ୍ବନ୍ଧୀୟ ବିଭିନ୍ନ ପ୍ରସଙ୍ଗକୁ ନେଇ କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ନବଗଠିତ କମିଟି ପକ୍ଷରୁ କୁହାଯାଇଛି।

## ପାଣିଭର୍ତ୍ତି ଗାତରେ ପଡ଼ି ଦିବ୍ୟାଙ୍ଗ ଶିଶୁ ମୃତ

ତରଭା,୮ ।୮ (ସମିସ):ସୋନପୁର ସହରର କେନ୍ଦ୍ରୀୟ ବିଦ୍ୟାଳୟ ସମ୍ମୁଖରେ ଥିବା ଏକ ଭିନ୍ନକ୍ଷମ ବିଦ୍ୟାଳୟରେ ଶନିବାର ଅଘଟଣ ଘଟିଛି। ସ୍କୁଲ ପରିସରରେ ଥିବା ଏକ ପାଣିଭର୍ତ୍ତି ଗାତରେ ପଡି ଏକ ୭ ବର୍ଷର ଦିବ୍ୟାଙ୍ଗ ଛାତ୍ରର ମୃତ୍ୟୁ ଘଟିଛି। ସନ୍ଧ୍ୟାରେ ସେ ଗୋଡ଼ ଧୋଇବାକୁ ଏହି ଗାତରେ ପଶିଥିଲା; ଦୁର୍ଭାଗ୍ୟକୁ ଗୋଡ଼ ଖସିଯିବାରୁ ପଡ଼ି ଯାଇଥିଲା; ହେଲେ ଆଉ ବାହାରି ପାରି ନ ଥିଲା। ଅତ୍ୟଧିକ ପାଣି ଥିବାରୁ ବୁଡ଼ି ଯାଇଥିଲା। ଅନେକ ସମୟ ପରେ ସ୍କୁଲ କର୍ତ୍ତୃପକ୍ଷ ତାକୁ ନ ପାଇବାରୁ ଖୋଜାଖୋଜି କରିଥିଲେ। ଶେଷରେ ଗାତରୁ ତାକୁ ଉଦ୍ଧାର କରି ସୋନପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଡାକ୍ତର କିନ୍ତୁ ମୃତୟ ଘୋଷଣା କରିଥିଲେ। ରବିବାର ଶବ ବ୍ୟବଚ୍ଛେଦ କରାଯିବ। ଏହି ଘଟଣାକୁ ନେଇ ଏହି ଦିବ୍ୟାଙ୍ଗ ଅନୁଷ୍ଠାନରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

## ସୁବଳୟା ଉଚ୍ଚ ବିଦ୍ୟାଳୟରେ ଜେଆରସି ୟୁନିଟ୍ ଗଠିତ



ବୀରମହାରାଜପୁର,୮ ।୮ (ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ୍ ସୁବଳୟା ପିଏମ ଶ୍ରୀ ଉଚ୍ଚ ବିଦ୍ୟାଳୟରେ ଜୁନିଅର ରେଡ଼କ୍ରସ ୟୁନିଟ୍ ଗଠିତ ହୋଇଛି। ପ୍ରଧାନ ଶିକ୍ଷକ ସ୍ୱର୍ଣ୍ଣଲତା ବେହେରା ଏଥିରେ ସଭାପତିତ୍ୱ କରିଥିଲେ। ଜୁନିଅର ରେଡ଼କ୍ରସ ପରାମର୍ଶଦାତା ଶିକ୍ଷକ ଚନ୍ଦ୍ରମଣି ବାଘ ସଂଯୋଜନା କରିଥିଲେ। ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସଭାପତି ଭାବରେ ଶ୍ରୁତିମୟୀ ମେହେର, ଉପ ସଭାପତି ଭାବେ ବର୍ଷାରାଣୀ ମେହେର, ସମ୍ପାଦକ ଭାବେ ଅଙ୍କିତା ମେହେର, ସହ ସମ୍ପାଦକ ଭାବେ ମିତା ମେହେର, କମାଣ୍ଡର ଭାବେ ରିୟା ଦଣ୍ଡସେନା ଓ ସଂସ୍କୃତି ଖମାରୀ, ଦଳପତି ଭାବରେ ଅଙ୍କିତା ବେହେରା, ନନ୍ଦିନୀ ରଣା, ଅଂଶୀକା ମେହେର, ନିରୁପମା ଭରାସାଗର ମନୋନୀତ ହୋଇଥିଲେ। ବିଦ୍ୟାଳୟ କମିଟିରେ ଛାତ୍ରଛାତ୍ରୀ ପ୍ରତିନିଧି ସ୍ମୃତିରେଖା ମଲ୍ଲିକ, ଶିକ୍ଷକ ପ୍ରତିନିଧି ବିକ୍ରମ ସାହୁ ଓ ପ୍ରଭାତ ସେଠି ମନୋନୀତ ହୋଇଥିଲେ। ସମ୍ପା ବିଶ୍ୱାଳ, ପ୍ରତିମା ବାଘ, ପ୍ରଦୀପ ମହାନନ୍ଦ, ସରୋଜ ପଧାନ, ଅଜିତ ଗାର୍ଡିଆ, ଆଭାସ ସାହୁ, ସିଦ୍ଧାର୍ଥ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ନଙ୍ଗଲବୋଡ଼ ସେବାଶ୍ରମରେ ଚାରାରୋପଣ

ସିନାପାଲି,୮ ।୮ (ସମିସ): "ଗୋଟିଏ ଗଛ କୋଟିଏ ଜୀବନ" ଏବଂ "ଗଛ ଟିଏ ରୋପଣ କରିବା, ସବୁଜ ସୁନ୍ଦର ପୃଥିବୀ ଗଢ଼ିବା' ବାର୍ତ୍ତାକୁ ନେଇ ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକର ଉପାନ୍ତ ତଥା ବଣପାହାଡ଼ ଘେରା ନଙ୍ଗଲବୋଡ଼ ଠାରେ ଥିବା ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ସେବାଶ୍ରମ ପରିସରରେ ନୂଆପଡ଼ା ଜିଲ୍ଲା ମଙ୍ଗଳ ଅଧିକାରୀ



କାଳିକଙ୍କର ବିଶ୍ୱାଳଙ୍କ ନେତୃତ୍ୱରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ପରିବେଶ ସୁରକ୍ଷା ଓ ସବୁଜ ବିପ୍ଳବ ପ୍ରତି ସଚେତନତା ସୃଷ୍ଟି କରିବା ସହ ଆଗାମୀ ପିଢ଼ି ପାଇଁ ପ୍ରେରଣାର ସ୍ରୋତ ହେବ ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଜିଲ୍ଲା ପ୍ରୋଜେକ୍ଟ ମ୍ୟାନେଜର ସତ୍ୟ ନାରାୟଣ ତ୍ରିପାଠୀ, ଜିଲ୍ଲା ଆରଡବ୍ଲୁଏସ୍‌ଏସ୍ ଅଧିକାରୀ ପ୍ରହଲ୍ଲାଦ ସାହୁ, ଜିଲ୍ଲା ପ୍ଲାନିଙ୍ଗ ପରିସଂଖ୍ୟାନ ଡେପୁଟି ମ୍ୟାନେଜର ଦିଲେଶ୍ୱର ଧରୁଆ, ସିନାପାଲି ବ୍ଲକ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁବ୍ରତ ପରିଡ଼ା, ସିନାପାଲି ବ୍ଲକ ମଙ୍ଗଳ ଅଧିକାରୀ ସୁନୀଲ କୁମାର ସାମଲ, ସିନାପାଲି ଆରଡବ୍ଲୁଏସ୍‌ଏସ୍ ବିଆରସି ପୁଣ୍ଡରୀକାକ୍ଷ ହୋତା, ନଙ୍ଗଲବୋଡ଼ ସେବାଶ୍ରମ ପ୍ରଧାନ ଶିକ୍ଷକ ଖଗେଶ୍ୱର ମାଝୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଦାଦୁ ଖାନ, ପିଇଓ ମନୋଜ ସା ସମେତ ବିଦ୍ୟାଳୟ ଛାତ୍ର ଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ସାମିଲ ହୋଇଥିଲେ।

## ସାମ୍ବାଦିକଙ୍କ ଅକାଳ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା

ଖଡ଼ିଆଳ,୮ ।୮ (ସମିସ): ନୂଆପଡ଼ା ଜିଲ୍ଲାର ସାମ୍ବାଦିକ କିରଣ ସିଂ ଦେଓଙ୍କ ଅକାଳ ବିୟୋଗରେ ଗଭୀର ଶୋକ ପ୍ରକାଶ କରି ଖଡ଼ିଆଳ ବ୍ଲକର ସମସ୍ତ ସାମ୍ବାଦିକଙ୍କ ପକ୍ଷରୁ ଖଡ଼ିଆଳ କଲ୍ୟାଣ ମଣ୍ଡପ ନଂ୨ ଠାରେ ଏକ ଶ୍ରଦ୍ଧାଞ୍ଜଳି ସଭା ବରିଷ୍ଠ ସାମ୍ବାଦିକ ବିଶ୍ୱଜିତ ପାଢ଼ୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ସଭାରେ ଉପସ୍ଥିତ ସାମ୍ବାଦିକମାନେ ସ୍ୱର୍ଗତ ଆତ୍ମାଙ୍କ ଅମର ସଦ୍‌ଗତି କାମନା କରି ଦୁଇ ମିନିଟ୍ ନିରବ ପ୍ରାର୍ଥନା କରିଥିଲେ। ଏଥିରେ ବରିଷ୍ଠ ସାମ୍ବାଦିକ ମୋତିଲାଲ ବାଗ, ପରମେଶ୍ୱର ବାରିକ, ଯୋଗେଶ୍ୱର ସଗରିଆ, ସନ୍ତୋଷ ଦଣ୍ଡସେନା, ସୁଜିତ ପ୍ରଧାନ, ହେମନ୍ତ ବେହେରା, କୁନାଲ ଚରଣ ବେହେରା, ଯୁଗଳ କିଶୋର ମହାନନ୍ଦ, ଶାମ୍ବ ସରାଫ, ବାପୀନା ସାହୁ, ଚନ୍ଦ୍ରଶେଖର ବେହେରା, ମନୋଜ ସାଗରିଆ, ଗଣେଶ ରଣା, ମୋହନଲାଲ ଦୀପ, ଦେବେଶ ହୋତା ସମେତ ସମସ୍ତ ସାମ୍ବାଦିକ ଯୋଗଦେଇ ସ୍ୱର୍ଗତ ଆବାର ସଦଗତି କାମନା କରିବା ସହିତ ଶୋକ ସନ୍ତପ୍ତ ପରିବାରକୁ ଭଗବାନ ସାହସ ଦିଅନ୍ତୁ ବୋଲି ଶୋକ ପ୍ରକାଶ କରିଥିଲେ।

## କାଣ୍ଡେଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ହିନ୍ଦୀ ଶିକ୍ଷକଙ୍କ ଅବସର ଗ୍ରହଣ

କେସିଙ୍ଗା,୮ ।୮ (ସମିସ): କେସିଙ୍ଗା ବ୍ଲକ କାଣ୍ଡେଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବରିଷ୍ଠ ହିନ୍ଦୀ ଶିକ୍ଷକ ରମେଶ ଚନ୍ଦ୍ର ଭୋଇ ଅବସର ନେଇଛନ୍ତି। ତାଙ୍କ ଅବସର ଉପଲକ୍ଷେ କାଣ୍ଡେଲରେ ଆୟୋଜିତ ହୋଇଥିଲା ଏକ ଭାବପୂର୍ଣ୍ଣ ସମ୍ବର୍ଦ୍ଧନା ସଭା। ପୁରାତନ ଛାତ୍ରଛାତ୍ରୀ, ଅବସରପ୍ରାପ୍ତ ଶିକ୍ଷକ, ବନ୍ଧୁପରିଜନ ଓ ଅଞ୍ଚଳବାସୀଙ୍କ ଉପସ୍ଥିତିରେ ଶ୍ରୀ ଭୋଇଙ୍କୁ ଉପଢୌକନ ଓ ମାନପତ୍ର ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ସଭାରେ ଉତ୍ତର କୁମର ମହଲା ସଭାପତିତ୍ୱ କରିଥିବା ବେଳେ ଅବସରପ୍ରାପ୍ତ ବରିଷ୍ଠ ଶିକ୍ଷକ ରମେଶ ଚନ୍ଦ୍ର ସାହା, ପୂର୍ବତନ ସରପଞ୍ଚ ପଙ୍କଜ ଗୌଡ଼ ଏବଂ ପୁରାତନ ଛାତ୍ର କଳକି ରାମ ବାଗ ପ୍ରମୁଖ



ମଞ୍ଚାସୀନ ଥିଲେ। ଅବସରପ୍ରାପ୍ତ ବରିଷ୍ଠ ଶିକ୍ଷକ ମାଧବ ମହଲା ଧନ୍ୟବାଦ ଅର୍ପଣ କରିଥିଲେ। ୩୭ ବର୍ଷର ଏହି ଗୌରବମୟ ଯାତ୍ରାରେ ରମେଶ ଚନ୍ଦ୍ର ଭୋଇଙ୍କ ଅବଦାନ ନିଶ୍ଚିତ ଭାବେ ଚିରସ୍ମରଣୀୟ ହୋଇ ରହିବ।

# ନିଃଶୁଳ୍କ କର୍କଟ ନିରୂପଣ ଓ ସ୍ୱାସ୍ଥ୍ୟ ଶିବିର



**ପଦ୍ମପୁର, ୮ ।୮(ସମିସ):** ମୁମ୍ବାଇର ଟାଟା ମେମୋରିଆଲ ହସ୍ପିଟାଲ ସହ ସମ୍ପୃକ୍ତ ଜଗନ୍ନାଥ କ୍ୟାନସର ଏଡ୍ ଫାଉଣ୍ଡେସନ, ଫାଇଟର୍ସ ଗ୍ରୁପ, ଟାଉନ କ୍ଲବ୍ ସହଯୋଗରେ ଏଠାରେ ଏକ ନିଃଶୁଳ୍କ କର୍କଟ ରୋଗ ନିରୂପଣ ପରୀକ୍ଷା କରାଯାଇଛି। ପ୍ରତିଶ ବହିଦାର ସଭାପତିତ୍ୱ କରିଥିଲେ। ପ୍ରତିଭା ବାରିକ ମଞ୍ଚ ସଞ୍ଚାଳନ ପରିଚାଳନା କରିଥିଲେ। କର୍କଟ ବିଶେଷଜ୍ଞ ଡା. ଦିଲୀପ କରଙ୍କ ଦ୍ୱାରା କର୍କଟ ରୋଗର ପ୍ରାରମ୍ଭିକ ନିରୂପଣ ପରୀକ୍ଷା କରାଯାଇଥିଲା। ଏହା ସହ ଅସ୍ଥିରୋଗ ବିଶେଷଜ୍ଞ ଡା. ପ୍ରବୀଣ ନାୟକ, ସାଧାରଣ ଚିକିତ୍ସକ ଡା. ସୁନୀଲ ସାହୁ, ସ୍ତ୍ରୀରୋଗ ବିଶେଷଜ୍ଞ ଡା ପ୍ରିତୀଶ ଭୋଇ, ବରଗଡ଼ କ୍ୟାନ୍ସର ୱିଙ୍ଗର ଡା. ଭକ୍ତିଭୂଷଣ ପତି ଏବଂ ଶଲ୍ୟ ବିଶେଷଜ୍ଞ ଡା. ରାକେଶ ଯୋଗ ଦେଇଥିଲେ। ବିଜୟ ସାହୁ ଓ ଗୋପବନ୍ଧୁ ସିକା ସହଯୋଗ କରିଥିଲେ। ଡିସିବି ବ୍ୟାଙ୍କ ପକ୍ଷରୁ ଜଳଖିଆ ଓ ପାନୀୟ ବଣ୍ଟନ କରାଯାଇଥିଲା। ଶାଖା ପ୍ରବନ୍ଧକ ଏମ୍. ରାଜେଶଙ୍କ ନିରୀକ୍ଷଣରେ ଉପଶାଖା ପ୍ରବନ୍ଧକ ରାଜୀବ ପଟ୍ଟନାୟକଙ୍କ ସମେତ ଦିଲ୍ଲୀପ୍ ଭୋଳ ଓ ଅରବିନ୍ଦ ବିଶ୍ୱାଳ ଉପସ୍ଥିତ ଥିଲେ।

# ବିକାଶ ଲ କଲେଜରେ ପ୍ରେରଣାଦାୟୀ ବକ୍ତୃତା



**ବରଗଡ଼, ୮ । ୮(ସମିସ):** ସ୍ଥାନୀୟ ବିକାଶ ଲ କଲେଜରେ ନୂତନ ଭାବରେ ନାମ ଲେଖାଇଥିବା ଛାତ୍ରଛାତ୍ରୀଙ୍କ ପାଇଁ ଏକ ପ୍ରେରଣାଦାୟୀ ବକ୍ତୃତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜର ଅଧ୍ୟକ୍ଷ ଡକ୍ଟର ବିକ୍ରମ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ୫ ବର୍ଷିଆ ଆଇନ କୋର୍ସର ପ୍ରଥମ ବର୍ଷ ନାମ ଲେଖାଇଥିବା ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଆନ୍ତର୍ଜାତୀୟ ମାନ୍ୟତାପ୍ରାପ୍ତ ପ୍ରଶିକ୍ଷକ ଜୟ ପ୍ରକାଶ ଶତପଥୀ କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ଛାତ୍ରଛାତ୍ରୀଙ୍କୁ ସେମାନଙ୍କର ଭବିଷ୍ୟତ ନିର୍ମାଣ ପାଇଁ ଏହି ୫ ବର୍ଷ କିପରି ଗୁରୁତ୍ୱପୂର୍ଣ୍ଣ ସେ ବିଷୟରେ ସେ ସୂଚନା ପ୍ରଦାନ କରିଥିଲେ। କଲେଜ ଜୀବନରେ ଶୃଙ୍ଖଳା ଓ ନିଷ୍ଠା ସହିତ କାର୍ଯ୍ୟ କଲେ ଭବିଷ୍ୟତ ଜୀବନ କିପରି ଉଜ୍ଜ୍ୱଳ ହୋଇପାରିବ ତାହା ସେ ବିଭିନ୍ନ ଉଦାହରଣ ମାଧ୍ୟମରେ ବର୍ଣ୍ଣନା କରିଥିଲେ।

# ସୋହେଲାରୁ ମାଣ୍ଡୋସିଲ ଯାଏଁ ଲାଗିଲା କ୍ୟାମେରା

**ବରଗଡ଼, ୮ ।୮(ସମିସ):** ରାଜ୍ୟର ୯ଟି ଜାତୀୟ ଓ ରାଜ୍ୟ ରାଜପଥରେ ଇଣ୍ଟେଲିଜେଣ୍ଟ ଏନଫୋର୍ସମେଣ୍ଟ ମ୍ୟାନେଜମେଣ୍ଟ ସିଷ୍ଟମ ମାଧ୍ୟମରେ ଇ-ଚାଲାଣ ଜାରି କରାଯାଇଛି। ସେଥିରୁ ବରଗଡ଼ ଜିଲ୍ଲାର ସୋହେଲାଠାରୁ ମାଣ୍ଡୋସିଲ ପର୍ଯ୍ୟନ୍ତ ରାସ୍ତାରେ ଟ୍ରାଫିକ ନିୟମ ଉଲ୍ଲଂଘନ ଉପରେ ନଜର ରଖାଯାଇ ଇ-ଚାଲାଣ ଜାରି କରାଯିବାର ବ୍ୟବସ୍ଥା ରହିଛି। ସମସ୍ତ ଇ-ଚାଲାଣରେ ଯାନର ଫଟୋ/ ଭିଡିଓ ପ୍ରମାଣ, ସ୍ଥାନ, ସମୟ, ତାରିଖ ଏବଂ ବେଗ ସମ୍ବନ୍ଧୀୟ ସୂଚନା ରେକର୍ଡ ହୋଇ ରହିବ। ନିର୍ଦ୍ଧାରିତ ବେଗ ସୀମାଠାରୁ ଅଧିକ ବେଗରେ ଗାଡ଼ି ଚଳାଇବା, ଦୁଇ ଚକିଆ ଯାନରେ ୨ ଜଣରୁ ଅଧିକ ବସିବା, ଉଭୟ ଯାତ୍ରୀ ହେଲମେଟ ନ ପିନ୍ଧିବା, ଭୁଲ୍ ଦିଗରେ ଗାଡି ଚଳାଇଲେ ଟ୍ରାଫିକ ନିୟମ ଉଲ୍ଲଂଘନକାରୀ ଭାବେ ଚିହ୍ନଟ କରାଯିବ। ଏଣୁ ନିର୍ଦ୍ଧାରିତ ବେଗରେ ଗାଡ଼ି ଚଳାଇବା ସହ ଟ୍ରାଫିକ ନିୟମ ପାଳନ କରିବାକୁ ଅନୁରୋଧ କରାଯାଇଛି। ଏହି ବ୍ୟବସ୍ଥାର ଉଦ୍ଦେଶ୍ୟ ଚାଲାଣ ଜାରି କରିବା ନୁହେଁ, ବରଂ ସଡ଼କ ଦୁର୍ଘଟଣା ହ୍ରାସ କରି ଜନଜୀବନ ସୁରକ୍ଷା ସୁନିଶ୍ଚିତ କରିବା ବୋଲି ବରଗଡ଼ ଜିଲ୍ଲା ଆଞ୍ଚଳିକ ପରିବହନ ଅଧିକାରୀ ଅଶୋକ ପାଣିଗ୍ରାହୀ ଏକ ପ୍ରେସ୍ ବିଜ୍ଞପ୍ତିରେ କହିଛନ୍ତି।

# ନିଶାମୁକ୍ତ ସମାଜ ଗଠନ ପାଇଁ ସଚେତନତା କାର୍ଯ୍ୟକ୍ରମ

**ବରଗଡ଼, ୮ । ୮(ସମିସ):** ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ମହାବିଦ୍ୟାଳୟର ବରଗଡ଼ ଶାଖା ପକ୍ଷରୁ ପାର୍ବତୀଗିରି ମହିଳା ମହାବିଦ୍ୟାଳୟରେ ୧୦ କୋଟି ନିଶାମୁକ୍ତି ପ୍ରତିଜ୍ଞା ମେଗା କ୍ୟାମ୍ପେନ ଅନ୍ତର୍ଗତ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଯୁବପିଢ଼ିଙ୍କୁ ନିଶାଦ୍ରବ୍ୟର କୁପ୍ରଭାବରୁ ଦୂରେଇ ଏକ ସୁସ୍ଥ, ସୁନ୍ଦର ଓ ମୂଲ୍ୟବୋଧଭିତ୍ତିକ ସମାଜ ଗଠନ କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ଥିଲା। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ପ୍ରାଧାପିକା ମୌସୁମୀ ଲିଜା ନାୟକ ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବେ ବ୍ରହ୍ମକୁମାରୀ ଯଶୋଦା, ତପସ୍ୱିନୀ ଓ ଖୁସୁବୁ ଯୋଗଦେଇ ନିଶାଶକ୍ତିର ଶାରୀରିକ, ମାନସିକ, ପାରିବାରିକ ଓ ସାମାଜିକ କୁପ୍ରଭାବ ସମ୍ପର୍କରେ ଛାତ୍ରୀମାନଙ୍କୁ ସଚେତନ କରିଥିଲେ। ସେମାନେ ନିଶାମୁକ୍ତ ଜୀବନଶୈଳୀ, ଆତ୍ମନିୟନ୍ତ୍ରଣ, ଆଧ୍ୟାତ୍ମିକ ଚେତନା ଓ ସକାରାତ୍ମକ ଚିନ୍ତନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଉପସ୍ଥିତ ଛାତ୍ରୀମାନେ ନିଶାମୁକ୍ତ ସମାଜ ଗଠନ ପାଇଁ ପ୍ରତିଜ୍ଞା ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ସଫଳ କରିବାରେ ଲଳିତ ଓ ଅକ୍ଷୟ ଭାଇ ସକ୍ରିୟ ସହଯୋଗ କରିଥିଲେ। ଶେଷରେ ମହାବିଦ୍ୟାଳୟର ଛାତ୍ରୀ ଲିଜା ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।



# ଅନ୍ତର୍ଜାତୀୟ ବାଣିଜ୍ୟ ଦିବସ ପାଳିତ




**ବରଗଡ଼, ୮ । ୮(ସମିସ):** ପାର୍ବତୀଗିରି ମହିଳା ମହାବିଦ୍ୟାଳୟର ବାଣିଜ୍ୟ ବିଭାଗ ପକ୍ଷରୁ ଓଡ଼ିଶା କମର୍ସ ଆସୋସିଏସନର ସହଯୋଗରେ ଅନ୍ତର୍ଜାତୀୟ ବାଣିଜ୍ୟ ଦିବସ ଅବସରେ ବାଣିଜ୍ୟ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତ୍ତା ଶୀର୍ଷକ ଏକ ସେମିନାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷା ନନ୍ଦିନୀ ନିରୋଦ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ବର୍ତ୍ତମାନ ସମୟରେ କୃତ୍ରିମ ବୁଦ୍ଧିମତା ବାଣିଜ୍ୟ, ବ୍ୟବସାୟ, ବ୍ୟାଙ୍କିଙ୍ଗ, ହିସାବରକ୍ଷଣ, ଇ-କମର୍ସ ଏବଂ ବଜାର ବିଶ୍ଳେଷଣ କ୍ଷେତ୍ରରେ ଆଣୁଥିବା ପରିବର୍ତ୍ତନ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ବାଣିଜ୍ୟ ବିଭାଗର ମୁଖ୍ୟ ମିସ୍ ରାଧା ସୂର୍ଯ୍ୟବଂଶୀ ସଭାପତିତ୍ୱ କରିଥିଲେ। ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ବାଣିଜ୍ୟ ଶିକ୍ଷାରେ ନୂତନ ପ୍ରଯୁକ୍ତିର ଗୁରୁତ୍ୱ ଉପରେ ମତବ୍ୟକ୍ତ କରିଥିଲେ। ବିଭାଗର ଅଧ୍ୟାପିକା ସୋନାଲି ପ୍ରଧାନ ଏବଂ ନିକିତା ଶର୍ମା ପରିଚାଳନା କରିଥିଲେ। ଛାତ୍ରୀ ପଦ୍ମିନୀ ପଣ୍ଡା, ସ୍ନେହଲ ନାହାକ, ଗଜଲକ୍ଷ୍ମୀ ମଲ୍ଲିକ, ଶ୍ରୁତିମୟୀ ସାହୁ ଏବଂ ରାଖୀ ମାଝୀ ଏଆଇର ବ୍ୟବହାର, ସୁବିଧା, ଚ୍ୟାଲେଞ୍ଜ ଏବଂ ଭବିଷ୍ୟତ ସମ୍ଭାବନା ସମ୍ପର୍କରେ ଆଲୋଚନା କରିଥିଲେ।

# ଖରାମାଲ-ଭେରୁଆମୁଣ୍ଡା ରାସ୍ତାରେ ଘାଇ

**ପାଇକମାଲ, ୮ ।୮ (ସମିସ)**

ଲଗାଣ ବର୍ଷା ଯୋଗୁଁ ବରଗଡ଼ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ବର୍ଷା ଯୋଗୁଁ ଅନେକ ସ୍ଥାନରେ ରାସ୍ତାଘାଟରେ ପାଣି ମାଡ଼ି ଯାଇଛି। ଏଣୁ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଏହିପରି ସ୍ଥିତିରେ ପାଇକମାଳ ବ୍ଲକ ଜାମସେଠ ପଞ୍ଚାୟତର ଖରାମାଲ-ଭେରୁଆମୁଣ୍ଡା ରାସ୍ତାର ଦୁରବସ୍ଥା ଲୋକଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ଶନିବାର ସକାଳୁ ମାଣ୍ଡୋସିଲ ଅଞ୍ଚଳରେ ଝଡ଼ି ବର୍ଷା ଲାଗି ରହିଥିଲା। ଏହାଫଳରେ ଖରାମାଲ-ଭେରୁଆମୁଣ୍ଡା ମଧ୍ୟରେ ଥିବା ରାସ୍ତାରେ ପାଣି ମାଡ଼ି ଯାଇ ଘାଇ ସୃଷ୍ଟି ହୋଇଛି। ଏଥିଯୋଗୁଁ ଦୁଇ ଗାଁ ମଧ୍ୟରେ ଯାତାୟାତ ବାଧାପ୍ରାପ୍ତ ହୋଇଛି।

ଚଳିତ ମାସରେ ପ୍ରବଳ ବର୍ଷା ଯୋଗୁଁ ଏହି ରାସ୍ତାରେ ଦୁଇ ଥର ଘାଇ ସୃଷ୍ଟି ହୋଇଛି। ତାହା ମରାମତି ହୋଇଥିବା ସତ୍ତ୍ୱେ ପ୍ରବଳ ପାଣି ପ୍ରବାହିତ ହେତୁ ପୁଣି ଘାଇ ସୃଷ୍ଟି ହୋଇଥିବା ଗ୍ରାମବାସୀ କହିଛନ୍ତି। ଏହି ରାସ୍ତା ଦେଇ ଭେରୁଆମୁଣ୍ଡା ଓ ଜାମସେଠ ଅଞ୍ଚଳର ବିଭିନ୍ନ ବିଦ୍ୟାଳୟକୁ ଛାତ୍ରଛାତ୍ରୀ ପାଠ ପଢ଼ିବାକୁ ଯାଇଥାନ୍ତି। ଶନିବାର ରାସ୍ତାରେ ପାଣି ମାଡ଼ିଯିବା ଓ ଘାଇ ସୃଷ୍ଟି ହେବା ପରେ ଛାତ୍ରଛାତ୍ରୀଙ୍କ ଯାତାୟାତ ଅତ୍ୟନ୍ତ ବିପଦସଙ୍କୁଳ ହୋଇପଡ଼ିଥିଲା। ଅଭିଭାବକମାନେ ନିଜ ପିଲାମାନଙ୍କୁ ରାସ୍ତା ପାର କରାଇ ବିଦ୍ୟାଳୟକୁ ପଠାଇଥିବା ଦେଖିବାକୁ ମିଳିଥିଲା। ପିଲାମାନଙ୍କ ସୁରକ୍ଷିତ ଯାତାୟାତକୁ ନେଇ ଅଭିଭାବକମାନଙ୍କ ମଧ୍ୟରେ ଚିନ୍ତା ବଢ଼ିଛି। ଖରାମାଲ ଏକ ମଫସଲ ଗାଁ। ଦେଶୀ ବିହନ 'ପରବ' ପାଇଁ ଏହି ଗାଁ ପରିଚିତ। ଏଠାକୁ ସରକାରୀ ଅଧିକାରୀଙ୍କଠାରୁ ଆରମ୍ଭ କରି ରାଜନେତାଙ୍କ ପର୍ଯ୍ୟନ୍ତ ବହୁ ଅତିଥି ଗାଁକୁ ଆସିଥାନ୍ତି। ତଥାପି ଗାଁର ମୌଳିକ ଯାତାୟାତ ସମସ୍ୟାର ସମାଧାନ ହୋଇ ନ ଥିବା ନେଇ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ ବର୍ଷା ଋତୁରେ ଏହି ରାସ୍ତାର ଅବସ୍ଥା ଅତ୍ୟନ୍ତ ଦୟନୀୟ ହୋଇପଡ଼େ। ରାସ୍ତାରେ କାଦୁଅ ଓ ପାଣି ଭରିଯିବା ସହ ଅନେକ ସ୍ଥାନରେ ରାସ୍ତା ଧୋଇଯାଏ। ଏପରି ସ୍ଥିତିରେ ଆମ୍ବୁଲାନ୍ସ ଭଳି ଜରୁରୀକାଳୀନ ଗାଡ଼ି ମଧ୍ୟ ଗାଁକୁ ପହଞ୍ଚିବା କଷ୍ଟକର ହୋଇପଡ଼େ। ବିଶେଷକରି ଛାତ୍ରଛାତ୍ରୀ, ଗର୍ଭବତୀ ମହିଳା, ବୃଦ୍ଧ ଓ ଅସୁସ୍ଥ ଲୋକମାନେ ଏହି ରାସ୍ତାରେ ଯାତାୟାତ କରିବା ସମୟରେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଗ୍ରାମବାସୀଙ୍କ କହିବା ଅନୁସାରେ ରାସ୍ତା ନିର୍ମାଣ ପାଇଁ ବହୁବାର ପ୍ରଶାସନ ନିକଟରେ ଦାବି କରାଯାଇଛି। ହେଲେ ସ୍ଥାୟୀ ସମାଧାନ ନ କରି କେବଳ ମାଟି, ମୋରମ ପକାଇ ରାସ୍ତା ମରାମତି କରାଯାଉଛି। ଏଣୁ ବର୍ଷା ହେଲେ ପୁଣି ସମାନ ସମସ୍ୟା ଦେଖା ଦେଉଛି। ତେଣୁ ବର୍ଷା ଋତୁ ଶେଷ ହେବା ପରେ ଖରାମାଲଠାରୁ ଭେରୁଆମୁଣ୍ଡା ପର୍ଯ୍ୟନ୍ତ ସ୍ଥାୟୀ ସିମେଣ୍ଟ କଂକ୍ରିଟ୍ ପକ୍କା ରାସ୍ତା ନିର୍ମାଣ କରିବା ସହ ତୁରନ୍ତ ଘାଇ ମରାମତି କରି ଯାତାୟାତ ସ୍ୱାଭାବିକ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଛାତ୍ରଛାତ୍ରୀଙ୍କ ସୁରକ୍ଷା ଓ ଗ୍ରାମବାସୀଙ୍କ ଜରୁରୀ ଯାତାୟାତକୁ ଦୃଷ୍ଟିରେ ରଖି ପ୍ରଶାସନ ଏହି ସମସ୍ୟା ପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି। ଏନେଇ ସ୍ଥାନୀୟ ସରପଞ୍ଚ ଆର୍ତ୍ତତ୍ରାଣ ସାହୁଙ୍କୁ ପଚାରିବାରୁ ସେ ପ୍ରଶାସନକୁ ଅବଗତ କରିଛନ୍ତି ବୋଲି କହିଥିଲେ।



**ବିପଦସଙ୍କୁଳ ଅବସ୍ଥାରେ ସ୍କୁଲ ଗଲେ ଛାତ୍ରଛାତ୍ରୀ**

# ଡ. ସୁରେନ୍ଦ୍ର ମେହେରଙ୍କୁ ଜୀବନବ୍ୟାପି ସାଧନା ପୁରସ୍କାର

**ବରପାଲି, ୮ ।୮(ସମିସ):** ଅନ୍ତର୍ଜାତୀୟ ଖ୍ୟାତି ସମ୍ପର୍ଣ୍ଣ ବାନ୍ଧ ଓ ବୟନ ଶିଳ୍ପୀ ଡ. ସୁରେନ୍ଦ୍ର ମେହେରଙ୍କୁ ଙ୍କୁ ଜୀବନବ୍ୟାପି ସାଧନା ପୁରସ୍କାର ମିଳିଛି। ଦ୍ୱାଦଶତମ ଜାତୀୟ ହସ୍ତତନ୍ତ ଦିବସ ପାଳନ ଅବସରରେ ଭୁବନେଶ୍ୱରରେ ଓଡ଼ିଶା ସରକାରଙ୍କ ପକ୍ଷରୁ ରାଜ୍ୟପାଳ ହରିବାବୁ କମ୍ଭମପାଟି ତାଙ୍କୁ ଜୀବନବ୍ୟାପୀ ସାଧନା ପୁରସ୍କାରରେ ସମ୍ମାନିତ କରିଛନ୍ତି।



# ଓକିଲ ସଂଘ ସଭାପତିଙ୍କୁ ଆକ୍ରମଣର ନିନ୍ଦା

**ପଦ୍ମପୁର, ୮ ।୮(ସମିସ):** ବରଗଡ଼ ଓକିଲ ସଂଘ ସଭାପତି ଭୀଷ୍ମଦେବ ସରଫଙ୍କୁ ନିଶାଶକ୍ତ ଅସାମାଜିକ ଗୁଣ୍ଡାଙ୍କ ଆକ୍ରମଣକୁ ପଦ୍ମପୁର ଓକିଲ ସଂଘ ତରଫରୁ ଦୃଢ଼ ନିନ୍ଦା କରାଯାଇଛି। ଦୋଷୀଙ୍କ ବରୋଧରେ ଦୃଷ୍ଟାନ୍ତମୂଳକ ଆଇନଗତ କାର୍ଯ୍ୟାନୁଷ୍ଠାନ କରାଯିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଛି।

# ପଦ୍ମପୁର ଓକିଲ ସଂଘ ତରଫରୁ ଚାରାରୋପଣ

**ପଦ୍ମପୁର, ୮ ।୮(ସମିସ):** ପଦ୍ମପୁର ଓକିଲ ସଂଘ ତରଫରୁ ଦେବଦର୍ହା ଶୈବପୀଠ ନିକଟରେ ଚାରାରୋପଣ କରାଯାଇଛି। ସଭାପତି ଆନନ୍ଦ ପଣ୍ଡାଙ୍କ ନେତୃତ୍ୱରେ ଗୌନ୍ତିଆ ସାହୁ, ମୀନକେତନ ସାହୁ ପ୍ରମୁଖ ଯୋଗ ଦେଇଥିଲେ।

# ଜେନିଥ୍ ଲାୟନ୍ସ ଗୁରୁକୁଳରେ ଶପଥ ଗ୍ରହଣ ଉତ୍ସବ

**ପଦ୍ମପୁର, ୮ ।୮(ସମିସ):** ଜେନିଥ୍ ଲାୟନ୍ସ ଗୁରୁକୁଳରେ ୨୦୨୬-୨୭ ଶିକ୍ଷାବର୍ଷ ପାଇଁ ନବନିର୍ବାଚିତ ଛାତ୍ର ପରିଷଦ ଓ ହାଉସ୍ କ୍ୟାବିନେଟ୍‌ର ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଛି। ବଲିଉଡ୍ ଅଭିନେତା ଜଗନ୍ନାଥ ସେଠ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମହୁଲପାଲିର ଚାଷୀ ପରିବାରରୁ ମୁମ୍ବାଇ ଚଳଚ୍ଚିତ୍ର ଜଗତ ପର୍ଯ୍ୟନ୍ତ ସେ ନିଜ ସଂଘର୍ଷମୟ ଯାତ୍ରାର ଅନୁଭୂତି ବାଣ୍ଟିଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ଡ. ମନୋଜ ପଣ୍ଡା ଛାତ୍ର ନେତୃତ୍ୱର ଦାୟିତ୍ୱ ଓ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସିନିୟର ବିଭାଗର ହେଡ୍ ବଏ କ୍ରିଶ ସାହୁ ଓ ହେଡ୍ ଗାର୍ଲ ଲିପିରାଣୀ ପାତ୍ର ଏବଂ ଜୁନିୟର ବିଭାଗର ହେଡ୍ ବଏ ନିତେଶ ବାରିକ ଓ ହେଡ୍ ଗାର୍ଲ ମାନ୍ୟତା ମାଝୀଙ୍କ ସମେତ ବିଭିନ୍ନ ହାଉସ୍‌ର କ୍ୟାପ୍ଟେନ୍, ଉପ-କ୍ୟାପ୍ଟେନ୍ ଓ ପ୍ରିଫେକ୍ଟମାନେ ଶପଥ ଗ୍ରହଣ କରିଥିଲେ। ବରିଷ୍ଠ ଶିକ୍ଷକ ସନ୍ତୋଷ ବେହେରା ସହଯୋଗ କରିଥିବା ବେଳେ ଉପାଧ୍ୟକ୍ଷ ରଞ୍ଜିତ କୋଟିଆରୀ ଧନ୍ୟବାଦ ଅର୍ପଣ କରିଥିଲେ।



# ଉଦଯୋଗ ଏବଂ କ୍ରାଫ୍ଟ ମହୋତ୍ସବ



**ବରଗଡ଼ ୮ । ୮(ସମିସ):** ବରଗଡ଼ ଲୋକ ମଣ୍ଡପ ପଡ଼ିଆରେ ଭାରତ ସରକାରଙ୍କ ଦ୍ୱାରା ଉଦ୍‌ଯୋଗ ଏବଂ କ୍ରାଫ୍ଟ ମହୋତ୍ସବ ଚାଲିଛି। ଏହି ପରିପ୍ରେକ୍ଷୀରେ ବରଗଡ଼ର ଶ୍ମଶାନ ବନ୍ଧୁ ଭାବେ ପରିଚିତା ସଂଘମିତ୍ରା ପଟେଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରାୟ ୫୦ରୁ ଅଧିକ କଳାକାରଙ୍କୁ ସମ୍ମାନିତ କରିଥିଲେ। ମୁଖ୍ୟ ଉଦ୍ୟୋକ୍ତା ପ୍ରଫେସର ଅନିଲ ମିଶ୍ରଙ୍କ ତତ୍ତ୍ୱାବଧାନରେ ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ହେଉଛି। ନୃତ୍ୟଗୁରୁ ଶଙ୍କର ପଟ୍ଟନାୟକ ଓ ରାଜୁ ସାହୁ ମଞ୍ଚ ପରିଚାଳନା କରୁଛନ୍ତି।

# ବିଜ୍ଞାନ ମେଳା ଉଦ୍‌ଯାପିତ

**ପଦ୍ମପୁର, ୮ ।୮(ସମିସ):** ସ୍ଥାନୀୟ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପଦ୍ମପୁର ସଂକୁଳର ସଂକୁଳସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଆଜି ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ସମାରୋହରେ ପଦ୍ମପୁର ଅତିରିକ୍ତ ଜିଲ୍ଲାପାଳ ସରୋଜିନୀ ପ୍ରସନ୍ନ କୁଲୁ, ସଂକୁଳ ସଂଯୋଜକ ଚୈତନ୍ୟ ଭୋଇ, ରଜତ ସାହୁ, ସଂକୁଳ ପ୍ରମୁଖ ଦ୍ୱାଦଶ ପ୍ରଧାନ, ସଭାପତି ପୃଥିରାଜ ସାହୁ, ସମ୍ପାଦକ ଜନକଲାଲ ମେହେର, କୋଷାଧକ୍ଷ ଘନଶ୍ୟାମ ପୁଞ୍ଜି ପ୍ରମୁଖ ମଞ୍ଚାସୀନ ଥିଲେ। ୨୮୬ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ୩୬ଜଣ ପରିଚାଳନା କରିଥିଲେ। ଉଦ୍‌ଯାପନୀ ସମାରୋହରେ ବୈଜ୍ଞାନିକ କାର୍ତ୍ତିକ ପ୍ରଧାନ ଯୋଗ ଦେଇଥିଲେ। ଶେଷରେ ସମ୍ପାଦକ ଜନକ ଲାଲ୍ ମେହେର ଧନ୍ୟବାଦ ଅର୍ପଣ କରିଥଲେ।



# ସ୍ତନ୍ୟପାନ ସଚେତନତା କାର୍ଯ୍ୟକ୍ରମ

**ପାଇକମାଲ, ୮ ।୮(ସମିସ):** ବରଗଡ଼ ଜିଲ୍ଲା ପାଇକମାଳ ବ୍ଲକର ପଲସଦା ଓ କେର୍ମେଲାବାହାଲ ପଞ୍ଚାୟତରେ ପଲ୍ଲୀ ଆଲୋକ ପାଠାଗାର ପକ୍ଷରୁ ଚାଇଲ୍ଡ ରାଇଟ୍ସ ଆଣ୍ଡ ୟୁ କୋଲକାତାର ସହଯୋଗରେ ବିଶ୍ୱ ସ୍ତନ୍ୟପାନ ସପ୍ତାହ ଅବସରରେ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କେର୍ମେଲାବାହାଲଠାରେ ଆୟୋଜିତ ସଚେତନତା ସଭାରେ ସିଡ଼ିପିଓ ଓ ଆଇସିଡିଏସ ସୁପରଭାଇଜର ଯୋଗଦେଇ ନବଜାତ ଶିଶୁକୁ ଜନ୍ମ ପରେ ଯଥାଶୀଘ୍ର ମା'ଙ୍କ ପ୍ରଥମ କ୍ଷୀର ବା କୋଲଷ୍ଟ୍ରମ୍ ପିଆଇବା ଏବଂ ଜନ୍ମରୁ ପ୍ରଥମ ୬ ମାସ ପର୍ଯ୍ୟନ୍ତ କେବଳ ମା' କ୍ଷୀର ଦେବାର ଗୁରୁତ୍ୱ ସମ୍ପର୍କରେ ମା'ମାନଙ୍କୁ ସଚେତନ କରିଥିଲେ। ମା' କ୍ଷୀର ଶିଶୁକୁ ଆବଶ୍ୟକୀୟ ପୋଷଣ ଯୋଗାଇବା ସହ ବିଭିନ୍ନ ସଂକ୍ରମଣରୁ ସୁରକ୍ଷା ଦେବାରେ ସହାୟକ ହୁଏ ବୋଲି ସେମାନେ କହିଥିଲେ। ଏହି ଅବସରରେ ମହକ କିଶୋରୀ ସଂଘର କିଶୋରୀମାନେ ସ୍ତନ୍ୟପାନ ଓ ଶିଶୁ ଯତ୍ନ ସମ୍ପର୍କିତ ସଚେତନତାମୂଳକ ଗୀତ ଓ ନୃତ୍ୟ ପରିବେଷଣ କରିଥିଲେ। ସ୍ତନ୍ୟପାନର ପ୍ରଚାର ଓ ପ୍ରସାର ପାଇଁ ଶପଥ ଗ୍ରହଣ କରାଯିବା ସହ ସଚେତନତାମୂଳକ ଗାଁ ପରିଭ୍ରମଣ ମଧ୍ୟ କରାଯାଇଥିଲା। ସେହିପରି ପଲସଦା ଗ୍ରାମରେ ଆୟୋଜିତ ପରବର୍ତ୍ତୀ କାର୍ଯ୍ୟକ୍ରମରେ ଶ୍ରୀ ଶ୍ରୀ ନୃସିଂହନାଥ ଆୟୁର୍ବେଦିକ କଲେଜର ଡାକ୍ତର ଓ ବିଶେଷଜ୍ଞମାନେ ଯୋଗ ଦେଇଥିଲେ। ସେମାନେ କୋଲଷ୍ଟ୍ରମ୍‌ର ଗୁରୁତ୍ୱ, ଶିଶୁ ଜନ୍ମ ପରେ ପ୍ରଥମ ୬ ମାସ ପର୍ଯ୍ୟନ୍ତ ଏକ୍ସକ୍ଲୁସିଭ୍ ବ୍ରେଷ୍ଟଫିଡିଂ, ଶିଶୁକୁ ଠିକ୍ ଭାବରେ ଧରିବା, ମା'ଙ୍କ ବସିବାର ଠିକ୍ ଅବସ୍ଥା ପଦ୍ଧତି ସମ୍ପର୍କରେ ପ୍ରାୟୋଗିକ ଭାବେ ବୁଝାଇଥିଲେ। କାର୍ଯ୍ୟକ୍ରମରେ ଅଙ୍ଗନବାଡ଼ି କର୍ମୀ, ଆଶା କର୍ମୀ, ଗର୍ଭବତୀ ମହିଳା, ସ୍ତନ୍ୟପାନ କରାଉଥିବା ମା' ଏବଂ କିଶୋରୀମାନେ ଯୋଗ ଦେଇଥିଲେ। ପଲ୍ଲୀ ଆଲୋକ ପାଠାଗାରର ପ୍ରକଳ୍ପ ସଂଯୋଜକ ହୀରାଲାଲ ମିଶ୍ର, ପ୍ରଶାନ୍ତ ଥାପା ଓ ଲିଲିମା ପଧାନଙ୍କ ସହଯୋଗ କରିଥିଲେ।




# ଜାତୀୟ ପରିବାର ମଙ୍ଗଳ ଯୋଜନା ପ୍ରହସନ

**ବରଗଡ଼/ପାଇକମାଲ, ୮ ।୮ (ସମିସ)**

ଗରିବ ଓ ଅସହାୟ ପରିବାରଙ୍କ ଆର୍ଥିକ ସୁରକ୍ଷା ପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଚାଲୁ ରହିଛି। ହେଲେ ଏହି ଯୋଜନାଗୁଡ଼ିକର ସୁଫଳ ପାଇବାରେ ଯୋଗ୍ୟ ହିତାଧିକାରୀମାନେ ନାନା ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ପାଇକମାଳ ବ୍ଲକରେ ଜାତୀୟ ପରିବାର ମଙ୍ଗଳ ଯୋଜନାରେ ଏଭଳି ଅବ୍ୟବସ୍ଥା ଦେଖାଦେଇଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ବିଶେଷକରି ସ୍ୱାମୀଙ୍କୁ ହରାଇଥିବା ଗରିବ ମହିଳାଙ୍କ ପାଇଁ ଏହି ଯୋଜନା ଏକ ଆଶାର କିରଣ ପାଲଟିଥିବା ବେଳେ କେତେକ ଯୋଗ୍ୟ ହିତାଧିକାରୀ ଦୀର୍ଘ ସମୟ ଧରି ସହାୟତାରୁ ବଞ୍ଚିତ ହେଉଥିବା ଅଭିଯୋଗ ଆସିଛି। ନିୟମ ଅନୁଯାୟୀ ଯୋଗ୍ୟ ହିତାଧିକାରୀଙ୍କୁ ଆର୍ଥିକ ସହାୟତା ମିଳିବା କଥା। ମାତ୍ର କେତେକ ହିତାଧିକାରୀ ଅପେକ୍ଷାକୃତ କମ୍ ସମୟରେ ସହାୟତା ପାଉଥିବା ବେଳେ ଆଉ କେତେକ ହିତାଧିକାରୀ ୩ରୁ ୪ ବର୍ଷ ଧରି ଅପେକ୍ଷା କରି ମଧ୍ୟ ସହାୟତା ପାଇପାରୁନଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ସାମାଜିକ କର୍ମୀ ଦୀପା ବାରିକଙ୍କ କହିବା ଅନୁଯାୟୀ, ଟେମରୀ ଗାଁର ଦେମତୀ ବାଗ ଏହି ଯୋଜନାରେ ଆର୍ଥିକ ସହାୟତା ପାଇଁ ଆବେଦନ କରିଥିଲେ। ତେବେ ତାଙ୍କ ଆବେଦନ ଖାରଜ ହୋଇଥିବା ଅଭିଯୋଗ ରହିଛି। ସେହିପରି ସେହି ଗାଁର ସଂଯୁକ୍ତା ବନଛୋର ମଧ୍ୟ ଯୋଗ୍ୟତା ଥିବା ସତ୍ତ୍ୱେ ତାଙ୍କ ଆବେଦନ ଖାରଜ ହୋଇଥିବା ଅଭିଯୋଗ କରିଛନ୍ତି। ଜାମସେଠ ପଞ୍ଚାୟତ ଅନ୍ତର୍ଗତ ଜାମସେଠ ଗାଁର ଦମୟନ୍ତୀ ତାଣ୍ଡିଙ୍କ ଅଭିଯୋଗ ମଧ୍ୟ ଏହିପରି। ସେ ଯୋଜନାରେ ସହାୟତା ପାଇଁ ଆବେଦନ କରିବାର ପ୍ରାୟ ୪ ବର୍ଷ ବିତିଯାଇଥିଲେ ମଧ୍ୟ ଏଯାଏଁ ଆର୍ଥିକ ସହାୟତା ପାଇନଥିବା କହିଛନ୍ତି। ଏନେଇ ସେ ଦୁଇ ଥର ବ୍ଲକସ୍ତରୀୟ ଜନଶୁଣାଣିରେ ଅଭିଯୋଗ ଦାଖଲ କରିଥିଲେ ମଧ୍ୟ ସମସ୍ୟାର ସମାଧାନ ହୋଇ ନ ଥିବା ଅଭିଯୋଗ କରିଛନ୍ତି। ଶେଷରେ ସହାୟତା ନମ ନ ମିଳିବାରୁ ସେ ନିରାଶ ହୋଇପଡ଼ିଥିବା କୁହାଯାଉଛି। ଜାମସେଠ ଗାଁର ଶ୍ରୀମତୀ ବରିହାଙ୍କ ମଧ୍ୟ ସମାନ ଅଭିଯୋଗ ରହିଛି। ଭେଙ୍ଗରାଜପୁର ପଞ୍ଚାୟତ ସଦାନନ୍ଦପୁର ଗାଁର ମାଳି ବରିହା, ମଳଦା ଗାଁର ଗୀତାଞ୍ଜଳି ପ୍ରଧାନ, କେରମେଲାବାହାଲ ପଞ୍ଚାୟତ ଖାଦାସିବାଞ୍ଜି ଗାଁର ଖିରୋଦିନ ମୁଟ୍‌କିଆ, ପଲସଦା ପଞ୍ଚାୟତ ବୋଡ଼ାସମ୍ବର ଗାଁର ମିନାକ୍ଷୀ ସୁନା ଏବଂ ଛେତଗାଁ ପଞ୍ଚାୟତ ଛେତଗାଁର ଅଞ୍ଜଳି ବିଛି ପ୍ରମୁଖ ଦୀର୍ଘ ସମୟ ଧରି ଏହି ସହାୟତାରୁ ବଞ୍ଚିତ ଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ, ଆବେଦନ ପ୍ରକ୍ରିୟା ପାଇଁ ଗରିବ ଲୋକଙ୍କୁ ଅନଲାଇନ୍ କେନ୍ଦ୍ରକୁ ଯାଇ ଅର୍ଥ ଖର୍ଚ୍ଚ କରିବାକୁ ପଡୁଛି। ଏହାପରେ ମଧ୍ୟ ଆବେଦନ ବାରମ୍ବାର ଖାରଜ ହେଲେ ହିତାଧିକାରୀମାନେ ମାନସିକ ଭାବେ ନିରାଶ ହେବା ସହ ବ୍ଲକ କାର୍ଯ୍ୟାଳୟକୁ ବାରମ୍ବାର ଦୌଡ଼ିବାକୁ ପଡୁଛି ବୋଲି ଅଭିଯୋଗ ରହିଛି। ଏହି ଅଭିଯୋଗଗୁଡ଼ିକର ନିରପେକ୍ଷ ସମୀକ୍ଷା କରି ଯୋଗ୍ୟ ହିତାଧିକାରୀଙ୍କ ଆବେଦନ କାହିଁକି ଖାରଜ ହେଉଛି, ତାହାର କାରଣ ଯାଞ୍ଚ କରିବା ସହ ଦୀର୍ଘଦିନ ଧରି ଅପେକ୍ଷାରତ ହିତାଧିକାରୀଙ୍କୁ ଶୀଘ୍ର ସହାୟତା ପ୍ରଦାନ କରିବାକୁ ସାମାଜିକ କର୍ମୀ ଦୀପା ବାରିକ ଦାବି କରିଛନ୍ତି। ଯୋଜନାରେ ସ୍ୱଚ୍ଛତା ଓ ସମାନତା ବଜାୟ ରଖି ଯୋଗ୍ୟ ସମସ୍ତ ହିତାଧିକାରୀଙ୍କୁ ସରକାରୀ ସହାୟତା ମିଳିବା ଦିଗରେ ପ୍ରଶାସନ ତୁରନ୍ତ ପଦକ୍ଷେପ ନେବାକୁ ସେ ଦାବି କରିଛନ୍ତି।



ସକାଳ THE SAKALA



# ନାବାଳିକାକୁ ଅପହରଣ ପରେ ଦୁଷ୍କର୍ମ

ଉଦଳା, ୮।୮ (ସମିସ): ଜଣେ ନାବାଳିକାକୁ ଅପହରଣ ପରେ ଦୁଷ୍କର୍ମ କରିବା ଓ ଦୁଷ୍କର୍ମ ବେଳର ଭିଡିଓ ଭାଇରଲ କରିବା ଅଭିଯୋଗରେ ଯୁବକ ଗିରଫ ହୋଇଛି। ଉଦଳା ଥାନା ଅଞ୍ଚଳରେ ଘଟିଛି ଏଭଳି ଏକ ଲଜ୍ଜାଜନକ ଘଟଣା। ଉଦଳା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ କୁନା ସିଂ ନାମକ ଯୁବକ ଅପହରଣ କରି

## ଭିଡିଓ ଭାଇରାଲ୍ କରି ଯୁବକ ଗିରଫ

ନେଇଥିବା ନେଇ ନାବାଳିକାର ପରିବାର ଲୋକେ ଉଦଳା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ପୁଲିସ ତଦନ୍ତ ଆରମ୍ଭ କରିଥିବାବେଳେ ଉକ୍ତ ନାବାଳିକାଙ୍କୁ ଅପହରଣ କହିଥିବା ଯୁବକ କୁନା ସିଂଙ୍କ ସମ୍ପର୍କୀୟଙ୍କ ଘର କୁଳିଅଣାରୁ ନାବାଳିକାଙ୍କୁ ପୁଲିସ ଉଦ୍ଧାର କରିଥିଲା। ନାବାଳିକାଙ୍କୁ ପଚରାଉଚରା ପରେ ଯୁବକ କୁନା ସିଂ ଅପହରଣ ପରେ ଦୁଷ୍କର୍ମ କରିବା ଓ ଦୁଷ୍କର୍ମ ଭିଡିଓ ଭାଇରଲ କରିଥିବା ପୁଲିସ ଜାଣିବାକୁ ପାଇଥିଲା। ଏହାପରେ ପୁଲିସ ସମ୍ପୃକ୍ତ ଯୁବକ କୁନା ସିଂକୁ ଗିରଫ କରି କୋର୍ଟ



ଚାଲାଣ କରିଛି। ଅଭିଯୁକ୍ତ ଯୁବକ କରିଥିବା ଆପତ୍ତିଜନକ ଭିଡିଓ ଏବେ ମୋବାଇଲରୁ ମୋବାଇଲ ଘୁରି ବୁଲୁଛି। ସେପଟେ ନାବାଳିକାଙ୍କ ବାପା ଅଭିଯୁକ୍ତ କୁନା ସିଂର ସମ୍ପର୍କୀୟ ନାବାଳିକାଙ୍କୁ ଅସଦାଚରଣ କରିଥିବା ନେଇ ଅଭିଯୋଗ କରିଛନ୍ତି।

■ ଘରୋଇ ଆବାସିକ କଲେଜରେ ଝାଡ଼ାବାନ୍ତି

# ସୋୟାବିନ ତରକାରୀ ଖାଇ ୨୦ ଅସୁସ୍ଥ

ରାସଗୋବିନ୍ଦପୁର, ୮।୮ (ସମିସ): ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ବ୍ଲକ ଅନ୍ତର୍ଗତ ଚିଞ୍ଚିଲଗଡ଼ିଆସ୍ଥ ଶ୍ରୀଅରବିନ୍ଦ ରେସିଡେନ୍ସିଆଲ କଲେଜରେ ସୋୟାବିନ ବଡ଼ି ତରକାରୀ ଖାଇ ୨୦ରୁ ଅଧିକ ଛାତ୍ରଛାତ୍ରୀ ଅସୁସ୍ଥ ହୋଇପଡ଼ିଛନ୍ତି। ଅସୁସ୍ଥ ଛାତ୍ରଛାତ୍ରୀଙ୍କୁ ବସ୍ତା ମେଡିକାଲରେ ଭର୍ତ୍ତି କରାଯାଇଥିବା ଜଣାପଡ଼ିଛି। ସୂଚନା ମୁତାବକ, ଗତକାଲି ରାତିରେ କଲେଜ ହଷ୍ଟେଲରେ ଛାତ୍ରଛାତ୍ରୀ ସୋୟାବିନ ବଡ଼ି ତରକାରୀ ସହ ଭାତ ଖାଇଥିଲେ। ରାତି ଅଧରେ କେତେକ ଛାତ୍ରଛାତ୍ରୀଙ୍କ ବାନ୍ତି ହୋଇଥିଲା। ସେମାନଙ୍କୁ ମେଡିକାଲ ନିଆଯାଇ ଚିକିତ୍ସା କରାଯାଇଥିଲା। ପରେ ଭୋର ସମୟରେ ୮ ଜଣ ଛାତ୍ରଛାତ୍ରୀଙ୍କୁ ବସ୍ତା ମେଡିକାଲକୁ ନିଆଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ଛାଡ଼ି ଦିଆଯାଇଥିବା ଜଣାପଡ଼ିଛି। ବର୍ତ୍ତମାନ ୭ ଜଣ ଛାତ୍ରଛାତ୍ରୀ ଭବାନୀ ଶଙ୍କର ମହାନ୍ତ, ଉଦୟ କିସ୍କୁ, ରବୀନ୍ଦ୍ର ସୋରେନ, କିସୁନ ହେମ୍ବ୍ରମ, ବାସନ୍ତୀ ସିଂହ, ଭାଗ୍ୟଜ୍ୟୋତି ମହାନ୍ତି, ହେମାଙ୍ଗିନୀ ମହାନ୍ତି ଗୁରୁତର ଅସୁସ୍ଥ ଅଛନ୍ତି। ତେବେ ଘଟଣାକୁ ନେଇ କଲେଜ କର୍ତ୍ତୃପକ୍ଷଙ୍କ ଭୂମିକା ଉପରେ ମଧ୍ୟ ପ୍ରଶ୍ନ ଉଠିଛି। ଘଟଣା ସମ୍ପର୍କରେ ପ୍ରତିକ୍ରିୟା ନେବାକୁ ଗଣମାଧ୍ୟମ ପ୍ରତିନିଧି କଲେଜରେ ପହଞ୍ଚିଥିବାବେଳେ କଲେଜ ପକ୍ଷରୁ କୌଣସି ଅଧିକାରୀ ସାମ୍ନାକୁ ଆସି ନ ଥିଲେ। ଜଣେ ୱାର୍ଡେନ୍ ମଧ୍ୟ ପ୍ରତିକ୍ରିୟା ନ ଦେଇ ଚାଲିଯାଇଥିଲେ। ଗଣମାଧ୍ୟମ ପ୍ରତିନିଧିଙ୍କୁ ଅସୁସ୍ଥ ଛାତ୍ରଛାତ୍ରୀଙ୍କ ସହ ଦେଖା କରିବାକୁ ଅନୁମତି ଦିଆଯାଇ ନ ଥିବା ଅଭିଯୋଗ ହୋଇଛି। ଡାକ୍ତରଙ୍କ କହିବା ଅନୁଯାୟୀ ଅସୁସ୍ଥ ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ତେବେ ଗଣମାଧ୍ୟମ ପ୍ରତିନିଧିଙ୍କ ଉପସ୍ଥିତିକୁ ନେଇ ହସ୍ପିଟାଲରୁ ଛାତ୍ରଛାତ୍ରୀଙ୍କୁ ଲୁଚାଛପାରେ ନେଇଯିବା ଘଟଣାକୁ ନେଇ ସାଧାରଣରେ ବିସ୍ମୟ ପ୍ରକାଶ ପାଇଛି। ଘଟଣାର ପ୍ରକୃତ କାରଣ କ'ଣ ଓ ଖାଦ୍ୟରେ କୌଣସି ତ୍ରୁଟି ଥିଲା କି ନାହିଁ, ତାହାର ତଦନ୍ତ ଦାବି ହୋଇଛି। ଖାଦ୍ୟର ନମୁନା ପରୀକ୍ଷା କରିବା ସହ ଦାୟୀ ବ୍ୟକ୍ତିଙ୍କ ବିରୋଧରେ ଆବଶ୍ୟକ ପଦକ୍ଷେପ ନେବାକୁ ଅଭିଭାବକ ମହଲରେ ଦାବି ହୋଇଛି। ଅନ୍ୟପକ୍ଷରେ ଛାତ୍ରଛାତ୍ରୀ ପାଠ ପଢ଼ିବାକୁ ଚାହୁଁ ନ ଥିବାରୁ ବାହାନା କରୁଥିବା ଓ ପିତ୍ତ ବାନ୍ତି ହେଉଥିବା କଲେଜ କର୍ତ୍ତୃପକ୍ଷ କହୁଥିବା ଜଣାପଡ଼ିଛି।

# କେବୁଲ ଅପରେଟରଙ୍କୁ ହତ୍ୟା; ଧରମଭଉଣୀ ଅଟକ

ଭଦ୍ରକ/ତିହିଡ଼ି, ୮।୮ (ସମିସ): ଭଦ୍ରକ ଜିଲ୍ଲା ତିହିଡ଼ି ଥାନା ଅଧୀନ ମିର୍ଜାପୁର ପାତ୍ରସାହିରେ ଜଣେ କେବୁଲ ଅପରେଟରଙ୍କ ମୃତ୍ୟୁକୁ ନେଇ ଏକ ହତ୍ୟା ମାମଲା ରୁଜୁ ହୋଇଛି। ଏହି ଘଟଣାରେ ପୁଲିସ ମୃତକଙ୍କ ଜଣେ ଧରମ ଭଉଣୀଙ୍କୁ ଅଟକ ରଖି ପଚରାଉଚରା କରୁଥିବା ଜଣାଯାଇଛି। ଘଟଣାଟି ସଙ୍ଗୀନ ହୋଇଥିବାରୁ ସାଇଣ୍ଟିଫିକ୍ ଟିମ୍ ତଦନ୍ତ କରି ଫେରିଯାଇଛି ଏବଂ ସନ୍ଦେହରେ ଥିବା ଧରମ ଭଉଣୀଙ୍କ ଲାଏ ଡିଟେକ୍ସନ ଟେଷ୍ଟ କରାଯିବ ବୋଲି ପୁଲିସ ସୂତ୍ରରୁ ସୂଚନା ମିଳିଛି।

ସୂଚନା ମୁତାବକ, ତିହିଡ଼ି ଥାନା ଅଧୀନ ତାଳପଦା ଗ୍ରାମର ସ୍ୱର୍ଗତ ନାରାୟଣ ଦାସଙ୍କ ପୁଅ ଭରତ ଚନ୍ଦ୍ର ଦାସ (୩୧) କେବୁଲ ଅପରେଟର ଭାବେ କାମ କରନ୍ତି। ସେ ତିହିଡ଼ି ମିର୍ଜାପୁର ପାତ୍ରସାହିରେ ଏକ ଭଡ଼ା ଘରେ ରହି ଆସୁଥିଲେ। ଗୁରୁବାର ରାତିରେ ସେ ଭଡ଼ା ଘରେ ମଧ୍ୟ ଥିଲେ। ଶୁକ୍ରବାର ଅପରାହ୍ଣ ପର୍ଯ୍ୟନ୍ତ ଘରୁ ବାହାରି ନ ଥିବାରୁ ଲୋକଙ୍କ ସନ୍ଦେହ ସୃଷ୍ଟି ହୋଇଥିଲା। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚିବା ପରେ ତାଙ୍କର ମୃତଦେହ ଦେଖିବାକୁ ପାଇଥିଲା। ପରେ ପରିବାର ଲୋକେ ଆସିଥିଲେ। ମୃତ୍ୟୁକୁ ନେଇ ନାନାପ୍ରକାର ସନ୍ଦେହ ଉପୁଜିଥିଲା। ପୁଲିସ ଶବକୁ ଜବତ କରିବା ସହ ମୃତକଙ୍କ ମାଆ ଲକ୍ଷ୍ମୀପ୍ରିୟା ଦାସଙ୍କ ଏତଲା କ୍ରମେ ଏକ ହତ୍ୟା ମାମଲା ୩୨୭/୨୬, ଦଫା ୧୦୩(୧) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଶନିବାର ସକାଳେ ସାଇଣ୍ଟିଫିକ୍ ଟିମ୍ ଓ ଚାନ୍ଦବାଲି ଏସ୍‌ଡିପିଓ ପ୍ରଭାସ ଚନ୍ଦ୍ର ସାହୁଙ୍କ ପକ୍ଷରୁ ତଦନ୍ତ କରାଯିବା ସହ ଶବର ପଞ୍ଚନାମା କରାଯାଇ ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଯାଇଥିଲା। ଆଇଆଇସି ଲୋପାମୁଦ୍ରା ନାୟକ ଓ ଆଇଓ ଭାବେ ଏସ୍‌ଆଇ ଦୀପ୍ତିମଞ୍ଜରୀ ବଡ଼ଜେନାଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ଶୋକାକୁଳ ପରିବେଶରେ ଭରତଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

## ସମ୍ବଲପୁରରେ ବିଜେଡି କର୍ମୀଙ୍କୁ ଅଟକ ଘଟଣା

# ପୁଲିସକୁ ଗୁଣ୍ଡା ସଜାଇଛି ବିଜେପି ସରକାର: ବିଜେଡି

ଭୁବନେଶ୍ୱର, ୮।୮ (ସମିସ): ବିଜେପି ସରକାର ପୁଲିସ ପ୍ରଶାସନକୁ ହାତବାରିସି କରି ଗଣତାନ୍ତ୍ରିକ ଆନ୍ଦୋଳନ ଓ ପ୍ରଦର୍ଶନକୁ ଚପାଇ ଦେବାକୁ ଅପଚେଷ୍ଟା କରୁଛି। ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନଙ୍କ ପାଇଁ ପୁଲିସ ଗୁଣ୍ଡା ଭଳି ବ୍ୟବହାର କରି ବିଜେଡି କର୍ମୀଙ୍କୁ ଉଠାଇ ଥାନାରେ ଅଟକ ରଖିଛନ୍ତି। ଯାହାକୁ ନେଇ ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ରୋହିତ ପୂଜାରୀ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି।

ଶ୍ରୀ ପୂଜାରୀ କହିଛନ୍ତି ଯେ ସାଂସଦ ଶ୍ରୀ ପ୍ରଧାନ ନିଜ ସଂସଦୀୟ କ୍ଷେତ୍ରର କାର୍ଯ୍ୟକ୍ରମକୁ ଯୋଗ ଦେବାକୁ ଯାଉଥିବା ବେଳେ ବିରୋଧକୁ ଭୟ କରୁଛନ୍ତି। ସେଥିପାଇଁ ଗସ୍ତ ପୂର୍ବରୁ ପୋଲିସକୁ ଲଗାଇ ବିଜେଡି କର୍ମୀଙ୍କୁ ଉଠାଇଛନ୍ତି। ପୁଲିସ ପ୍ରଶାସନ ହାତବାରିସି ସାଜି ଶ୍ରୀ ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ବିଜେଡି କର୍ମୀମାନଙ୍କୁ ଘରୁ ଉଠାଇ ନେଉଛନ୍ତି। ଏହା ଅତି ଦୁର୍ଭାଗ୍ୟଜନକ କଥା। ପ୍ରଧାନମନ୍ତ୍ରୀ କିମ୍ବା ମୁଖ୍ୟମନ୍ତ୍ରୀ ଆସିଲେ ବିରୋଧ ଭୟରେ କର୍ମୀ ମାନଙ୍କୁ ଅଟକ ରଖାଯାଇଥାଏ। କିନ୍ତୁ ଜଣେ

■ ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ବିଜେଡି କର୍ମୀଙ୍କୁ ଉଠାଇଲା ପୁଲିସ
■ ସାଂସଦଙ୍କୁ ନିଜ ସଂସଦୀୟ କ୍ଷେତ୍ରରେ ବିରୋଧର ଭୟ ଘାରିଛି

ସାଂସଦଙ୍କୁ ନିଜ ସଂସଦୀୟ କ୍ଷେତ୍ରରେ ବିରୋଧର ଭୟ ଘାରିଛି। ନିଜ ସଂସଦୀୟ କ୍ଷେତ୍ର ସମ୍ବଲପୁରରେ ବୁଲିବା ପାଇଁ ସାଂସଦ ଶ୍ରୀ ପ୍ରଧାନଙ୍କ ସାହସ ନାହିଁ। ଭୁବନେଶ୍ୱର ସମେତ ଓଡ଼ିଶାର ବିଭିନ୍ନ ସ୍ଥାନରେ ତାଙ୍କୁ ବିରୋଧ ପ୍ରଦର୍ଶନ କରାଯାଉଥିବା ବେଳେ ସେ ଭୟଭୀତ ହୋଇ ଯାଇଛନ୍ତି। ଦିଲ୍ଲୀରେ ଛାତ୍ର ଆନ୍ଦୋଳନ ବେଳେ ଯେଉଁଭଳି ଭାବେ ଛାତ୍ରଛାତ୍ରୀମାନଙ୍କ ଉପରେ ଅମାନୁଷିକ ଅତ୍ୟାଚାର କରାଯାଇଛି, ତାହାକୁ ସବୁଠି ବିରୋଧ କରାଯାଉଛି। ନିଜ



କାର୍ଯ୍ୟଶୈଳୀ ପାଇଁ ସେ ସବୁଠି ବିରୋଧର ସମ୍ମୁଖୀନ ହେଉଛନ୍ତି। ତେବେ ଆକ୍ରୋଶରେ ବିଜେଡି କର୍ମୀମାନଙ୍କୁ ଥାନାରେ ଅଟକ ରଖିବା କେତେ ଯୁକ୍ତିଯୁକ୍ତ ବୋଲି ଶ୍ରୀ ପୂଜାରୀ ପ୍ରଶ୍ନ କରିଛନ୍ତି। ଶ୍ରୀ ପୂଜାରୀ ଆହୁରି ମଧ୍ୟ କହିଛନ୍ତି ଯେ ୩୦୦ ୟୁନିଟ ପର୍ଯ୍ୟନ୍ତ ମାଗଣା ବିଜୁଳି, ସମ୍ବଲପୁରରେ ଦ୍ୱିତୀୟ ଏମ୍ସ, ସମ୍ବଲପୁରୀ ଭାଷାର ବିକାଶ ସହ ସମ୍ବଲପୁରର ବିକାଶ ପାଇଁ ସାଂସଦ ଶ୍ରୀ ପ୍ରଧାନ ନିର୍ବାଚନ ସମୟରେ ଯେଉଁ ପ୍ରତିଶ୍ରୁତି ଦେଇଥିଲେ ତାହା ଏଯାବତ ପୂରଣ କରିପାରିଲେ ନାହିଁ। ଯାହାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ରହିଛି। ବିଜେପି ସରକାର ଲୋକଙ୍କ ଉନ୍ନତି କରିବା ବଦଳରେ ନିଜର ଓ ନିଜ ଦଳର ସ୍ୱାର୍ଥକୁ ପ୍ରାଧାନ୍ୟ ଦେଇ କାର୍ଯ୍ୟ କରୁଛି । ତେଣୁକରି ଲୋକଙ୍କୁ ସାମ୍ନା କରିବାକୁ ଡରୁଛନ୍ତି। ସମସ୍ତ ନୀତି ନିୟମକୁ ଭୁଲି ପୁଲିସ ପ୍ରଶାସନ ହାତବାରିସି ସାଜି ଗୁଣ୍ଡା ଭଳି ବ୍ୟବହାର କରୁଛି। ଯଦି ଏହିପରି କାର୍ଯ୍ୟରୁ ପୁଲିସ ବିରତ ନରୁହେ, ଆଗାମୀ ଦିନରେ ବିଜେଡି ପକ୍ଷରୁ ଦୃଢ ବିରୋଧ ପ୍ରଦର୍ଶନ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ଯଦି ସାଂସଦ ଶ୍ରୀ ପ୍ରଧାନଙ୍କୁ ନିଜ ସଂସଦୀୟ କ୍ଷେତ୍ରକୁ ଏକୁଟିଆ ଆସିବାକୁ ଏତେ ଭୟ ଘାରିଛି, ତେବେ ତୁରନ୍ତ ସେ ପଦବୀରୁ ଇସ୍ତଫା ପ୍ରଦାନ କରନ୍ତୁ ବୋଲି ବିଜେଡି କହିଛି।

# ଗଣଶିକ୍ଷା ଓ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବିରେ ଛାତ୍ର କଂଗ୍ରେସର ଧାରଣା

ଭୁବନେଶ୍ୱର, ୮।୮ (ସମିସ): ପିଲାଙ୍କ ପଢ଼ା ବହିରେ ମାଳମାଳ ତ୍ରୁଟି ରହିଛି। ବନାନ୍ ଗତ ତ୍ରୁଟି ସାଙ୍ଗକୁ ତଥ୍ୟଗତ ତ୍ରୁଟି ରହିଛି। ଏଯାଏଁ ପିଲାଙ୍କୁ ତ୍ରୁଟିଶୂନ୍ୟ ବହି ମଧ୍ୟ ମିଳିପାରିନାହିଁ। ସେହିପରି ଉଚ୍ଚଶିକ୍ଷାନୁଷ୍ଠାନରେ ଛାତ୍ର ସଂସଦ ନିର୍ବାଚନ କରିବାରେ ସରକାର ବିଫଳ ହୋଇଛନ୍ତି। ବାରମ୍ବାର ପ୍ରତିଶ୍ରୁତି ଦେଉଥିଲେ ମଧ୍ୟ ନିର୍ବାଚନ ବେଳେ




ଧରାଛୁଆଁ ଦେଉ ନାହାନ୍ତି। ଏଣୁ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଇସ୍ତଫା ଦାବିରେ ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ଦୁଇ ଦିନିଆ ଅହୋରାତ୍ର ଧାରଣା ଆରମ୍ଭ ହୋଇଛି। ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ବିଭୂତି ଭୂଷଣ ମହାପାତ୍ରଙ୍କ ନେତୃତ୍ୱରେ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଆନ୍ଦୋଳନରେ ସାମିଲ ହୋଇ ମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛନ୍ତି।

ଶ୍ରୀ ମହାପାତ୍ର କହିଛନ୍ତି ଯେ, ପିଲାଙ୍କୁ ନିମ୍ଫୁଡା ନିମ୍ଫୁଡା ଗୀତ ପଢ଼ିବାକୁ ସରକାର ବାଧ୍ୟ କରୁଛନ୍ତି। ବହିରେ ସାଙ୍ଘାତିକ ତ୍ରୁଟି ଓଡ଼ିଆ ଜାତିର ସ୍ୱାଭିମାନ ଓ ସମ୍ମାନରେ ଆଘାତ ପହଞ୍ଚାଇଛି। ସାହିତ୍ୟ ବହିରେ ଗଣିତ ଏବଂ ଗଣିତ ବହିରେ ସାହିତ୍ୟ ରଖି ଶିକ୍ଷାର ମାନକୁ ରସାତଳଗାମୀ କରାଯାଇଛି। ଏଣୁ ଗଣଶିକ୍ଷା ମନ୍ତ୍ରୀ ଜଣେ ଦାୟିତ୍ୱହୀନ ଏବଂ ଅଯୋଗ୍ୟ ମନ୍ତ୍ରୀ ବୋଲି ଶ୍ରୀ ମହାପାତ୍ର କହିବା ସହ ସେ ଓଡ଼ିଶାର ଶିକ୍ଷା ବ୍ୟବସ୍ଥା ପ୍ରତି ବିପଦ ବୋଲି ଦର୍ଶାଇଛନ୍ତି। ସେହିପରି ଉଚ୍ଚ ଶିକ୍ଷାନୁଷ୍ଠାନରେ ଛାତ୍ର ସଂସଦ ନିର୍ବାଚନକୁ ମଧ୍ୟ ସଂପୂର୍ଣ୍ଣ ବନ୍ଦ କରିଦେବା ପାଇଁ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଷଡ୍‌ଯନ୍ତ୍ର କରିଥିବା ସେ ଅଭିଯୋଗ କରିଛନ୍ତି। ବିଜେପି ଓ ଏବିଭିପି ଶୈକ୍ଷିକ ବାତାବରଣକୁ ସଂପୂର୍ଣ୍ଣ ନଷ୍ଟ କରିବା ପାଇଁ ଯୋଜନା କରିଛନ୍ତି। ଏବିଭିପିର ଷଡଯନ୍ତ୍ରରେ ଜଣେ ନିରୀହ ଛାତ୍ରୀ ଆତ୍ମଦାହ କରିବା ଏହାର ଜ୍ୱଳନ୍ତ ଉଦାହରଣ। ନିର୍ବାଚନ ନ କରି ଛାତ୍ରଛାତ୍ରୀଙ୍କ ଗଣତାନ୍ତ୍ରିକ ଅଧିକାରକୁ ସରକାର ଛଡେଇ ନେଉଛନ୍ତି। ଛାତ୍ର ସଂସଦ ନିର୍ବାଚନ ଦାବିରେ ତୀବ୍ର ଆନ୍ଦୋଳନ କରାଯିବ। ମାଲକାନାଗିରିରୁ ମୟୁରଭଞ୍ଜ ପର୍ଯ୍ୟନ୍ତ ଛାତ୍ରଙ୍କ ଅଧିକାର ପାଇଁ ସ୍ୱର ଉତ୍ତୋଳନ କରାଯିବ। ନିର୍ବାଚନ କରିବାରେ ବିଫଳ ଉଚ୍ଚଶିକ୍ଷା ମନ୍ତ୍ରୀ ଇସ୍ତଫା ଦେବାକୁ ସେ ଦାବି କରିଛନ୍ତି। ଏହି କାର୍ଯ୍ୟକ୍ରମରେ ପ୍ରଦେଶ ଛାତ୍ର କଂଗ୍ରେସ ନେତା ସ୍ୱନ୍ଦନ ସ୍ୱାଇଁ, ନିଆଜୁଲ୍ ଇସ୍‌ଲାମ, ସାରୁ ଖାନ୍, ଚିତ୍ତରଞ୍ଜନ ନାୟକ, ସରୋଜ ଦାସ, ଅମିତ ନାୟକ, ପଦ୍ମନାଭ ପଣ୍ଡା, ରୁଦ୍ର କର, ଦେବାଶିଷ ଦଇତାପତି, ବିଶ୍ୱଭୂଷଣ ମହାପାତ୍ର, ସନ୍ତୋଷ ନିମାଇଁ, ଆଶୁତୋଷ ମିଶ୍ର ପ୍ରମୁଖ ସାମିଲ ହୋଇଛନ୍ତି।

# ରେଖା ସେନାପତିଙ୍କୁ 'ବ୍ରିଟିଶ୍ ସିଟିଜେନ୍ ଆୱାର୍ଡ'

ଭୁବନେଶ୍ୱର, ୮।୮ (ସମିସ): ଓଡ଼ିଶାର ବ୍ରହ୍ମପୁରର ମୂଳ ବାସିନ୍ଦା, ସମାଜସେବୀ ତଥା ବ୍ୟବସାୟୀ ରେଖା ସେନାପତିଙ୍କୁ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଲଣ୍ଡନର ପ୍ୟାଲେସ୍ ଅଫ୍ ୱେଷ୍ଟମିନଷ୍ଟରସ୍ଥିତହାଉସ୍ ଅଫ୍ ଲର୍ଡସ୍‌ରେ ପ୍ରତିଷ୍ଠିତ "ବ୍ରିଟିଶ୍ ସିଟିଜେନ୍ ଆୱାର୍ଡ ପିପୁଲ୍ସ ଚଏସ୍'ରେ ସମ୍ମାନିତ କରାଯାଇଛି। ଟିଭି ଉପସ୍ଥାପକ ଓ ସାମ୍ବାଦିକ ମ୍ୟାଟ୍ ଅଲ୍‌ରାଇଟ୍ ଏବଂ ସ୍ୱେକ୍ସସେଭର୍ସର ପ୍ରତିଷ୍ଠାତା ଡେମ୍ ମେରି ପର୍କିନ୍ସତାଙ୍କୁ ଏହି ସମ୍ମାନ ପ୍ରଦାନ କରିଥିଲେ। ଏହି ସମାରୋହରେ ସମ୍ମାନିତ ୨୬ ଜଣ ପଦକ ବିଜେତାଙ୍କ ମଧ୍ୟରେରେଖା ସେନାପତି ଏକମାତ୍ର ଭାରତୀୟ ବଂଶୋଦ୍ଭବ ବ୍ରିଟିଶ୍ ହିନ୍ଦୁଭାବେ ଏହି ସମ୍ମାନ ପାଇଛନ୍ତି। ସେ ଚଳିତ ବର୍ଷ ୟୁନାଇଟେଡ୍ କିଙ୍ଗଡମ୍‌ରେ ନିଜର ସାମାଜିକ ସେବା ପାଇଁ ଅନେକ ପୁରସ୍କାର ଓ ସମ୍ମାନ ପାଇଛନ୍ତି। ତାଙ୍କର ସାମ୍ପ୍ରତିକ ସମ୍ମାନଗୁଡ଼ିକ ମଧ୍ୟରେ ଚଳିତ ବର୍ଷ ମେ' ମାସରେ ମାଞ୍ଚେଷ୍ଟରର ସାଲଫୋର୍ଡ ମେୟରଙ୍କ ଠାରୁ ପାଇଥିବା "ମେୟର୍ସ ସିଟିଜେନ୍ ଆୱାର୍ଡ'ଅନ୍ୟତମ। ଗତ ମାର୍ଚ୍ଚ ମାସରେ ମାଞ୍ଚେଷ୍ଟରରେ ଆୟୋଜିତ ଏକ ସମାରୋହରେ ତାଙ୍କୁ "ଶକ୍ତି ପବ୍ଲିକ ସର୍ଭିସ୍ ଷ୍ଟାର୍ ଆୱାର୍ଡ'ରେ




ସମ୍ମାନିତ କରାଯାଇଛି। ଗତ୨୫ ବର୍ଷରୁ ଅଧିକ ସମୟ ଧରି ସ୍ୱେଚ୍ଛାସେବୀ ଭାବରେ ସେ ହସ୍ପିସ୍‌ରେ ଚିକିତ୍ସାଧୀନ ରୋଗୀ, ବିଭିନ୍ନ ଜାତୀୟ ସମୁଦାୟର ମହିଳା, ଜଟିଳ ଅବସ୍ଥାରେ ଥିବା ଦିବ୍ୟାଙ୍ଗ ଶିଶୁ ଏବଂ ଅବହେଳିତ ବର୍ଗଙ୍କ ପାଇଁ କାର୍ଯ୍ୟ କରିଆସୁଛନ୍ତି। ତାଙ୍କ ନେତୃତ୍ୱ ଓ ସଂଗଠନ କ୍ଷମତା ଫଳରେ ରଥଯାତ୍ରା, ମାଞ୍ଚେଷ୍ଟର ଏବଂ ଉତ୍ତର-ପଶ୍ଚିମ ଇଂଲଣ୍ଡର ଏକ ପ୍ରମୁଖ ହିନ୍ଦୁ ଧାର୍ମିକ ଓ ସାଂସ୍କୃତିକ ଆୟୋଜନରେ ପରିଣତ ହୋଇପାରିଛି। ଗତ ୮ ବର୍ଷ ଧରି ଏହା ହିନ୍ଦୁ କ୍ୟାଲେଣ୍ଡରରେଏକ ପ୍ରମୁଖ ସ୍ଥାନ ଅଧିକାର କରିଆସିଛି। ଏହା ସହ ସେ ୨୦ ବର୍ଷରୁ ଅଧିକ ସମୟ ଧରି ବିଭିନ୍ନ ପ୍ରତିଷ୍ଠିତ ମଞ୍ଚରେ ଗୀତ ଓ ନୃତ୍ୟ ପରିବେଷଣ କରିଆସୁଛନ୍ତି। ସମ୍ମାନ ଗ୍ରହଣ କରିବା ସହ ଶ୍ରୀମତୀ ସେନାପତି କହିଛନ୍ତି ଏହି ସମ୍ମାନ ପାଇ ମୁଁ ଅତ୍ୟନ୍ତ ଗର୍ବିତ ଓ କୃତଜ୍ଞ। ଏହି ସ୍ୱୀକୃତି ମୋତେ ଆହୁରି ନିଷ୍ଠା ଓ ସମର୍ପଣର ସହ ସମାଜସେବା ଜାରି ରଖିବାକୁ ପ୍ରେରଣା ଦେବ।

# ହୃଦ୍‌ଘାତରେ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କ ମୃତ୍ୟୁ

ଯାଜପୁର, ୮।୮ (ସମିସ): ଯାଜପୁର ଜିଲ୍ଲା ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ମେଡିକାଲ ଅଫିସର ଡାକ୍ତର ଆଶିଷ କୁମାର କାଜିଙ୍କ ୫୪ ବର୍ଷ ବୟସରେ ହୃଦ୍‌ଘାତରେ ମୃତ୍ୟୁ ହୋଇଯାଇଛି। ଡାକ୍ତର କାର୍ଜି ଆଜି ସକାଳେ ତାଙ୍କ କଟକ ସିଡିଏସ୍ଥିତ ବାସଭବନରେ ଥିବାବେଳେ ହଠାତ ଅସୁସ୍ଥ ହୋଇ ପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ତୁରନ୍ତ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଖବର ପ୍ରଚାରିତ



ହେବାମାତ୍ରେ ବଡ଼ଚଣା ଡାକ୍ତରଖାନାର ଡାକ୍ତର ଇନ୍ଦିରା ପ୍ରିୟଦର୍ଶିନୀ ମାହାଲା, ଡାକ୍ତର ସୁରଞ୍ଜନ ମହାପାତ୍ର, ଡାକ୍ତର ସୁରଜ କୁମାର ଦଣ୍ଡପାଟ, ଡାକ୍ତର ଆମ୍ବୁଜ ବେହେରା, ଡାକ୍ତର ନରୋତ୍ତମ ରଥ ଓ ଡାକ୍ତର ଅମିତାଂଶୁ ସ୍ୱାଇଁ ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହିତ ଗଭୀର ଶୋକ ପ୍ରକାଶ କରିଥିଲେ। ଡାକ୍ତର ସ୍ୱର୍ଗତ କାର୍ଜିଙ୍କ ବିୟୋଗରେ ବଡ଼ଚଣା ବିଧାୟକ ଅମର କୁମାର ନାୟକ ତାଙ୍କ କଟକ ସ୍ଥିତ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହିତ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ସ୍ୱର୍ଗତ କାର୍ଜି ଜଣେ ଉତ୍ତମ ଚିକିତ୍ସକ ଥିଲେ। ତାଙ୍କ ଅକାଳ ବିୟୋଗରେ ବଡ଼ଚଣାର ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଗଣେଶ୍ୱର ବରାଳ, ଜିଲ୍ଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ, ତହସିଲଦାର ମାନସ କୁମାର ତ୍ରିପାଠୀ, ବିଡ଼ିଓ ରବିନ୍ଦ୍ର କୁମାର ପ୍ରଧାନ, ବ୍ଲକ ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଭବତୋଷ ବସ୍ତିଆ, ଅଧ୍ୟାପକ ପଦ୍ମନାଭ ପଣ୍ଡା, ସମିତି ସଭ୍ୟ ମଧୁସୂଦନ ବଳ, ବିମଳ ପ୍ରସନ୍ନ ପ୍ରଧାନ ନୃସିଂହ ନାରାୟଣ ଓତା ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି।

## ବଢୁଛି ସଡ଼କ ଦୁର୍ଘଟଣା; ରାଜପଥରୁ ହଟିବେ ବୁଲାଗୋରୁ

# ପ୍ରତି ୧୫୦ କିମିରେ ଗୋଟିଏ ଗୋଶାଳା

ଭୁବନେଶ୍ୱର, ୭।୮ (ସମିସ): ରାଜ୍ୟ ସରକାର ରାଜ୍ୟର ଜାତୀୟ ରାଜପଥଗୁଡ଼ିକରେ ବୁଲାଗୋରୁଙ୍କ ଯୋଗୁଁ ଘଟୁଥିବା ସଡ଼କ ଦୁର୍ଘଟଣାକୁ ରୋକିବା ପାଇଁ ଏକ ବଡ଼ ପଦକ୍ଷେପ ଗ୍ରହଣ କରିଛନ୍ତି। ଜୀବନହାନି ରୋକିବା ଏବଂ ଗୋରୁମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ପ୍ରମୁଖ ରାଜପଥଗୁଡ଼ିକରେ ପ୍ରତି ୧୦୦ ରୁ ୧୫୦ କିଲୋମିଟର ବ୍ୟବଧାନରେ ଏହି ଗୋଶାଳାଗୁଡ଼ିକ ପ୍ରତିଷ୍ଠା କରାଯିବ। ରାସ୍ତା ଉପରେ ବୁଲୁଥିବା ଗୋରୁମାନଙ୍କୁ ଉଦ୍ଧାର କରାଯାଇ ଏହି ଗୋଶାଳାଗୁଡ଼ିକରେ ରଖାଯିବ ବୋଲି ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ଗୋକୁଳା ନନ୍ଦ ମଲ୍ଲିକ ସୂଚନା ଦେଇଛନ୍ତି। ତେବେ ଗୋଶାଳା ପ୍ରତିଷ୍ଠାର ସମସ୍ତ ଖର୍ଚ୍ଚ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ କରିବେ। ସଡ଼କ ଦୁର୍ଘଟଣାକୁ ରୋକିବାକୁ ରାଜ୍ୟ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଉପରେ ଆଲୋଚନା ହୋଇଛି। ମନ୍ତ୍ରୀ ଶ୍ରୀ ମଲ୍ଲିକ ଏହି ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ, ଏହି ବୈଠକରେ ପରିବହନ ବିଭାଗ, ଏନ୍‌ଏଚ୍‌ଏଆଇ ଏବଂ ପ୍ରାଣୀ ସମ୍ପଦ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଜୀବନହାନି ରୋକିବା ଏବଂ ଗୋରୁମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ପ୍ରମୁଖ ରାଜପଥଗୁଡ଼ିକରେ ପ୍ରତିଷ୍ଠା ହେବାକୁ ଥିବା ଗୋଶାଳା ଗୁଡ଼ିକର ପରିଚାଳନା ଦାୟିତ୍ୱ ବିଭିନ୍ନ ସାମାଜିକ ସଂଗଠନକୁ ପ୍ରଦାନ କରାଯାଇପାରେ। ଯେତେବେଳେ କି ସମସ୍ତ ଖର୍ଚ୍ଚ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ବହନ କରିବ। ରାଜପଥରୁ ଗୋରୁ ହଟାଇବାରେ ସ୍ଥାନୀୟ ପୁଲିସ ଅଧିକାରୀ, ବିଶେଷକରି ଏସପି ଏବଂ ଆଇଆଇସି ମାନେ ସହଯୋଗ କରିବେ। ଏହି ପଦକ୍ଷେପ କେବଳ ସଡ଼କ ଦୁର୍ଘଟଣା କମାଇବ ନାହିଁ, ବରଂ ଗୋରୁ ଚାଲାଣ ରୋକିବାରେ ମଧ୍ୟ ସହାୟକ ହେବ ବୋଲି ଆଶା କରାଯାଉଛି। ଖୁବ୍ ଶୀଘ୍ର ଏହି ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ସରକାର ଏକ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର ବା ଏସଓପି ପ୍ରସ୍ତୁତ କରୁଛନ୍ତି ବୋଲି ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ସ୍ପଷ୍ଟ କରିଛନ୍ତି।

# ଶିମିଳିପାଳରୁ କମୁଛନ୍ତି କଳାବାଘ

## ୨୦୨୬ରେ ୩ଟି ମିଶାଇ ୫ କଳା ମହାବଳ ବାଘଙ୍କ ମୃତ୍ୟୁକୁ ନେଇ ଚିନ୍ତା

ବାରିପଦା, ୮।୮ (ସମିସ): ବିଶ୍ୱପ୍ରସିଦ୍ଧ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ (ଏସଟିଆର)ରେ ହିଁ ଦେଖିବାକୁ ମିଳନ୍ତି ଅତ୍ୟନ୍ତ ବିରଳ "ସୁଡୋ-ମେଲାନିଷ୍ଟିକ୍' ବା କଳା ମହାବଳ ବାଘ। ଏହି ବିରଳ ବାଘଙ୍କ ପାଇଁ ଶିମିଳିପାଳ ସାରା ବିଶ୍ୱର ବନ୍ୟପ୍ରାଣୀ ମାନଚିତ୍ରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ତେବେ ୨୦୨୬ରେ ୩ଟି ମିଶାଇ କଳାବାଘଙ୍କ ମୃତ୍ୟୁ ଓ ଚମଡା ଜବତ ଘଟଣା ଏବେ ପରିବେଶବିତ୍, ବନ୍ୟପ୍ରାଣୀପ୍ରେମୀ ଓ ସାଧାରଣ ଜନତାଙ୍କୁ ଗଭୀର ଭାବେ ବିଚଳିତ କରିଛି। ୨୦୨୩ ମେ ମାସରେ ନଅଣା ଦକ୍ଷିଣ ରେଞ୍ଜରୁ ଏକ ସାଢେ ତିନିବର୍ଷର କଳାବାଘ ମୃତଦେହ ଉଦ୍ଧାର ହୋଇଥିବାବେଳେ ୨୦୨୪ ନଭେମ୍ବରରେ ଦକ୍ଷିଣ ବନଖଣ୍ଡ ଜେନାବିଲ ଅଞ୍ଚଳରେ ଦେଢବର୍ଷର କଳାବାଘକୁ ଗୁଳି କରି ହତ୍ୟା ପରେ ତା'ର ମାଂସ ଖାଇବା, ଚମଡା, ନଖ ଓ ନିଶ ଚାଲାଣ ଅଭିଯୋଗରେ ୧୦ ଜଣ ଗିରଫ ହୋଇଥିଲେ।

ସେହିପରି ୨୦୨୬ ମାର୍ଚ୍ଚ ୨୨ ତାରିଖରେ ବାରିପଦା ବନଖଣ୍ଡ କୁଳିଅଣା ରେଞ୍ଜ କଳାବାଘ ଛାଲ ଡିଲ୍ ଚାଲିଥିବାବେଳେ ବନ ବିଭାଗ ଚଢ଼ଉ କରି ୧ଟି କଳାବାଘ ଛାଲ ଜବତ କରିବା ସହ ଘଟଣାରେ ୧୪ ଜଣ ଶିକାରୀ/ବେପାରୀଙ୍କୁ ଗିରଫ କରିଥିଲା। ସେହିପରି ୨୦୨୬ ମେ ୨୧ ତାରିଖରେ ଶିମିଳିପାଳ ଦକ୍ଷିଣ ବନ୍ୟପ୍ରାଣୀ ଡିଭିଜନ ଡୁକୁରା



ରେଞ୍ଜ ଅନ୍ତର୍ଗତ ବାସିପିଠା-ଭୁପତ ରାସ୍ତାରେ ବିଶେଷ ସୂତ୍ରରୁ ଖବର ପାଇ ଏନଫୋର୍ସମେଣ୍ଟ ଟିମ୍ ଚଢ଼ଉ କରି ଗୋଟିଏ କଳାବାଘ ଚମଡ଼ା ଜବତ ସହ ୩ ଜଣ ବେପାରୀଙ୍କୁ ଗିରଫ କରିଥିଲା। ଆଜିର ସୂଚନା ମୁତାବକ ପ୍ରାୟ ୫ ବର୍ଷର ମାଈ କଳାବାଘର ମୃତଦେହ ଉଦ୍ଧାର କରାଯାଇଛି। ଶରୀରରେ କୌଣସି କ୍ଷତଚିହ୍ନ ନ ଥିବାରୁ ବିଷକ୍ରିୟା କିମ୍ବା ପାଥୋଲୋଜିକାଲ ସଂକ୍ରମଣ ଯୋଗୁଁ ମୃତ୍ୟୁ ଘଟିଛି କି ନାହିଁ, ତାହା ଜାଣିବା ପାଇଁ ଜୈବିକ ନମୁନା ସଂଗ୍ରହ କରାଯାଇ ପରୀକ୍ଷାଗାରକୁ ପଠାଯାଇଛି। ରିପୋର୍ଟ ଆସିବା ପରେ ହିଁ ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି କୁହାଯାଇଛି। ବର୍ଷକ ଭିତରେ ୩କୁ ମିଶାଇ ୫ କଳାବାଘ ମୃତ୍ୟୁ ବା ହତ୍ୟା ଅତ୍ୟନ୍ତ ଚିନ୍ତାଜନକ। ଏନଟିସିଏ ଏସଓପି ଅନୁସାରେ ପୋଷ୍ଟମର୍ଟମ ବେଳେ ବନ ଅଫିସରଙ୍କ ସହ ସ୍ଥାନୀୟ ନିର୍ବାଚିତ ପ୍ରତିନିଧି, ସ୍ଥାନୀୟ ଏନଜିଓ ଓ ଜଣେ ସ୍ୱାଧୀନ ସାକ୍ଷୀ ରହିବା କଥା। ଯାହା ଏଠାରେ ସମ୍ପୂର୍ଣ୍ଣ ପାଳନ ହୋଇଥିବା ଭଳି ଲାଗୁନି। ଶିମିଳିପାଳରେ ଶିକାରୀମାନେ ସମ୍ବର, କୁଟୁରା କିମ୍ବା ବାରାହା ମାଂସ ପାଇଁ ବିଷ ପ୍ରୟୋଗ କରିବାର ପୁରୁଣା ଅଭ୍ୟାସ ରହିଛି। ସେହି ବିଷାକ୍ତ ମାଂସ ଖାଇ ବାଘ ମରିଥିବା ସନ୍ଦେହକୁ ଏଡ଼ାଇ ଦିଆଯାଇ ନ ପାରେ। ସାପ କାମୁଡ଼ାରେ ବାଘ ମରିବା ଆଶଙ୍କା କମ୍। ତେଣୁ ସଠିକ୍ ଫୋରେନ୍ସିକ୍ ରିପୋର୍ଟ ଆଣି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦରକାର ବୋଲି କହିଛନ୍ତି ବନ୍ୟପ୍ରାଣୀ ବିଶେଷଜ୍ଞ ଭାନୁମିତ୍ର ଆଚାର୍ଯ୍ୟ । ସେହିପରି ବିଶ୍ୱରେ ସମୁଦାୟ ୨୦ରୁ ଊର୍ଦ୍ଧ୍ୱ କଳାବାଘ କେବଳ ଶିମିଳିପାଳରେ ହିଁ ଅଛନ୍ତି। ଗୋଟିଏ ବର୍ଷରେ ୩ଟି କଳାବାଘଙ୍କ ମୃତ୍ୟୁ ହେବା ଅତ୍ୟନ୍ତ ଉଦ୍‌ବେଗଜନକ। ଶିମିଳିପାଳରେ ଶହ ଶହ ଏଆଇ କ୍ୟାମେରା ଖଞ୍ଜାଯାଇଥିବା ସତ୍ତ୍ୱେ ଶିକାରୀଙ୍କ ପ୍ରାଦୁର୍ଭାବ ଓ ବାଘ ମୃତ୍ୟୁ ରୋକାଯାଇପାରୁନି। କେନ୍ଦ୍ର ଓ ରାଜ୍ୟ ସରକାର ଏକ ସ୍ୱେଚ୍ଛାସେବୀ/ବିଶେଷଜ୍ଞ କମିଟି ଗଠନ କରି ଏହାର ତଦନ୍ତ କରନ୍ତୁ। ଏଥିସହିତ ବାରିପଦା ନିକଟସ୍ଥ ପାଲବଣିଠାରେ ପ୍ରସ୍ତାବିତ 'କଳାବାଘ ସଫାରୀ' ପ୍ରକଳ୍ପକୁ ତୁରନ୍ତ କାର୍ଯ୍ୟକାରୀ କରାଯାଉ ବୋଲି ବାରିପଦାର ବୁଦ୍ଧିଜୀବୀ କଲ୍ୟାଣ କୁମାର ସିହ୍ନା କହିଛନ୍ତି। ଶିମିଳିପାଳର ଗୌରବ ଏହି ବିରଳ କଳାବାଘଙ୍କ ସୁରକ୍ଷା ପାଇଁ କେବଳ ତଦନ୍ତ ଯଥେଷ୍ଟ ନା କଡ଼ା କାର୍ଯ୍ୟାନୁଷ୍ଠାନ ଆବଶ୍ୟକ, ତାହା ଦେଖିବାକୁ ବାକି ରହିଲା।

## ଏମ୍‌କେସିଜି ଡିଏମ୍‌ଏଲଟି ଓ ଡିଏମ୍‌ଆରଟି ଛାତ୍ରସଂସଦର ବାର୍ଷିକ ଉତ୍ସବରେ ମନ୍ତ୍ରୀଙ୍କ ସୂଚନା

# ୩୮୦ ଏଲ୍‌ଟି ପଦବୀକୁ ରାଜ୍ୟ ସରକାରଙ୍କ ଅନୁମୋଦନ

ବ୍ରହ୍ମପୁର, ୮।୮ (ସମିସ): ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲର ଅଡ଼ିଟୋରିଅମରେ ଡିଏମଏଲଟି ଓ ଡିଏମଆରଟି ଛାତ୍ରସଂସଦ ପକ୍ଷରୁ ୧୮ତମ ବାର୍ଷିକ ଉତ୍ସବ ଆୟୋଜିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଭିଡିଓ କନଫରେନ୍ସ ମାଧ୍ୟମରେ ଯୋଗଦେଇଥିଲେ। ରାଜ୍ୟ ସରକାର ୩୮୦ଟି ଏଲଟି (ଲାବୋରେଟୋରୀ ଟେକ୍ନିସିଆନ) ପଦବୀକୁ ଅନୁମୋଦନ କରିଛନ୍ତି। ଖୁବ୍‌ଶୀଘ୍ର ଏ ସମ୍ପର୍କିତ ବିଜ୍ଞପ୍ତି ପ୍ରକାଶ ପାଇବ। ଏହା ଦ୍ୱାରା ଲାବୋରେଟୋରୀ ଟେକ୍ନିସିଆନ ନିଯୁକ୍ତି କ୍ଷେତ୍ରରେ ନୂଆ ସୁଯୋଗ ସୃଷ୍ଟି ହେବ ବୋଲି ମନ୍ତ୍ରୀ ଡ. ମହାଲିଙ୍ଗ କହିଥିଲେ। ସେହିପରି ଏମକେସିଜି ମେଡ଼ିକାଲରେ ଡିଏମଏଲଟି ଓ ଡିଏମଆରଟି ଛାତ୍ରଛାତ୍ରୀଙ୍କ ନିମନ୍ତେ ହଷ୍ଟେଲ ନଥିବା ବେଳେ ମେଡ଼ିକାଲରେ ହଷ୍ଟେଲ ନିର୍ମାଣ ନିମନ୍ତେ ପ୍ରତିଶ୍ରୁତି ଦେଇଥିଲେ। ସେହିପରି ରୋଗୀଙ୍କ ଚିକିତ୍ସା ଓ ରୋଗ ନିରୂପଣ କ୍ଷେତ୍ରରେ ଡିଏମଏଲଟି ଓ ଡିଏମଆରଟି ଛାତ୍ରଛାତ୍ରୀଙ୍କ ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି ବୋଲି ମନ୍ତ୍ରୀ ଆଲୋକପାତ କରିଥିଲେ। ଆଧୁନିକ ଚିକିତ୍ସା ବ୍ୟବସ୍ଥାରେ ଲାବୋରେଟୋରୀ ପରୀକ୍ଷା ଓ ରେଡିଓଲୋଜିକାଲ ନିରୂପଣର ଗୁରୁତ୍ୱ ଉପରେ ମଧ୍ୟ ସେ ମତ ରଖିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଡିଏମଇଟି ପ୍ରଫେସର ଡା. ଦୁର୍ଗା ମାଧବ ଶତପଥୀ, ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲର ଡିନ୍ ପ୍ରଫେସର ଡ. ହରିକ୍ରିଷ୍ଣା ଦଳେଇ, ପଥୋଲୋଜି ବିଭାଗର ପ୍ରଫେସର ଡ. ଅନିତା ଚୌଧୁରୀ, ରେଡିଓଲୋଜି ବିଭାଗର ପୂର୍ବତନ




ମୁଖ୍ୟ ପ୍ରଫେସର ଡା. ଏମ୍‌ଭିକେ ରାଓ ଏବଂ ଡା. ଲିପିକା ବେହେରା ଉପସ୍ଥିତ ଥିଲେ। ଉତ୍ସବରେ ଛାତ୍ରଛାତ୍ରୀଙ୍କ ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଛାତ୍ରସଂସଦର ସଭାପତି ଚନ୍ଦ୍ରଶେଖର ପଢିଆରି, ସମ୍ପାଦକ ସୁନୀଲ କୁମାର ବାରିକ, ପୂର୍ବତନ ସଭାପତି ପରମାନନ୍ଦ ଦଳେଇ ଓ ବିଷ୍ଣୁ ପ୍ରସାଦ ନାୟକଙ୍କ ସମେତ ବହୁ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ‘ମଧୁମାଲତୀ’ରେ ଜ୍ୟୋତିର୍ମୟୀଙ୍କ କଣ୍ଠଦାନ

‘ଇଣ୍ଡିଆନ୍ ଆଇଡଲ ସିଜନ୍-୧୬’ର ବିଜେତା ହେବା ପରେ ଜ୍ୟୋତିର୍ମୟୀଙ୍କୁ ଚାରୁଆଡୁ ଶୁଭେଚ୍ଛାର ସୁଅ ଛୁଟିଛି । ଏହାସହ ବିଜେତା ହେବା ପରେ ତାଙ୍କୁ ନୂଆ ଓଡ଼ିଆ ସିନେମାରେ କଣ୍ଠଦାନ କରିବାର ସୁଯୋଗ ମିଳିଛି । ନୂଆ ଓଡ଼ିଆ ସିନେମା ‘ମଧୁମାଲତୀ’ ସିନେମାରେ ଜ୍ୟୋତିର୍ମୟୀ ଗୀତ ରେକର୍ଡିଂ କରିଛନ୍ତି । ଓଲିଉଡ୍‌ର ବିଶିଷ୍ଟ ସଂଗୀତ ନିର୍ଦ୍ଦେଶକ ବୈଦ୍ୟନାଥ ଦାସ ଏ ସମ୍ପର୍କରେ ନିଜର ସାମାଜିକ ଗଣମାଧ୍ୟମରେ ଜଣାଇଛନ୍ତି । କେବଳ ସେତିକି ନୁହେଁ, ଜ୍ୟୋତିର୍ମୟୀଙ୍କ ସହ ସେ ନିଜର ଫଟୋ ରେକର୍ଡିଂ ଷ୍ଟୁଡିଓରୁ ହିଁ ସେୟାର୍ କରିଛନ୍ତି । ଏହିକଥା ସାମ୍ନାକୁ ଆସିବା ପରେ ଉଭୟ ସିନେମା ଓ ଜ୍ୟୋତିର୍ମୟୀଙ୍କ ଗୀତକୁ ନେଇ ଲୋକେ ଉତ୍ସାହିତ ଅଛନ୍ତି । ■





# ଭିନ୍ନ ଭୂମିକାରେ ଉଷସୀ


ମୁକ୍ତିଲାଭ ଅପେକ୍ଷାରେ ଥିବା ନୂଆ ଓଡ଼ିଆ ସିନେମା ‘ଦଣ୍ଡକାଳୀ’ରେ ନଜର ଆସିବେ ଉଷସୀ ମିଶ୍ର । ଏଥିରେ ସେ ଏକ ଗୁରୁତ୍ୱପୂର୍ଣ୍ଣ ତଥା ଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି । ସିନେମାଟି ଗଞ୍ଜାମ ପ୍ରସିଦ୍ଧ ମା’ ଦଣ୍ଡକାଳୀଙ୍କ ଦଣ୍ଡଯାତ୍ରା ଉପରେ ଆଧାରିତ । ରାଜଶ୍ରୀ ସିନେ କ୍ରାଫ୍ଟ ବ୍ୟାନର୍‌ରେ ପ୍ରସ୍ତୁତ ଏହି ସିନେମାର ପ୍ରଯୋଜନାରେ ଅଛନ୍ତି ରାଜଶ୍ରୀ ଘୋଷ । ସୁଧାଂଶୁ ମୋହନ ସାହୁଙ୍କ ନିର୍ଦ୍ଦେଶିତ ଏହି ସିନେମାର କାହାଣୀ ରଚନା କରିଛନ୍ତି ଅଭିସିକ୍ତ ମିଶ୍ର । ସଂଳାପ ଓ ଚିତ୍ରନାଟ୍ୟରେ ଦିଲ୍ଲୀପ ଚୌଧୁରୀ ଥିବା ବେଳେ ସଂଗୀତରେ ଅଛନ୍ତି ପ୍ରେମ ଆନନ୍ଦ । ସିନେମାର ଗୀତ ରଚନା କରିଛନ୍ତି ବାପୁ ଗୋସ୍ୱାମୀ ଏବଂ ନିର୍ମଳ ନାୟକ । ଏଥିରେ ନୃତ୍ୟ ନିର୍ଦ୍ଦେଶନା ଦେଇଛନ୍ତି ଅମିତ ନାୟକ ଓ ଦିବ୍ୟା ସାମଲ । ତେବେ ସିନେମାର ବିଭିନ୍ନ ଚରିତ୍ରରେ ନଜର ଆସିବେ ମହାଶ୍ୱେତା, ସିଦ୍ଧାନ୍ତ, ସୂର୍ଯ୍ୟମୟୀ, ଚିତ୍ରସେନ ଘୋଷ, ତୃପ୍ତି ମୀରାମ୍ବିକା, କ୍ରିଷ୍ଣା କର, ଏଲି ପାଢ଼ି, ଚୌଧୁରୀ ଜୟପ୍ରକାଶ, ପ୍ରୀତି ରଂଜନ ପ୍ରଧାନ, ମଧୁସୂଦନ ମିଶ୍ର, ଶ୍ରୀଧର ମହାନ୍ତ, ଅମର ମହାପାତ୍ର, ନିହାର ସାମଲ, ରଜନୀ ପ୍ରମୁଖ । ତେବେ ସିନେମାଟି ଗଣେଶ ପୂଜାରେ ପ୍ରେକ୍ଷାଳୟକୁ ଆସିବା କୁହାଯାଉଛି । ■



# ରସେଲ-ପ୍ରିୟଙ୍କା ଏକାଠି



ଦେଶୀଗର୍ଲ ପ୍ରିୟଙ୍କାଙ୍କୁ ଆଗାମୀ ଦିନରେ ‘ବ୍ଲୁଫ୍ଲାଏ’ ହଲିଉଡ୍ ସିନେମାରେ ଦେଖିବାକୁ ମିଳିବ । ଏହା ଏକ ସାଇନ୍ସ-ଫିକସନ୍ ଆକ୍ସନ ଥ୍ରିଲର ସିନେମା । ଏହି ସିନେମାର ନିର୍ଦ୍ଦେଶକ ହଲିଉଡ୍‌ର ଚର୍ଚ୍ଚିତ ନିର୍ଦ୍ଦେଶକ ନିମରୋଡ ଆଂଟଲ । ଏହି ବର୍ଷ ଶେଷ ସୁଦ୍ଧା ସିନେମାର ସୁଟିଂ ଅଷ୍ଟ୍ରେଲିଆରେ କରାଯିବ । ତେବେ ଏହି ସିନେମାର କାହାଣୀ ହେଉଛି କାଙ୍ଗୋରେ ରହୁଥିବା ଜଣେ ୟୁଏନ୍ ଅନୁବାଦକଙ୍କର । ତାଙ୍କୁ ଏକ ଗୋପନୀୟ ମିଶନରେ ପ୍ରେରଣ କରାଯାଉଛି । ଏଠାରେ ତାଙ୍କୁ ଏକ ଦୁର୍ଘଟଣାଗ୍ରସ୍ତ ବିମାନକୁ ଖୋଜିବାରେ ଦାୟିତ୍ୱ ପ୍ରଦାନ କରାଯାଇଛି । ଏହି ମିଶନ ଆଗକୁ ବଢ଼ିବା ସହିତ ତାଙ୍କୁ ଅନେକ ସମସ୍ୟାର ସାମ୍ନା କରିବାକୁ ପଡୁଛି । ତା’ସହ କାହାଣୀ ରୋମାଞ୍ଚକ ମୋଡ଼ ନେଉଛି । ଅନ୍ୟପଟେ ଏହି ସିନେମା ମାଧ୍ୟମରେ ପ୍ରିୟଙ୍କା ହଲିଉଡ୍ ଷ୍ଟାର୍ ରସେଲ କ୍ରୋଙ୍କ ସହିତ କାମ କରିବେ । ଦୁହିଁଙ୍କ ଯୋଡ଼ିକୁ ନେଇ ପ୍ରଶଂସକ ଖୁବ୍ ଉତ୍ସାହିତ ଅଛନ୍ତି । ■



# ୨୪ ଘଣ୍ଟା ସୁଟିଂ କଲେ ଅମିତାଭ

୮୩ ବର୍ଷ ବୟସରେ ବଲିଉଡ ମହାନାୟକ ଅମିତାଭ ବଚ୍ଚନଙ୍କ କାମ ପ୍ରତି ଥିବା ଦୃଢ଼ ଇଚ୍ଛାଶକ୍ତି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ନିକଟରେ ‘କୌନ ବନେଗା କରୋଡ଼ ପତି ସିଜନ ୧୮’ର ପ୍ରିମିୟର ପୂର୍ବରୁ ବିଗ୍ ବି ଲଗାତାର ୨୪ ଘଣ୍ଟା ନନ୍ ଷ୍ଟପ୍ ସୁଟିଂ କରିଛନ୍ତି । ସେ ଏକଥା ନିଜ ବ୍ଲଗ୍‌ରେ ଜଣାଇଛନ୍ତି । ଏହାସହ ପରିହାସ ପୂର୍ବକ ଏଭଳି ନ କରିଥିଲେ ଚାକିରି ଯିବାର ଭୟ ଥିଲା ବୋଲି କହିଛନ୍ତି । ସେ ପ୍ରଥମ ଦିନ ସକାଳ ୭ଟାରୁ ତା’ପର ଦିନ ସକାଳ ୭ଟା ପର୍ଯ୍ୟନ୍ତ ଲଗାତାର ସୁଟିଂ କରିଛନ୍ତି । ଏହାବାଦ୍ ଏହି କାମ ଖୁବ୍ ଜରୁରି ଥିବା ସେ କହିଛନ୍ତି । ତେଣୁ କୌଣସି ପ୍ରକାରେ ଏହାକୁ ଘୁଞ୍ଚାଇବା ସମ୍ଭବପର ନ ଥିଲା । କାମ ଶେଷ ହେବା ପରେ ତାଙ୍କୁ ସବୁଠୁ ଅଧିକ ଖୁସି ନିଜର ନିତିଦିନର ବ୍ଲଗ୍ ଓ ପ୍ରଶଂସକଙ୍କ ସହ ଯୋଡ଼ି ହେବାରେ ଲାଗେ । ୮୩ ବର୍ଷ ବୟସରେ ବିଗ୍ ବିଙ୍କ ସିଡ୍ୟୁଲ ଅତ୍ୟନ୍ତ ବ୍ୟସ୍ତତାପୂର୍ଣ୍ଣ ବୋଲି ଏହି ଘଟଣା ସୂଚାଇଛି । ଅଗଷ୍ଟ ୧୦ରୁ ‘କୌନ ବନେଗା କରୋଡ଼ ପତି ସିଜନ ୧୮’ ଆରମ୍ଭ ହେବ । ୨୦୦୦ ମସିହାରୁ ଶୋ’ ଆରମ୍ଭ ହେବାରୁ ଅମିତାଭ ଏହାର ହୋଷ୍ଟ କରି ଆସୁଛନ୍ତି । ଅବଶ୍ୟ ତୃତୀୟ ସିଜନ୍‌ରେ ତାଙ୍କ ସ୍ଥାନରେ ଶାହରୁଖ ନଜର ଆସିଥିଲେ । ବୟସ ଓ ସ୍ୱାସ୍ଥ୍ୟ ସମସ୍ୟା ସତ୍ତ୍ୱେ ନିଜ କାମ ପ୍ରତି କେବେ ଅଣଦେଖା କରୁ ନ ଥିବା ଏହି ସୁଟିଂ ମାଧ୍ୟମରେ ସେ ବୁଝାଇ ଦେଇଛନ୍ତି । ■

ସାକ୍ଷାତକାର

# ‘ମ୍ୟୁଜିକ୍ ଭିଡିଓ ମୋତେ ଅଧିକ ଲୋକପ୍ରିୟତା ଦେଇଛି’



ସୋନାଲିସା ନାୟକ, ଅଭିନେତ୍ରୀ

ଓଡ଼ିଆ ଚଳଚ୍ଚିତ୍ର ଜଗତର ଲୋକପ୍ରିୟ ଅଭିନେତା ବାବୁସାନଙ୍କର ସେ ଜଣେ ବଡ଼ ପ୍ରଶଂସକ । ତାଙ୍କ ପରି ସେ ନିଜକୁ ପରଦାରେ ଦେଖିବାକୁ ଚାହିଁଥିଲେ । ‘ରଜ ସୁନ୍ଦରୀ’ରେ ଭାଗ ନେଇ ‘ଫୁଲେଇ’ ନାଁରେ ସେ ଭାଇରାଲ୍ ହୋଇଥିଲେ । ଏକାଧିକ ରିଆଲିଟି ଶୋ, ମ୍ୟୁଜିକ୍ ଭିଡିଓ, ବିଜ୍ଞାପନ ଏବଂ ଧାରାବାହିକରେ ଶିଶୁ କଳାକାର ଭାବେ ସେ କାମ କରିସାରିଛନ୍ତି । ବଡ଼ ପରଦାରେ ମଧ୍ୟ ଚମତ୍କାର ଅଭିନୟ କରି ଦର୍ଶକଙ୍କ ହୃଦୟ ଜିଣିଥିବା ଏହି ଅଭିନେତ୍ରୀ ଜଣକ ହେଉଛନ୍ତି ବାଲେଶ୍ୱରର ସୋନାଲିସା ନାୟକ । ବର୍ତ୍ତମାନ ସେ ଭୁବନେଶ୍ୱରରେ ରହୁଛନ୍ତି । ‘ପାଦେ ଆକାଶ’ ସିନେମାରେ ସେ ଚମତ୍କାର ଅଭିନୟ କରିଥିଲେ । ରଙ୍ଗିନ ଦୁନିଆରେ ସୋନାଲିସାଙ୍କ ଯାତ୍ରା କିପରି ଥିଲା ଜାଣିବା ତାଙ୍କ ମୁହଁରୁ ।

**ଅଭିନେତ୍ରୀ ହେବାକୁ କାହିଁକି ମନ ବଳାଇଥିଲେ?**

- ପିଲାଦିନେ ମୁଁ ବାବୁସାନ ମହାନ୍ତିଙ୍କ ପ୍ରତ୍ୟେକଟି ସିନେମାକୁ ଦେଖେ । ସେ ମୋର ପ୍ରେରଣା । ତାଙ୍କ ଅଭିନୟ ଦେଖି ଦେଖି ମୋତେ ବି ଅଭିନେତ୍ରୀ ହେବାକୁ ଇଚ୍ଛା ହୋଇଥିଲା । ‘ଝିଅ ଆମର ନୂଆବୋହୂ’, ‘ନୂଆବୋହୂ’, ‘ରାନୀ’ ଆଦି ଧାରାବାହିକରେ ମୁଁ ଶିଶୁ କଳାକାର ଭାବେ କାମ କରିଛି । ଏହାପରେ ମୁଁ ‘ରଜସୁନ୍ଦରୀ’, ‘ଶ୍ରେଷ୍ଠ ଓଡ଼ିଆଣୀ’ ଆଦି ଏକାଧିକ ରିଆଲିଟି ଶୋ’ରେ ଭାଗ ନେଇ ଦର୍ଶକଙ୍କ ଭଲପାଇବା ପାଇଛି । ‘ଶ୍ରୀ’ ମୋର ପ୍ରଥମ ଧାରାବାହିକ । ‘କନ୍ୟାଦାନ’ ଧାରାବାହିକରେ ଅଭିନୟ କରିବାକୁ ସୁଯୋଗ ପାଇଛି । ସେହିପରି ୨୦ରୁ ଊର୍ଦ୍ଧ୍ୱ ମ୍ୟୁଜିକ୍ ଭିଡିଓରେ କାମ କରିଥିଲେ ହେଁ, ତନ୍ମଧ୍ୟରୁ ‘ଝିଅ ବୋଲି ଭାଉ ଖାଉଛୁ’, ‘ ଚାହେଁ ତୋ ଖୁସି’, ‘ତେରେ ପାସ୍ ଆନେ କେ ବଜା ହେଁ’, ‘ଷୋଳ ବୟସୀ’ ଆଦି ମ୍ୟୁଜିକ୍ ଭିଡିଓ ହିଟ୍ ହୋଇଛି । ଅଭିନେତ୍ରୀ ଅର୍ଚ୍ଚିତା ଦିଦିଙ୍କ ସହ ‘ପାଦେ ଆକାଶ’ ସିନେମାରେ ମୁଁ ତାଙ୍କ ଭଉଣୀ ଚରିତ୍ରରେ ଅଭିନୟ କରିଛି ।

**ଅଭିନୟ କରିବାକୁ ବିଧିବଦ୍ଧ ଭାବେ ତାଲିମ ନେଇଥିଲେ?**

- ନାଁ । ‘ରଜ ସୁନ୍ଦରୀ’ ପ୍ଲାଟଫର୍ମରୁ ମୁଁ ଫୁଲେଇ ନାଁରେ ବେଶ୍ ଭାଇରାଲ ହୋଇଥିଲି । ସେତେବେଳେ ମୋର ପ୍ରଶଂସକଙ୍କ ସଂଖ୍ୟା ବହୁତ ଅଧିକ ବଢ଼ିଯାଇଥିଲା । ଦର୍ଶକଙ୍କ ଭଲପାଇବା ମୋତେ ଭଲ ଅଭିନୟ କରିବାକୁ ସୁଯୋଗ ଦେଇଥିଲା । ତା’ ସହିତ ନିର୍ଦ୍ଦେଶକ ଏବଂ ବରିଷ୍ଠ କଳାକାରଙ୍କ ପାଖେ ବସି କେମିତି ଭଲ ଅଭିନୟ କରିବି ସେକଥା ଗ୍ରହଣ କରେ । ଅଭିନୟକୁ ଜୀବନ୍ତ କରିବାକୁ ଘରେ ଦର୍ପଣ ସାମ୍ନାରେ ବି ଅଭ୍ୟାସ କରେ ।

**ଆପଣଙ୍କ ପ୍ରଥମ ପାରିଶ୍ରମିକ ?**

- ପ୍ରଥମ ପାରିଶ୍ରମିକ ଭାବେ ମୋତେ ଶହେ ଟଙ୍କା ମିଳିଥିଲା ।

**ଆପଣଙ୍କୁ କେଉଁ ପ୍ଲାଟଫର୍ମ ଅଧିକ ଲୋକପ୍ରିୟତା ଦେଇଛି?**

- ଧାରାବାହିକ, ସିନେମା ସବୁଠି ଦର୍ଶକଙ୍କ ଭଲପାଇବା ମିଳିଥିଲେ ମଧ୍ୟ ମ୍ୟୁଜିକ୍ ଭିଡିଓରୁ ମୋତେ ଅଧିକ ଲୋକପ୍ରିୟତା ମିଳିଛି ।

**ପାଠପଢ଼ା ସହିତ ଅଭିନୟ ପାଇଁ କେମିତି ସମୟ ଦିଅନ୍ତି?**

- ବର୍ତ୍ତମାନ ମୁଁ ଯୁକ୍ତ ତିନି (ଏଆଇ କୋର୍ସ)ରେ ପଢୁଛି । ଆଗକୁ ପି.ଜି. କରିବି । ତେବେ ଧାରାବାହିକରେ ସାରା ଦିନ ସମୟ ଦେବାକୁ ପଡୁଥିବାରୁ ମୁଁ ମୋ ପଢ଼ା ପାଇଁ ସମୟ ଦେଇ ପାରିନଥିଲି । ମୋତେ ବହୁତ ସମସ୍ୟା ହୋଇଥିଲା । ଗୋଟିଏ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା ବି ଦେଇ ପାରିନଥିଲି । ସେଥିପାଇଁ ଏବେ ଧାରବାହିକ ବଦଳରେ ଆଡସୁଟ୍, ପ୍ରମୋସନାଲ ସୁଟ୍, ଟେଲି ଫିଲ୍ମ ଏବଂ ସିନେମାକୁ ଅଧିକ ଗୁରୁତ୍ୱ ଦେଉଛି । ତେବେ ଭବିଷ୍ୟତରେ ଅଭିନୟ ଜାରି ରଖିବା ସହ ଭଲ ଚାକିରି କରିବା ମୋର ଲକ୍ଷ୍ୟ ।

**ଡ୍ରିମ୍ ରୋଲ୍?**

- ମୋତେ ଯାହାବି ଚରିତ୍ର ମିଳିବ ତାହାକୁ ଜୀବନ୍ତ କରିବା ସହିତ ଏହାକୁ ଦର୍ଶକ ଯେପରି ଗ୍ରହଣ କରିବେ ସେନେଇ ଆପ୍ରାଣେ ଚେଷ୍ଟା କରିବି ।

**ଅଭିନୟ ଜଗତରେ ଆଗକୁ ବଢ଼ିବାକୁ କ’ଣ କରିବା ଦରକାର?**

- ଅଭିନୟ ଜଗତରେ କାମ କରିଲେ ପ୍ରତିଦିନ ନୂଆ ନୂଆ କଥା ଶିଖିବାକୁ ମିଳେ । ତେଣୁ ଶିଖିବା ମନୋବୃତ୍ତି ନେଇ ବରିଷ୍ଠ କଳାକାରଙ୍କ ପାଖରୁ କାମ ଶିଖିବା ଆବଶ୍ୟକ । ଏହା ସହ ଚରିତ୍ରକୁ ଗୁରୁତ୍ୱ ଦେବା ସହିତ ନିଜ କାମ ଭାବି ଅଭିନୟ କରିଲେ, କାମ ଭଲ ହୁଏ । ଏଥିପାଇଁ ମାନସିକ ଭାବେ ପ୍ରସ୍ତୁତି ରହିବା ଦରକାର । ବରିଷ୍ଠ କଳାକାରଙ୍କ ମାର୍ଗଦର୍ଶନ ଯେତେ ମିଳିଲେ ବି ନିଜକୁ ଆଗକୁ ବଢ଼ାଇବାକୁ ପ୍ରୟାସ କରିବା ଆବଶ୍ୟକ । ■

ପରଦା ପଛର କାହାଣୀ

# ରୋମାଣ୍ଟିକ୍ ଦୃଶ୍ୟ ସୁଟିଂ ପାଇଁ ଚିନ୍ତିତ ଅଭିନେତ୍ରୀ



ଡ୍ରିମଗର୍ଲ ହେମାମାଳିନୀ ୧୯୬୮ ମସିହାରେ ଫିଲ୍ମ ‘ସପନୌ କା ସୌଦାଗର’ ମାଧ୍ୟମରେ ହିନ୍ଦୀ ସିନେମାରେ ଡେବ୍ୟୁ କରିଥିଲେ । ନିକଟରେ ଦେଇଥିବା ଏକ ସାକ୍ଷାତକାରରେ ଏହି ଫିଲ୍ମ ସହ ଜଡ଼ିତ ଏକ ରୋଚକୀୟ କଥା ପ୍ରକାଶ କରିଛନ୍ତି । ଏହି ଫିଲ୍ମରେ ରାଜ୍ କପୁରଙ୍କ ସହ ହେମାମାଳିନୀ ଅଭିନୟ କରିଛନ୍ତି । ତାଙ୍କଠାରୁ ୨୦ ବର୍ଷ ବଡ଼ ଅଭିନେତା ରାଜ୍ କପୁର୍‌ଙ୍କ ସହ ରୋମାଣ୍ଟିକ୍ ଦୃଶ୍ୟ ସୁଟିଂ କରିବା ହେମାଙ୍କୁ ବେଶ୍ ଅସହଜ ଲାଗିଥିଲା । ହେମମାଳିନୀଙ୍କ ପାଇଁ ସେ ମୁହୂର୍ତ୍ତ ଖୁବ୍ କଷ୍ଟକର ଥିଲା । ସେତେବେଳେ ରାଜ୍‌ଙ୍କୁ ୪୦ ବର୍ଷ ଓ ହେମା ପ୍ରାୟ ୨୦ ବର୍ଷ ବୟସ ହୋଇଥିଲା । ତେଣୁ ସେ ଫିଲ୍ମକୁ ନେଇ ଆରମ୍ଭରୁ ହିଁ ଖୁବ୍ ନର୍ଭସ ଥିଲେ । ହେଲେ ପରବର୍ତ୍ତୀ ସମୟରେ ନିର୍ଦ୍ଦେଶକ ମହେଶ କୌଲଙ୍କ ସହାୟତାରେ ସେ ଏହି ରୋମାଣ୍ଟିକ୍ ଦୃଶ୍ୟର ସୁଟିଂ କରିପାରିଥିଲେ । ଗ୍ରେଟେଷ୍ଟ ସୌମାନ ବିପକ୍ଷରେ ତାଙ୍କୁ କାଷ୍ଟ କରିବା ଖୁବ୍ ଅଜବ ଥିଲା । ତେବେ ଏ ସଂପର୍କରେ ସେତେବେଳେ ସେ କାହାକୁ ପ୍ରଶ୍ନ କରିପାରିବା ସ୍ଥିତିରେ ନ ଥିଲେ । ତେବେ ଏହି ଫିଲ୍ମରେ ପ୍ରଥମେ ମୁମ୍‌ତାଜ୍‌ଙ୍କୁ ନିଆ ଯାଇଥିଲା । ହେଲେ ପରବର୍ତ୍ତୀ ସମୟରେ ଏଥିରେ ହେମା ଅଭିନୟ କରିଥିଲେ । ତାଙ୍କ ବ୍ୟତୀତ ସଞ୍ଜୟ କୁମାର, ଧର୍ମେନ୍ଦ୍ର ପ୍ରମୁଖ ମଧ୍ୟ ଅଭିନୟ କରିଥିଲେ । ହେମାଙ୍କ କହିବାନୁଯାୟୀ ସେ ଏକ ରଢ଼ିବାଦୀ ପରିବାରରୁ ଆସିଥିବାରୁ ତାଙ୍କୁ ଫିଲ୍ମରେ ରାଜ୍ କପୁରଙ୍କ ସହ ରୋମାଣ୍ଟିକ୍ ଦୃଶ୍ୟ ସୁଟିଂ କରିବା ଖୁବ୍ କଠିନ ଲାଗିଥିଲା । ଅବଶ୍ୟ ବକ୍ସ ଅଫିସ୍‌ରେ ଏହି ଫିଲ୍ମ ଫ୍ଲପ୍ ସାବ୍ୟସ୍ତ ହୋଇଥିଲା । ■

■ ଅଷ୍ଟ୍ରେଲିଆ ଏକାଦଶ ବିପକ୍ଷ ଅଭ୍ୟାସ ମ୍ୟାଚ

# ୫୪ ରନରେ ଅଲ୍‌ଆଉଟ୍ ହେଲା ବାଂଲାଦେଶ

ଡାର୍‌ୱିନ, ୮।୮ (ଏଜେନ୍ସି): ବାଂଲାଦେଶ ବିପକ୍ଷରେ ଚାଲିଥିବା ୩ ଦିନିଆ ଅଭ୍ୟାସ ମ୍ୟାଚକୁ ଘରୋଇ କ୍ରିକେଟ୍ ଅଷ୍ଟ୍ରେଲିଆ ଏକାଦଶ ଏକ ପାଳି ଓ ୩୮ ରନରେ ବିଜୟୀ ହୋଇଛି। ଏହି ଅଭ୍ୟାସ ମ୍ୟାଚରେ ବାଂଲାଦେଶର ପ୍ରଥମ ପାଳି ସ୍କୋର ୨୬୩ ରନ ଜବାବରେ କ୍ରିକେଟ୍ ଅଷ୍ଟ୍ରେଲିଆ ଏକାଦଶ ୩୫୫ ରନ କରିଥିଲା। ଫଳରେ ୯୨ ରନ ପଛରେ ଥାଇ ଦ୍ୱିତୀୟ ପାଳି ଆରମ୍ଭ କରିଥିବା ଭ୍ରମଣକାରୀ ବାଂଲାଦେଶ ଶନିବାର ତୃତୀୟ ଦିବସରେ ମାତ୍ର ୫୪ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଓପନର୍ ତାନଜିଦ ହାସନ ତମିମ ସର୍ବାଧିକ ୨୨ ରନ କରିଥିଲେ। ଅନ୍ୟ ୧୦ଜଣ ଯାକ ବ୍ୟାଟର ଦୁଇଅଙ୍କ ଛୁଇଁପାରି ନ ଥିଲେ। ଘରୋଇ ଦଳ ପକ୍ଷରୁ ବାମହାତୀ ଦ୍ରୁତ ବୋଲର କ୍ୟାମ୍ପବେଲ୍ ଥମ୍ପସନ ୮ଟି ୱିକେଟ ନେଇ ବାଂଲାଦେଶର ସର୍ବାଧିକ କ୍ଷତି ଘଟାଇଥିଲେ। ଅଗଷ୍ଟ ୧୩ ତାରିଖରୁ ଅଷ୍ଟ୍ରେଲିଆ ଓ ବାଂଲାଦେଶ ମଧ୍ୟରେ ଦୁଇ ମ୍ୟାଚବିଶିଷ୍ଟ ଟେଷ୍ଟ ସିରିଜ ଏଠାରେ ଆରମ୍ଭ ହେବ।

# ମେସିଙ୍କ ପିତୃ ବିୟୋଗ



ନୂଆଦିଲ୍ଲୀ,୮।୮ (ଏଜେନ୍ସି): ଆର୍ଜେଣ୍ଟିନାର କିଂବଦନ୍ତୀ ଫୁଟବଲ ଖେଳାଳି ଲିଓନେଲ ମେସିଙ୍କ ପିତା ଜୋର୍ଜ ମେସିଙ୍କର ଶନିବାର ବିୟୋଗ ହୋଇଛି। ମୃତ୍ୟୁବେଳକୁ ତାଙ୍କୁ ୬୮ ବର୍ଷ ହୋଇଥିଲା ଓ ସେ ଗତ କିଛି ଦିନ ଧରି ଅସୁସ୍ଥ ଥିଲେ। ଏପରିକି ଗତ ବିଶ୍ୱକପ୍ ବେଳେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇ ପଡ଼ିଥିଲା। ଯେ କୌଣସି ସମୟରେ ସେ ମୃତ୍ୟୁବରଣ କରିବେ ବୋଲି ଜଣାପଡ଼ିବା ପରେ ତାଙ୍କ ପରିବାର ଆଉ ଖବର ଦେଇ ନ ଥିଲେ। ମେସିଙ୍କ ଧ୍ୟାନ କେବଳ ଫୁଟବଲ ଖେଳ ଉପରେ ନିବଦ୍ଧ ରଖିବା ଲାଗି ପରିବାର ପକ୍ଷରୁ ଏହାକୁ ସର୍ବସାଧାରଣଙ୍କଠାରୁ ଲୁଚାଇ ରଖାଯାଇଥିଲା। ଲିଓନେଲ ଖେଳ ଆରମ୍ଭ କରିବା ପରଠାରୁ ପିତା ଜୋର୍ଜ ତାଙ୍କ ଖେଳ ଜୀବନ ଓ ରାଜିନାମା ସମ୍ପର୍କରେ ସବୁକିଛି ବୁଝୁଥିଲେ।

# ରସିଦ୍‌ଙ୍କୁ ଦିନିକିଆରେ ୩ୟ ଥର ୬ଟି ୱିକେଟ ସଫଳତା

ଡବ୍‌ଲିନ୍,୮।୮ (ସମିସ): ଆଫଗାନିସ୍ତାନର ଲେଗ୍ ସ୍ପିନର ରସିଦ୍ ଖାନ୍ ପ୍ରଥମ ବୋଲର ଭାବେ ଦିନିକିଆ କ୍ରିକେଟ ଫର୍ମାଟର ୩ଥର ୬ଟି କିମ୍ବା ଊର୍ଦ୍ଧ୍ୱ ସଫଳତା ପାଇଛନ୍ତି।



ଏଠାରେ ଆଜି ଆୟର୍ଲାଣ୍ଡ ସହ ଅନୁଷ୍ଠିତ ଦ୍ୱିତୀୟ ଦିନିକିଆ ମ୍ୟାଚ୍‌ରେ ରସିଦ୍ ଖାନ୍ ୭.୪ ଓଭର ବୋଲିଂ ୩୪ ରନ୍ ବିନିମୟରେ ୬ଟି ୱିକେଟ ଅକ୍ତିଆର କରିଥିଲେ। ଫଳରେ ବର୍ଷା ବାଧାପ୍ରାପ୍ତ ୪୭ ଓଭରବିଶିଷ୍ଟ ଏହି ମ୍ୟାଚରେ ଆଫଗାନିସ୍ତାନ ୯୨ ରନରେ ଆୟର୍ଲାଣ୍ଡକୁ ହରାଇଦେଇଛି। ପୂର୍ବରୁ ସିରିଜର ପ୍ରଥମ ମ୍ୟାଚ୍ ବର୍ଷା ଲାଗି ବାତିଲ ହୋଇଥିଲା। ସୋମବାର ତୃତୀୟ ଦିନିକିଆ ବେଲଫାଷ୍ଟରେ ଖେଳାଯିବ। ରଶିଦ ଖାନ ଏଥିପୂର୍ବରୁ ୨୦୧୭ରେ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ୧୮ ରନ୍‌ରେ ୭ଟି ଓ ଆୟର୍ଲାଣ୍ଡ ବିପକ୍ଷରେ ୪୩ ରନ୍‌ରେ ୬ଟି ୱିକେଟ ନେଇଥିଲେ।

# ଟେଷ୍ଟ ସିରିଜ୍‌ରୁ ସୁଦର୍ଶନ ବାଦ୍

କଲମ୍ବୋ,୮।୮ (ଏଜେନ୍ସି): ଟପ୍ ଅର୍ଡରର ବ୍ୟାଟର ସାଇ ସୁଦର୍ଶନ ଅଗଷ୍ଟ ୧୫ରୁ ଶ୍ରୀଲଙ୍କା ସହ ଆରମ୍ଭ ହେବାକୁ ଥିବା ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରୁ ବାଦ୍ ପଡ଼ିଛନ୍ତି। ଆହତ ହୋଇ ବେଙ୍ଗାଲୁରୁସ୍ଥିତ ସେଂଟର ଅଫ୍ ଏକ୍ସିଲେନ୍ସରେ ଚିକିତ୍ସିତ ହେଉଥିଲେ ମଧ୍ୟ ତାଙ୍କୁ ଟେଷ୍ଟ ସିରିଜ୍ ଲାଗି ଭାରତୀୟ ଦଳରେ ସାମିଲ କରାଯାଇଥିଲା। ସେ କିନ୍ତୁ ଶ୍ରୀଲଙ୍କା ନ ଯାଇ ବେଙ୍ଗାଲୁରୁରେ ଚିକିତ୍ସିତ ହେଉଥିଲେ। ତାଙ୍କୁ ପୂରା ଫିଟ୍ ହେବାକୁ ଆଉ କିଛି ଦିନ ଲାଗିବ ବୋଲି ବିସିସିଆଇ ମେଡିକାଲ ଟିମ୍ କହିବା ପରେ ଟେଷ୍ଟ ସିରିଜ୍‌ରୁ ବାଦ୍ ଦିଆଯାଇଛି। ଦଳରେ ମନୋନୀତ ହୋଇ ଆହତ ସମସ୍ୟାରୁ ମୁକୁଳି ନ ପାରି ଦଳରୁ ବାଦ୍ ପଡ଼ିବାରେ ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍‌ରାଙ୍କ ପରେ ସାଇ ହେଉଛନ୍ତି ଦ୍ୱିତୀୟ ଖେଳାଳି। ସେହିପରି ଅଭ୍ୟାସବେଳେ ଡାହାଣ ହାତ ଆଙ୍ଗୁଠିରେ ଆଘାତ ଲାଗିଥିବାରୁ ଅଧିନାୟକ ଶୁବମନ ଗିଲ୍ ଶ୍ରୀଲଙ୍କା ମିଳିତ ଏକାଦଶ ସହ ଚାଲିଥିବା ଅଭ୍ୟାସ ମ୍ୟାଚ୍‌ରେ ଖେଳି ପାରି ନାହାନ୍ତି।

# ପାକ୍ କ୍ରିକେଟର ହମ୍‌ଜା ବାସନ୍ଦ

ନୂଆଦିଲ୍ଲୀ,୮।୮ (ଏଜେନ୍ସି): ପାକିସ୍ତାନ କ୍ରିକେଟ ବୋର୍ଡ ଏହାର ଜଣେ ଉଦୀୟମାନ କ୍ରିକେଟ ଖେଳାଳି ହମ୍‌ଜା ନାଜରଙ୍କୁ ୨ ବର୍ଷ ଲାଗି ବାସନ୍ଦ କରିଛି। ତାଙ୍କର ଦୋଷ ହେଲା, ସେ ବୋର୍ଡ ମାଧ୍ୟମରେ ଭିସା ଆବେଦନ ପତ୍ରରେ ତ୍ରୁଟି ଦର୍ଶାଇଥିଲେ। ଯାହା ଲାଗି ପାକିସ୍ତାନ କ୍ରିକେଟ ବୋର୍ଡକୁ ଅପଦସ୍ତ ହେବାକୁ ପଡ଼ିଥିଲା। ଫଳରେ ହମ୍‌ଜାଙ୍କୁ ବୋର୍ଡ ୨ ବର୍ଷ ବାସନ୍ଦ କରିବା ସହ ଏକ ନିୟୁତ ଅର୍ଥ ଜରିମାନା କରିଛି। ବାସନ୍ଦ ସମୟରେ ତାଙ୍କୁ କୌଣସି ପ୍ରକାର କ୍ରିକେଟ ଖେଳିବାକୁ ଅନୁମତି ମିଳିବ ନାହିଁ ବୋଲି ବୋର୍ଡ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଭିସା ଆବେଦନ ତ୍ରୁଟିଯୁକ୍ତ ହୋଇ ନ ଥିଲେ ହାମ୍‌ଜା ୱେଷ୍ଟଇଣ୍ଡିଜ୍ ଟୁର୍‌ରେ ଯାଇଥାନ୍ତେ।

**ଜାତୀୟ ଜୁନିଅର ପୁରୁଷ ହକି**

# ମଧ୍ୟପ୍ରଦେଶକୁ ହରାଇ ଓଡ଼ିଶା ଚାମ୍ପିଅନ

ଭୁବନେଶ୍ୱର, ୮।୮ (ସମିସ)




ତାମିଲନାଡୁର କୋଏମ୍ବାଟୁରରେ ଅନୁଷ୍ଠିତ ଜାତୀୟ ଜୁନିଅର ପୁରୁଷ ହକିର ୧୬ତମ ସଂସ୍କରଣରେ ଓଡ଼ିଶା ଚାମ୍ପିଅନ ହୋଇଛି। ଶନିବାର କଡ଼ା ସଂଘର୍ଷପୂର୍ଣ୍ଣ ଫାଇନାଲରେ ଓଡ଼ିଶା ୨-୧ ଗୋଲରେ ମଧ୍ୟପ୍ରଦେଶକୁ ପରାସ୍ତ କରିଥିଲା। ଫଳରେ ଓଡ଼ିଶା ଦଳ ୫ମଥର ଲାଗି ଏହି ସମ୍ମାନଜନକ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ହେବାର ସୌଭାଗ୍ୟ ଲାଭ କରିଛି। ଏଥିପୂର୍ବରୁ ଓଡ଼ିଶା ୨୦୨୩ ସଂସ୍କରଣରେ ଟାଇଟଲ୍ ଜିତିଥିଲା।

ଶନିବାର ଅପରାହ୍ଣରେ ଖେଳାଯାଇଥିବା ଫାଇନାଲ ମ୍ୟାଚର ଦ୍ୱିତୀୟ ମିନିଟରେ ଓଡ଼ିଶା ଗୋଲ୍ ଖାତା ଖୋଲିବାରେ ସଫଳ ହୋଇଥିଲା। ମନଦୀପ୍ କେରକେଟା ଏକ ଚମତ୍କାର ଫିଲ୍ଡ ଗୋଲ୍ ଦେଇ ଓଡ଼ିଶାକୁ ୧-୦ରେ ଅଗ୍ରଣୀ କରାଇଥିଲେ। ଏହି ଅଗ୍ରଣୀକୁ ଓଡ଼ିଶା ଦଳ ପ୍ରଥମାର୍ଦ୍ଧ ସୁଦ୍ଧା ବଳବତ୍ତର ରଖିଥିଲା। ତେବେ ଦ୍ୱିତୀୟାର୍ଦ୍ଧ ତଥା ତୃତୀୟ କ୍ୱାର୍ଟରରେ ମଧ୍ୟପ୍ରଦେଶ ମ୍ୟାଚକୁ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲା। ୩୭ତମ ମିନିଟରେ ପେନାଲ୍ଟି କର୍ଣ୍ଣରକୁ ସଫଳତାର ସହ ଗୋଲ୍‌ରେ ରୂପାନ୍ତରିତ କରି ମଧ୍ୟପ୍ରଦେଶର ସୋହେଲ ଅଲି ମ୍ୟାଚକୁ ୧-୧'ର ବରାବର୍‌ସ୍ତରକୁ ଆଣିଥିଲେ। ତେବେ ମଧ୍ୟପ୍ରଦେଶର ଏହି ଖୁସି ବେଶି ସମୟ ଟିକିପାରି ନ ଥିଲା। ସେହି ତୃତୀୟ କ୍ୱାର୍ଟରର ଅନ୍ତିମ ମିନିଟ୍ (୪୫ତମ)ରେ ଅଧିନାୟକ ଦୀପକ ପ୍ରଧାନ ଓଡ଼ିଶା ପାଇଁ ବିଜୟସୂଚକ ଦ୍ୱିତୀୟ ଗୋଲଟି କରିଥିଲେ। ଏହାପରେ ମ୍ୟାଚର ଅନ୍ତିମ ତଥା ୪ର୍ଥ କ୍ୱାର୍ଟରରେ ମଧ୍ୟପ୍ରଦେଶ ଆପ୍ରାଣ ଉଦ୍ୟମ କରିଥିଲେ ମଧ୍ୟ ବରାବର୍ ସ୍ଥିତିକୁ ଆଣିପାରି ନ ଥିଲା। ଫଳରେ ଓଡ଼ିଶା ଦଳ ୨-୧ ଗୋଲରେ ବିଜୟୀ ହୋଇ ଚାମ୍ପିଅନ ହୋଇଥିଲା।

**ପଞ୍ଜାବକୁ କାଂସ୍ୟ**

ଅପରପକ୍ଷରେ ପଞ୍ଜାବ ଦଳ କାଂସ୍ୟ ପଦକ ହାସଲ କରିଛି। ଶନିବାର ସକାଳେ ତୃତୀୟ /ଚତୁର୍ଥ ସ୍ଥାନ ପାଇଁ ଖେଳାଯାଇଥିବା ମ୍ୟାଚରେ ପଞ୍ଜାବ ୬-୩ ଗୋଲରେ ଝାଡ଼ଖଣ୍ଡକୁ ହରାଇ ପୋଡିୟମ ଫିନିଶ କରିଥିଲା। ପଞ୍ଜାବ ପକ୍ଷରୁ ଅଧିନାୟକ ଜରମନ ସିଂହ ଓ ଚରଣଜିତ୍ ସିଂହ ଦୁଇଟି ଲେଖାଏ ଗୋଲ୍ ଦେଇଥିଲେ।

● ଜାତୀୟ ଜଳକ୍ରୀଡ଼ା ପ୍ରତିଯୋଗିତା

# ସୌରଭଙ୍କୁ ଦ୍ୱିତୀୟ ସ୍ୱର୍ଣ୍ଣ




ଭୁବନେଶ୍ୱର,୮।୮ (ସମିସ): ଓଡ଼ିଶାର ସୌରଭ ପୁଟେଲ ୪୨ତମ ଜାତୀୟ ଉପକନିଷ୍ଠ ଜଳକ୍ରୀଡ଼ା ପ୍ରତିଯୋଗିତାରେ ଦ୍ୱିତୀୟ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି। ରାଜସ୍ଥାନର ଜୟପୁରଠାରେ ଚାଲିଥିବା ଏହି ପ୍ରତିଯୋଗିତାର ଶନିବାର ଅନୁଷ୍ଠିତ ୨୦୦ ମିଟର ବ୍ରେଷ୍ଟ ଷ୍ଟ୍ରୋକ୍‌ରେ ପ୍ରଥମସ୍ଥାନ ଅଧିକାର କରି ଏହି ସଫଳତା ହାସଲ କରିଛନ୍ତି। ପୂର୍ବରୁ ସେ ଗୁରୁବାର ଅନୁଷ୍ଠିତ ୧୦୦ ମିଟର ବ୍ରେଷ୍ଟ ଷ୍ଟ୍ରୋକ୍‌ରେ ମଧ୍ୟ ପ୍ରଥମ ସ୍ଥାନ ଅଧିକାର କରି ପ୍ରଥମ ସ୍ୱର୍ଣ୍ଣପଦକ ବିଜୟୀ ହୋଇଥିଲେ।

# ଜେମିମାଙ୍କ ଏସିଆ କପ୍ ଖେଳିବା ନେଇ ସନ୍ଦେହ

ନୂଆଦିଲ୍ଲୀ,୮।୮ (ଏଜେନ୍ସି): ଭାରତୀୟ ମହିଳା କ୍ରିକେଟ ଦଳର ପ୍ରମୁଖ ଖେଳାଳି ଜେମିମା ରୋଡ୍ରିଗ୍ସେଜ୍‌ଙ୍କର ଏସିଆ କପ୍ ଖେଳିବା ନେଇ ସନ୍ଦେହ ସୃଷ୍ଟି ହୋଇଛି। ଇଂଲଣ୍ଡରେ ଚାଲିଥିବା ଦ ହଣ୍ଡ୍ରେଡ ଖେଳୁଥିବା ବେଳେ ତାଙ୍କ ହାମ୍‌ଷ୍ଟ୍ରିଙ୍ଗ୍ ଆହତ ହୋଇଛି। ଫଳରେ ତାଙ୍କୁ ଏହି ଟୁର୍ଣ୍ଣାମେଣ୍ଟ ଖେଳିବାକୁ ବଞ୍ଚିତ ହେବାକୁ ପଡ଼ିଛି। ଆହତ ସମସ୍ୟା ଗମ୍ଭୀର ହୋଇ ନ ଥିଲେ ମଧ୍ୟ ଚଳିତମାସ ହେବାକୁ ଥିବା ଏସିଆ କପ୍ ମହିଳା ଟି-୨୦ କ୍ରିକେଟରେ ତାଙ୍କର ଅଂଶଗ୍ରହଣ ନେଇ ସନ୍ଦେହ ସୃଷ୍ଟି ହେବା ସ୍ୱାଭାବିକ୍ ବୋଲି କୁହାଯାଉଛି।

# କୋରିଆ ଓପନ ଫାଇନାଲରେ ଅସ୍ମିତା

ନୂଆଦିଲ୍ଲୀ,୮।୮ (ଏଜେନ୍ସି): ଭାରତର ଅସ୍ମିତା କାଲିହା ଏଠାରେ ଚାଲିଥିବା କୋରିଆ ଓପନ ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାର ଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ଶନିବାର ଖେଳାଯାଇଥିବା ସେମିଫାଇନାଲ ମୁକାବିଲାରେ ସେ ନିଜ ଦେଶର ରକ୍ଷିତା ରାମରାଜଙ୍କୁ ୨-୧ ସେଟ୍‌ରେ ହରାଇଥିଲେ। ରବିବାର ଖେଳାଯିବାକୁ ଥିବା ଫାଇନାଲରେ ସେ ଚୀନ୍‌ର ହାନ୍ କ୍ୱିଆନ ଜୀ'ଙ୍କୁ ଭେଟିବେ। ହାନ୍ କ୍ୱିଆନ୍ ଅନ୍ୟ ଏକ ସେମିଫାଇନାଲରେ ଦକ୍ଷିଣ କୋରିଆର କିମ୍ ଗା ରାମ୍‌ଙ୍କୁ ୨-୧ ସେଟ୍‌ରେ ହରାଇ ଫାଇନାଲରେ ପ୍ରବେଶ କରିଥିଲେ। କ୍ୱାର୍ଟର ଫାଇନାଲରେ ବିଶ୍ୱର ନଂ-୨୨ ଖେଳାଳି ତଥା ଏଠାରେ ଟପ୍ ସିଡ୍ ଥିବା ଜାପାନର ହିନା ଆକେଚିଙ୍କୁ ହରାଇ ବିପର୍ଯ୍ୟୟ ସୃଷ୍ଟି କରିଥିବା ଅସ୍ମିତା ସେମିଫାଇନାଲରେ ମଧ୍ୟ ସମାନ ଖେଳ ପ୍ରଦର୍ଶନ କରିଥିଲେ। ପ୍ରଥମ ସେଟ୍ ହାରିବା ପରେ ଅସ୍ମିତା ଶେଷ ଦୁଇଟି ସେଟ୍‌କୁ ସହଜରେ ଜିତି ଫାଇନାଲରେ ପ୍ରବେଶ କରିଥିଲେ।

**ଜାତୀୟ ୧୧ ବର୍ଷରୁ କମ୍ ଚେସ୍**

# ଓଡ଼ିଶାର ସାତ୍ତ୍ୱିକ ରନର୍ସଅପ୍




ଭୁବନେଶ୍ୱର,୮।୮ (ସମିସ): ଓଡ଼ିଶାର ବିସ୍ମୟ ବାଳକ ସାତ୍ତ୍ୱିକ ସ୍ୱାଇଁଙ୍କୁ ଆଉ ଏକ ଜାତୀୟ ସ୍ୱୀକୃତି ମିଳିଛି। କର୍ଣ୍ଣାଟକର ମାଙ୍ଗାଲୋରଠାରେ ଶନିବାର ଶେଷ ହୋଇଥିବା ଜାତୀୟ ୧୧ ବର୍ଷରୁ କମ୍ ଚେସ୍ ପ୍ରତିଯୋଗିତାରେ ସାତ୍ତ୍ୱିକ ରନର୍ସ ଅପ୍ ହୋଇଛନ୍ତି। ୧୧ ରାଉଣ୍ଡ ବିଶିଷ୍ଟ ଏହି ଟୁର୍ଣ୍ଣାମେଣ୍ଟରେ ସେ ୯.୫ ପଏଣ୍ଟ ସଂଗ୍ରହ କରି ଦ୍ୱିତୀୟ ସ୍ଥାନରେ ରହିଥିଲେ। ପଶ୍ଚିମବଙ୍ଗର ଫିଡେ ମାଷ୍ଟର ମଣି ୧୦.୫ପଏଣ୍ଟ ସହ ପ୍ରଥମ ସ୍ଥାନ ଅଧିକାର କରିବା ସହ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ଏହି ସଫଳତା ବଳରେ ଉଭୟ ଖେଳାଳି ବିଶ୍ୱ ଯୁବ ଚେସ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଗତ ଏକମାସ ମଧ୍ୟରେ ସାତ୍ତ୍ୱିକଙ୍କର ଏହା ତୃତୀୟ ଟ୍ରଫି। ନିକଟରେ ରାଜ୍ୟଗୋଷ୍ଠୀ ଚେସ୍‌ରେ ତାଙ୍କୁ ଦୁଇଟି ବିଭାଗରେ ମେଡାଲ ମିଳିଥିଲା। ସାତ୍ତ୍ୱିକଙ୍କ ଏହି ସଫଳତା ଲାଗି କଟକ କିଙ୍ଗ ଚେସ୍ ସେଣ୍ଟରର ପ୍ରତିଷ୍ଠାତା ତଥା ତାଙ୍କ କୋଚ୍ ବିଶ୍ୱଜିତ୍ ରାୟ, ଅଲଓଡ଼ିଶା ଚେସ ସଂଘ ସଭାପତି ସତ୍ୟରଞ୍ଜନ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ଭବେଶ ମହାନ୍ତି ଓ ଅନ୍ୟ କର୍ମକର୍ତ୍ତାମାନେ ଅଭିନନ୍ଦନ ଜଣାଇଛନ୍ତି। ଚନ୍ଦ୍ରଶେଖରପୁର ଡିଏଭି ପବ୍ଲିକ୍ ସ୍କୁଲ୍‌ରେ ପଢୁଥିବା ସାତ୍ତ୍ୱିକ ଭୁବନେଶ୍ୱରର ସୋନମ ଓ ସମ୍ବିତ ସ୍ୱାଇଁଙ୍କ ଜ୍ୟେଷ୍ଠପୁତ୍ର ଅଟନ୍ତି।

# ଅଶୋକ ମହାନ୍ତିଙ୍କ 'କ୍ରୀଡ଼ା ଓ କ୍ରୀଡ଼ାବିତ୍' ପୁସ୍ତକ ଲୋକାର୍ପିତ



ଭୁବନେଶ୍ୱର,୮।୮(ସମିସ): ବିଶିଷ୍ଟ କ୍ରୀଡ଼ା ପ୍ରଶାସକ ତଥା ସମୀକ୍ଷକ ସ୍ୱର୍ଗତ ଅଶୋକ ମହାନ୍ତିଙ୍କ ଦ୍ୱାରା ଲିଖିତ ପୁସ୍ତକ 'କ୍ରୀଡ଼ା ଓ କ୍ରୀଡ଼ାବିତ୍' ଲୋକାର୍ପିତ ହୋଇଛି। ଶନିବାର କଳିଙ୍ଗ ଷ୍ଟାଡିୟମସ୍ଥିତ ଟେନିସ୍ ଅଡିଟୋରିୟମ୍‌ରେ ଆୟୋଜିତ ଏକ ଭବ୍ୟ ଉତ୍ସବରେ ଏହି ପୁସ୍ତକର ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଅଶୋକ ମହାନ୍ତି ସ୍ମୃତି କମିଟି ଏବଂ ଭୁବନେଶ୍ୱର କ୍ରୀଡ଼ା ସଂସଦର ମିଳିତ ସହଯୋଗରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସହ ବରିଷ୍ଠ ରାଜନେତା ସୁରେଶ କୁମାର ରାଉତରାୟ, ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର, ଓଡ଼ିଶା ଅଲିମ୍ପିକ୍ ସଂଘ ସଭାପତି ସମୀର ମହାନ୍ତି, ଭୁବନେଶ୍ୱର କ୍ରୀଡ଼ା ସଂସଦ ସମ୍ପାଦକ ଡ. ସୌର୍ଯ୍ୟରଞ୍ଜନ ପରିଜା, ଓଡ଼ିଶା ଅଲିମ୍ପିକ୍ ସଂଘ ସମ୍ପାଦକ ଅଭିଜିତ୍ ପାଲ, ବରିଷ୍ଠ ରେଳବାଇ ଅଧିକାରୀ ଦିଲ୍ଲୀପ ସାମନ୍ତରାୟ, ପୂର୍ବତନ ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ସଂଗଠକ ଜଗନ୍ନାଥ ପ୍ରଧାନ ଏବଂ ପ୍ରଶାନ୍ତ ନାୟକ ପ୍ରମୁଖ ସାମିଲ ହୋଇଥିଲେ। ଏହି ଅବସରରେ ପୁସ୍ତକର ପ୍ରକାଶିକା ଲିଜାଶ୍ରୀ ବିଶୋୟୀଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ଅଶୋକ ମହାନ୍ତିଙ୍କ ଝିଅ ଅମୃତା ମହାନ୍ତି ଓ ଜର୍ମାନୀରେ ରହୁଥିବା ଜ୍ୱାଇଁ ସଂଗ୍ରାମ ମହାନ୍ତିଙ୍କୁ ପ୍ରଥମ ପୁସ୍ତକ ଉପହାର ଆକାରରେ ଦିଆଯାଇଥିଲା। ବରିଷ୍ଠ କ୍ରୀଡ଼ା ସାମ୍ବାଦିକ ସମ୍ବିତ ମହାପାତ୍ରଙ୍କ ସଂଯୋଜନାରେ ଆୟୋଜିତ ଏହି ଉତ୍ସବରେ ଅର୍ଜୁନ ପୁରସ୍କାର ହାସଲ କରିଥିବା ମିନତି ମହାପାତ୍ର, କ୍ରିକେଟ କୋଚ୍ କିଶୋର ମାଣିଆ, ବିଶିଷ୍ଟ ସଂଗଠକ ମକବୁଲ ଅଲ୍ଲୀ, କ୍ରୀଡ଼ା ଫିଜିଓ ଡାକ୍ତର ମୁକ୍ତିପ୍ରସାଦ ଦାସ, କୋଚ୍ ଅରୁଣ ଦାସ, ଲଳିତ ମହାନ୍ତି, ରାଜେଶ ସିଂଙ୍କ ସହ ବହୁ କ୍ରୀଡ଼ାବିତ୍, କ୍ରୀଡ଼ା ସଂଗଠକ ଓ କ୍ରୀଡ଼ା ସାମ୍ବାଦିକମାନେ ସାମିଲ ହୋଇଥିଲେ।

ଫାଓ ଲିଗ୍-୨୦୨୬

# ସେମିରେ ୟଙ୍ଗ୍ ଉତ୍କଳ, ରାଇଜିଂ ଷ୍ଟୁଡେଣ୍ଟ ଓ ଓଡ଼ିଶା ପୁଲିସ

ଭୁବନେଶ୍ୱର, ୮।୮ (ସମିସ): ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଫାଓ ଲିଗ୍‌ର କ୍ୱାର୍ଟର ଫାଇନାଲ ପର୍ଯ୍ୟାୟ ଶେଷ ହୋଇଯାଇଛି। ଶନିବାର ଅନୁଷ୍ଠିତ ମ୍ୟାଚରେ ୟଙ୍ଗ ଉତ୍କଳ, ଓଡ଼ିଶା ପୁଲିସ ଓ ରାଇଜିଂ ଷ୍ଟୁଡେଣ୍ଟ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ତୃତୀୟ କ୍ୱାର୍ଟର ଫାଇନାଲରେ ୟଙ୍ଗ ଉତ୍କଳ ଦଳ ସୁଟଆଉଟ୍‌ରେ ୭-୬ ଗୋଲରେ ସ୍ପୋର୍ଟ୍ସ ଓଡ଼ିଶାକୁ ପରାସ୍ତ କରିଥିଲା। ଏହି ମ୍ୟାଚ ନିର୍ଦ୍ଧାରିତ ସମୟସୀମା ସୁଦ୍ଧା ୧-୧ ଗୋଲରେ ଡ୍ର ରହିବାରୁ ସୁଟଆଉଟ୍ ହୋଇଥିଲା। ସେହିଭଳି ଚତୁର୍ଥ କ୍ୱାର୍ଟର ଫାଇନାଲରେ ରାଇଜିଂ ଷ୍ଟୁଡେଣ୍ଟ ୪-୩ ଗୋଲରେ ମଙ୍ଗଳା କ୍ଲବକୁ ହରାଇଥିଲା। ଗତକାଲି ସ୍ଥଗିତ ରହିଥିବା ଦ୍ୱିତୀୟ କ୍ୱାର୍ଟର ଫାଇନାଲ ଆଜି ଖେଳାଯାଇଥିଲା। ଏଥିରେ ଓଡ଼ିଶା ପୁଲିସ ପେନାଲ୍ଟି ସୁଟଆଉଟ୍‌ରେ ୪-୨ ଗୋଲରେ ରୋଭର୍ସ କ୍ଲବକୁ ହରାଇ ସେମିଫାଇନାଲକୁ ଉଠିଥିଲା।

**ଶ୍ରୀଲଙ୍କା ମିଳିତ ଏକାଦଶ ବିପକ୍ଷ ଅଭ୍ୟାସ ମ୍ୟାଚ୍**

# ପାଡ଼ିକଲଙ୍କ ଶତକ, ଜାଡେଜାଙ୍କ ଅର୍ଦ୍ଧଶତକ

କଲମ୍ବୋ,୮।୮ (ଏଜେନ୍ସି)




ଦେବଦତ୍ତ ପାଡିକଲଙ୍କ ଶତକ ଓ ରବୀନ୍ଦ୍ର ଜାଡେଜାଙ୍କ ଅର୍ଦ୍ଧଶତକ ସହ ସ୍ଥାନୀୟ ଏନ୍‌ସିସି ଗ୍ରାଉଣ୍ଡରେ ଚାଲିଥିବା ଶ୍ରୀଲଙ୍କା ମିଳିତ ଏକାଦଶ ବିପକ୍ଷ ଅଭ୍ୟାସ ମ୍ୟାଚ୍‌ରେ ଭାରତ ଭଲ ଅଭ୍ୟାସ କରିନେଇଛି। ନଂ-୩ରେ ବ୍ୟାଟିଂ କରିଥିବା ପାଡିକଲ ୧୪୨ ଓ ଜାଡେଜା ୬୩ ରନ୍ କରି ଟେଷ୍ଟ ମୁକାବିଲା ଲାଗି ନିଜକୁ ପ୍ରସ୍ତୁତ କରିନେଇଛନ୍ତି। ଶ୍ରୀଲଙ୍କା ଏକାଦଶର ୮ୱିକେଟରେ ୩୬୩ ରନ୍ ଜବାବରେ ଦ୍ୱିତୀୟ ଦିନ ଖେଳ ଶେଷସୁଦ୍ଧା ଭାରତ ପ୍ରଥମ ଇନିଂସରେ ୯୦ ଓଭର ଖେଳି ୬ ୱିକେଟରେ ୩୫୭ ରନ୍ କରିଛି। ଭାରତୀୟ ଅଧିନାୟକ ଶୁବମନ ଗିଲ୍ ଓ ସାଇ ସୁଦର୍ଶନଙ୍କ ଅନୁପସ୍ଥିତିରେ ଅନ୍ୟ ବ୍ୟାଟରଙ୍କଠାରୁ ଭଲ ପ୍ରଦର୍ଶନ ମିଳିପାରି ନାହିଁ। ଉଭୟ ଖେଳାଳି ଆଘାତ ଯୋଗୁଁ ଏହି ମ୍ୟାଚ୍ ଖେଳି ପାରି ନ ଥିଲେ। ଟ୍ରେନିଂବେଳେ ଗିଲ୍‌ଙ୍କ ଡାହାଣହାତ ଆଙ୍ଗୁଳିରେ ଆଘାତ ଲାଗିଥିବାରୁ ଏହି ମ୍ୟାଚ୍ ଖେଳି ନ ଥିଲେ। ଅନ୍ୟପକ୍ଷରେ ଆଘାତ ସମସ୍ୟା ଠିକ୍ ହୋଇନ ପାରିବାରୁ ସାଇ ସୁଦର୍ଶନ ଏହି ଟୁର୍‌ରୁ ବାଦ୍ ପଡ଼ିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଓପନର ତଥା ଏହି ମ୍ୟାଚ୍‌ରେ ଦଳର ନେତୃତ୍ୱ ନେଉଥିବା ଲୋକେଶ ରାହୁଲ ୪୦, ମାନବ ସୂତାର ୪୧ ଓ ସାରାଂଶ ଜୈନ ୨୨ ରନ୍‌ର ଉଲ୍ଲେଖନୀୟ ଇନିଂସ ଖେଳିଛନ୍ତି। କିନ୍ତୁ ଟପ୍‌ଅର୍ଡରରେ ଯଶସ୍ୱୀ ଜୟସ୍ୱାଲ ଖାତା ଖୋଲିପାରି ନାହାନ୍ତି। ୱିକେଟରକ୍ଷକ ବ୍ୟାଟର ଭାବେ ଦଳରେ ସ୍ଥାନ ପାଇଥିବା ଋଷଭ ପନ୍ତ୍ ୨ ଓ ଧ୍ରୁବ ଜୁରେଲ ୧ ରନ୍‌ରେ ଆଉଟ ହେବା ଦଳକୁ ନିରାଶ କରିଛି। ଫାଷ୍ଟ ବୋଲର ଗୁରନୁର ବ୍ରାର୍ ୧୮ ବଲ୍‌ରେ ୨ଚୌକା ଓ ୪ଛକା ସହ ଦ୍ରୁତ ୩୬ ରନ୍ କରି ଅପରାଜିତ ରହିଛନ୍ତି। ଆଜି ଖେଳର ଶେଷ ତଥା ଭାରତୀୟ ଇନିଂସର ୯୦ତମ ଓଭରରେ ଶ୍ରୀଲଙ୍କାର ଦୀଲୁମ୍ ସୁଦୀରାଙ୍କୁ ବ୍ରାର୍ ୪ଟି ଯାକ ଛକା ମାରିଥିଲେ। ଶ୍ରୀଲଙ୍କା ପକ୍ଷରୁ ସ୍ପିନର ରମେଶ ମେଣ୍ଡିସ୍ ଓ ଅଶାଙ୍କ ମନୋଜ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଛନ୍ତି। ଟେଷ୍ଟ ମ୍ୟାଚ୍ ଖେଳିବାର ଅଭିଜ୍ଞତା ଥିବା ଦୁଇ ଫାଷ୍ଟ ବୋଲରଙ୍କ ମଧ୍ୟରୁ ବିଶ୍ୱ ଫର୍ଣ୍ଣାଣ୍ଡୋଙ୍କୁ ଗୋଟିଏ ଓ ଲାହିରୁ କୁମାରାଙ୍କୁ କୌଣସି ୱିକେଟ ମିଳି ନ ଥିଲା। କେଶରା ନୁୱାନ୍ଥା ଅନ୍ୟ ୱିକେଟ ଅକ୍ତିଆର କରିଥିଲେ। ଅନ୍ୟମାନଙ୍କୁ ବ୍ୟାଟିଂ କରିବାର ସୁଯୋଗ ଦେବା ସକାଶେ ଭାରତର ଜାଡେଜା, କୁଲଦୀପ ଯାଦବ ରିଟାୟର୍ଡ ହର୍ଟ ହୋଇଥିଲେ।

ପୂର୍ବରୁ ଆଜି ସକାଳେ ଶ୍ରୀଲଙ୍କା ଦଳ ଗତକାଲିର ସ୍କୋର ୮ ୱିକେଟରେ ୩୬୩ ରନ୍‌ରେ ପ୍ରଥମ ଇନିଂସ ସମାପ୍ତି ଘୋଷଣା କରିଥିଲା। ଭାରତ ବ୍ୟାଟିଂ ଆରମ୍ଭ କରି ଜୟସ୍ୱାଲଙ୍କ ୱିକେଟ ପ୍ରଥମ ଓଭରରେ ହରାଇଥିଲା। ରାହୁଲଙ୍କ ସହ ଯୋଗଦେବା ପରେ ପାଡିକଲ ଦ୍ୱିତୀୟ ୱିକେଟ ୯୬ ରନ୍ ଉଠାଇଥିଲେ। ଜାଡେଜାଙ୍କ ସହ ୭୨ ରନ୍ ଉଠାଇବା ପରେ ଶତକ ହାସଲ ବା ୧୨୧ ବଲ୍‌ରୁ ୧୦୩ ରନ୍ କରିଥିବା ପାଡିକଲ ରିଟାୟର୍ଡ ହର୍ଟ ହୋଇ ପାଭିଲିଅନ ଫେରିଯାଇଥିଲେ। ତାଙ୍କ ପରେ ବ୍ୟାଟିଂ କରିବାକୁ ଆସିଥିବା ଋଷଭ ପନ୍ତ ୨ ଓ ଧ୍ରୁବ ଜୁରେଲ ୧ ରନ୍‌ରେ ଆଉଟ ହେବା ଫଳରେ ଦଳ ମିଡିଲ ଅର୍ଡରରେ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଏହି ସମୟରେ ୧୧୭ବଲ୍‌ରୁ ୭ ଚୌକା ସହ ୬୩ ରନ୍ କରିଥିବା ଜାଡେଜାଙ୍କୁ ମଧ୍ୟ ଫେରାଇ ନିଆଯାଇଥିଲା। ମାନବ ସୂତାର ଗୋଟିଏ ପଟେ ଦୃଢ଼ତାର ସହ ବ୍ୟାଟିଂ କରୁଥିଲାବେଳେ ୧ ରନ୍ କରିଥିବା କୁଲଦୀପ ଯାଦବ ରିଟାୟଡର୍ ଆଉଟ ଓ ମହମ୍ମଦ୍ ସିରାଜ ୧ ରନ୍‌ରେ ଆଉଟ ହେବାରୁ ପାଡ଼ିକଲଙ୍କୁ ପୁଣିଥରେ ବ୍ୟାଟିଂ କରିବାକୁ ପଡ଼ିଥିଲା। ସୂତାର ୪୧ ରନ୍‌ରେ ଆଉଟ ହେବା ପରେ ୨୨ ରନ୍ କରିଥିବା ସାରାଂଶ ଜୈନ ରିଟାୟର୍ଡ ହର୍ଟ ଭାବେ ପାଭିଲିୟନ ଫେରିଥିଲେ। ପାଡିକଲ ଓ ବ୍ରାର୍ ଶେଷଯାଏ ଆଉଟ ହୋଇ ନ ଥିଲେ। ପାଡିକଲ ମୋଟରେ ୧୬୪ ବଲ୍ ଖେଳି ୧୮ ଚୌକା ସହ ୧୪୨ ରନ୍‌ରେ ଅପରାଜିତ ରହିବା ସହ ଟେଷ୍ଟରେ ସାଇ ସୁଦର୍ଶନଙ୍କ ସ୍ଥାନରେ ନଂ-୩ରେ ବ୍ୟାଟିଂ କରିବାର ଦାବି ଦୋହରାଇଛନ୍ତି। ୯୯ ରନ୍‌ରେ ତାଙ୍କର ଏକ କଟ୍ ଆଣ୍ଡ ବୋଲ୍ଡ ଆଉଟ ସୁଯୋଗକୁ ରମେଶ ମେଣ୍ଡିସ୍ ଛାଡିଦେଇଥିଲେ। ଏହା ବ୍ୟତୀତ ସେ ଆଉଟ ହେବାର ଆଉ କୌଣସି ସୁଯୋଗ ଦେଇ ନ ଥିଲେ।

# ଉଦ୍‌ଘାଟନୀରେ ବିକାଶ ସ୍କୁଲର ବଡ଼ ବିଜୟ



ଆନ୍ତଃସ୍କୁଲ ଫୁଟ୍‌ବଲ

ଭୁବନେଶ୍ୱର, ୮।୮ (ସମିସ): ଅଗ୍ରଣୀ କ୍ରୀଡ଼ାନୁଷ୍ଠାନ ୟୁନିଟ-୬ ଆଥଲେଟିକ୍ ଆସୋସିଏସନ ଆନୁକୂଲ୍ୟରେ ଜୟନ୍ତ ମେମୋରିଆଲ ଆନ୍ତଃସ୍କୁଲ ଫୁଟବଲ ପ୍ରତିଯୋଗିତାର ୩୫ତମ ସଂସ୍କରଣ ଶନିବାର ଉଦଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଦିବସରେ ବିକାଶ ରେସିଡେଣ୍ଟାଲ ସ୍କୁଲ ୯-୦ ଗୋଲର ବୃହତ୍ ବ୍ୟବଧାନରେ ମଦର୍ସ ପବ୍ଲିକ ସ୍କୁଲକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ଦୁର୍ଲଭ ଗୋସ୍ୱାମୀ ୪ ଓ ରେହାନ ପ୍ରଧାନ ୩ଟି ଗୋଲ ଦେଇଥିଲେ। ପ୍ରଭାବୀ ପ୍ରଦର୍ଶନ ଲାଗି ଦୁର୍ଲଭଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ପୂର୍ବତନ ଖେଳାଳି ପ୍ରଦୀପ ବଳିଆରସିଂ ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଶିବପ୍ରସାଦ ସାମନ୍ତରାୟ, ସଫକ୍‌ଲ୍ଲା ଖାନ, ବିଜୟ ମଙ୍ଗରାଜ ଓ ସୁଜିତ ପାଇକରାୟ ମ୍ୟାଚ ପରିଚାଳନାରେ ସହଯୋଗ କରିଥିଲେ। ପୂର୍ବରୁ ଉଦଘାଟନୀ ଉତ୍ସବରେ ବିଧାୟକ ଅନନ୍ତ ନାରାୟଣ ଜେନା, ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ତପନ କୁମାର ମହାନ୍ତି, ସୁରେଶ ରାଉତରାୟ, ପୁଷ୍ପା ରାଉତ, ପଦ୍ମନାଭ ବେହେରା, ସୌର୍ଯ୍ୟରଞ୍ଜନ ପରିଜା, ଦିଲୀପ କୁମାର ସାମନ୍ତରାୟ ଓ ଏ. ବେଗମ ଅତିଥିଭାବେ ଯୋଗଦେଇଥିଲେ।




ମୟୁରଭଞ୍ଜର ରାଇରଙ୍ଗପୁର ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ୭୨ତମ ଓଡ଼ିଶା ରାଜ୍ୟ ଆଥଲେଟିକ୍ସ ଚାମ୍ପିଅନସିପ୍ ଉଦଘାଟିତ ହୋଇଯାଇଛି। ଏଥିରେ ଅଲିମ୍ପିଆନ ଅନୁରାଧା ବିଶ୍ୱାଳ ଅତିଥି ଭାବେ ଯୋଗଦେଇ କୃତୀ କ୍ରୀଡ଼ାବିତଙ୍କୁ ପୁରସ୍କାର ପ୍ରଦାନ କରିଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୯୫.୨୧ • ପାଉଣ୍ଡ ୧୨୮.୧୩
- ୟୁରୋ ୧୦୯.୭୬ • ୟେନ୍ ୦.୬୦

## ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)

- ସୁନା: ୧,୩୯,୬୫୦ (ଭୁବନେଶ୍ୱର)
- ରୁପା : ୨,୪୯,୯୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୭୮,୪୯୯.୦୦
- ନିଫ୍ଟି ୨୪,୫୭୦.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୯.୧୫ (ଭୁବନେଶ୍ୱର)
- ଡିଜେଲ୍ - ୧୦୦.୮୦



# ନରମିଲେ ସରକାର ୟୁପିଆଇ ପେମେଣ୍ଟରେ ଲାଗିବନି ଶୁଳ୍କ

## ସୀମାଠାରୁ ଅଧିକ କିଛି ମର୍ଚ୍ଚାଣ୍ଟ କାରବାର ପାଇଁ ଲାଗୁ ହୋଇପାରେ ଏମ୍‌ଡିଆର୍

ନୂଆଦିଲ୍ଲୀ,୮।୮(ଏଜେନ୍ସି): ନିକଟରେ ସଂସଦରେ ଗୃହୀତ ହୋଇଥିବା ପେମେଣ୍ଟ ଏବଂ ସେଟେଲମେଣ୍ଟ ସିଷ୍ଟମ୍ ଆଇନ (ସଂଶୋଧନ) ବିଲ୍ ପ୍ରସଙ୍ଗରେ ୟୁନିଫାଏଡ୍ ପେମେଣ୍ଟ ଇଣ୍ଟରଫେସ୍ (ୟୁପିଆଇ )ପେମେଣ୍ଟରେ ଶୁଳ୍କ ଲାଗୁ ପ୍ରସଙ୍ଗ ଏବେ ଦେଶରେ ବଡ଼ ଆଲୋଚନାର ପ୍ରସଙ୍ଗ ପାଲଟିଛି । ଏହାକୁ ନେଇ ସାରା ଦେଶରେ ବିତର୍କ ଚାଲିଥିବାବେଳେ ପ୍ରସଙ୍ଗ ଏବେ ଏକ ରାଜନୈତିକ ବିବାଦ ମଧ୍ୟ ସୃଷ୍ଟି କରିଛି । ବିରୋଧୀ ୟୁପିଆଇ ନୀତିରେ ପରିବର୍ତ୍ତନକୁ ଘୋର ବିରୋଧ କରୁଛନ୍ତି । ବିବାଦ ତୀବ୍ର ହେବା ପରେ ସରକାର ଆଜି ଏହି ପ୍ରସଙ୍ଗରେ ନରମିଛନ୍ତି । ୟୁପିଆଇ କାରବାର ଶୁଳ୍କଯୁକ୍ତ ହୋଇଯିବ ବୋଲି ଯେଉଁ ପ୍ରଚାର ଚାଲିଛି ତାହାକୁ ଖଣ୍ଡନ କରିଛନ୍ତି କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ । ସରକାର ସ୍ପଷ୍ଟ କରିଛନ୍ତି ଯେ ସାଧାରଣ ଉପଭୋକ୍ତାଙ୍କ ପାଇଁ ବ୍ୟକ୍ତି-ବ୍ୟକ୍ତି (ପି-ଟୁ-ପି) ମଧ୍ୟରେ ଏବଂ ସାମାନ୍ୟ ୟୁପିଆଇ ପେମେଣ୍ଟ ସମ୍ପୂର୍ଣ୍ଣ ଭାବେ ମାଗଣା ରହିବ । ଡିଜିଟାଲ ୟୁପିଆଇ ପେମେଣ୍ଟରେ ଛୋଟ ବ୍ୟବସାୟୀଙ୍କୁ ଆଉ କୌଣସି ଶୁଳ୍କ ଦେବାକୁ



ପଡିବନି । ଏହାଛଡା ସୀମାଠାରୁ ଅଧିକ କିଛି ମର୍ଚ୍ଚାଣ୍ଟ କାରବାର ପାଇଁ ବାଣିଜ୍ୟ ରିହାତି ହାର (ଏମ୍‌ଡିଆର୍) ଲାଗୁ ହୋଇପାରେ । ତେବେ ଗ୍ରାହକମାନଙ୍କ ପାଇଁ ୟୁପିଆଇ ପେମେଣ୍ଟ ମାଗଣା ରହିବ । ତେବେ ଭାରତ ସରକାର ଆମେରିକାର ଚାପ ଆଗରେ ମୁଣ୍ଡ ନୁଆଁଇ ୟୁପିଆଇ ନୀତିରେ ପରିବର୍ତ୍ତନ କରୁଥିବା ନେଇ ହେଉଥିବା ଅଭିଯୋଗକୁ ସରକାର ଖଣ୍ଡନ କରିଛନ୍ତି ।

କିଛି ନିର୍ଦ୍ଦିଷ୍ଟ କାରବାର ଉପରେ ଏକ ଏମ୍‌ଡିଆର୍ ପ୍ରଚଳନ ସମ୍ପର୍କରେ ଆଲୋଚନା ମଧ୍ୟରେ କେନ୍ଦ୍ର ସରକାର ସ୍ପଷ୍ଟ କରିଛନ୍ତି ଯେ ୟୁପିଆଇ ମାଧ୍ୟମରେ କାରବାର କରିବା ପାଇଁ ଗ୍ରାହକଙ୍କଠାରୁ କୌଣସି ଶୁଳ୍କ ନିଆଯିବ ନାହିଁ ବୋଲି ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଆଜି ଜାରି ଏକ ପ୍ରେସ୍ ବିଜ୍ଞପ୍ତିରେ କୁହାଯାଇଛି । ମନ୍ତ୍ରାଳୟ କହିଛି ଯେ ଯଦି ଏମ୍‌ଡିଆର୍ ପ୍ରଚଳନ କରାଯାଏ, ତେବେ ଏହା କେବଳ ଏକ ନିର୍ଦ୍ଦିଷ୍ଟ ସୀମାଠାରୁ ଅଧିକ ଏବଂ ଏକ ନାମମାତ୍ର ହାରରେ ସୀମିତ ବ୍ୟବସାୟିକ କାରବାର ପାଇଁ ପ୍ରଯୁଜ୍ୟ ହେବ, ଯାହା ସାଧାରଣତଃ ଡେବିଟ୍ ଏବଂ କ୍ରେଡିଟ୍ କାର୍ଡ କାରବାରରେ ଆଦାୟ କରାଯାଉଥିବା ଏମ୍‌ଡିଆର୍ ଅପେକ୍ଷା ଯଥେଷ୍ଟ କମ୍ ରହିବ । ମନ୍ତ୍ରଣାଳୟ କହିଛି ଯେ ଅଧିକାଂଶ ୟୁପିଆଇ କାରବାର ବ୍ୟବସାୟୀଙ୍କ ପାଇଁ ମୁକ୍ତ ରହିବ । ଏମ୍‌ଡିଆର୍ ଯଦି ପ୍ରଚଳନ କରାଯାଏ, ତେବେ କେବଳ ସୀମା ଆଧାରିତ ହେବ ଏବଂ ସମସ୍ତଙ୍କ ଉପରେ ସମ୍ପୂର୍ଣ୍ଣ ଭାବରେ ଲାଗୁ ହେବ ନାହିଁ । ଅନ୍ୟପକ୍ଷରେ ଆମେରିକାର ଚାପରେ ୟୁପିଆଇ ନୀତିରେ ପରିବର୍ତ୍ତନ ପ୍ରସଙ୍ଗରେ ଅର୍ଥମନ୍ତ୍ରଣାଳୟ କହିଛି ଯେ, ଏହା ସମ୍ପୂର୍ଣ୍ଣ ଆଧାରହୀନ, ସମ୍ପୂର୍ଣ୍ଣ ମିଥ୍ୟା ଏବଂ ଭ୍ରାନ୍ତିକର । ଯଦି ବାହ୍ୟ ଚାପ ଏକ କାରଣ ହୋଇଥାନ୍ତା, ତେବେ ସରକାର ୨୦୧୬ ରେ ୟୁପିଆଇ ଆରମ୍ଭ କରିନଥାନ୍ତେ କିମ୍ବା ଜାନୁଆରୀ ୨୦୨୦ରୁ ବ୍ୟବସାୟୀ ଏବଂ ନାଗରିକ ଉଭୟଙ୍କ ପାଇଁ ଏହାକୁ ମାଗଣା କରିନଥାନ୍ତେ ଏବଂ ଏହାକୁ ବିଶ୍ୱର ସବୁଠାରୁ ବଡ଼ ରିଅଲ-ଟାଇମ୍ ଇଣ୍ଟର-ଓପରେବଲ୍ ପେମେଣ୍ଟ ସିଷ୍ଟମ୍‌ରେ ପରିଣତ କରି ନ ଥାନ୍ତେ । ତେଣୁ, ଭାରତର ଡିଜିଟାଲ୍ ପେମେଣ୍ଟ ଭିତ୍ତିଭୂମି ଯେପରି ସ୍ଥାୟୀ, ପ୍ରତିଯୋଗିତାମୂଳକ, ନବସୃଜନକାରୀ ଏବଂ ଦେଶର ଦ୍ରୁତ ପ୍ରସାରିତ ଡିଜିଟାଲ୍ ଅର୍ଥବ୍ୟବସ୍ଥାକୁ ସେବା ଯୋଗାଇବାରେ ସକ୍ଷମ ରହିବ, ସରକାରଙ୍କ ସେହି ବୃହତ ଉଦ୍ଦେଶ୍ୟ ଆଧାରରେ ଏହି ସଂଶୋଧନକୁ ଦେଖାଯିବା ଉଚିତ୍ ।

ଅପରପକ୍ଷେ ଭାରତୀୟ ପେମେଣ୍ଟ କାଉନ୍‌ସିଲ୍ କହିଛି ଯେ, ୟୁନିଫାଏଡ୍ ପେମେଣ୍ଟ ଇଣ୍ଟରଫେସ୍(ୟୁପିଆଇ) କାରବାର ଗ୍ରାହକମାନଙ୍କ ପାଇଁ ମାଗଣା ରହିବ, ଏବଂ କିରାଣା ଦୋକାନ ସମେତ ଛୋଟ ବ୍ୟବସାୟୀଙ୍କଠାରୁ ଡିଜିଟାଲ ପେମେଣ୍ଟ ଗ୍ରହଣ କରିବା ପାଇଁ କୌଣସି ଶୁଳ୍କ ନିଆଯିବ ନାହିଁ । ବ୍ୟବସାୟୀମାନଙ୍କ ଉପରେ ଲାଗୁ ହେଉଥିବା ସମ୍ଭାବ୍ୟ ଶୁଳ୍କ ସମ୍ପର୍କରେ ରିପୋର୍ଟ ଦ୍ୱାରା ଉଠାଯାଇଥିବା ଚିନ୍ତାକୁ ଦୂର କରିବା ପାଇଁ ପରିଷଦ ଏହି ବିବୃତ୍ତି ଦେଇଛି ।

## ପେଟ୍ରୋଲିୟମ ମନ୍ତ୍ରଣାଳୟର ସ୍ୱଷ୍ଟୋକ୍ତି

# ଇ-୨୦ ପେଟ୍ରୋଲରେ କ୍ଲୋରାଇଡ୍, ଜଳୀୟ ବାଷ୍ପ ଥିବା ଦାବି ଭିତ୍ତିହୀନ

ନୂଆଦିଲ୍ଲୀ,୮।୮(ଏଜେନ୍ସି): ଇବିଏମଏସ୍ (ଇ-୨୦ ପେଟ୍ରୋଲ୍)ରେ ଜଳୀୟବାଷ୍ପ ଓ କ୍ଲୋରାଇଡ୍ ଥିବା କେତେକ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇବା ପରେ, ତୈଳ ବିପଣନ କମ୍ପାନୀଗୁଡ଼ିକ ସମଗ୍ର ଦେଶରେ ଇବିଏମଏସ୍ ଯୋଗାଣ ଶୃଙ୍ଖଳାର ପ୍ରତ୍ୟେକ ସ୍ତରକୁ ନେଇ ଅତିରିକ୍ତ ଓ ବ୍ୟାପକ ଯାଞ୍ଚ କରିଥିଲେ । ଏହି ପରୀକ୍ଷଣରୁ ସ୍ପଷ୍ଟ ହୋଇଛି ଯେ ଇନ୍ଧନର ଗୁଣବତ୍ତା ନିର୍ଦ୍ଧାରିତ ସୀମା ମଧ୍ୟରେ ସମ୍ପୂର୍ଣ୍ଣ ସୁରକ୍ଷିତ ରହିଛି । ବୈଜ୍ଞାନିକ ପଦ୍ଧତିରେ କରାଯାଇଥିବା ବ୍ୟାପକ ଆକସ୍ମିକ ପରୀକ୍ଷଣର ପ୍ରମାଣ ଆଧାରରେ, କିଛି ଦାବିର ବିପରୀତ, ଇନ୍ଧନ ପ୍ରଦୂଷଣ କିମ୍ବା ମିଶ୍ରଣକୁ ନେଇ ଭୟଭୀତ ହେବାର କୌଣସି କାରଣ ନାହିଁ । ଏହି ପରୀକ୍ଷଣ ପରେ ତୈଳ ବିତରଣ କମ୍ପାନୀମାନେ ଗ୍ରାହକମାନଙ୍କୁ ଆଶ୍ୱସ୍ତ କରିଛନ୍ତି ଯେ ସେମାନେ ଇନ୍ଧନ ଗୁଣବତ୍ତାକୁ ସର୍ବାଧିକ ପ୍ରାଥମିକତା ଦେଉଛନ୍ତି । ଗାଡ଼ିର କାର୍ଯ୍ୟଦକ୍ଷତା କିମ୍ବା ଉପଭୋକ୍ତାଙ୍କ ବିଶ୍ୱାସକୁ ପ୍ରଭାବିତ କରିପାରୁଥିବା ଯେକୌଣସି ସମସ୍ୟାର ବୈଜ୍ଞାନିକ ଅନୁସନ୍ଧାନ କରାଯାଇ ତୁରନ୍ତ ସୁଧାରମୂଳକ ପଦକ୍ଷେପ ଗ୍ରହଣ କରାଯାଏ ।

ଭାରତ ସରକାର ପେଟ୍ରୋଲ ମିଶ୍ରଣ ପାଇଁ ବ୍ୟବହୃତ ହେଉଥିବା ଇଥାନୋଲ୍‌ରେ କ୍ଲୋରାଇଡ୍‌ର କଡ଼ା ମାପଦଣ୍ଡ ନିର୍ଦ୍ଧାରଣ କରିଛନ୍ତି ଏବଂ ସମଗ୍ର ଯୋଗାଣ ଶୃଙ୍ଖଳାରେ ଏହାର ପାଳନ ସୁନିଶ୍ଚିତ କରିବା ପାଇଁ ଏକ ସକ୍ରିୟ ତଦାରଖ ବ୍ୟବସ୍ଥା କାର୍ଯ୍ୟକାରୀ କରିଛନ୍ତି । ରିଫାଇନାରୀ, ଡିଷ୍ଟିଲେରୀ, ଡିପୋ/ଟର୍ମିନାଲ୍ ଏବଂ ଦେଶବ୍ୟାପୀ ଖୁଚୁରା ବିକ୍ରୟ କେନ୍ଦ୍ର (ପେଟ୍ରୋଲ ପମ୍ପ) ସମେତ ଯୋଗାଣ ଶୃଙ୍ଖଳାର ଏକାଧିକ ସ୍ଥାନରେ କ୍ଲୋରାଇଡ୍ ଯାଞ୍ଚ କରାଯାଉଛି, ଯାହା ଦ୍ୱାରା ସମଗ୍ର ଯୋଗାଣ ଶୃଙ୍ଖଳରେ ଗୁଣବତ୍ତା ବଜାୟ ରଖାଯାଉଛି ।

# ପଶ୍ଚିମ ରେଳବାଇର ପ୍ରଧାନ ମୁଖ୍ୟ ବାଣିଜ୍ୟିକ ପ୍ରବନ୍ଧକଙ୍କ ବାଣିଜ୍ୟ ବିଭାଗ ସହ ଆଲୋଚନା



ଅହମଦାବାଦ୍,୮।୮: ପଶ୍ଚିମ ରେଳବାଇର ବାଣିଜ୍ୟିକ ବିଭାଗରେ କାର୍ଯ୍ୟରତ ରେଳ କର୍ମଚାରୀଙ୍କ ସହିତ ଏକ "ସମ୍ବାଦ" କାର୍ଯ୍ୟକ୍ରମରେ ଅହମ୍ମଦାବାଦର ଡିଭିଜନାଲ ରେଳ ମ୍ୟାନେଜରଙ୍କ କାର୍ଯ୍ୟାଳୟରେ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମର ନେତୃତ୍ୱ ପଶ୍ଚିମ ରେଳବାଇର ପ୍ରଧାନ ମୁଖ୍ୟ ବାଣିଜ୍ୟିକ ପ୍ରବନ୍ଧକ ତରୁଣ ଜୈନ ନେଇଥିଲେ । ପଶ୍ଚିମ ରେଳବାଇର ବିଭିନ୍ନ ଡିଭିଜନର ବାଣିଜ୍ୟିକ ବିଭାଗର ଅଧିକାରୀ ଏବଂ କର୍ମଚାରୀମାନେ ଏହି ଆଲୋଚନାରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ । ସଂଳାପ ସମୟରେ, ଯାତ୍ରୀ ବିପଣନ, ଟିକଟ ବୁକିଂ, ସଂରକ୍ଷଣ, ଟିକେଟ ଯାଞ୍ଚ, କ୍ୟାଟରିଂ ଏବଂ ରାଜସ୍ୱ ବୃଦ୍ଧି ସହିତ ଜଡିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ବିସ୍ତୃତ ଭାବରେ ଆଲୋଚନା କରାଯାଇଥିଲା । ନୀତିଗୁଡ଼ିକର ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ ଏବଂ କ୍ଷେତ୍ର ସ୍ତରରେ ଦକ୍ଷତା ବୃଦ୍ଧି ଉପରେ ମଧ୍ୟ ବିଶେଷ ଗୁରୁତ୍ୱ ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମ ବୁକିଂ କ୍ଲର୍କ, ରିଜର୍ଭେସନ କ୍ଲର୍କ, ବାଣିଜ୍ୟିକ ପର୍ଯ୍ୟବେକ୍ଷକ, ବାଣିଜ୍ୟିକ ନିରୀକ୍ଷକ, ଟିକଟ ଯାଞ୍ଚ କର୍ମଚାରୀ ଏବଂ କ୍ୟାଟରିଂ କର୍ମଚାରୀଙ୍କ ସମେତ ବିଭିନ୍ନ ବାଣିଜ୍ୟିକ ବିଭାଗର କର୍ମଚାରୀମାନଙ୍କୁ ସେମାନଙ୍କର ସମସ୍ୟା, ପରାମର୍ଶ ଏବଂ କାର୍ଯ୍ୟ ଅଭିଜ୍ଞତା ସିଧାସଳଖ ବରିଷ୍ଠ ଅଧିକାରୀଙ୍କ ସହିତ ବାଣ୍ଟିବାର ସୁଯୋଗ ପ୍ରଦାନ କରିଥିଲା ।ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା ବରିଷ୍ଠ ମୁଖ୍ୟାଳୟ ଅଧିକାରୀ ଏବଂ ବିଭାଗୀୟ କର୍ମଚାରୀଙ୍କ ମଧ୍ୟରେ ସିଧାସଳଖ ଏବଂ ପ୍ରଭାବଶାଳୀ ଯୋଗାଯୋଗ ସ୍ଥାପନ କରିବା, କାର୍ଯ୍ୟକ୍ଷେତ୍ରରେ ସମ୍ମୁଖୀନ ହେଉଥିବା ବ୍ୟବହାରିକ ଚ୍ୟାଲେଞ୍ଜଗୁଡ଼ିକୁ ବୁଝିବା ଏବଂ ଯାତ୍ରୀ ସେବା ଏବଂ ବାଣିଜ୍ୟିକ କାର୍ଯ୍ୟର ଆହୁରି ଉନ୍ନତି ପାଇଁ ପରାମର୍ଶ ଗ୍ରହଣ କରିବା ।

## ଭାରତ ସମେତ ୫ ଦେଶ ଉପରେ ଶୁଳ୍କ ଲଗାଇବାକୁ ଆମେରିକା ସିନେଟରେ ବିଲ୍ ପାରିତ

# ରୁଷିଆଠାରୁ ତେଲ କିଣିଲେ ୧୦୦% ଶୁଳ୍କ

ୱାସିଂଟନ୍,୮।୮(ଏଜେନ୍ସି): ରୁଷିଆର ରାଜସ୍ୱକୁ ରୋକିବା ଏବଂ ୟୁକ୍ରେନ ଯୁଦ୍ଧ ପାଇଁ ଆର୍ଥିକ ସହାୟତାକୁ ଦୁର୍ବଳ କରିବା ଲକ୍ଷ୍ୟରେ ଆମେରିକା ସିନେଟ ପଦକ୍ଷେପ ଗ୍ରହଣ କରିଛି । 'ଲିଣ୍ଡସେ ଓ ଗ୍ରାହାମ ସାଙ୍କସନିଂ ରୁଷିଆ ଆଣ୍ଡ ଇରାନ ଆକ୍ଟ ୨୦୨୬' ନାମକ ଏହି ବିଲ୍ ସିନେଟରେ ୮୬-୧୧ ଭୋଟରେ ଗୃହୀତ ହୋଇଛି । ରୁଷିଆଠାରୁ ତେଲ ଓ ଗ୍ୟାସ୍ କିଣୁଥିବା ଭାରତ ସମେତ ଅନ୍ୟ ଦେଶଗୁଡିକ ଉପରେ ୧୦୦ ପ୍ରତିଶତ ପର୍ଯ୍ୟନ୍ତ ଶୁଳ୍କ ଲଗାଇବା ପାଇଁ ଆମେରିକାରେ ବିଲ୍ ପାରିତ ହୋଇଛି । ଏହି ନୂତନ ଆଇନ ଅନୁଯାୟୀ, ଯଦି ଭାରତ, ଚୀନ୍ ସ୍ଲୋଭାକିଆ, ହଙ୍ଗେରୀ ଏବଂ ଆଜରବାଇଜାନ ରୁଷିଆଠାରୁ କ୍ରମାଗତ ଭାବେ ତେଲ ଓ ଗ୍ୟାସ୍ କିଣନ୍ତି, ତେବେ ସେମାନଙ୍କ ରପ୍ତାନି ସାମଗ୍ରୀ ଉପରେ ଆମେରିକା ୧୦୦% ଶୁଳ୍କ ଲଗାଇପାରେ । ପ୍ରଥମେ ଏହି ଶୁଳ୍କ ୫୦୦% ପର୍ଯ୍ୟନ୍ତ ରଖିବାକୁ ପ୍ରସ୍ତାବ ଦିଆଯାଇଥିଲା । କିନ୍ତୁ ପରେ ଏହାକୁ ୧୦୦% କୁ ହ୍ରାସ କରାଯାଇଛି ।




ତଥାପି ଆମେରିକା ରାଷ୍ଟ୍ରପତିଙ୍କ ପାଖରେ ରୁଷିଆର ସାମଗ୍ରୀ ଉପରେ ୫୦୦% ପର୍ଯ୍ୟନ୍ତ ଶୁଳ୍କ ଲଗାଇବାର କ୍ଷମତା ୫ ବର୍ଷ ପର୍ଯ୍ୟନ୍ତ ରହିବ । ସିନେଟରେ ଅନୁମୋଦନ ପରେ ଏହି ବିଲ୍ ଆମେରିକାର ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍ସକୁ ଯିବ । ସେଠାରେ ଗୃହୀତ ହେବାପରେ ଏବଂ ରାଷ୍ଟ୍ରପତିଙ୍କ ଅନୁମୋଦନ ପରେ ହିଁ ଏହା ଆଇନରେ ପରିଣତ ହେବ ।

ସୂଚନାଯୋଗ୍ୟ, ଭାରତ ବର୍ତ୍ତମାନ ରୁଷିଆର ସବୁଠାରୁ ବଡ଼ ତୈଳ ଗ୍ରାହକମାନଙ୍କ ମଧ୍ୟରୁ ଅନ୍ୟତମ । ଜୁନ୍ ସୁଦ୍ଧା ଭାରତ ପ୍ରତିଦିନ ୨.୬୧ ନିୟୁତ ବ୍ୟାରେଲ୍ ରୁଷୀୟ ଅଶୋଧିତ ତୈଳ ଆମଦାନୀ କରିଥିଲା । ଆମେରିକା ଏହି ଶୁଳ୍କ ଲାଗୁ କଲେ ଆମେରିକା ବଜାରରେ ଭାରତୀୟ ସାମଗ୍ରୀ ବହୁତ ମହଙ୍ଗା ହେବ । ଫଳରେ ଆମେରିକୀୟ କ୍ରେତାମାନେ ବାଂଲାଦେଶ କିମ୍ବା ଭିଏତନାମ ଭଳି ବିକଳ୍ପ ଦେଶ ଆଡକୁ ମୁହାଁଇବେ । ଯାହାଦ୍ୱାରା ଭାରତର ରପ୍ତାନି ଗଭୀର ଭାବେ ପ୍ରଭାବିତ ହେବ । ଅନ୍ୟପକ୍ଷରେ, ଯଦି ଭାରତ ରୁଷିଆଠାରୁ ତେଲ କିଣିବା କମାଇଦିଏ, ତେବେ ଅନ୍ୟ ଦେଶରୁ ମହଙ୍ଗା ଦରରେ ତେଲ କିଣିବାକୁ ପଡିବ । ଏହାଦ୍ୱାରା ଦେଶରେ ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି ହେବା ସଙ୍ଗେ ସଙ୍ଗେ ସମସ୍ତ ସାମଗ୍ରୀର ଦର ବୃଦ୍ଧି ଘଟିବ । ତେବେ ଆମେରିକା ସିନେଟରେ ଆଗତ ଏହି ବିଲ୍‌ରେ ୧୫ଟି ୟୁରୋପୀୟ ଦେଶକୁ ରିହାତି ପ୍ରଦାନ କରାଯାଇଛି । ଆମେରିକାର ସହଯୋଗୀ ୟୁରୋପୀୟ ଦେଶମାନଙ୍କୁ ଦଣ୍ଡିତ ନକରିବା ଏହାର ଲକ୍ଷ୍ୟ ରହିଛି । ରୁଷିଆକୁ ବଡ଼ ଧରଣର ବ୍ୟବସାୟ ଯୋଗାଉଥିବା ବାକି ଦେଶ ଗୁଡ଼ିକ ଉପରେ ଏହି ଶୁଳ୍କ ଲାଗୁ ହେବାକୁ ପ୍ରସ୍ତାବ ଆଗତ ହୋଇଛି । ଏଥିସହିତ ଏହି ବିଲ୍‌ରେ ଇରାନ ଉପରେ କଟକଣାକୁ ୨୦୩୧ ପର୍ଯ୍ୟନ୍ତ ବୃଦ୍ଧି କରିବା ଏବଂ ରୁଷିଆର ପ୍ରତିରକ୍ଷା ଓ ଆର୍ଥିକ କ୍ଷେତ୍ର ସମେତ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କୁ ମଧ୍ୟ ଟାର୍ଗେଟ୍ କରିବା ପାଇଁ ବ୍ୟବସ୍ଥା ରହିଛି ।

# କଳାହାଣ୍ଡିରେ ବେଦାନ୍ତ ଆଲୁମିନିୟମ୍‌ର ପ୍ରକଳ୍ପ ସଙ୍ଗମ

ଭୁବନେଶ୍ୱର, ୮।୮(ସମିସ):କୃଷକମାନଙ୍କ କଲ୍ୟାଣ ଏବଂ ସହନଶୀଳତା ଉପରେ ସମୃଦ୍ଧ ଗ୍ରାମୀଣ ସମ୍ପ୍ରଦାୟ ନିର୍ମାଣ ହୋଇଥାଏ । ଏହାକୁ ସ୍ୱୀକାର କରି ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ ଆକ୍ସନ୍ ଫର୍ ଫୁଡ୍ ପ୍ରଡକ୍ସନ୍ (ଏଏଫପିଆରଓ) ଦ୍ୱାରା କାର୍ଯ୍ୟକାରୀ ହୋଇଥିବା ପ୍ରକଳ୍ପ ଜରିଆରେ ନିଜର ପ୍ରତିବଦ୍ଧତାକୁ ସୁଦୃଢ଼ କରିଛି, ଓଡ଼ିଶାର କଳାହାଣ୍ଡି ଜିଲ୍ଲାର ୨୩ଟି ଗ୍ରାମରେ ୨୩ଟି ତାଲିମ ଏବଂ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିଛି, ଯେଉଁଥିରେ ୪୦୦ରୁ ଅଧିକ କୃଷକଙ୍କୁ ନିରାପଦ କୃଷି ରାସାୟନିକ ପରିଚାଳନା ଏବଂ ସ୍ଥାୟୀ କୃଷି ପଦ୍ଧତି ଉପରେ ଜ୍ଞାନ ପ୍ରଦାନ କରାଯାଇଛି । ସ୍ୱାସ୍ଥ୍ୟ ପ୍ରତି ଥିବା ବିପଦକୁ ହ୍ରାସ କରିବା ଏବଂ ପରିବେଶ ପ୍ରତି ଉତ୍ତରଦାୟୀ କୃଷି ଅଭ୍ୟାସକୁ ପ୍ରୋତ୍ସାହିତ କରିବା ପାଇଁ ବ୍ୟକ୍ତିଗତ ସୁରକ୍ଷା ଉପକରଣ (ପିପିଇ) ର ସଠିକ୍ ବ୍ୟବହାରକୁ ପ୍ରୋତ୍ସାହିତ କରିବା ସହିତ ଅତ୍ୟଧିକ




କ୍ଷତିକାରକ ସାର ଏବଂ କୀଟନାଶକଗୁଡ଼ିକର ନିରାପଦ ପରିଚାଳନା, ସଂରକ୍ଷଣ, ପରିବହନ ଏବଂ ବିଘଟନ ଉପରେ କାର୍ଯ୍ୟକ୍ରମ ଗୁଡ଼ିକରେ ଧ୍ୟାନ ଦିଆଯାଇଥିଲା । କଳାହାଣ୍ଡିରେ ବେଦାନ୍ତ ଆଲୁମିନିୟମର ଜଳବିଭାଜିକା ଏବଂ ଜୀବିକା ବିକାଶ କାର୍ଯ୍ୟକ୍ରମ ପ୍ରକଳ୍ପ ସଙ୍ଗମ, ଜଳ ସୁରକ୍ଷା, କୃଷି ଉତ୍ପାଦକତା ଏବଂ ଜୀବିକା ନିର୍ବାହରେ ଉନ୍ନତି ଆଣିବା ଉଦ୍ଦେଶ୍ୟରେ କୃଷକ ମାନକୁ ସହାୟତା କରିଥାଏ ।


# ରାମରାଜ କଟନ୍‌ର ନୂଆ ହସ୍ତତନ୍ତ ବ୍ରାଣ୍ଡ 'ପଞ୍ଚା'

ତିରିପୁର,୮।୮: ରାମରାଜ କଟନ୍ ପକ୍ଷରୁନୂତନ ହ୍ୟାଣ୍ଡଲୁମ୍ ବସ୍ତ୍ର 'ପଞ୍ଚା'ର ବଜାର ପ୍ରବେଶ କରାଯାଇଛି । ଓଡିଶାର ମୟୂରଭଞ୍ଜର ପାରମ୍ପରିକ ସାନ୍ତାଳୀ ପୋଷାକ କୁହାଯାଉଥିବା 'ପଞ୍ଚା' ବସ୍ତ୍ର (ଧୋତି)କୁ କମ୍ପାନୀ ଏକ ନୂଆ ବ୍ରାଣ୍ଡ ନାମ ଦେଇଛି । ଏହି ବ୍ରାଣ୍ଡ ନାମ ଜରିଆରେ କମ୍ପାନୀ ଦେଶରେ ଖୁମ୍ କମ୍ ଜଣାଶୁଣା ଏହି ବୁଣାକାରଙ୍କ ବସ୍ତ୍ରକୁ ଲୋକଲୋଚନକୁ ଆଣିଛି । ଏହି ପ୍ରୟାସ କେବଳ ସେହି ସାନ୍ତାଳୀ ଲୋକଙ୍କୁ ଏକ ପରିଚୟ ପ୍ରଦାନ କରିବ ନାହିଁ, ବରଂ ସେମାନଙ୍କୁ ଜୀବିକା ଯୋଗାଇବ । ସାନ୍ତାଳୀ ଆଦିବାସୀ ସମ୍ପ୍ରଦାୟର ମହିଳାମାନଙ୍କ ଦ୍ୱାରା ପାରମ୍ପରିକ ଭାବରେ ଶାଢ଼ି ଭାବରେ ବୁଣାଯାଉଥିବା ଏହି ସ୍ୱତନ୍ତ୍ର ବସ୍ତ୍ର ଧୀରେ ଧୀରେ ଫିକା ପଡ଼ିଯାଇଛି । ହ୍ରାସ ପାଉଥିବା ପୃଷ୍ଠପୋଷକତା, ପରିବର୍ତ୍ତିତ ଜୀବନଶୈଳୀ ଏବଂ ସୀମିତ ବଜାର ସୁଯୋଗ ଯୋଗୁଁ ଏପରି ସ୍ଥିତି ଉପୁଜିଛି । ଏହାର କଳାତ୍ମକ ମୂଲ୍ୟ ଏବଂ ସମସାମୟିକ ପ୍ରାସଙ୍ଗିକତା ପାଇଁ ଏହାର ସମ୍ଭାବନାକୁ ଚିହ୍ନଟ କରି ରାମରାଜ କଟନ୍‌ର ପ୍ରତିଷ୍ଠାତା ଏବଂ ଅଧ୍ୟକ୍ଷ କେ.ଆର. ନାଗରାଜନ୍ ବର୍ତ୍ତମାନ 'ପଞ୍ଚା' ମାଧ୍ୟମରେ ଧୋତି ଭାବରେ ସାନ୍ତାଳୀ ବୟନକୁ ପୁନଃକଳ୍ପନା କରିଛନ୍ତି । 'ପଞ୍ଚା' ବୁଣାବୁଣିର ପାରମ୍ପରିକ ଚରିତ୍ରକୁ ବଜାୟ ରଖିଛି ଏବଂ ଏହାକୁ ଏକ ନୂତନ, ବ୍ୟାପକ ପ୍ରାସଙ୍ଗିକତା ପ୍ରଦାନ କରୁଛି । ଏହାର ପ୍ରତ୍ୟେକ ଖଣ୍ଡ ହାତରେ ବୁଣାଯାଇଥାଏ ୧୦୦% କପା ସହିତ ପ୍ରସ୍ତୁତ ।




# ଓରାୟମ୍ ରିଅଲଟିର ଶୁଭାରମ୍ଭ

ଭୁବନେଶ୍ୱର,୮।୮(ସମିସ): ଓଡ଼ିଶାର ଅର୍ଥନୈତିକ ଏବଂ ସହରୀ ଅଭିବୃଦ୍ଧି ପ୍ରତି ନିଜର ଦୀର୍ଘକାଳୀନ ପ୍ରତିବଦ୍ଧତାକୁ ସୁଦୃଢ଼ କରି ଝାରସୁଗୁଡ଼ାରୁ ଆରମ୍ଭ ହୋଇ ଭୁବନେଶ୍ୱରରେ ମୁଖ୍ୟାଳୟ ଥିବା ଓଡ଼ିଶାର ଅନ୍ୟତମ ପ୍ରମୁଖ ବିବିଧ ଶିଳ୍ପ ସଂସ୍ଥା ଓରାୟମ୍




ଗ୍ରୁପ୍ ଆଜି ନିଜର ସମର୍ପିତ ରିଅଲ୍ ଇଷ୍ଟେଟ୍ ଶାଖା 'ଓରାୟମ୍ ରିଅଲଟିର ଶୁଭାରମ୍ଭ ଘୋଷଣା କରିଛି । ଏହା ପ୍ରଥମେ ଭୁବନେଶ୍ୱର ଓ ରାଜ୍ୟର ଅନ୍ୟାନ୍ୟ ଉଦୀୟମାନ ବିକାଶ କରିଡରଗୁଡ଼ିକରେ ପ୍ରିମିୟମ୍ ଆବାସିକ, ଖୁଚୁରା, ବ୍ୟବସାୟିକ, ଆତିଥେୟତା ଓ ମିଶ୍ରିତ ବ୍ୟବହାର ପ୍ରକଳ୍ପଗୁଡ଼ିକର ବିକାଶ କରିବ ବୋଲି ଓରାୟମ୍ ଗ୍ରୁପ ପ୍ରତିଷ୍ଠାତା ଓ ନିର୍ଦ୍ଦେଶକ ରାଜେଶ ଅଗ୍ରୱାଲ କହିଛନ୍ତି । ରିଅଲ୍ ଇଷ୍ଟେଟ୍‌ରେ ଏହି ରଣନୈତିକ ପ୍ରବେଶ ଗ୍ରୁପ୍‌ର ୨୧ ବର୍ଷର ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଯାହା ଇସ୍ପାତ ଓ ଶକ୍ତି, ସ୍ପେଶାଲିଟି କେମିକାଲ୍ସ ଓ ରିଫ୍ରାକ୍ଟରିରେ ଶିଳ୍ପ ଦକ୍ଷତା ନିର୍ମାଣ କରିଛି । ଗ୍ରୁପ୍ ବିଶ୍ୱାସ କରେ ଯେ ଓଡ଼ିଶା ଭିତ୍ତିଭୂମି-ଚାଳିତ ଶିଳ୍ପାୟନ ଓ ସହରୀକରଣର ଏକ ପରିବର୍ତନକାରୀ ପର୍ଯ୍ୟାୟରେ ପ୍ରବେଶ କରୁଛି ଯାହା ସଂଗଠିତ ରିଅଲ୍ ଇଷ୍ଟେଟ୍ ପାଇଁ ଗୁରୁତ୍ୱପୂର୍ଣ୍ଣ ଦୀର୍ଘକାଳୀନ ସୁଯୋଗ ସୃଷ୍ଟି କରୁଥିବା ଓରାୟମ୍ ଗ୍ରୁପର ନିର୍ଦ୍ଦେଶକ ଅନିଲ କେଡିଆ ଏବଂ ଦୀପକ ଅଗ୍ରୱାଲ କହିଛନ୍ତି ।

# ସେପ୍ଟେମ୍ବରରୁ ବଦଳିବ ଡିମାଟ୍ ଏବଂ ମ୍ୟୁଚୁଆଲ୍ ଫଣ୍ଡ ନିୟମ

## ସିଙ୍ଗଲ୍-ହୋଲ୍ଡର୍ ଡିମାଟ୍ ଆକାଉଣ୍ଟରେ ମିଳିବନି ନୋମିନି ବିକଳ୍ପ

ନୂଆଦିଲ୍ଲୀ,୮।୮(ଏଜେନ୍ସି): ଆସନ୍ତା ସେପ୍ଟେମ୍ବର ପହିଲାରୁ ଦେଶରେ ଡିମାଟ୍ ଏବଂ ମ୍ୟୁଚୁଆଲ୍ ଫଣ୍ଡ ନିୟମରେ ବଡ଼ ପରିବର୍ତ୍ତନ ଘଟିବାକୁ ଯାଉଛି । ଏହାପରେ ସିଙ୍ଗଲ୍-ହୋଲ୍ଡର୍ ଡିମାଟ୍ ଆକାଉଣ୍ଟ ଏବଂ ମ୍ୟୁଚୁଆଲ୍ ଫଣ୍ଡରେ ନୋମିନି ବିକଳ୍ପ ଆଉ ଉପଲବ୍ଧ ହେବ ନାହିଁ । ନିବେଶକମାନେ ଯଦି ଜଣେ ନୋମିନି ରଖିବାକୁ ଚାହାଁନ୍ତି ନାହିଁ, ତେବେ ସେମାନେ ଆନୁଷ୍ଠାନିକ ଭାବରେ ବାଦ୍ ଦେଇପାରିବେ ।

ସେପ୍ଟେମ୍ବର ପହିଲାରୁ ନିବେଶକମାନଙ୍କୁ ସିଙ୍ଗଲ୍-ହୋଲ୍ଡର୍ ଡିମାଟ୍ ଆକାଉଣ୍ଟ ଏବଂ ମ୍ୟୁଚୁଆଲ୍ ଫଣ୍ଡ ଫୋଲିଓରେ ନୋମିନି ସମ୍ପର୍କରେ ସେମାନଙ୍କର ପସନ୍ଦ ସୂଚିତ କରିବାକୁ ପଡିବ । ନିବେଶକମାନେ ନୋମିନି ବିବରଣୀ ପ୍ରଦାନ କରିପାରିବେ କିମ୍ବା ନାମାଙ୍କନରୁ ସେମାନଙ୍କର ଅନୁପସ୍ଥିତି ଦର୍ଶାଇ ଏକ ନିର୍ଦ୍ଧାରିତ ଘୋଷଣା ଦାଖଲ କରିପାରିବେ । ନିବେଶକଙ୍କ ପାଇଁ ନାମାଙ୍କନ ପ୍ରକ୍ରିୟାକୁ ସରଳ କରିବା ଏବଂ ନିବେଶକଙ୍କ ମୃତ୍ୟୁ ପରେ ସମ୍ପତ୍ତି ସ୍ଥାନାନ୍ତର କରିବାରେ ଅସୁବିଧା କମ କରିବା ପାଇଁ ସେବି ଏହି ପରିବର୍ତ୍ତନ କରିଛି । ସେବିର ସର୍କୁଲାର ଅନୁଯାୟୀ, ସିଙ୍ଗଲ-ହୋଲ୍ଡର ଡିମାଟ୍ ଆକାଉଣ୍ଟ ଏବଂ ମ୍ୟୁଚୁଆଲ୍ ଫଣ୍ଡ ଫୋଲିଓରେ ଆଉ ନୋମିନି ବିକଳ୍ପ ଉପଲବ୍ଧ ହେବ ନାହିଁ । ନିବେଶକମାନଙ୍କୁ ଏକ ସ୍ୱାକ୍ଷରିତ ଘୋଷଣା ମାଧ୍ୟମରେ ନାମାଙ୍କନ ବିବରଣୀ ପ୍ରଦାନ କରିବାକୁ ପଡିବ କିମ୍ବା ନୋମିନିରୁ ବାଦ୍ ଦେବାକୁ ପଡିବ । ତଥାପି, ମିଳିତ ଭାବରେ ଧାରଣ କରାଯାଇଥିବା ଡିମାଟ୍ ଆକାଉଣ୍ଟ କିମ୍ବା ମ୍ୟୁଚୁଆଲ୍ ଫଣ୍ଡ ଫୋଲିଓରେ ନୋମିନି ଯୋଡିବା ଇଚ୍ଛାଧୀନ ରହିବ ଏବଂ ଜଣେ ନୋମିନିକୁ ଯୋଡିବା କିମ୍ବା ପରିବର୍ତ୍ତନ କରିବା ପାଇଁ ସମସ୍ତ ଯୁଗ୍ମ ଧାରକଙ୍କ ସମ୍ମତି ଆବଶ୍ୟକ ହେବ । ଯଦି ଆପଣ ଜଣେ ନାମାଙ୍କନକୁ ମନୋନୀତ କରିବାକୁ ଚାହୁଁନାହାଁନ୍ତି, ତେବେ ନୋମିନିକୁ ଯୋଡିବା ଆବଶ୍ୟକ ନାହିଁ । ଏହା ବଦଳରେ, ଆପଣ ଏକ ନିର୍ଦ୍ଧାରିତ ଘୋଷଣା ମାଧ୍ୟମରେ ନୋମିନିରୁ ବାଦ୍ ଦେଇପାରିବେ । ଏହା କରିବାକୁ, ଆପଣଙ୍କର ବ୍ରୋକର, ବ୍ୟାଙ୍କ କିମ୍ବା ମ୍ୟୁଚୁଆଲ୍ ଫଣ୍ଡ ପ୍ଲାଟଫର୍ମ ଆକାଉଣ୍ଟରେ ଲଗ୍ ଇନ୍ କରିପାରିବେ ।




ଯଦି ଜଣେ ନିବେଶକ ନୋମିନି ପଞ୍ଜୀକୃତ କରିନାହାଁନ୍ତି, ତେବେ ତାଙ୍କ ମୃତ୍ୟୁ ପରେ, ନିବେଶ ଏବଂ ଅନ୍ୟାନ୍ୟ ହୋଲ୍ଡିଂଗୁଡ଼ିକ ସିକ୍ୟୁରିଟିଜ୍ ଟ୍ରାନ୍ସମିସନ୍ ପ୍ରକ୍ରିୟା ମାଧ୍ୟମରେ ସେମାନଙ୍କ ଆଇନଗତ ଉତ୍ତରାଧିକାରୀଙ୍କୁ ସ୍ଥାନାନ୍ତରିତ କରାଯାଏ । ସେବି ଛୋଟ ଦାବି ପାଇଁ ଏକ ନୂତନ ବର୍ଗର କ୍ୱିକ୍ ଟ୍ରାନ୍ସମିସନ୍ ପ୍ରକ୍ରିୟାକରଣ ମଧ୍ୟ ପ୍ରଚଳନ କରିଛି ।